ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର,ରବିବାର, ସେପ୍ଟେମ୍ବର ୨୯/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 29/2024 | Page 16 | ₹ 7.00
୫୦ଶ ଭାଗ ୩୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 306 | ମୂଲ୍ୟ ₹୭/-




# ମହିଳାଙ୍କୁ ସମ୍ମାନ ଦେବା ପୋଲିସ ଶିଖୁ: ମୋହନ



ଜିଲାପାଳ-ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ଭୁବନେଶ୍ୱର,୨୮।୯**
**(ଅନିଲ ଦାସ)**

ଥାନାକୁ ନ୍ୟାୟ ପାଇଁ ଆସୁଥିବା ଲୋକମାନଙ୍କ ପ୍ରତି ଭଲ ବ୍ୟବହାର କର। ବିଶେଷକରି ମହିଳାଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣ। ସେମାନେ ଯେପରି ପୋଲିସଠାରୁ ଉତ୍ତମ ବ୍ୟବହାର ପାଇବେ ସେଥିପ୍ରତି ଦୃଷ୍ଟିଦେବାକୁ ହେବ। ପୋଲିସ ମହିଳାଙ୍କୁ ସମ୍ମାନ ଦେବା ଶିଖୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଶନିବାର ଅନୁଷ୍ଠିତ ଜିଲାପାଳ-ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀରେ ପୋଲିସ ଅଧିକାରୀମାନଙ୍କୁ ଏଭଳି ଢଙ୍ଗରେ ତାଗିଦ୍ କରିଛନ୍ତି।

ଛାତ୍ରୀ, ଯୁବତୀ ଏବଂ ମହିଳା ଯେପରି ଅବାଧରେ ସ୍ୱଇଚ୍ଛାରେ ବିଚରଣ କରିପାରିବେ ସେହି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ପଦକ୍ଷେପ ତୁରନ୍ତ ନେବାକୁ ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧର ଶିକାର ହେଉଥିବା ପୀଡ଼ିତାମାନଙ୍କୁ ତ୍ୱରିତ୍ ନ୍ୟାୟ ପ୍ରଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଅପରାଧୀ ଯେକୌଣସି ପଦରେ ଥିଲେ ମଧ୍ୟ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହିଳାମାନଙ୍କ ବିରୋଧରେ ଘଟୁଥିବା ମାମଲାଗୁଡ଼ିକର ନିରପେକ୍ଷ ତଦନ୍ତ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଗତ ୨୨ ବର୍ଷ ଅର୍ଥାତ୍ ୨୦୨୨ ସୁଦ୍ଧା ମହିଳା ହିଂସା ବିରୋଧରେ ଦଣ୍ଡବିଧାନର ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ** ଭାଜପାର ଆଧାର








ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଖୋର୍ଦ୍ଧା ଜୟୀରାଜଗୁରୁ ଭବନ(ଟାଉନ୍ ହଲ୍)ଠାରେ ଶନିବାର ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ରରେ ଅତିଥିଙ୍କ ଗହଣରେ ବକ୍ତୃତା ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର କୃତୀ ଛାତ୍ରୀଛାତ୍ର। (ଫଟୋ: ମନୋରଞ୍ଜନ ମିଶ୍ର)

# ନିର୍ଭୀକ ହୋଇ ସ୍ୱର ଉତ୍ତୋଳନ କର

ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)

ଗଣତନ୍ତ୍ର ଗଣମାଧ୍ୟମର ନିରପେକ୍ଷତା ଓ ନିର୍ଭୀକତା ଉପରେ ନିର୍ଭରଶୀଳ। ଏକ ମୁକ୍ତ ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଏକାନ୍ତ ଅପରିହାର୍ଯ୍ୟ। ପ୍ରତ୍ୟେକ ନାଗରିକ ଗଣମାଧ୍ୟମକୁ ନିରପେକ୍ଷ, ସତ୍ୟନିଷ୍ଠ ଓ ମୁକ୍ତ ହେବାକୁ ଚାହାନ୍ତି। ଏ ଦିଗରେ ଧରିତ୍ରୀ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି। ଯୁବପିଢ଼ି ପାଖରେ ଅମାପ ଶକ୍ତି ଅଛି। ଧୈର୍ଯ୍ୟ, ନିଷ୍ଠା, କଠିନ ପରିଶ୍ରମ ବିନା ଯୁବସମାଜ ଆଗକୁ ବଢ଼ିପାରିବ ନାହିଁ। ନିର୍ଭୀକ ଗଣମାଧ୍ୟମ ନିରପେକ୍ଷତାକୁ ସମ୍ମାନ ଦିଏ ଓ ଯୁବସମାଜକୁ ଅନୁପ୍ରାଣିତ କରେ। ଯୁବସମାଜ ସଚେତନ ରହି ଆମର କଷ୍ଟଲବ୍ଧ ଗଣତନ୍ତ୍ର ଓ ନିରପେକ୍ଷତାକୁ ସୁରକ୍ଷା ଦେବା ଉଚିତ। ଗଣତନ୍ତ୍ର ପାଇଁ ଗଣମାଧ୍ୟମ ଏକ ଶକ୍ତିଶାଳୀ ଅସ୍ତ୍ର, ଏଥିଲାଗି ଯୁବପିଢି ମଧ୍ୟରେ ନିଷ୍ଠା, ଆଗ୍ରହ, ଉତ୍ସାହ ନିତାନ୍ତ ଆବଶ୍ୟକ ବୋଲି 'ଧରିତ୍ରୀ'ର ୫୦ବର୍ଷ ପୂର୍ତ୍ତି ଅବସରରେ ଖୋର୍ଦ୍ଧା ଜୟୀରାଜଗୁରୁ ଭବନ(ଟାଉନ ହଲ)ଠାରେ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି'ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ଧରିତ୍ରୀ ୫୦ବର୍ଷ ପୂରଣ କରିଥିବାରୁ ଶୁଭେଚ୍ଛା ଜଣାଇଥିଲେ। ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ। ଚର୍ଚ୍ଚା, ସମାଲୋଚନା, ପର୍ଯ୍ୟାଲୋଚନା ମାଧ୍ୟମରେ ଲୋକମତ ସୃଷ୍ଟି ହୋଇଥାଏ ବୋଲି ପୁଷ୍ପାଞ୍ଜଳି କହିଥିଲେ। ଲୋକଙ୍କ ଆଶା, ନିରାଶା ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମ ଏକ ବଳିଷ୍ଠ ମାଧ୍ୟମ। ଗଣତନ୍ତ୍ର ଭାରତବର୍ଷର ମେରୁଦଣ୍ଡ। ଗଣତନ୍ତ୍ର ସୁରକ୍ଷା ଦିଗରେ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିଛି। ଭବିଷ୍ୟତ ଭାରତ ଗଠନ ଯୁବପିଢିଙ୍କ ଉପରେ ନ୍ୟସ୍ତ। ଯୁବପିଢି ଦାୟିତ୍ୱବାନ, କର୍ତ୍ତବ୍ୟପରାୟଣ ହେବା ଉଚିତ୍ ବୋଲି ସେ କହିଥିଲେ। ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଲେ ଯେ, ନିଜ ଭିତରେ ଯୁଦ୍ଧ ଚାଲିଛି। ସବୁବେଳେ ଆଭ୍ୟନ୍ତରୀଣ ଯୁଦ୍ଧ ଚାଲିଛି। ନିଜ ଆତ୍ମସମୀକ୍ଷା କରି ଆଗକୁ ବଢ଼ିବାକୁ ହେବ। ଦେଶକୁ ଆଗକୁ ନେବାରେ ଗଣମାଧ୍ୟମର ଏକ ପ୍ରମୁଖ ଭୂମିକା ରହିଛି। ଯୁବସମାଜ ନିର୍ଭୀକ ହୋଇ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ସମ୍ପାଦକ ସତପଥୀ କହିଥିଲେ। ସେ ଆହୁରି କହିଲେ ଯେ, ଗଣମାଧ୍ୟମର ପ୍ରତିବଦ୍ଧତା ରହିବା ଜରୁରୀ। ଏକ ଦାୟିତ୍ୱସମ୍ପନ୍ନ ଗଣମାଧ୍ୟମ ଭାବେ ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କ ସହ ଘଟିଥିବା ବାସ୍ତବ ଘଟଣା ଧରିତ୍ରୀ ପ୍ରକାଶ କରିଥିଲା। ଲୋକଲୋଚନକୁ ଆସିବା ପରେ, ସବୁଠି ପୋଲିସର ବିଶ୍ୱସନୀୟତା ଉପରେ ଯେତେବେଳେ ପ୍ରଶ୍ନ ଉଠିଲା, ଅନ୍ୟ ଗଣମାଧ୍ୟମ ଆଗକୁ ଆସିଥିଲେ। ସେ କହିଲେ ଯେ, ଖୋର୍ଦ୍ଧା ବୀରତ୍ୱର ମାଟି। ତ୍ୟାଗ, ବଳିଦାନ, ଲଢୁଆ ସର୍ଦ୍ଦାରଙ୍କ ମାଟି ଭାବେ ପରିଚିତ। ଖୋର୍ଦ୍ଧା ପୂର୍ବରୁ ନେତୃତ୍ୱ ନେଇ ଆସିଛି, ନେତୃତ୍ୱ ନେବ ବୋଲି କହିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲାର ବିଭିନ୍ନ କଲେଜରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତା(ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି) ର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଖୋର୍ଦ୍ଧାର ଗର୍ବ ଓ ଗୌରବ ପାଇକ ସମରକଳା ପରିବେଷଣ ହୋଇଥିଲା। ପାଇକଗୁରୁ କବିରାଜ ପ୍ରଧାନ ଏବଂ ଟିମ ସଦସ୍ୟ ଚିତ୍ତାକର୍ଷକ ପାଇକ ସମରକଳା ପରିବେଷଣ କରି ପାଇକଙ୍କ ବୀରତ୍ୱ, ଶୌର୍ଯ୍ୟକୁ ଅତି ନିଖୁଣ ଭାବେ ଚିତ୍ରଣ କରିଥିଲେ। ଏହି ଆଲୋଚନାଚକ୍ରରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକ, କବି, ଲେଖକ, ଗବେଷକ, ଆଇନଜୀବୀ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସାମାଜିକ କର୍ମୀ, ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ସୁବୋଧ ଜଗଦ୍ଦେବଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସ୍ୱେଚ୍ଛାସେବୀମାନେ ଅତିଥିମାନଙ୍କୁ ପାଛୋଟି ସଭା ମଞ୍ଚକୁ ନେଇଥିଲେ।

ଧରିତ୍ରୀର ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଆଲୋଚନାଚକ୍ରକୁ ସଂଯୋଜନା କରିଥିବାବେଳେ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ ରଥ ପୁରସ୍କାର ବିତରଣ ଉତ୍ସବ ସଞ୍ଚାଳନ କରିଥିଲେ। ଖୋର୍ଦ୍ଧା ଓକିଲ ସଂଘ, ଜିଲା ଅଧିବକ୍ତା ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ଜିଲା ମିଳିତ ଶିକ୍ଷକ ସଂଘ, ଓଷ୍ଟା, ଓଲଷ୍ଟା, ପିଷ୍ଟା ଶିକ୍ଷକ ସଂଘ, ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ ଓ ଟିମ୍, ପିଏନ୍ କଲେଜ ଏନ୍‌ଏସ୍‌ଏସ୍ ଟିମ, ଖୋର୍ଦ୍ଧା ଜିଲା ପ୍ରେସ୍ କ୍ଲବ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, ଓଡିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ, ଉତ୍କଳ ସାମ୍ବାଦିକ ସଂଘ, ଖୋର୍ଦ୍ଧା ସାହିତ୍ୟ ସଂସଦ, ଖୋର୍ଦ୍ଧା ବିକାଶ ମଞ୍ଚ, ପୁଷ୍ପିତା ସାହିତ୍ୟ ସଂସଦ ଓ ଗଣେଶ ଏମ୍ପୋରିୟମ, ଖୋର୍ଦ୍ଧା ଜନଜାଗରଣ ମଞ୍ଚ, ଯୁବ କଂଗ୍ରେସ, ମା' ବରୁଣେଇ ଖବରକାଗଜ ବିତରକ ସଂଘର କର୍ମକର୍ତ୍ତା ପ୍ରମୁଖ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।




ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ସମ୍ମାନିତ ଅତିଥି ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ଏବଂ ସମ୍ପାଦକ ତଥାଗତ ସତପଥୀ।

## ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର

**ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା**
ଆଶୁତୋଷ ପ୍ରହରାଜ– ପ୍ରଥମ
ସୁଧାକର ଦାସ– ଦ୍ୱିତୀୟ
ଆମତୁଲ ମୋଜିବ–ତୃତୀୟ

**ମହିଳା ମହାବିଦ୍ୟାଳୟ, ଖୋର୍ଦ୍ଧା**
ଲକ୍ଷ୍ମୀପ୍ରିୟା ରାଉତରାୟ– ଯୁଗ୍ମ ପ୍ରଥମ
ତାପସୀ ବଳବନ୍ତରାୟ– ଯୁଗ୍ମ ପ୍ରଥମ
ସୋନାଲି ସ୍ୱର୍ଣ୍ଣଲତା ମହାପାତ୍ର– ଦ୍ୱିତୀୟ
ଅମିତା ଦାସ– ତୃତୀୟ

**କେବିଡିଏଭି କଲେଜ, ନିରାକାରପୁର**
ଚିତ୍ତରଞ୍ଜନ ସାହୁ –ପ୍ରଥମ
ପୂର୍ଣ୍ଣିମା ପାଇକରାୟ– ଦ୍ୱିତୀୟ
ପ୍ରିୟଙ୍କା ପ୍ରିୟଦର୍ଶନୀ ବିଶ୍ୱାଳ– ତୃତୀୟ

**ବେଗୁନିଆ କଲେଜ, ବେଗୁନିଆ**
ସୀମା ବେହେରା– ପ୍ରଥମ
ଭାରତୀ ସାହୁ – ଯୁଗ୍ମ ଦ୍ୱିତୀୟ
ସୋନମ ମହାନ୍ତି – ଯୁଗ୍ମ ଦ୍ୱିତୀୟ
ଶ୍ୱେତାଲିନୀ ପ୍ରିୟଦର୍ଶନୀ ସାହୁ – ତୃତୀୟ

**ଜଟଣୀ କଲେଜ, ଜଟଣୀ**
ଅନୁଶ୍ରୀ ଜେନା– ପ୍ରଥମ
ଅଭୀପ୍ସା ବେହେରା– ଦ୍ୱିତୀୟ
ମୋନାଲିସା ଦାସ– ତୃତୀୟ

**ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ, ଖୋର୍ଦ୍ଧା**
ନନ୍ଦିନୀ ପ୍ରଧାନ– ପ୍ରଥମ
ପ୍ରଜ୍ଞା ପଦ୍ମଜା ପଡ଼ିଆରୀ– ଦ୍ୱିତୀୟ
ସିପ୍ରାରାଣୀ ପାଢ଼ୀ– ତୃତୀୟ



ଖୋର୍ଦ୍ଧା ଜିଲା ମିଳିତ ଶିକ୍ଷକ ସଂଘ ପକ୍ଷରୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ଏବଂ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଖୋର୍ଦ୍ଧା ଜିଲା ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା।



ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧାର ସଦସ୍ୟଙ୍କ ସହ।



ଖୋର୍ଦ୍ଧା ଜିଲା ଓକିଲ ସଂଘ ଓ ଜିଲା ଅଧିବକ୍ତା ପରିଷଦର ସଦସ୍ୟଙ୍କ ଦ୍ୱାରା ସମ୍ବର୍ଦ୍ଧନା।



କଳିଙ୍ଗ ପାଇକ ସଂଗଠନର ସଦସ୍ୟମାନେ।



ଜଣେ କଳାକାର ନିଆଁ ହୁଳା ସହ କଳା ପ୍ରଦର୍ଶନ କରୁଛନ୍ତି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର।



ପାଇକଗୁରୁ କବିରାଜ ପ୍ରଧାନ ଓ ସାଥୀ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ସମରକଳା।

ଧରିତ୍ରୀ
DHARITRI
ଭୁବନେଶ୍ୱର,ରବିବାର, ସେପ୍ଟେମ୍ବର ୨୯/୨୦୨୪ | Bhubaneswar, Sunday, September 29/2024 | ପୃଷ୍ଠା-୧



## ଅକ୍ଟୋବର ୩ରେ ‘ସିଂଘମ୍ ଏଗେନ୍’ ଟ୍ରେଲର

ଅଭିନେତା ଅଜୟ ଦେବଗନଙ୍କ ‘ସିଂଘମ୍ ଏଗେନ୍’ ଫିଲ୍ମର ଟ୍ରେଲର ଅକ୍ଟୋବର ୩ରେ ରିଲିଜ୍ ହେବା।

୦୮

୧୪

## ମରିସିଓଙ୍କ ଗୋଲରେ ଓଏଫ୍‌ସି ବିଜୟୀ

ଡିଏଗୋ ମରିସିଓଙ୍କ ଗୋଲ ବଳରେ ଓଡ଼ିଶା ଏଫ୍‌ସି କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଆଇଏସ୍ଏଲ୍ ମ୍ୟାଚରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି।





ତାମିଲନାଡୁର ହୋସୁରସ୍ଥିତ ଟାଟା ଇଲେକ୍ଟ୍ରୋନିକ୍ସର ଉପକରଣ ଫ୍ୟାକ୍ଟ୍ରିରେ ଶନିବାର ନିଆଁ ଲାଗିଛି।

# ସୀତାରାମନ୍‌ଙ୍କ ନାଁରେ ୮,୦୦୦ କୋଟିର ବଟି ଆଦାୟ ମାମଲା

**ଇଲେକ୍ଟୋରାଲ ବଣ୍ଡ୍**



ନିର୍ମଳା ସୀତାରାମନ୍

**ବେଙ୍ଗାଲୁରୁ,୨୮।୯**

ସମ୍ପ୍ରତି ରଦ୍ଦ ହୋଇଥିବା ନିର୍ବାଚନୀ ବଣ୍ଡ୍ ଯୋଜନା ଜରିଆରେ ଜବରଦସ୍ତ ୮,୦୦୦ କୋଟି ଟଙ୍କାର ବଟି ଆଦାୟ କରିବା ଅଭିଯୋଗରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ଅନ୍ୟ ଅଭିଯୁକ୍ତମାନଙ୍କ ନାଁରେ ଶନିବାର କର୍ଣ୍ଣାଟକରେ ମାମଲା ରୁଜୁ ହୋଇଛି। ସେମାନଙ୍କ ବିରୋଧରେ ଏତଲା ଦାଏର ପାଇଁ ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସୀତାରାମନଙ୍କ ବ୍ୟତୀତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର କେତେଜଣ ଅଧିକାରୀ, ଭାଜପାର ଜାତୀୟ ତଥା ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କ ନାଁରେ ଆଇପିସିର ଦଫା ୩୮୪(ଜବରଦସ୍ତ ଚାନ୍ଦା ଆଦାୟ), ୧୨୦ବି (ଆପରାଧିକ ଷଡ଼ଯନ୍ତ୍ର) ଏବଂ ୩୪(ସମାନ ଉଦ୍ଦେଶ୍ୟ ରଖି ଏକାଧିକ ଲୋକ ଏକାଠି କାର୍ଯ୍ୟ କରିବା) ବଳରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଇଲେକ୍ଟୋରାଲ ବଣ୍ଡ୍ ନାଁରେ ସୀତାରାମନ୍ ଓ ଅନ୍ୟମାନେ ଏକ ବଟି ଆଦାୟ ର୍‍ୟାକେଟ ଚଳାଇଥିଲେ। ସେମାନେ ଏଥିରୁ ୮,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଫାଇଦା ଉଠାଇଥିବା ନେଇ ଜନଅଧିକାର ସଂଘର୍ଷ ପରିଷଦ (ଜେଏସ୍‌ପି)ର ସହଅଧ୍ୟକ୍ଷ ଆଦର୍ଶ ଆୟାର ଅଭିଯୋଗ କରିଥିଲେ। କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ଅନେକ ହଜାର କୋଟିର ଇଲେକ୍ଟୋରାଲ ବଣ୍ଡ୍ କିଣିବା ପାଇଁ ବାଧ୍ୟ କରାଯାଉଥିଲା। ବଣ୍ଡ୍ ନ କିଣିଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ସେମାନଙ୍କ ସଂସ୍ଥା ଉପରେ ଚଢ଼ାଉ କରାଯିବ କହି ଚାପ ପକାଯାଉଥିଲା। ଉଭୟ ଜାତୀୟ ଏବଂ ରାଜ୍ୟ ସ୍ତରରେ ଭାଜପା ନେତାମାନେ ଉକ୍ତ ବଣ୍ଡଗୁଡ଼ିକୁ ଏନ୍‌କ୍ୟାସ୍ କରାଉଥିଲେ ବୋଲି ଅଭିଯୋଗ ହୋଇଛି। ଏଥିରେ ଇଡି ଅଧିକାରୀମାନଙ୍କୁ ଦ୍ୱିତୀୟ, କେନ୍ଦ୍ରୀୟ ଭାଜପାକୁ ତୃତୀୟ, ଦଳର ପୂର୍ବତନ ଏମ୍‌ପି ନଳୀନ କୁମାର କଟିଲଙ୍କୁ ଚତୁର୍ଥ ଅଭିଯୁକ୍ତ ଦର୍ଶାଯାଇଛି। ତେବେ ଏହି ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ଅଭିଯୋଗ ଅଣାଯାଇଥିବା ଭାଜପା କହିଛି। ଇଲେକ୍ଟୋରାଲ ବଣ୍ଡ୍ ଏକ ନୀତିଗତ ☞ପୃଷ୍ଠା-୨

# ଭଦ୍ରକରେ ଇଣ୍ଟରନେଟ୍ ସେବା ବନ୍ଦ

**୭ ଗିରଫ**

**ଭଦ୍ରକ/ଧାମନଗର, ୨୮।୯(ସନାତନ ରାଉତ/ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)**

ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଭଦ୍ରକ ସହରର ସନ୍ଥିଆଠାରେ ଉତ୍ତେଜନା ପରେ ଜିଲାରେ ୪୮ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଏହି ପଦକ୍ଷେପ ନେଇଛି। ଶନିବାରଠାରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ବନ୍ଦ ରଖାଯାଇଛି। ଏଥିସହ ଭଦ୍ରକ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୋସିଆଲ ମିଡିଆରେ ଅପପ୍ରଚାର, ମିଥ୍ୟା ଗୁଜବ ଦ୍ୱାରା ଜିଲାରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ଆଶଙ୍କା କରି ଏହି ସେବା ବନ୍ଦ କରାଯାଇଥିବା ବେଳେ ଘଟଣାସ୍ଥଳରେ ୧୬୩ ଧାରା ବଳବତ୍ତର ରହିଛି। ଭଦ୍ରକ ସହରରେ ଶାନ୍ତି ଫେରାଇ ଆଣିବା ପାଇଁ ପୋଲିସ ଓ ପ୍ରଶାସନ ଉଦ୍ୟମ ଜାରି ରଖିଛନ୍ତି। ୧୨ ପ୍ଲାଟୁନ ପୋଲିସ ଫୋର୍ସ ସହ ରାପିଡ୍ ☞ପୃଷ୍ଠା-୨

# କାମଧେନୁ ଯୋଜନାକୁ ମଞ୍ଜୁରୀ

**ଭୁବନେଶ୍ୱର,୨୮।୯(ଅନିଲ ଦାସ)**

ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ଗୋପାଳନ କରୁଥିବା ଚାଷୀଙ୍କ ଆୟ ବଢ଼ାଇବା ସକାଶେ ରାଜ୍ୟ ସରକାର ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ କାର୍ଯ୍ୟକାରୀ କରିବେ । ଏହି ନୂଆ ଯୋଜନାରେ ଆସନ୍ତା ୫ ବର୍ଷ ମଧ୍ୟରେ ୧୪୨୩.୪୭ କୋଟି ଟଙ୍କା ଖର୍ଚ୍ଚ ହେବ। ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଏହି ଯୋଜନା ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଯୋଜନାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ସହ ୧୫ ଲକ୍ଷ ୪୭ ହଜାର ୮୩୭ ଜଣ ଗୋପାଳକଙ୍କ ଆୟ ବୃଦ୍ଧିକୁ ତ୍ୱରାନ୍ୱିତ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିରେ ମଇଁଷି ପାଳନ ପାଇଁ ୬୩୩୭ ଚାଷୀଙ୍କୁ ୧୧୦.୨୩କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯିବ। ସେହିପରି ଗୋପାଳନ ଯୋଜନାରେ ୩୧ ହଜାର ୫୦୦ ଚାଷୀଙ୍କୁ ଦୃଷ୍ଟିରେ ରଖି ୪୭୬ କୋଟି, ଗୋସମ୍ପଦ ବୀମା ଯୋଜନାରେ ୩ ଲକ୍ଷ ଚାଷୀଙ୍କ ପାଇଁ ୧୮୭.୪୨ କୋଟି, ବାଛୁରୀ ପାଳନ ଯୋଜନାରେ ୭୫ ହଜାର ଚାଷୀଙ୍କ ପାଇଁ ୨୧୬.୦୯ କୋଟି, ଦୁଗ୍ଧ ସମବାୟ ସମିତି ଅନ୍ତର୍ଗତ ଗୋପାଳକଙ୍କୁ ଆର୍ଥିକ ପ୍ରୋତ୍ସାହନ ବାବଦରେ ୬ ଲକ୍ଷ ୨୫ ହଜାର ଚାଷୀଙ୍କୁ ୧୬୬.୪୩ କୋଟି, ଓମ୍‌ଫେଡ୍‌କୁ ସହାୟତା ବାବଦରେ ୨୫.୫୨ କୋଟି, କୃତ୍ରିମ ପ୍ରଜନନ ପାଇଁ ୪୧.୧୦କୋଟି ଟଙ୍କା, ତୃଣ ଉତ୍ପାଦନ ଓ ସରକାରୀ ତୃଣ ଉତ୍ପାଦନ ଫାର୍ମଗୁଡ଼ିକର ସୁଦୃଢ଼ୀକରଣ ପାଇଁ ୨୦୦.୬୮କୋଟି ଟଙ୍କା ବ୍ୟୟବରାଦ ହୋଇଛି। ତୃଣ ଉତ୍ପାଦନ କ୍ଷେତ୍ରରେ ୫ ବର୍ଷ ମଧ୍ୟରେ ୫ ଲକ୍ଷ ଚାଷୀ ଉପକୃତ ହେବାକୁ ଲକ୍ଷ୍ୟ ରଖାଯାଇଛି। କ୍ୟାବିନେଟ ବୈଠକରେ ଏହାକୁ ମିଶାଇ ମୋଟ ୭ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ରାଜ୍ୟରେ କାର୍ଯ୍ୟରତ ୫୨୯୧ ଘରୋଇ ଡିଲରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଏଥିପାଇଁ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ-୨୦୧୬କୁ ସଂଶୋଧନ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରସ୍ତାବକୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି । ଏହି ସଂଶୋଧନ ପରେ ଘରୋଇ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଘରୋଇ ଡିଲରଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ସେପ୍ଟେମ୍ବର ୩୦ରେ ଶେଷ ହୋଇଥାଆନ୍ତା। ସମସ୍ତ ଘରୋଇ ଡିଲରଙ୍କୁ ଏକକାଳୀନ ଉଚ୍ଛେଦ କରିବାରେ ପ୍ରଶାସନିକ ଅସୁବିଧା ଓ ସାଧାରଣ ବଣ୍ଟନରେ ଅବ୍ୟବସ୍ଥାର ଆଶଙ୍କା ରହିଥିବାରୁ ସେମାନଙ୍କ କାର୍ଯ୍ୟକାଳ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ☞ପୃଷ୍ଠା-୧୨



## କ୍ୟାବିନେଟ୍‌ରେ ୭ ପ୍ରସ୍ତାବକୁ ମୋହର

- ୧୫.୪୭ ଲକ୍ଷ ଦୁଗ୍ଧଚାଷୀଙ୍କ ଆୟ ବୃଦ୍ଧି ପାଇଁ ୧୪୨୩.୪୭ କୋଟି
- ପିଡିଏସ୍ ଡିଲରଙ୍କ କାର୍ଯ୍ୟକାଳ ୨୦୨୬ ମାର୍ଚ୍ଚ ୩୧ ଯାଏ ବଢ଼ିଲା
- ଏଜିଙ୍କ ଫି’ ବଢ଼ାଇଲେ ସରକାର

**ଆଜିର ମନ୍ତବ୍ୟ**

“ମୁଁ ତିନିରୁ ଚାରି ମାସ ପୂର୍ବରୁ ଜେଲରୁ ମୁକୁଳିଥିଲେ ହରିୟାଣା ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ବିଜୟୀ ହୋଇ ସରକାର ଗଢ଼ିଥାନ୍ତା।

-ଅରବିନ୍ଦ କେଜ୍‌ରିୱାଲ, ଆପ୍ ରାଷ୍ଟ୍ରୀୟ ଆବାହକ










# ହେଜ୍‌ବୋଲ୍ଲା ମୁଖ୍ୟ, ଝିଅ ନିହତ



ହାସନ ନସ୍‌ରଲ୍ଲା



ଜୈନାବ

**ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍**

**ତେଲ୍ ଆଭିଭ୍,୨୮।୯**

ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜବୋଲ୍ଲା ନେତା ହାସନ ନସ୍‌ରଲ୍ଲା ନିହତ ହୋଇଛନ୍ତି। ଫଳରେ କିଛି ମାସ ହେଲା ଇସ୍ରାଏଲ୍‌କୁ ଟାର୍ଗେଟ୍ କରି ଆକ୍ରମଣ ଚଳାଇଥିବା ଲେବାନନ୍‌ର ଏହି ଆତଙ୍କବାଦୀ ସଂଗଠନକୁ ସବୁଠୁ ବଡ଼ ଝଟକା ଲାଗିଛି। ନସ୍‌ରଲ୍ଲା ୩୨ ବର୍ଷ ହେଲା ଇରାନ ସମର୍ଥିତ ହେଜ୍‌ବୋଲ୍ଲାର ନେତୃତ୍ୱ ନେଇଆସୁଥିଲେ। ତାଙ୍କ ମୃତ୍ୟୁ ସଂଗଠନ ପ୍ରତି ବଡ଼ କ୍ଷତି ପହଞ୍ଚାଇବ ବୋଲି କୁହାଯାଉଛି। ପୂର୍ବରୁ ହେଜ୍‌ବୋଲ୍ଲା କମାଣ୍ଡର ଅଲି କର୍‌କୀ ☞ପୃଷ୍ଠା-୨

# ସୁନୀତାଙ୍କୁ ଫେରାଇ ଆଣିବାକୁ କ୍ରିଉ-୯ ମିଶନ

**ୱାଶିଂଟନ, ୨୮।୯**

ଇଣ୍ଟରନ୍ୟାଶ୍‌ନାଲ ସ୍ପେସ୍ ସେଣ୍ଟର(ଆଇଏସ୍ଏସ୍)ରୁ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲ୍‌ମୋରଙ୍କୁ ଫେରାଇ ଆଣିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ଆମେରିକୀୟ ସ୍ପେସ୍ ଏଜେନ୍ସି ନାସା ଏବଂ ଏଲନ୍ ମସ୍କଙ୍କ ମହାକାଶଯାନ ନିର୍ମାତା କମ୍ପାନୀ ସ୍ପେସ୍ ଏକ୍ସ’ ପକ୍ଷରୁ ଶନିବାର ଭାରତୀୟ ସମୟ ରାତି ୧୦ଟା ୪୭ରେ ଫ୍ଲୋରିଡାର କେପ୍ କାନ୍‌ଭେରାଲ ସ୍ପେସ୍ ଫୋର୍ସ ଷ୍ଟେଶନ୍‌ରୁ ମିଶନ ‘କ୍ରିଉ-୯’ ଲଞ୍ଚ କରାଯାଇଛି। ମିଶନ ଲଞ୍ଚ ହେବାର ଠିକ୍ ପୂର୍ବରୁ ନାସା ଇଞ୍ଜିନିୟରଙ୍କ ପକ୍ଷରୁ ଫାଲ୍‌କନ-୯ ରକେଟ ଓ ଡ୍ରାଗନ ମହାକାଶଯାନର ପରୀକ୍ଷଣ କରାଯାଇଥିଲା। ମିଶନ ପାଇଁ ଡ୍ରାଗନ ମହାକାଶଯାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାନେଇ ନାସା ପକ୍ଷରୁ କୁହାଯାଇଥିଲା। ତେବେ ଫ୍ଲୋରିଡାରେ ବାତ୍ୟା ହେଲେନ୍‌ର ପ୍ରଭାବ ଯୋଗୁ ଗତ ୨୬ ତାରିଖରେ ଲଞ୍ଚ ହେବାକୁ ଥିବା ଏହି ମିଶନକୁ ୨ ଦିନ ପାଇଁ ଘୁଞ୍ଚାଇ ଦିଆଯାଇଥିଲା।

କ୍ରିଉ-୯ ମିଶନରେ ୨ ଜଣ ମହାକାଶଚାରୀଙ୍କୁ ଆଇଏସ୍ଏସ୍ ପଠାଯାଇଛି। ନାସା ମହାକାଶଚାରୀ ନିକ୍ ହେଗ୍ ଏହି ମିଶନର ନେତୃତ୍ୱ ନେଉଥିବାବେଳେ ରୁଷିଆର ରସ୍କୋସ୍‌ମୋସ୍ ମହାକାଶଚାରୀ ଆଲେକସାନ୍ଦ୍ର ଗୋର୍ବୁନୋଭ ମିଶନ ସ୍ପେଶାଲିଷ୍ଟ ଭାବେ ତାଙ୍କୁ ସହଯୋଗ କରିବେ। ଯଦି ସବୁ କିଛି ଠିକ୍ ରୁହେ ଉଭୟ କ୍ରିଉ ସଦସ୍ୟ ରବିବାର ଆଇଏସ୍ଏସ୍‌ରେ ପହଞ୍ଚିବେ। ସାଧାରଣତଃ ସ୍ପେସ୍ ଏକ୍ସ’ର ଡ୍ରାଗନ କ୍ୟାପସୁଲରେ ୪ ଜଣ ମହାକାଶଚାରୀଙ୍କୁ ନେଇ ଆଇଏସ୍ଏସ୍ ଯିବାର କ୍ଷମତା ରହିଥାଏ। ତେବେ ଏହି ମିଶନରେ ହେଗ୍ ଓ ଗୋର୍ବୁନୋଭ ମହାକାଶକୁ ଯାଉଥିବା ସମୟରେ ସୁନୀତା ଏବଂ ବୁଚ୍‌ଙ୍କୁ ଫେରାଇ ଆଣିବା ପାଇଁ ୨ଟି ସିଟ୍ ଖାଲି ରହିବ। ମିଶନରେ ପ୍ରାୟ ୫ ମାସ ପର୍ଯ୍ୟନ୍ତ ହେଗ୍ ଓ ଗୋର୍ବୁନୋଭ ଆଇଏସ୍ଏସ୍‌ରେ ରହିବେ। ଏହି ଅବଧି ମଧ୍ୟରେ ଉଭୟେ ଆଇଏସ୍ଏସ୍‌ରେ ୨୦୦ରୁ ଅଧିକ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ପରୀକ୍ଷଣ କରିବେ। ସେହିପରି ମହାକାଶରେ ପ୍ରାୟ ୪ ମାସ ଧରି ଫସି ରହିଥିବା ସୁନୀତା ଏବଂ ବୁଚ୍ ମଧ୍ୟ କ୍ରିଉ-୯ ମିଶନରେ ସାମିଲ ହେବେ। ଆସନ୍ତା ବର୍ଷ ଫେବୃଆରୀରେ ହେଗ୍ ଓ ଗୋର୍ବୁନୋଭଙ୍କ ସହ ସୁନୀତା ଓ ବୁଚ୍ ମଧ୍ୟ ଡ୍ରାଗନ୍ ☞ପୃଷ୍ଠା-୧୨



ସୁନୀତା ୱିଲିୟମ୍ସ

ଓଡ଼ିଶା ସରକାର No.TT

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା30.09.2024ରିଖ ଦିନ, ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଥିବାରୁ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0027/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୋସିଆଲ ଲାଇଫ୍ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ, ସ୍ଥାନ: ମଧୁସୂଦନ ଦାସ ପାର୍କ, ପୋଖରୀପୁଟ, ସମୟ: ସକାଳ ୭ଟା।
- ଚତୁର୍ଥ ବାର୍ଷିକ ବ୍ୟାସ ଫାଉଣ୍ଡେଶନର ତ୍ରୈମାସିକ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜାଗେଶ୍ୱରୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏଗ୍ରି କନ୍‌କ୍ଲେଭ, ସ୍ଥାନ: ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷ, ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଓମେନ୍ ଇନ୍ ଏଗ୍ରିକଲ୍‌ଚର, ସମୟ: ପୂର୍ବାହ୍ନ ୧୦ଟା।
- ମାଇଁ ପ୍ୟାରେଣ୍ଟ୍ସ ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଇଭେଣ୍ଟ୍ସ ସ୍କୋୟାର, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ନାଟ୍ୟ ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ୟୁନିଟ୍-୩, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପଶ୍ଚିମ ଓଡ଼ିଶା ଯୁବ ମଞ୍ଚ ପକ୍ଷରୁ ନୁଆଁଖାଇ ଭେଟ୍‌ଘାଟ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଏମ୍‌ଓଏସ୍‌ଏସ୍ ୧୦ ଟେକ୍ନୋଲୋଜିଜ୍‌ର ଖବରଦାତା ସମ୍ମିଳନୀ, ସ୍ଥାନ: ଟେକ୍ନୋଲୋଜିଜ୍ ପରିସର, ପ୍ରଥମ ମହଲା, ପଟିଆ, ସମୟ: ଅପରାହ୍ନ ୫ଟା ୩୦।
- ରାଜେଶ ଖାନ୍ନାଙ୍କ ସଙ୍ଗୀତ ନାଇଟ୍, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ରନ୍‌ୱେ ଉଇକ୍, ସ୍ଥାନ: ୱେଲ୍‌କମ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ୨୦୧ତମ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା।
- ଜୟକିରଣ ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପୂର୍ବପ୍ରାନ୍ତର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: କଳାବିକାଶ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳି ମୀନାବଜାର ମହାସଂଘର ବାର୍ଷିକ ମହୋତ୍ସବ, ସ୍ଥାନ: ଓସିଏ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବ୍ଲକସ୍ତରୀୟ ସୁରଭି ଶିଶୁ ମହୋତ୍ସବ, ସ୍ଥାନ: ଜଳସୋହରିଆ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିର, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- 'ପ୍ରତିବାଦର ସ୍ୱର ଆନ୍ଦୋଳନ'ର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- 'ମାଟିରୁ ଆକାଶ' କବିତା ସଂକଳନ କାର୍ଯ୍ୟକ୍ରମ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଶାନ୍ତି କମିଟି ବୈଠକ, ସ୍ଥାନ: ଖଇରା ଥାନା ପରିସର, ସମୟ: ଅପରାହ୍ନ ୫ଟା।
- ସାରସ୍ୱତ ସମାରୋହ, ସ୍ଥାନ: ଆତିଥ୍ୟ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମଞ୍ଜୁରୀରୋଡ୍ ଗିରିଧାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପୋଷଣ ମାହ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର

- ସତ୍ୟସାଇଁ ସଂଗଠନ ତରଫରୁ ଆଧାତ୍ମିକ ବାଲ ବିକାଶ ଶିକ୍ଷା, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୮ ଟା।
- ସ୍ମୃତି ସଭା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ମଠ କପୁଣ୍ଡି, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ସତ୍ୟ ନାରାୟଣଙ୍କ ପାଲା ଉତ୍ସବ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ରାତି ୮ ଟା।

## ମୟୂରଭଞ୍ଜ

- ରାଇରଙ୍ଗପୁର ସହରାଞ୍ଚଳ ସ୍ୱଚ୍ଛତା ହିଁ ସେବା ପଥପ୍ରାନ୍ତ ମହୋତ୍ସବ ଏବଂ ବସ୍‌ଷ୍ଟାଣ୍ଡ ପରିସର ଶୌଚାଳୟ ଉଦ୍‌ଘାଟନ, ସ୍ଥାନ: ପୌର ପରିଷଦ, ରାଇରଙ୍ଗପୁର, ସମୟ: ସକାଳ ୭ଟା।
- ବାରିପଦା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ମିନି ମାରାଥନ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ୭ମ ମୟୂରଭଞ୍ଜ ମହୋତ୍ସବର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ବଡ଼ବଜାର ସ୍ୱସ୍ତିକ ମଣ୍ଡପ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାହାଣୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୫ମ ଦିବସ ମ୍ୟାଚ୍, ସ୍ଥାନ: ଆଥ୍‌ଲେଟିକ ଆସୋସିଏଶନ ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ସୃଜନୀ ଫାଉଣ୍ଡେଶନର ବାର୍ଷିକ ଉତ୍ସବ,ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୯ଟା ୩୦।
- ଜିଲା ବିଜେଡିର ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ଅପରାହ୍ନ ୪ଟା ।

## ଗଞ୍ଜାମ

- ବରିଷ୍ଠ କଳାକାର ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଆସିକା ବ୍ଲକ ଚିନିଶିଳ୍ପ ନୂଆଗାଁ କାଳିମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବୁଗୁଡ଼ା ଓକିଲ ସଂଘର ଖବରଦାତା ସମ୍ମିଳନୀ,ସ୍ଥାନ: ବୁଗୁଡ଼ା ମିଡ଼ିଆକ୍ଲବ,ସମୟ:ପୂର୍ବାହ୍ନ ୧୦ଟା।
- କବି ସମ୍ରାଟ ମିଡ଼ିଆ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ଏକ ଦିବସୀୟ ସାଇ ସତଚରିତ ପାରାୟଣ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ:ସକାଳ ୭ଟା।
- ଆସେଟ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଗଣେଶ ବଜାର ପରିବାର ମାର୍କେଟ୍, ସମୟ: ସକାଳ ୮ଟା୩୦।
- ଇସ୍କନ ପକ୍ଷରୁ ହରେକୃଷ୍ଣ ମହୋତ୍ସବ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ଜଗତ୍‌ସିଂହପୁର

- ନୂତନ ଶ୍ମଶାନ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପଗଡ ତାଳଦଣ୍ଡା କେନାଲ ନିକଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲବ ଘର ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ନିମିଡି, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ସାହାଣୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ– କଟକ ଓ ପୁରୀ ମଧ୍ୟରେ ପ୍ରଥମ ମ୍ୟାଚ ଏବଂ ଗଞ୍ଜାମ ଓ ଜଗତସିଂହପୁର ମଧ୍ୟରେ ଦ୍ୱିତୀୟ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୁଆବଜାର ପାରାଦୀପ, ସମୟ: ଅପରାହ୍ନ ୩ଟା।
- ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଲାଲ ବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମେହେନ୍ଦିପୁର, ଭରତପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ସୀତାରାମ ୟେଚୁରୀ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ପ୍ରେରଣା ସାମାଜିକ କଳାପରିଷଦ ପକ୍ଷରୁ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର କାଳେଶ୍ୱରଙ୍କ ପବିତ୍ର ପୀଠ, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମନ କି ବାତ କାର୍ଯ୍ୟକ୍ରମ, ଚାରାରୋପଣ, ସଦସ୍ୟତା ଅଭିଯାନ କାର୍ଯକ୍ରମର ଶୁଭାରମ୍ଭ ଓ ଆଦିବାସୀ ଜନଜାତି ବ୍ୟକ୍ତିଙ୍କ ଘରେ ମଧ୍ୟାହ୍ନଭୋଜନ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢାକେନ୍ଦୁଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଯାଜପୁର ମିଶନ ଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ବଜରଙ୍ଗ ଦଳର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଯାଜପୁର ବିରଜା କଲ୍ୟାଣ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।

## ନୟାଗଡ଼

- ଶୋଡ଼ଷ ଦିବସୀୟ ପୂଜାର ୬ଷ୍ଠ ଦିବସ, ସ୍ଥାନ: କନକଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖକଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା ।
- ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଶୋଡ଼ଷ ଦିବସୀୟ ପୂଜାର ୬ଷ୍ଠ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବଂଶଧାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଜିଲା ସଂଘ ବୈଠକ, ସ୍ଥାନ: ସରୋଜିନୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟା ବିରୋଧରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବୈଠକ, ସ୍ଥାନ: ଡାବୁଗାଁ ଆରଏମ୍‌ସି ଗୋଦାମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଶ୍ୱ ହୃତ୍‌ପିଣ୍ଡ ଦିବସ ଉପଲକ୍ଷେ ସଭା, ସ୍ଥାନ: ସିଡିଏମଓ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ ଟା।
- ସବ୍‌ଡିଭିଜିନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ଓଏମ୍‌ପି ପଡିଆ, କୋରାପୁଟ, ସମୟ: ଅପରାହ୍ନ ୩ ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ସିଟି ମାରାଥନ ଶୁଭାରମ୍ଭ, ସ୍ଥାନ: ସମଲେଇ ମନ୍ଦିର ରିଂରୋଡ ଛକ, ସମୟ : ସକାଳ ୬ଟା ।
- ରଣେଶ୍ୱର ରାମଚଣ୍ଡି ପୀଠରେ ଷୋଡଶ ପୂଜା, ସ୍ଥାନ : ଦାନିପାଲି ସ୍ଥିତ ମନ୍ଦିର, ସମୟ : ସକାଳ ୮ଟା ।
- ପୂର୍ବତନ ମନ୍ତ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ : ଡ.ରାଧାନାଥ ରଥ କମ୍ୟୁନିଟୀ ସେଣ୍ଟର, ସମୟ : ପୂର୍ବାହ୍ନ ୧୦ଟା ।
- ଓଡିଶା ରାଜ୍ୟ ସନ୍ତରଣ ସଂଘ ଆୟୋଜିତ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗୀତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଝସକେତନ ସାହୁ ସୁଇମିଂ ପୁଲ, ସମୟ : ଅପରାହ୍ନ ୪ଟା ।
- ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ଣ୍ଣାମେଣ୍ଟ , ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ।

## ବଲାଙ୍ଗୀର

- ବିଶ୍ୱ ହୃତ୍‌ପିଣ୍ଡ ଦିବସ ଉପଲକ୍ଷେ ୱାକାଥନ୍, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆରୁ ଟାଉନ୍ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୭ଟା ।
- ୮୪ ଘର ଅଘରିଆ ସମାଜ ବଲାଙ୍ଗୀର ଜିଲା ଟ୍ରଷ୍ଟ ପକ୍ଷରୁ ନୂଆଖାଇ ଭେଟଘାଟ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ।
- ଗଡ଼ଜାତ ପ୍ରଜା ଆନ୍ଦୋଳନର ୮୬ ବର୍ଷ ପୂର୍ତ୍ତି, ସ୍ଥାନ: ଚୂଡାପାଲି ହାଇସ୍କୁଲ ପଡିଆ, ଚୂଡାପାଲି ,ସମୟ: ପୂର୍ବାହ୍ନ ୯ଟା
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ ଓ ନୂଆଖାଇ ଭେଟଘାଟ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ଛକ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ।
- କୋଶଲି ସାହିତ୍ୟ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କ ଆତ୍ମଜୀବନୀ ଖଇରପଲ୍ଲିରୁ ନୂଆଦିଲ୍ଲୀ ବହିର ଲୋକାର୍ପଣ, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ୩୦ ମିନିଟ ।
- ଓଡିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଜିଲାସ୍ତରୀୟ ସମାବେଶ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ଓଡିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଖବରତାଦା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।

## ସୁବର୍ଣ୍ଣପୁର

- ଡାଇବେଟିସ୍ ସଚେତନତା ଶିବିର ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଫରେଷ୍ଟ ସ୍ମାର୍ଟ ପାର୍କ, ସମୟ: ସକାଳ ୬ଟା ୩୦।
- ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସଂଗଠନ ପକ୍ଷରୁ ମା' ମାଣିକେଶ୍ୱରୀ ମନ୍ଦିରରେ ସଫେଇ ଅଭିଯାନ, ସ୍ଥାନ: ସୋନପୁର ମାଣିକେଶ୍ୱରୀ ମନ୍ଦିର, ସମୟ: ସକାଳ ୭ଟା।
- ଡୁଙ୍ଗୁରିପାଲିରେ ରାଜ୍ୟସ୍ତରୀୟ ଭୁଲିଆ ସମାଜର ସମ୍ମିଳନୀ ଓ ଯୁବ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ, ସ୍ଥାନ: ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ନଗର ମଣ୍ଡଳ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ପାଇଁ ବୈଠକ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ ନିକଟ, ସମୟ: ସନ୍ଧା ୫ଟା ।
- ଗଜଲକ୍ଷ୍ମୀ ପୂଜା ପାଇଁ ବୈଠକ, ସ୍ଥାନ: ମୁର୍ଷୁଣ୍ଡି ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ସ୍ୱତନ୍ତ୍ର ସନ୍ଧ୍ୟା ଆଳତୀ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ତରଭା ଅନ୍ତର୍ଭାରେ ତ୍ରିନାଥ ମେଳା ପୂଜାର୍ଚ୍ଚନା ଓ ପୁରାଣପାଠ, ସ୍ଥାନ: ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଶ୍ରୀ ଶ୍ରୀ ଗୌରୀଶଙ୍କର ମନ୍ଦିର ମଣ୍ଡପ, ରାଣୀବନ୍ଧ ପଡ଼ା, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ପାହାଡ଼ି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବିହାରୀ ତେଲି ସମାଜର ବୈଠକ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ପୁରୁଣା ବସ୍ତି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ସଦ୍‌ଭାବନା ଲକ୍ଷେଘର ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ଗୋପବନ୍ଧୁ ପାଠାଗାରରେ ଇରମ ଶହୀଦ ଦିବସ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ଅପରାହ୍ନ ୫ଟା।
- ମାଗଣା ହାଟ ପ୍ରଦର୍ଶନୀ, ସ୍ଥାନ: ଟିମ୍ବର କଲୋନୀ, ସମୟ: ସକାଳ ୯ଟା ୩୦।
- ଜାତୀୟ ସେବା ସଂସ୍ଥାର ତ୍ରିଦିବସୀୟ ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ୱେଷାର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିଭବନ, ଟିମ୍ବର କଲୋନୀ, ସମୟ ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଗଣେଶ ଆଶୀର୍ବାଦ ଲଡୁ ଉଠାଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ଦେବଗଡ଼ ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କେସିଙ୍ଗା ଏନ୍‌ଏସି ପକ୍ଷରୁ ଗଣଦୌଡ଼, ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: କେସିଙ୍ଗା ଉଚ୍ଚ ବିଦ୍ୟାପୀଠ, ସମୟ: ସକାଳ ୬ଟା।

## ନୂଆପଡ଼ା

- ବୋଡେନ ବ୍ଲକ କଳାକାର ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ବୋଡେନ ବ୍ଲକ ସୁନାପୁର ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଦୁର୍ଗାପୂଜା ନେଇ ଶାନ୍ତି କମିଟି ବୈଠକ, ସ୍ଥାନ: ବୌଦ୍ଧ ଆଦର୍ଶ ଥାନା ପରିସର, ସମୟ: ଅପରାହ୍ନ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳଙ୍କ ଦୁର୍ବଳତା ଓ ଶୁକ୍ରଙ୍କ ସବଳତା ହେତୁ ବାଦବିବାଦରୁ ଦୂରେଇ ରହିବା ଭଲ। ଅଟକି ରହିଥିବା କାମଗୁଡ଼ିକ ଯୋଗୁ ଶାନ୍ତି ବ୍ୟାହତ ହେବ। ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା ଜାରି ରଖିଲେ ଆଗାମୀ ଆଶା ପୂର୍ଣ୍ଣତା ପ୍ରାପ୍ତି ହୋଇପାରିବ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ଓ ଅପପ୍ରଚାର ଜନିତ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ରାଶିରେ ବୃହସ୍ପତି ଥିବାରୁ ପ୍ରତ୍ୟେକ ସଂକଟକୁ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସମାଧାନ କରିପାରିବେ। ଅଭାବ ପୂରଣ ଦିଗରେ ଆତ୍ମୀୟଙ୍କ ଅବଦାନରୁ ଖୁସି ରହିବେ। ସହକର୍ମୀଙ୍କ ସାହଚର୍ଯ୍ୟରୁ ମନ ହାଲୁକା ହୋଇଯିବ। ପିଲାଙ୍କ ପଢ଼ା ସମସ୍ୟା, ପରିବହନରେ ଝଗଡ଼ା, ସଭାସମିତିରେ ବିତର୍କଜନିତ ଅସ୍ଥିରତାର ସୂଚନା ରହିଛି।

**ମିଥୁନ** ପୁନର୍ବସୁ ନକ୍ଷତ୍ର ବନ୍ଧୁଙ୍କ ସହଯୋଗ ଓ ଉତ୍ତମ ପରାମର୍ଶରେ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିପାରିବେ। ଜମିଜମା, ବ୍ୟବସାୟ, ପରିବହନ ଦିଗରୁ ପ୍ରତିବନ୍ଧକ ହଟିଯିବ। ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ସମ୍ପର୍କୀୟଙ୍କ ସାହାଯ୍ୟରୁ କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ ପାଇବେ। ସତ୍‌ସଙ୍ଗ, ସଭାସମିତିକୁ ନିମନ୍ତ୍ରଣ ଓ ବନ୍ଧୁ ମିଳନଜନିତ ମନ ଖୁସି ରହିବ। ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ହେତୁ ମାନସିକ ଦ୍ୱନ୍ଦ୍ୱ ଉପୁଜିପାରେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହୁଥିବାରୁ ମଘା ନକ୍ଷତ୍ରର ମନ ଭାରାକ୍ରାନ୍ତ ରହିବ। ଯାହା ଚିନ୍ତା କରିବେ ବାସ୍ତବରେ ଓଲଟା ପ୍ରତିଫଳନ ଘଟିବ। ହାତ ଖାଲି ରହିବା କାରଣରୁ ମନରେ ସରସତା ରହି ନ ପାରେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ଅପୂରଣୀୟ ଆଶା, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**କନ୍ୟା** ହସ୍ତା ନକ୍ଷତ୍ରର ସମସ୍ୟା ହଟିଯିବ। ଅର୍ଥ, ସମ୍ମାନ ମିଳିବ ଓ ବନ୍ଧୁ ସୋହାଗର ଅଭାବ ରହିବ ନାହିଁ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ, ଯାତ୍ରା ସଂପର୍କରେ ଦୁଶ୍ଚିନ୍ତା ବଢ଼ିବ। ଜୀବନଚର୍ଯ୍ୟାର ବ୍ୟତିକ୍ରମଜନିତ ଅସୁସ୍ଥି ଅନୁଭବ କରିବେ। ଆନୁଷ୍ଠାନିକ କାମ ସକାଶେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ଅର୍ଥ, ସମ୍ମାନ ସହ ବନ୍ଧୁମିଳନ ଯୋଗ ରହିଛି। ସମ୍ପର୍କୀୟଙ୍କ କଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। ଚିତ୍ରା ନକ୍ଷତ୍ର ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ସଭା ସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଷ୍ପତ୍ତି ବଦଳାଇବାକୁ ବାଧ ହୋଇପାରନ୍ତି।

**ବିଛା** ଅନୁକୂଳ ଗ୍ରହ ପ୍ରଭାବ ଥିଲେ ମଧ୍ୟ ରାଶ୍ୟାଧିପଙ୍କ ଦୁର୍ବଳତା କାର୍ଯ୍ୟ ସାଧନରେ ସମସ୍ୟା ସୃଷ୍ଟିକରିବ। ଶନିଙ୍କ ପ୍ରଭାବରୁ ଠିକଣା ସମୟରେ ଉଚିତ ପଦକ୍ଷେପ ନେଇ ପାରିବେ ନାହିଁ। କଥାଭାଷାର କଠୋରତା ସମ୍ପର୍କକୁ ହ୍ରାସ କରାଇବ। ବ୍ୟବସାୟ, ପରିବହନାଦିରେ ବିବାଦୀୟ ସ୍ଥିତିର ଦୃଢ଼ ମୁକାବିଲା କରିପାରନ୍ତି।

**ଧନୁ** ଚତୁର୍ଥ କେନ୍ଦ୍ରସ୍ଥ ରାହୁଙ୍କ ଯୋଗୁ ସମ୍ପର୍କ ହାନି ଘଟିପାରେ। ଟିକିଏ କଥାରେ ରାଗିଗଲେ କ୍ଷତି ସହିବେ। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବ ନାହିଁ। ପ୍ରକାଶନ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ଏଜେନ୍‌ସିପ୍ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁ ଆଗମନ ଯୋଗ ରହିଛି।

**ମକର** ସ୍ଥଗିତ କାମକୁ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ କରି ଆତ୍ମତୃପ୍ତି ଲଭିବେ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ମତାନ୍ତର ହେତୁ ଶ୍ରବଣା ନକ୍ଷତ୍ରର ପାରିବାରିକ ଜୀବନରେ ମନାନ୍ତର ଦେଖାଦେଇପାରେ।

**କୁମ୍ଭ** ଶନିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ସ୍ଥଗିତ ଥିବା କାମର ପୁନଃ ଆରମ୍ଭ ଯୋଜନା କରିବେ। ଗୃହ, ଯାନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି କ୍ରୟ ପାଇଁ ମନ ବଳାଇବେ। ଜମିଜମା ସମସ୍ୟା, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। ସରକାରୀ ସାହାଯ୍ୟର ସୂଚନା ଲାଭ କରି ମାନସିକ ଉତ୍‌ଫୁଲ୍ଲତା ଅନୁଭବ କରିପାରନ୍ତି।

**ମୀନ** ପଡ଼ୋଶୀଙ୍କ ସହଯୋଗରେ କାର୍ଯ୍ୟସିଦ୍ଧି ସହ ବନ୍ଧୁଙ୍କ ଆଦର ମନକୁ ପ୍ରଫୁଲ୍ଲିତ କରିବ। କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ଉତ୍ତରଭାଦ୍ର ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ସାଙ୍ଗକୁ ଆନୁଷ୍ଠାନିକ କାମରେ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

ଆଜି ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ମୂକ ବଧିର ଦିବସ (ସେପ୍ଟେମ୍ବର ଶେଷ ରବିବାର), ବିଶ୍ୱ ହୃଦୟ ବା ହୃତ୍‌ପିଣ୍ଡ ଦିବସ, ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ, ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ରବିବାର, ରାଶିନକ୍ଷତ୍ର-ମଘା/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ। ସକାଳ ଘ.୦୬।୨୮ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୫ ଗତେ ଘ.୦୩।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୩ ଗତେ ଘ.୦୫।୨୫ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଭଦ୍ରକରେ ଇଣ୍ଟରନେଟ୍ ...

ଆକ୍ସନ ଫୋର୍ସ ମୁତୟନ କରାଯାଇଥିବା ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି। ଅପରପକ୍ଷେ ପୋଲିସକୁ ଆକ୍ରମଣ ଘଟଣାରେ ୭ଜଣଙ୍କୁ ଶନିବାର ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବା ଯୁବକ ଭୁବନେଶ୍ୱର ଖାରବେଳନଗରରେ ରହୁଥିବା ଭଦ୍ରକ ଅଞ୍ଚଳର ପୃଥ୍ୱୀରାଜ ସାହାଣୀ(୧୯)ଙ୍କୁ ପୋଲିସ ଗିରଫ କରିଛି। ଏନେଇ ପୁରୁଣାବଜାର ଥାନାରେ ଏକ ମାମଲା (ନଂ.୨୬୯/୨୪) ରୁଜୁ କରାଯାଇଛି। ପୋଲିସକୁ ଆକ୍ରମଣ ଘଟଣାରେ ପୁରୁଣାବଜାର ଥାନା ଏଏସ୍‌ଆଇ ମନୋରଞ୍ଜନ ବେହେରାଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ.୨୭୦/୨୪) ରୁଜୁ ହୋଇଛି। ଇଣ୍ଟରନେଟ ସେବା ବନ୍ଦ ଯୋଗୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସେହିପରି ଧାମନଗର ବିଜୁ ପଟ୍ଟନାୟକ ଛକରେ ଶୁକ୍ରବାର ସନ୍ଧ୍ୟାରେ ଟାୟାର ଜାଳି ରାସ୍ତାରୋକୋ ସହ ଥାନା ଘେରାଉ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଆଶଙ୍କାରେ ଧାମନଗରରେ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୬୩ ଧାରା ଲାଗୁ କରାଯିବା ସହ ଶୁକ୍ରବାର ରାତିରେ ୪ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ। ଶନିବାର ସନ୍ଧ୍ୟାରେ ଏହାକୁ ବଢ଼ାଇ ଦିଆଯାଇ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଧାମନଗର ସହରାଞ୍ଚଳ ଓ ଦୋବଲ ବଜାରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ରାସ୍ତାଘାଟ ଓ ବଜାର ଶୂନ୍‌ଶାନ ଥିବାବେଳେ କମ୍‌ସଂଖ୍ୟକ ଗାଡ଼ି ଚଳାଚଳ କରୁଛି। ଧାମନଗର ଓ ଦୋବଲ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି ସହ ବିଭିନ୍ନ ଛକ, ବଜାରରେ ପୋଲିସ ଟିମ୍ ନିୟୋଜିତ ରହିଛି। ଅପରାହ୍ନରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ ଆଲୋଚନା କରିଛନ୍ତି। ଭଦ୍ରକ ଓ ଧାମନଗରରେ ଏପରି ଘଟଣା ଘଟିବା ଦୁର୍ଭାଗ୍ୟଜନକ। କେରଳ ଓ ପଶ୍ଚିମବଙ୍ଗ ହିଂସା ଘଟଣା ପରି ଭଦ୍ରକରେ ଘଟାଇବାକୁ କେହି ଚାହୁଁଥିଲେ, ତାହା ସଫଳ ହେବ ନାହିଁ। ରାଜ୍ୟ ସରକାର ଏ ଦିଗରେ ସଚେତନ ଅଛନ୍ତି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିବାଦୀୟ ପୋଷ୍ଟକୁ ନେଇ ଶୁକ୍ରବାର ଅପରାହ୍ନରେ ସନ୍ଥିଆଠାରେ ତୁମୁଳକାଣ୍ଡ ଘଟିଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଯିବା ପ୍ରତିବାଦରେ ବହୁ ଲୋକ ଏକତ୍ରିତ ହୋଇ ସହର ଆଡ଼କୁ ଆସୁଥିବା ବେଳେ ପୋଲିସ ପହଞ୍ଚି ସେମାନଙ୍କୁ ଅଟକାଇଥିଲା। ଏହାକୁ କେନ୍ଦ୍ରକରି ସେଠାରେ ଠେଲାପେଲା, ଯୁକ୍ତିତର୍କ ହେବା ସହ ଉତ୍ତ୍ୟକ୍ତ ଲୋକେ



ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପାଇଁ ପୋଲିସ ନେଉଛି।

ପୋଲିସ ଉପରକୁ ପଥର ମାଡ଼ କରିଥିଲେ। ଏପରିକି ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିଥିଲେ। ପୋଲିସ ଲାଠିଚାର୍ଜ କରି ଗଣ୍ଡଗୋଳକାରୀଙ୍କୁ ଘଉଡ଼ାଇଥିଲା। ଏହି ହିଂସା ପରେ ରାତିରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଭଦ୍ରକରେ ପହଞ୍ଚି ବିଧାୟକ, ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଶାନ୍ତି ସଦ୍‌ଭାବନା ବଜାୟ ରଖିବାକୁ ଜନସାଧାରଣଙ୍କୁ ଗଣମାଧ୍ୟମରେ ନିବେଦନ କରିଛନ୍ତି। ଲୋକଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଟାଉନ ଥାନା ଏସ୍‌ଆଇ ରୋଜେନ ମୁର୍ମୁଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ହେଜ୍‌ବୋଲ୍ଲା ମୁଖ୍ୟ...

ଏବଂ ଅତିରିକ୍ତ କମାଣ୍ଡର ଆକ୍ରମଣରେ ନିହତ ହୋଇଥିଲେ। ଶୁକ୍ରବାର ଇସ୍ରାଏଲ୍ ସେନା ବେରୁଟ୍‌ର ଦକ୍ଷିଣ ଭାଗ ଡାହିୟେରେ ଥିବା ହେଜ୍‌ବୋଲ୍ଲା ମୁଖ୍ୟାଳୟକୁ ଟାର୍ଗେଟ୍ କରି ଏୟାରଷ୍ଟ୍ରାଇକ୍ କରିଥିଲା। ନସ୍‌ରଲ୍ଲାଙ୍କ ନିଧନ ପରେ ହାଶିମ୍ ସଫିଦ୍ଦିନ୍‌ଙ୍କୁ ତାଙ୍କ ସମ୍ଭାବ୍ୟ ଉତ୍ତରାଧିକାରୀ ଭାବେ ଦେଖାଯାଉଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ନସ୍‌ରଲ୍ଲାଙ୍କ ସମ୍ପର୍କୀୟ ଭାଇ ହାଶିମ୍ ଏବେ ହେଜ୍‌ବୋଲ୍ଲାର ରାଜନୈତିକ ବ୍ୟାପାର ବୁଝୁଥିବାବେଳେ ସଂଗଠନର ଜିହାଦ କାଉନ୍‌ସିଲରେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଆମେରିକାର ପରରାଷ୍ଟ୍ର ବିଭାଗ ୨୦୧୭ରେ ହାଶିମ୍‌ଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲା। ୧୯୯୨ରେ ନସ୍‌ରଲ୍ଲା ହେଜ୍‌ବୋଲ୍ଲାର ମହାସଚିବ ହେବା ପରେ ସେ ଉକ୍ତ ଆତଙ୍କବାଦୀ ସଂଗଠନକୁ ମଧ୍ୟପ୍ରାଚ୍ୟରେ ସବୁଠୁ ଶକ୍ତିଶାଳୀ କରିପାରିଥିଲେ। ତାଙ୍କ ନେତୃତ୍ୱ କେବଳ ହେଜ୍‌ବୋଲ୍ଲାର ସାମରିକ ସାମର୍ଥ୍ୟକୁ ମଜଭୁତ କରିଥିଲା ତାହା ନୁହେଁ, ଲେବାନନ୍ ରାଜନୀତିରେ ମଧ୍ୟ ଏହାର ପ୍ରଭାବ ବଢ଼ିଥିଲା। ୧୯୬୦ରେ ମଧ୍ୟବିତ୍ତ ଶିୟା ପରିବାରରେ ଜନ୍ମିତ ନସ୍‌ରଲ୍ଲା ୮୦ ଦଶକରେ ହେଜ୍‌ବୋଲ୍ଲା ସଂଗଠନ ପ୍ରତିଷ୍ଠାରେ ସହାୟତା କରିଥିଲେ। ଏହା ପୂର୍ବରୁ ସେ ଅମଲ୍ ମୁଭ୍‌ମେଣ୍ଟରେ ସାମିଲ ହୋଇଥିଲେ। ଇସ୍ରାଏଲ୍‌ର ଚିଫ୍ ଅଫ୍ ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ହେର୍ଜି ହାଲେଭି କହିଛନ୍ତି, ନସ୍‌ରଲ୍ଲାଙ୍କ ମୃତ୍ୟୁ ଆମ ଟୁଲ୍‌ବକ୍ସର ଶେଷ ନୁହେଁ। ଅଧିକ ଆକ୍ରମଣ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି। ଦୀର୍ଘଦିନର ପ୍ରସ୍ତୁତି ପରେ ହେଜ୍‌ବୋଲ୍ଲା ନେତୃତ୍ୱକୁ ଟାର୍ଗେଟ୍ କରି ଆକ୍ରମଣ କରାଯାଇଥିଲା। ଶୁକ୍ରବାର ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୯୧ ଆହତ ହୋଇଥିବା ବେଳେ ୬ଟି ଆପାର୍ଟମେଣ୍ଟ ଧ୍ୱଂସ ହୋଇଯାଇଥିଲା। ଲେବାନନ୍ ସହ ଉତ୍ତେଜନା ଲାଗିରହିଥିବାରୁ ଇସ୍ରାଏଲ୍ ଅତିରିକ୍ତ ରିଜର୍ଭ ସୈନ୍ୟ ସୀମାକୁ ପଠାଇଛି। ସମ୍ଭାବ୍ୟ ସ୍ଥଳଯୁଦ୍ଧ ପାଇଁ ତାଲିମ ଦେବାକୁ ପୂର୍ବରୁଇସ୍ରାଏଲ୍ଏହାରଉତ୍ତରସୀମାକୁ୨ବ୍ରିଗେଡ୍‌ପଠାଇଥିଲା।

ଶନିବାର ସକାଳେ ଇସ୍ରାଏଲୀ ସେନା ଦକ୍ଷିଣ ବେରୁଟ୍ ଏବଂ ଲେବାନନ୍‌ର ପୂର୍ବ ଭାଗରେ ଥିବା ବେକା ଭ୍ୟାଲିରେ ଏକାଧିକ ଏୟାରଷ୍ଟ୍ରାଇକ୍ କରିଛି। ଏଥିରେ ହେଜ୍‌ବୋଲ୍ଲାର ଆଡ୍ଡାଗୁଡ଼ିକୁ ଟାର୍ଗେଟ୍ କରାଯାଇଥିଲା। ଏହି ଆକ୍ରମଣରେ ହେଜ୍‌ବୋଲ୍ଲା ମୁଖ୍ୟ ନସ୍‌ରଲ୍ଲାଙ୍କ ଝିଅ ଜୈନାବଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ତେବେ ହେଜ୍‌ବୋଲ୍ଲା ଏବଂ ଲେବାନନ୍‌ର ଗଣମାଧ୍ୟମ ପକ୍ଷରୁ ଏହା ସ୍ପଷ୍ଟ ହୋଇନାହିଁ। ଆକ୍ରମଣରେ ଦକ୍ଷିଣ ଲେବାନନ୍‌ର ହେଜ୍‌ବୋଲ୍ଲା ମିଶାଇଲ୍ ୟୁନିଟ୍ କମାଣ୍ଡର ମହମ୍ମଦ ଅଲି ଇସ୍‌ମାଇଲ, ତାଙ୍କ ଡେପୁଟି ଏବଂ ଅନ୍ୟ ୨ ବରିଷ୍ଠ କାର୍ଯ୍ୟକର୍ତ୍ତା ନିହତ ହୋଇଛନ୍ତି। ଶୁକ୍ରବାର ରାତିସାରା ଇସ୍ରାଏଲ୍‌ର ଘନଘନ ବୋମାମାଡ଼ରେ ବେରୁଟ୍‌ରେ ଦକ୍ଷିଣଭାଗ ଉପାନ୍ତ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଲୋକେ ଘରୁ ବାହାରିଆସି ଫାଙ୍କା ସ୍ଥାନ ଓ ବେଳାଭୂମିରେ ଆଶ୍ରୟ ନେଇଥିବାବେଳେ କେତେକେ କାର୍‌ରେ ରାତି କଟାଇଥିଲେ। ବହୁସଂଖ୍ୟାରେ ଲୋକେ ସେମାନଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଓ ପିଲାଛୁଆ ଧରି ଚାଲିଚାଲି ପଳାୟନ କରୁଥିବା ଦେଖାଯାଇଥିଲା। ଲେବାନନ୍ ଉପରେ ଇସ୍ରାଏଲ୍ ସପ୍ତାହେ ହେଲା ଏୟାରଷ୍ଟ୍ରାଇକ୍ ଚଳାଇଥିବାବେଳେ ଏଥିରେ ଅନ୍ୟୁନ ୭୨୦ ଜଣଙ୍କ ମୃତ୍ୟୁ ଘଟିଲାଣି। ହେଜ୍‌ବୋଲ୍ଲା ମଧ୍ୟ ଉତ୍ତର ଏବଂ କେନ୍ଦ୍ରୀୟ ଇସ୍ରାଏଲ୍ ସମେତ ଏହାର ଅଧିକୃତ ୱେଷ୍ଟବ୍ୟାଙ୍କ ଉପରେ ବହୁସଂଖ୍ୟାରେ ପ୍ରୋଜେକ୍ଟାଇଲ୍ ମାଡ଼ କରିଛି।

### ସୀତାରାମନ୍‌ଙ୍କ ନାଁରେ ...

ମାମଲା, ଆପରାଧିକ ନୁହେଁ। ଅନ୍ୟପକ୍ଷରେ ଏମ୍‌ୟୁଡିଏ ମାମଲାକୁ ନେଇ ଭାଜପା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ସମାଲୋଚନା କରିଛି। ଗତ ଫେବୃଆରୀରେ ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ ସୂଚନା ଅଧିକାର ଏବଂ ମତବ୍ୟକ୍ତ କରିବା ଅଧିକାରର ଉଲ୍ଲଂଘନ ବୋଲି ଦର୍ଶାଇ ଏହାକୁ ରଦ୍ଦ କରିଦେଇଥିଲେ। ଇଲେକ୍ଟୋରାଲ ବଣ୍ଡ ଠକେଇ ଘଟଣାରେ ସୀତାରାମନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ସିଦ୍ଧାରାମାୟା ଦାବି କରିଛନ୍ତି। ଅନ୍ୟପକ୍ଷରେ ଜେଡିଏସ୍ ନେତା ତଥା କେନ୍ଦ୍ରମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏହାକୁ ବିରୋଧ କରିଛନ୍ତି। ଇଲେକ୍ଟୋରାଲ ବଣ୍ଡ ଟଙ୍କା ସୀତାରାମନ୍‌ଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଯାଇନାହିଁ। ସେ ସିଦ୍ଧାରାମାୟାଙ୍କ ଭଳି କ୍ଷମତାର ଦୁରୁପଯୋଗ କରି ନିଜ ପାଇଁ ଫାଇଦା ଉଠାଇ ନାହାନ୍ତି। ତେଣୁ ସେ କାହିଁକି ଇସ୍ତଫା ଦେବେ ବୋଲି କୁମାରସ୍ୱାମୀ ପ୍ରଶ୍ନ କରିଛନ୍ତି। ସେହିପରି କର୍ଣ୍ଣାଟକ ବିଧାନସଭାର ବିରୋଧୀ ଦଳ ନେତା ତଥା ଭାଜପାର ଆର୍. ଅଶୋକା କହିଛନ୍ତି, ଅର୍ଥମନ୍ତ୍ରୀଙ୍କ ଉପରେ ମନ୍ତବ୍ୟ ଦେବାର ନୈତିକ ଅଧିକାର କଂଗ୍ରେସର ନାହିଁ। ସିଦ୍ଧାରାମାୟାଙ୍କ ବିରୋଧରେ ଏମ୍‌ୟୁଡିଏ ମାମଲା ସହ ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗକୁ ତୁଳନା କରାଯାଇପାରିବ ନାହିଁ ବୋଲି ଅଶୋକା କହିଛନ୍ତି।




# ୨୦ଫୁଟ ତଳକୁ ଖସିଲା ତୀର୍ଥଯାତ୍ରୀ ବସ୍



**ଜଳେଶ୍ୱର, ୨୮।୯**
**(ରବିନାରାୟଣ ପାତ୍ର/ନବୀନ ସାହୁ)**

ବାଲେଶ୍ୱର ଜିଲା ୬୦ ନମ୍ବର ଜାତୀୟ ରାଜପଥର ଜଳେଶ୍ୱର ନିକଟ ତରିବତପୁରଠାରେ ଶୁକ୍ରବାର ମଧ୍ୟରାତ୍ରିରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। କୋଲକାତାରୁ ପୁରୀ ଆସୁଥିବା ଏକ ତୀର୍ଥଯାତ୍ରୀ ବସ୍ ଭାରସାମ୍ୟ ହରାଇ ଜାତୀୟ ରାଜପଥଠାରୁ ୨୦ଫୁଟ ତଳକୁ ଖସିପଡିଥିଲା। ଫଳରେ ଘଟଣାସ୍ଥଳରେ ୪ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୫୩ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ କମଳ ଦେବୀ(୭୦), ରାମପ୍ରସାଦ ଯାଦବ(୫୫), ରାଜେଶ ମିଶ୍ର(୫୮), ସଞ୍ଜୟ ଯାଦବ(୬୦)। ୧୪ଜଣଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ଆହତଙ୍କୁ ଜିକେଭଙ୍ଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଳେଶ୍ୱର ପୋଲିସ,

## ୪ ମୃତ, ୫୩ ଆହତ

ଦମକଳ ବାହିନୀ, ରାଜପଥ ଉଦ୍ଧାରକାରୀ ଟିମ ପହଞ୍ଚି ୩ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ବସ୍ ଡ୍ରାଇଭର, ହେଲପର ଓ ଯାତ୍ରୀମାନଙ୍କୁ ନେଇଯାଉଥିବା ଏଜେଣ୍ଟଙ୍କୁ ପୋଲିସ ଥାନାକୁ ଆଣି ତଦନ୍ତ ଚଳାଇଛି। ଏହି ତୀର୍ଥଯାତ୍ରୀମାନେ ଗତ ୧୮ ତାରିଖରେ ଉତ୍ତରପ୍ରଦେଶର ବଲରାମପୁର ଜିଲାର ଗୌରଚରା ଥାନା ଓ ସିଦ୍ଧାର୍ଥନଗର ଜିଲାରୁ ଆସିଥିଲେ। ଶନିବାର ଉପଜିଲାପାଳ ପ୍ରଥମେଶ ରାଜସିର୍କେ, ଏଡିଏମ୍ ନିରଞ୍ଜନ ବେହେରା, ତହସିଲଦାର ସତ୍ୟଜିତ ମହାନ୍ତି ଓ ବିଡିଓ ପୁନମ ରାଉତ ଜିକେଭଙ୍ଗର ହସ୍ପିଟାଲରେ ପହଞ୍ଚି ରୋଗୀମାନଙ୍କୁ ପ୍ରାଥମିକ ଚିକିତ୍ସା ସହିତ ଖାଦ୍ୟ ବ୍ୟବସ୍ଥା ପରେ ୨ଟି ଆମ୍ବୁଲାନ୍ସ, ଗୋଟିଏ ବସ୍ ସାହାଯ୍ୟରେ ଘରକୁ ପଠାଇବାର ବ୍ୟବସ୍ଥା କରିଛନ୍ତି।

ଭୋଟ କାର୍ଡ ସଂଶୋଧନ ପାଇଁ ଶିକ୍ଷକ ନେଲେ ହଜାରେ

# 'ଭୁଲ୍' ପଚାରିବାରୁ ମହିଳାଙ୍କୁ ମାଡ଼

**ମହାକାଳପଡ଼ା, ୨୮।୯**
**(ପ୍ରତାପ ଚନ୍ଦ୍ର ସ୍ୱାଇଁ)**


ଅଭିଯୋଗକାରୀ ମିନା ବେହେରା

ମହିଳାଙ୍କ ଭୋଟ ପରିଚୟପତ୍ର ସଂଶୋଧନ କରିବାକୁ ଜଣେ ଶିକ୍ଷକ ହଜାରେ ଟଙ୍କା ନେଇଥିଲେ। ଏହା ଠିକ୍ ଭାବେ ସଂଶୋଧନ ନ ହେବାରୁ ପଚାରିବାରୁ ତାଙ୍କୁ ଶିକ୍ଷକ ଜଣକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ସ୍ଥାନୀୟ ରାମନଗର ଗାଁର ମିନା ବେହେରାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ମିନା ବାପଘରେ ରହୁଥିଲେ। ରାମନଗର ଗାଁରେ ମିନା ଜାଗା କିଣି ଘର କରି ରହୁଛନ୍ତି। ସରକାରୀ ଆଇନ ଅନୁସାରେ, ଭୋଟ କାର୍ଡର ଆବଶ୍ୟକତା ରହିଛି। ଭୋଟ କାର୍ଡ ମିନାଙ୍କ ସ୍ୱାମୀ ପରିବର୍ତ୍ତେ ବାପାଙ୍କ ନାମ ଥିବାରୁ ସରକାରୀ ସ୍ତରରେ ସମସ୍ୟାରେ ସମ୍ମୁଖୀନ ହେଉଥିଲେ। ଭୋଟ କାର୍ଡ ସଂଶୋଧନ ଦାୟିତ୍ୱରେ ଥିବା ରାମନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଦୀପଙ୍କର ଦାସଙ୍କ ନିକଟକୁ ଯାଇ ଜଣାଇଥିଲେ। ଶିକ୍ଷକ ଦାସ ହଜାରେ ଟଙ୍କା ଦେଲେ କାର୍ଡ ସଂଶୋଧନ ହୋଇଯିବ କହିଥିଲେ। ସେ ମଜୁରି ଲାଗି ହଜାରେ ଟଙ୍କା ଶିକ୍ଷକଙ୍କ ଘରେ ନେଇ ଦେଇଥିଲେ। କାର୍ଡ ସଂଶୋଧନ ହୋଇ ଆସିବା ପରେ ପୂର୍ବ ତ୍ରୁଟି ରହିଥିଲା। ଏ ନେଇ ମିନା ଶିକ୍ଷକ ଦାସଙ୍କୁ ପଚାରିବାରୁ ଟଙ୍କା ନେଲ, କାର୍ଡ କାହିଁକି ଭୁଲ୍ ରହିଲା। ଶିକ୍ଷକ ଦାସ କହିଥିଲେ, ତୁମର ଡବଲ ଭୋଟ କାର୍ଡ ଅଛି, ଗୋଟିଏ କାଟି ଦେବି ନଚେତ ଭୋଟର ତାଲିକାରୁ ବାଦ୍ ଦେବି ବୋଲି କହିଥିଲେ। ମିନା ଭୋଟ କାର୍ଡ କାହିଁକି କାଟିବ ବୋଲି ପଚାରିବାରୁ ଶିକ୍ଷକ ଦାସ ବିଦ୍ୟାଳୟ ଭିତରେ ତଣ୍ଟିଆ, ଧକ୍କା ମାରି ତାଲିକାରୁ ନାମ କାଟି ଦେବି ବୋଲି କହିଥିଲେ। ଏ ନେଇ ଶୁକ୍ରବାର ଥାନାରେ ଶିକ୍ଷକ ଦାସଙ୍କ ବିରୋଧରେ ମିନା ଅଭିଯୋଗ କରିଥିଲେ। ଆଇଆଇସି ରଞ୍ଜିତ ମହାନ୍ତି କହିଛନ୍ତି, ମହିଳାଙ୍କ ପକ୍ଷରୁ ଅଭିଯୋଗ ମିଳିଛି। ତଦନ୍ତ ହେବ। ବିଇଓ ତନ୍ମୟ ବେହେରା କହିଛନ୍ତି, ଏ ସମ୍ପର୍କରେ ଅବଗତ ଅଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।






ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ। କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ। ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ। ଅସତ୍‌ର ବିକୃତ କ୍ଳେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ। ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର। —ଶ୍ରୀଅରବିନ୍ଦ

# ଭାଜପାର ଆଧାର



ଆକାର ପଟେଲ

ଆସନ୍ତା ବର୍ଷ ୧୭ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୭୫ ବର୍ଷ ବୟସ ହୋଇଯିବ ଏବଂ ଏହାର ଦଶ ଦିନ ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)କୁ ୧୦୦ ବର୍ଷ ଚାଲିବ। ଲୋକ ସଭା ନିର୍ବାଚନ ପ୍ରଚାର ସମୟରେ ଭାରତୀୟ ଜନତା ପାର୍ଟି(ଭାଜପା) ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଥିଲେ ଯେ ଭାଜପା ନିଜେ ସକ୍ଷମ ଥିବାରୁ ଦଳ ପାଇଁ ପୂର୍ବଭଳି ଆର୍‌ଏସ୍‌ଏସ୍‌ର ଆବଶ୍ୟକତା ନାହିଁ। ଏହା ଏକ ଅଜବ ଯୁକ୍ତି, କାରଣ ଦୁଇଟି ସଂସ୍ଥା ସମ୍ପୂର୍ଣ୍ଣ ଅଲଗା ବୋଲି ଭାଜପା ମନେକରୁଛି। ସେମାନେ ବାସ୍ତବରେ ଅଲଗା କି? ଦେଖିବାକୁ ଗଲେ, ହିନ୍ଦୁତ୍ୱ ପାଇଁ ଆର୍‌ଆର୍‌ଏସ୍ ହେଉଛି ଏକମାତ୍ର ଆଦର୍ଶଗତ ଉତ୍ସ। ଭାଜପା ପଛରେ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣକାରୀ ଅଂଶୀଦାର ଭାବେ ସବୁବେଳେ ରହିଆସିଛି। ପ୍ରକୃତରେ ଆର୍‌ଏସ୍‌ଏସ୍ ତା' ସୁରକ୍ଷା ପାଇଁ ଭାଜପାକୁ ଗଠନ କରିଛି ଏବଂ ଏ ବିଷୟ ଭାଜପା ଦ୍ୱାରା ୨୦୦୬ରେ ୬ଟି ଭଲ୍ୟୁମ୍‌ରେ ପ୍ରକାଶିତ ଇତିହାସରେ ଦର୍ଶାଯାଇଛି। ଡିସେମ୍ବର ୧୯୪୭ରେ ଦିଲ୍ଲୀରେ ଅନୁଷ୍ଠିତ ଆର୍‌ଏସ୍‌ଏସ୍ ରାଲିରେ ବହୁ ଜନସମାଗମ ହେବା ପରେ ଭାରତୀୟ ଜନସଂଘ ପ୍ରତିଷ୍ଠା ହୋଇଥିଲା। ଭାଜପା ଇତିହାସ କହେ, ଜନସଂଘ ପ୍ରତି ଥିବା ଏଭଳି ଲୋକପ୍ରିୟତା କଂଗ୍ରେସଙ୍କୁ ବିଶେଷକରି ନେହେରୁଙ୍କୁ ଭୟଭୀତ କରିଥିଲା। ୩୦ ଜାନୁଆରୀ ୧୯୪୮ରେ ମହାତ୍ମା ଗାନ୍ଧୀଙ୍କ ହତ୍ୟାର ତିନି ଦିନ ପରେ ୨ ଫେବୃଆରୀରେ ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରିବାକୁ କଂଗ୍ରେସ ନିଷ୍ପତ୍ତି ନେଇଥିଲା। ଗାନ୍ଧୀଙ୍କ ହତ୍ୟା ଘଟଣାର ସବିଶେଷ ତଥ୍ୟ ବାହାରିଲେ ଆର୍‌ଏସ୍‌ଏସ୍ ଅଡୁଆରେ ପଡ଼ିବ ବୋଲି ଅନୁଭବ କରି ଏହାର ମୁଖ୍ୟ ଗୋଲୱାଲକର ପଦକ୍ଷେପ ନେଇଥିଲେ। ହତ୍ୟା ଦିନ, ୩୦ ଜାନୁଆରୀ ୧୯୪୮, ଆର୍‌ଏସ୍‌ଏସ୍ ଶାଖାଗୁଡ଼ିକୁ ୧୩ ଦିନ ପାଇଁ କାର୍ଯ୍ୟ ବନ୍ଦ ରଖିବା ପାଇଁ ସେ ଟେଲିଗ୍ରାମ୍ ପଠାଇଥିଲେ। ସେହି ଦିନ ସେ ନେହେରୁ, ପଟେଲ ଏବଂ ଗାନ୍ଧୀଜୀଙ୍କ ପୁଅ ଦେବଦାସଙ୍କୁ ମଧ୍ୟ ଟେଲିଗ୍ରାମ୍‌ରେ ସମବେଦନା ଜଣାଇ ଦର୍ଶାଇଥିଲେ, ''ଏହି ନିଷ୍ଠୁର ଘାତକ ଆକ୍ରମଣରେ ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ଏଥିରେ ଦେଶ ଜଣେ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କୁ ହରାଇଲା''। ତା'ପରଦିନ ଗୋଲୱାଲ୍‌କର ନେହେରୁଙ୍କୁ ଏକ ଚିଠିରେ ଲେଖିଥିଲେ, ''ପୂଜ୍ୟ ମହାତ୍ମାଜୀଙ୍କୁ ଗୁଳିକରି ତାଙ୍କ ଜୀବନକୁ ହଠାତ୍ ତଥା ଦୁଃଖଦ ଅନ୍ତ ଘଟାଇଥିବା ଗୋଡ୍‌ସେ ଜଣେ ବିଚାରହୀନ ବିକୃତ ଆତ୍ମା''। ସେ ପଟେଲଙ୍କୁ ବି ଚିଠିରେ ଲେଖିଥିଲେ, ''ଏହି ଘଟଣାରେ ମୋ ହୃଦୟ ଅତ୍ୟଧିକ କଷ୍ଟ ପାଇଛି ଓ ଅପରାଧୀଙ୍କୁ ନିନ୍ଦା କରିବା ପାଇଁ ଶବ୍ଦ ଖୋଜିବା କଷ୍ଟକର''। ତେବେ ଏଥିରୁ କୌଣସିଟି ସାହାଯ୍ୟ କଲା ନାହିଁ। ଆର୍‌ଏସ୍‌ଏସ୍‌କୁ ସରକାର ବେଆଇନ ଘୋଷଣା କରିବା ପରେ ୨୦,୦୦୦ ସ୍ୱୟଂସେବକଙ୍କ ସହ ଗୋଲୱାଲ୍‌କରଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ନିଷେଧାଦେଶ ଦେଢ଼ ବର୍ଷରୁ କମ୍ ସମୟ ପାଇଁ ରହିଲା। ସମ୍ବିଧାନ ପ୍ରସ୍ତୁତ କରିବାକୁ ଆର୍‌ଏସ୍‌ଏସ୍‌କୁ କୁହାଯିବା ପରେ ଏହାକୁ ହଟାଇ ଦିଆଯାଇଥିଲା। ଏହା ଲେଖାଯାଇ ଦାଖଲ କରାଯାଇଥିଲା ଏବଂ ୧୧ ଜୁଲାଇ ୧୯୪୯ରେ ଆର୍‌ଏସ୍‌ଏସ୍ ଉପରୁ ପ୍ରତିବନ୍ଧକ ହଟାଯାଇଥିଲା।

ଏହାର ଠିକ୍ ପରେ ପରେ ଆର୍‌ଏସ୍‌ଏସ୍ ତାହାର ନିଜସ୍ୱ ମାଗାଜିନ 'ଦି ଅର୍ଗାନାଇଜର'ରେ ରାଜନୀତି ପ୍ରବେଶ ବିଷୟରେ ବିତର୍କ ଆରମ୍ଭ କଲା। ଏଥିରେ କେ.ଆର୍. ମାଲକାନି ଲେଖିଥିଲେ ଯେ ''ସଂଗଠନ କେବଳ ନିଜକୁ ରକ୍ଷାକରିବା ପାଇଁ ନୁହେଁ, ବରଂ ଭାରତ ବିରୋଧୀ ରାଜନୀତିକୁ ବନ୍ଦ କରିବା ଏବଂ ଦେଶର ବ୍ୟବସ୍ଥା ମାଧ୍ୟମରେ ଭାରତୀୟତା ଭାବନାକୁ ଆଗକୁ ନେବା। ଏହି କାରଣଗୁଡ଼ିକ ପାଇଁ ସଂଘ ନିଶ୍ଚିତ ଭାବରେ ସମସ୍ତ ନାଗରିକଙ୍କ ଜାତୀୟ ସାଂସ୍କୃତିକ ଶିକ୍ଷା ପାଇଁ ଆଶ୍ରମ ଭାବରେ ଜାରି ରହିବ, କିନ୍ତୁ ଏହାର ଆଦର୍ଶକୁ ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟକରି ସେଥିରୁ ଶୀଘ୍ର ସଫଳତା ହାସଲ ପାଇଁ ଏହା ଏକ ରାଜନୈତିକ ଶାଖାର ବିକାଶ କରିବା ଆବଶ୍ୟକ''। ମାଲକାନି ଆଉ ମଧ୍ୟ ଉଲ୍ଲେଖ କରିଥିଲେ ଯେ ନୂତନ ଦଳ ଦ୍ୱାରା ପ୍ରାଚୀନ ମୂଲ୍ୟବୋଧ ପୁନର୍ଜୀବିତ ହେବ, କାରଣ ଏହାର ଲକ୍ଷ୍ୟ ଭବିଷ୍ୟବାଦୀ ହେବ। ଏହା ବ୍ୟତୀତ ଆର୍ଯ୍ୟ ସମାଜର ଆର୍‌ଏସ୍‌ଏସ୍ କର୍ମକର୍ତ୍ତା ବଲ୍‌ରାଜ ମାଧୋକ ଲେଖିଥିଲେ ଯେ ଦେଶର ରାଜନୈତିକ ଏବଂ ଅର୍ଥନୈତିକ ସମସ୍ୟାକୁ ଦୃଷ୍ଟିରେ ରଖି ସଂଘ ଦେଶକୁ ଆଗେଇ ନେବା ଉଚିତ, କାରଣ ଏହା ସଂଗଠନର ଅସ୍ତିତ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ରାଜନୈତିକ ଦଳ ଗଠନ ପାଇଁ ପ୍ରାୟତଃ ଆର୍‌ଏସ୍‌ଏସ୍ ଭିତରୁ କୌଣସି ବିରୋଧ ନ ଥିଲା। ତିନିଟି ବିଷୟ ଜନସଂଘ/ ଭାଜପା ଗଠନକୁ ପ୍ରେରିତ କରିଥିଲା। ପ୍ରଥମତଃ ନେହେରୁଙ୍କ ମୁସଲମାନ ତୁଷ୍ଟୀକରଣ ନୀତିକୁ ଦର୍ଶାଇ ତାଙ୍କ କ୍ୟାବିନେଟରୁ ଏପ୍ରିଲ ୧୯୫୦ରେ ପୂର୍ବତନ ହିନ୍ଦୁ ମହାସଭାର ନେତା ଏସ୍.ପି. ମୁଖାର୍ଜୀଙ୍କ ଇସ୍ତଫା। ଦ୍ୱିତୀୟତଃ ପ୍ରଥମ ସାଧାରଣ ନିର୍ବାଚନର ଗୋଟିଏ ବର୍ଷ ପୂର୍ବରୁ ଡିସେମ୍ବର ୧୯୫୦ରେ ସର୍ଦ୍ଦାର ପଟେଲଙ୍କ ମୃତ୍ୟୁ। ତୃତୀୟତଃ ସେହି ବର୍ଷ ପି.ଡି. ଟଣ୍ଡନ କଂଗ୍ରେସ ସଭାପତି ଭାବରେ ନିର୍ବାଚିତ ପରେ ନେହେରୁଙ୍କ ସହ ମତଭେଦ ଯୋଗୁ ଇସ୍ତଫା ଦେବାକୁ ବାଧ୍ୟ ହେବା। ଟଣ୍ଡନ ଜଣେ ହିନ୍ଦୁ ରକ୍ଷଣଶୀଳ ଥିଲେ ଓ ଆର୍‌ଏସ୍‌ଏସ୍ ତାଙ୍କୁ ସମର୍ଥନ କରୁଥିଲା ବୋଲି ନେହେରୁ ଅନୁଭବ କରିଥିଲେ(ଭାଜପା ଇତିହାସ ଅନୁଯାୟୀ)। ଲୋକପ୍ରିୟ ରାଜନୀତିରେ ଏକ ରକ୍ଷଣଶୀଳ ହିନ୍ଦୁ ତତ୍ତ୍ୱର ଆବଶ୍ୟକତା ବିଷୟରେ ଆର୍‌ଆର୍‌ଏସ୍ ଅଧିକ ନିଶ୍ଚିତ ହେଲା।

ଆମର ଏବକାର ପ୍ରଧାନମନ୍ତ୍ରୀ ଜନ୍ମ ହେବାର ଗୋଟିଏ ବର୍ଷ ପରେ ୨୧ ଅକ୍ଟୋବର, ୧୯୫୧ରେ ଭାରତୀୟ ଜନସଂଘ ପ୍ରତିଷ୍ଠା ହୋଇଥିଲା। ମୁଖାର୍ଜୀଙ୍କୁ ଏହାର ଅଧ୍ୟକ୍ଷ କରାଯାଇଥିଲା ଏବଂ ଗୋଲୱାଲ୍‌କର ସର୍ବଦା ପୃଷ୍ଠଭୂମିରେ ରହି କାର୍ଯ୍ୟ କରିଥିଲେ। ଉତ୍ତରପ୍ରଦେଶର ଦୀନଦୟାଲ ଉପାଧ୍ୟାୟଙ୍କ ସମେତ ପ୍ରଚାରକମାନଙ୍କୁ ନିଯୁକ୍ତ କରି ପାର୍ଟି ପାଇଁ ସାରା ଦେଶରେ ଏକ ଜାତୀୟ ଢାଞ୍ଚା ପ୍ରସ୍ତୁତ କରିଥିଲେ। ପ୍ରାଥମିକତା ଭିତ୍ତିରେ ଏବେ ଭାରତ ସରକାରଙ୍କ କେନ୍ଦ୍ର କ୍ୟାବିନେଟର ୬ଜଣ ବରିଷ୍ଠ ମନ୍ତ୍ରୀ ହେଉଛନ୍ତି ସ୍ୱୟଂସେବକ। ବାଜପେୟୀଙ୍କ ସରକାର ଭଳି ବହୁମତ ପାଇ ନ ଥିବା ଏବକାର ଭାଜପା ସରକାର ଅସ୍ଥିର ସ୍ଥିତିରେ ଥିବା ଜଣାପଡୁଛି। ମନେହେଉଛି, ଏହି ସମୟରେ ଆର୍‌ଏସ୍‌ଏସ୍ ନିଜର ମତାମତକୁ ସମର୍ଥନ କରି ସରକାରକୁ ଦୃଢ଼ କରିପାରିବ, କରିବ ମଧ୍ୟ। ଭାଜପାର ଉତ୍ସ ବା ଆଧାର ହେଉଛି ଆର୍‌ଏସ୍‌ଏସ୍ ଓ ଏହା ଦଳକୁ ଆଗକୁ ବଢ଼ାଇପାରିବ, ଯାହା ପାଖରେ ଭାଜପା ସବୁବେଳେ ରହିବା ଦରକାର।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 1 | 4 | | 8 | | | 7 |
| 3 | | 7 | | | | | | |
| | | 4 | | | | | | 5 |
| | | | | | | | 5 | |
| | 4 | | | | 6 | 1 | | |
| | 7 | | 5 | 2 | 4 | | | 6 |
| | 8 | | | 4 | | | 1 | 3 |
| | 5 | | 6 | | | | | 2 |
| 9 | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 8 | 5 | 3 | 4 | 2 | 7 |
| 8 | 4 | 3 | 6 | 7 | 2 | 9 | 1 | 5 |
| 5 | 2 | 7 | 9 | 4 | 1 | 8 | 3 | 6 |
| 9 | 1 | 8 | 3 | 2 | 6 | 7 | 5 | 4 |
| 6 | 5 | 4 | 1 | 8 | 7 | 3 | 9 | 2 |
| 7 | 3 | 2 | 5 | 9 | 4 | 1 | 6 | 8 |
| 2 | 8 | 5 | 7 | 1 | 9 | 6 | 4 | 3 |
| 3 | 7 | 1 | 4 | 6 | 5 | 2 | 8 | 9 |
| 4 | 6 | 9 | 2 | 3 | 8 | 5 | 7 | 1 |

ଗତକାଲିର ଉତ୍ତର

# ଦୁର୍ନୀତିର ଚେର



ବୈକୁଣ୍ଠନାଥ ମିଶ୍ର

ପ୍ରାକ୍ ସ୍ୱାଧୀନତା କାଳରେ ବିଦେଶୀ ଶାସକଙ୍କ ଉତ୍ପୀଡ଼ନରେ ଦେଶବାସୀ ଅକଥନୀୟ ଦୁରବସ୍ଥା ଭୋଗୁଥିଲେ । ଆଶାଥିଲା ବିଦେଶୀ ଶାସନର ଅବସାନ ପରେ ସ୍ୱଦେଶୀ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ସେମାନେ ଏକ ନୂତନ ସୂର୍ଯ୍ୟର ଆଭାରେ ଆଲୋକିତ ହେବେ। କିନ୍ତୁ କ୍ଷୋଭ ଓ ପରିତାପର କଥା ଯେ ସମାଜ ଆଜି ଘୋର ବିଶୃଙ୍ଖଳିତ। ନୀତି ନୈତିକତା ସ୍ଥାନରେ ଚାଲିଛି ଅନୀତି, ଦୁର୍ନୀତି ଓ ଭ୍ରଷ୍ଟାଚାର ରାଜୁତି। ଦୁର୍ନୀତି ଚରମ ସୀମାକୁ ସ୍ପର୍ଶ କରିଛି। ଆମ ରାଜ୍ୟ କଥା ଚିନ୍ତାକଲେ ଜଣାଯାଏ ଯେ ଏପରି କୌଣସି କାର୍ଯ୍ୟାଳୟ ନାହିଁ ଯେଉଁଠି ସ୍ୱଚ୍ଛତା ଓ ନିରପେକ୍ଷତାର ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରାଯାଉଛି। ଉପୁରି, ଲାଞ୍ଚ, ଟିପ୍‌ସ, ପିସି ଓ ଫ୍ରିବି ଇତ୍ୟାଦି କେତେ ନାଁରେ ଲୋକଙ୍କୁ ଶୋଷଣ କରାଯାଉଛି। ସର୍ବୋଚ୍ଚ ଅଧିକାରୀଙ୍କଠାରୁ ସର୍ବନିମ୍ନ ପିଅନ ପର୍ଯ୍ୟନ୍ତ ସମସ୍ତଙ୍କର ନିଜ ବେତନ ବ୍ୟତିରେକେ ଅନ୍ୟାୟ ଉପାର୍ଜନର ଲିପ୍ସା।

ଆମ ଦେଶର ଦୁର୍ନୀତି ଓ ଭ୍ରଷ୍ଟାଚାରର ସ୍ଥିତି ଅତ୍ୟନ୍ତ ଲଜ୍ଜାଜନକ। ଟ୍ରାନ୍ସପରେନ୍ସି ଇଣ୍ଟର ନ୍ୟାଶନାଲ ଦ୍ୱାରା ୨୦୨୩ରେ ୧୮୦ଟି ଦେଶକୁ ନେଇ ପ୍ରସ୍ତୁତ ଦୁର୍ନୀତି ତାଲିକାରେ ଭାରତର ସ୍ଥାନ ୯୨ ଦର୍ଶାଯାଇଛି। ଉଦ୍‌ବେଗର କଥା, ଏସିଆ ମହାଦେଶର ଦୁର୍ନୀତିଗ୍ରସ୍ତ ଦେଶଙ୍କ ତାଲିକାରେ ଶୀର୍ଷରେ ରହିଛି ଭାରତ। ଏହି କ୍ରମରେ ଓଡ଼ିଶାର ସ୍ଥିତି ସର୍ବଭାରତୀୟ ସ୍ତରରେ ନୈରାଶ୍ୟଜନକ। ବିଶେଷଭାବେ ଓଡ଼ିଶାରେ ରାଜସ୍ୱ, ଅବକାରୀ, ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗର ଦୁର୍ନୀତି ସବୁ ସୀମା ଅତିକ୍ରମ କରିଛି। ଅନ୍ୟ ବିଭାଗରେ ଯେ ଦୁର୍ନୀତି ନାହିଁ ସେକଥା ନୁହେଁ, ମାତ୍ର ଏହା ଏକ ଆପେକ୍ଷିକ ଆକଳନ। ଶିକ୍ଷାବିଭାଗ ଯାହା ଦିନେ ଥିଲା ସ୍ୱଚ୍ଛ ଓ ନିର୍ମଳ, ତାହା ମଧ୍ୟ ଆଜି ଦୁର୍ନୀତି କଳଙ୍କରେ କାଳିମାମୟ। ପ୍ରବୀଣ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ସମୟର ଏକ ହାସ୍ୟକର କଥା। ଜଣେ ବ୍ୟକ୍ତି କଥା ଛଳରେ ସୁରେନ୍ଦ୍ରଙ୍କୁ କହିଲେ, ଆଜ୍ଞା ଦୁର୍ନୀତି କ'ଣ ମୁଁ ଜାଣେ ନାହିଁ। ସୁରେନ୍ଦ୍ର ତତ୍‌କ୍ଷଣାତ୍ ପଚାରିଲେ ଆପଣ କ'ଣ କରନ୍ତି? ବ୍ୟକ୍ତି ଜଣକ ଉତ୍ତର ଦେଲେ ଆଜ୍ଞା ମୁଁ ଜଣେ ଅଧ୍ୟାପକ। ସୁରେନ୍ଦ୍ର ହାସ୍ୟାତ୍ମକ ଭାବେ କହିଲେ 'ବଳଦ ଜାଣେ କି ସମ୍ଭୋଗ ସୁଖ'। ଏଥିରୁ ଜଣାଯାଏ ଶିକ୍ଷାବିଭାଗ ଦିନେ ଥିଲା ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ।

ଏଇ କେତେବର୍ଷ ହେଲା ଦେଖାଯାଉଛି ଯେ ମାଳମାଳ ଦୁର୍ନୀତିଗ୍ରସ୍ତ ଅଧିକାରୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି, ଯେଉଁମାନଙ୍କ ଭିତରେ ଅଛନ୍ତି ଇଞ୍ଜିନିୟର, ବିଡିଓ ଓ ଅନ୍ୟ ଅଧିକାରୀ ସମୂହ। ସେମାନେ ଜଣେ ଜଣେ ଆଧୁନିକ କୁବେର। ଟିଭି ପରଦାରେ ସେମାନଙ୍କଠାରୁ ଜବତ ହୋଇଥିବା ଧନରତ୍ନକୁ ଦେଖିଲେ ମନେହୁଏ ସେମାନେ ଗୋଟିଏ ଗୋଟିଏ କ୍ଷୁଦ୍ର ରତ୍ନଭଣ୍ଡାରର ମାଲିକ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ଛୋଟବଡ ହୋଇ ପ୍ରାୟ ୫୮ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଭିଜିଲାନ୍ସ ଜାଲରେ ଧରା ପଡିଲେଣି, ଯେଉଁମାନଙ୍କର ସମ୍ପତ୍ତି ତାଲିକା ସାଧାରଣ ଅନୁମାନଠାରୁ ଊର୍ଦ୍ଧ୍ୱରେ। କାହାର ୪୨ପ୍ଲଟ ତ କାହାର ୫୨, କାହାର ୮୦ ତ କାହାର ୯୦। ଏତଦ୍ ବ୍ୟତୀତ ଗଣ୍ଡାଗଣ୍ଡା ଫ୍ଲାଟ୍, କେଜି କେଜି ସୁନା, ମୋଟା ଅଙ୍କର ଗଚ୍ଛିତ ଜମାରାଶି ଓ ନାମୀଦାମୀ ମୋଟରଗାଡ଼ି। କେଉଁ ଅଧିକାରୀଙ୍କ ନିଜ ବୈଧ ରୋଜଗାରର ୨୦୦ ଗୁଣରୁ ଅଧିକ ସମ୍ପତ୍ତି ତ ଆଉ କାହାର ୩୦୦ଗୁଣରୁ ଅଧିକ। ବିଗତ ପାଞ୍ଚ/ସାତ ବର୍ଷ ଭିତରେ ଦୁର୍ନୀତି ସୀମା ଲଙ୍ଘନ କରିଛି। କେବଳ ୨୦୨୨ରେ ସମଗ୍ର ଭାରତରେ ୨୦୩୬ ଦୁର୍ନୀତି ମାମଲାରେ ମାତ୍ର ୭୨୨ ଅଭିଯୁକ୍ତଙ୍କୁ ଦଣ୍ଡ ମିଳିଛି। ସେହିପରି ଉକ୍ତ ସମୟ ସୀମା ମଧ୍ୟରେ ଓଡ଼ିଶାରେ ୨୪୬ଟି କେସ୍‌ର ବିଚାର ହୋଇ ମାତ୍ର ୧୦୭ ଅଭିଯୁକ୍ତ ଦଣ୍ଡିତ ହୋଇଛନ୍ତି। ଜାତୀୟ ସ୍ତରରେ ଦଣ୍ଡବିଧାନ ହାର ଶତକଡା ୩୯.୬ ହୋଇଥିବା ବେଳେ ଓଡ଼ିଶାରେ ଏହି ହାର ୩୬.୪ ପ୍ରତିଶତ। ଦୁର୍ନୀତି ବଢ଼ିବାର ମୂଳକାରଣ ହେଲା ଦୁର୍ବଳ ଆଇନ ଓ ତନ୍ମଧ୍ୟରେ ଥିବା ଗଳାବାଟ। ଲାଞ୍ଚ ଗ୍ରହୀତା ଲାଞ୍ଚକୁ ଆଉ ଅପରାଧ ମନେ ନ କରି ଏହାକୁ ପୌରୁଷ ବୋଲି ମନେକରୁଛନ୍ତି।

ଏହି ଲାଞ୍ଚଖୋର ବାବୁମାନଙ୍କୁ ମିଳୁଛି ସରକାରୀ ଆଶୀର୍ବାଦ। ଜଣେ ଅବସରପ୍ରାପ୍ତ ଅଧିକାରୀ କହନ୍ତି, ଯେଉଁ ଦୁର୍ନୀତିଖୋର ବାବୁମାନେ ଧରା ହେଉଛନ୍ତି ସେମାନେ ତାଙ୍କ ଚାକିରି କାଳ ମଧ୍ୟରେ କେତେ ମନ୍ତ୍ରୀ ଓ ବିଧାୟକଙ୍କୁ ପିସି ଦେଇ ଆସିଛନ୍ତି। ବର୍ତ୍ତମାନ ଅବସର ସମୟ ପାଖେଇ ଆସିବାରୁ ଆଉ ସେମାନଙ୍କଠାରୁ ପିସି ମିଳିବାର ସମ୍ଭାବନା ନାହିଁ। ତାଙ୍କୁ ଭିଜିଲାନ୍ସ ହାତରେ ଧରାଇଦେଲେ ଦୁଇଟି ଲାଭ। ଗୋଟିଏ ହେଲା ସରକାରଙ୍କର ଶୂନ୍ୟ ସହନଶୀଳତାକୁ ପ୍ରତିପାଦିତ କରିବା ଓ ଦ୍ୱିତୀୟଟି ହେଲା ଭବିଷ୍ୟତରେ ତାଙ୍କଠାରୁ କୌଣସି ବିପଦର ଆଶଙ୍କା ନ ରହିବା। ସେ ଅଧିକାରୀଙ୍କ କଥାରେ ସତ୍ୟତା ଥିବାପରି ମନେହୁଏ। କାରଣ ଉପରିସ୍ଥ ହାକିମଙ୍କର ଅନୁକମ୍ପା ବିନା ଜଣେ ଏତେମାତ୍ରାରେ



କଳାଧନ ଠୁଳ କରିବା ସମ୍ଭବ ନୁହେଁ। ଅନ୍ୟଏକ ଘଟଣାକ୍ରମରେ ଇଞ୍ଜିନିୟରମାନଙ୍କର ଲାଞ୍ଚଖୋର ଉତ୍ପୀଡନରେ ଅତିଷ୍ଠ ହୋଇ ଠିକାଦାର ଏପରିକି ସାଧାରଣ ବ୍ୟକ୍ତିଟିଏ ଭିଜିଲାନ୍ସରେ ଧରାଇଦିଏ। ତା'ପରେ ଆଳୁ ଖୋଳୁ ଖୋଳୁ ମହାଦେବଙ୍କ ଆବିର୍ଭାବ ଘଟିଲା ପରି ବାବୁଙ୍କର ଗଚ୍ଛିତ ଧନଭଣ୍ଡାର ଲୋକଲୋଚନକୁ ଆସେ। ବର୍ତ୍ତମାନ ଏପରି ଏକ ସମୟ ଆସିଛି ପିଅନକୁ କିଛି ହାତଗୁଞ୍ଜା ନ ଦେଲେ ଅଫିସ ପ୍ରକୋଷ୍ଠକୁ ପ୍ରବେଶ ଅନୁମତି ଦୁଷ୍ପ୍ରାପ୍ୟ।

ଲାଞ୍ଚଗ୍ରହଣ କରିବାର ମାଧ୍ୟମ ଭିନ୍ନ ଭିନ୍ନ ପ୍ରକାରର। ଆଜକୁ ପ୍ରାୟ ୩୦ ବର୍ଷ ତଳେ ଏ ଲେଖକ ନିଜର ଏକ ବକେୟା କାମ ପାଇଁ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ ପ୍ରୟାସରେ ପିଅନର ସାହାଯ୍ୟ ଲୋଡ଼ିଲା। ପିଅନ କହିଲା ଆପଣ ଜାଣନ୍ତି ଆମ ସାର୍ ଅତିକଡ଼ା। ସେ କାହାଠାରୁ କିଛି ନିଅନ୍ତି ନାହିଁ। ଆପଣ ଯଦି ସାକ୍ଷାତ ଚାହାନ୍ତି ତେବେ ସାର୍‌ଙ୍କ ବାସଭବନ ସନ୍ନିକଟ ଛକରେ ଥିବା ମିଠା ଦୋକାନରୁ ମାତ୍ର ଏକ କିଲୋ ମିଠା ନେଇ ଯିବେ। ମୁଁ ତାହା ହିଁ କଲି। କଟକର ସେ ନିର୍ଦ୍ଦିଷ୍ଟ ଦୋକାନୀଠାରୁ ମିଠା ନେଇ ପଇସା ଦେଲାବେଳକୁ ଦୋକାନୀ କହିଲେ ଆପଣ ଯାଆନ୍ତୁ। ଆଗେ କାମ ହୋଇଯାଉ। ଫେରିଲେ ପଇସା ଦେବେ। ସେତେବେଳେ ମିଠା କେଜି ପ୍ରତି ଦରଥିଲା ମାତ୍ର ପଚାଶଟଙ୍କା। ମୁଁ ଭାବିଲି ଦୋକାନୀ ମୋତେ କେମିତି ବିଶ୍ୱାସ କରିବ। ପରେ ଜାଣିଲି ସାର୍‌ଙ୍କ ସହ ମିଠା ଦୋକାନୀର ନିବିଡ଼ ସମ୍ପର୍କ। ମୁଁ ଫେରିଆସି ଦୋକାନୀଙ୍କୁ ଯେତେବେଳେ ପଇସା ଯାଚିଲି ସେତେବେଳେ ସେ ମୋ'ଠାରୁ ପାଞ୍ଚଶହ ଟଙ୍କା ଦାବିକଲେ। ମୁଁ ହତଭମ୍ବ ହୋଇ ମୋ' ପାଖରେ ଥିବା ପାଞ୍ଚଶହ ଟଙ୍କା ଦାଖଲ କଲି। ଦୋକାନୀ କହିଲେ ସାର୍‌ଙ୍କ ସ୍ପେଶାଲ ମିଠା। କେବଳ ସେହି ମିଠା ହିଁ ସାର୍ ଓ ତାଙ୍କ ପରିବାର ଖାଆନ୍ତି। ପ୍ରତି ରବିବାର ଓ ଛୁଟିଦିନ ସାର୍‌ଙ୍କ ସାକ୍ଷାତ ନିମନ୍ତେ ଶତାଧିକ ଲୋକ ଆସନ୍ତି। ସାର୍ ଏତେ ମିଠା କରନ୍ତି କ'ଣ? ପରେ ଜାଣିଲି ଲୋକଟି ମିଠାଦେଇ ଆସିବା ପରେ ଦୋକାନୀର ପିଲାଯାଇ ସେ ମିଠାକୁ ନେଇଯାଏ। ସେହି ଏକ କେଜି ମିଠା ଦୋକାନୀ ସମସ୍ତଙ୍କୁ ଦିଏ। ସନ୍ଧ୍ୟା ପରେ ଦୋକାନୀ ନିଜେ ଯାଇ ସାର୍‌ଙ୍କ ସମସ୍ତ ଟଙ୍କା ଦେଇଆସେ। ଜଣେ ଜଣେ ଯାଉଥିବାରୁ କେହି କାହା କଥା ଜାଣନ୍ତି ନାହିଁ। ସାମାନ୍ୟ ମିଠା କେଜିଏ ଭାବି କେହି ପ୍ରତିବାଦ କରନ୍ତି ନାହିଁ। ପ୍ରତି ରବିବାର ଓ ଛୁଟିଦିନ ସାର୍‌ଙ୍କର ରୋଜଗାର ପଚାଶହଜାର ଟଙ୍କାରୁ ଅଧିକ। ସେତେବେଳେ ସାର୍‌ଙ୍କର ମାସିକ ଆୟ ବେତନ ବ୍ୟତୀତ ପ୍ରାୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ, ଯେଉଁଥିରୁ କାହାରିକୁ କିଛି ଭାଗ ଦେବାକୁ ପଡୁ ନ ଥିଲା। ଚୋରଘର ସବିଦିନ ଅନ୍ଧାର ନ ଥାଏ। ଏକଥା ଉପରିସ୍ଥ ହାକିମଙ୍କ କାନକୁ ଗଲା ଓ ଉପଯୁକ୍ତ ପ୍ରମାଣ ସହ ସାର୍‌ଙ୍କୁ ଧରାଯାଇ ନିଲମ୍ବନ କରାଗଲା। ପରିତାପର ବିଷୟ ଏହି ଯେ ଦୁର୍ନୀତି ଏକ ମହାଦ୍ରୁମରେ ପରିଣତ ହୋଇସାରିଛି ଓ ଚେର ଏତେ ଗଭୀରକୁ ଯାଇଛି ଯେ ତା'ର ମୂଳୋତ୍ପାଟନ ବୋଧହୁଏ ଆଉ ସମ୍ଭବ ନୁହେଁ। ଏଥକୁ କେବଳ ଈଶ୍ୱର ହିଁ ଭରସା।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ପ୍ରତିରକ୍ଷା ବିଶେଷଜ୍ଞଙ୍କରୁ ପ୍ରଧାନମନ୍ତ୍ରୀ

ବିବାହ ପରେ ମହିଳାମାନେ ସ୍ୱାମୀଙ୍କ ସାଙ୍ଗିଆରେ ପ୍ରାୟତଃ ପରିଚିତ ହେଉଥିବା ଦେଖିବାକୁ ମିଳେ। ଭାରତରେ ମଧ୍ୟ ସମାନ ସ୍ଥିତି। କିନ୍ତୁ ଏଠାରେ ସେଥିପାଇଁ କିଛି ଆଇନ ନାହିଁ। ହେଲେ ଜାପାନରେ ଯୁବତୀ ବିବାହ କରିବା ପରେ ସେ ସାଙ୍ଗିଆ ହରାଇବା ଥୟ। ସେଥିପାଇଁ ସେଠାରେ ଆଇନ ରହିଥିବାରୁ ଅନେକ ମହିଳା ଏହାକୁ ବିରୋଧ କରିଥାଆନ୍ତି, କାରଣ ବ୍ୟକ୍ତିଗତ ପରିଚୟ ବଜାୟ ରଖିବାରୁ ସେମାନେ ବଞ୍ଚିତ ହୋଇଥାଆନ୍ତି। ଏବେ ଶିଗେରୁ ଇଶିବା ଦେଶର ଭାବୀ ପ୍ରଧାନମନ୍ତ୍ରୀ ହୋଇଥିବାରୁ ମହିଳାମାନେ ଆନନ୍ଦ ବ୍ୟକ୍ତ କରିଛନ୍ତି। ଅକ୍ଟୋବର ପହିଲାରେ ସେ ଦାୟିତ୍ୱ ଗ୍ରହଣ କରିବା ପରେ ଏ ସଂକ୍ରାନ୍ତରେ ଥିବା ପୁରୁଣା ଆଇନରେ ପରିବର୍ତ୍ତନ ଆଣିବେ ବୋଲି ଆଲୋଚନା ହେଉଛି। ସମଲିଙ୍ଗୀ ବିବାହ ସପକ୍ଷବାଦୀ ଏବଂ ଏଲ୍‌ଜିବିଟିଙ୍କ ସୁରକ୍ଷାକାରୀ ଭାବେ ଇଶିବାଙ୍କ ଏକ ସୁନ୍ଦର ସାମାଜିକ ଭାବମୂର୍ତ୍ତି ରହିଛି। ସମ୍ଭବତଃ ଏହିସବୁ ପ୍ରସଙ୍ଗ ତାଙ୍କୁ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଆଗରେ ରଖି ନିର୍ବାଚନରେ ବିଜୟୀ ହେବାର ପଥ ସୁଗମ କରିପାରିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି। ଜାପାନର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଇଶିବା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଫୁମିଓ କିଶିଡାଙ୍କ ଉତ୍ତରାଧିକାରୀ ହେବାକୁ ଯାଉଛନ୍ତି। ଅଗଷ୍ଟରେ କିଶିଡାଙ୍କ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି(ଏଲ୍‌ଡିପି)ର ରେଟିଂ ବହୁମାତ୍ରାରେ କମିବା ପରେ ସେ ପଦରୁ ଇସ୍ତଫା ଦେବା ନେଇ ଘୋଷଣା କରିଥିଲେ। ଫଳରେ କିଶିଡାଙ୍କ ଉତ୍ତରାଧିକାରୀ ବାଛିବା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୯ ଜଣ ପ୍ରାର୍ଥୀ ଥିଲେ। କଠୋର ଜାତୀୟତାବାଦୀ ନେତ୍ରୀ ସାନା ତାକାଇଚିଙ୍କ ନାମ ଏହି ପଦବୀ ପାଇଁ ବେଶି ଶୁଣାଯାଉଥିବା ବେଳେ ଅପ୍ରତ୍ୟାଶିତ ଭାବେ ଇଶିବା ବିଜୟୀ ହୋଇଛନ୍ତି। ଚାଇନା, ରୁଷିଆ ଓ ଉତ୍ତର କୋରିଆ କାର୍ଯ୍ୟକଳାପର ବିରୋଧୀ ଭାବେ ଇଶିବା ଜଣାଶୁଣା ଥିବାରୁ ଏବେ ତାଙ୍କ ନୂତନ ଦାୟିତ୍ୱ ଗ୍ରହଣ ଉପରେ ବିଶ୍ୱର ନଜର ରହିବା ସ୍ୱାଭାବିକ।

ବ୍ୟକ୍ତିତ୍ୱ



ଶିଗେରୁ ଇଶିବା

ଜାପାନ ରାଜଧାନୀ ଟୋକିଓ ନିକଟ ଚିଓଡା ୱାର୍ଡ୍‌ରେ ୪ ଫେବୃଆରୀ ୧୯୫୭ରେ ଇଶିବାଙ୍କ ଜନ୍ମ। ତାଙ୍କ ପିତା ଜିରୋ ଇଶିବା ଭାଇସ୍ ମିନିଷ୍ଟର ଅଫ୍ କନ୍‌ଷ୍ଟ୍ରକ୍‌ଶନ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମାତା ଶିକ୍ଷକତା କରୁଥିଲେ ଓ ସେ ଖ୍ରୀଷ୍ଟିଆନ୍ ମିନିଷ୍ଟର ମିଚିତୋମୋ କାନାମାରିଙ୍କ ନାତୁଣୀ। ଜିରୋ ୧୯୫୮ରେ ଟୋଟୋରି ପ୍ରିଫେକ୍ଚରର ଗଭର୍ନର ଭାବେ ନିର୍ବାଚିତ ହୋଇଥିବାରୁ ଇଶିବାଙ୍କ ପିଲାବେଳ ସେଠାରେ କଟିଥିଲା। ଟୋଟୋରି ୟୁନିଭର୍ସିଟି ଜୁନିୟର ହାଇସ୍କୁଲରୁ ସେ ଡିଗ୍ରୀ ହାସଲ କରିବା ପରେ କେଇଓ ସିନିୟର ହାଇସ୍କୁଲରେ ପଢ଼ିଥିଲେ। ଏହାପରେ ଟୋକିଓର କେଇଓ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୭୯ରେ ଇଶିବା ମିତ୍‌ସୁଇ ବ୍ୟାଙ୍କରେ ନିଯୁକ୍ତି ପାଇ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୮୧ରେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା। ପିତାଙ୍କ ବନ୍ଧୁ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ କାକୁଇ ତାନାକା ଅନ୍ତ୍ୟେଷ୍ଟିରେ ଯୋଗ ଦେବାକୁ ଆସିଥିବା ବେଳେ ପିତାଙ୍କ ଲିଗାସିକୁ ଆଗେଇ ନେବା ପାଇଁ ଇଶିବାଙ୍କୁ ରାଜନୀତିରେ ପ୍ରବେଶ କରିବା ସକାଶେ ଉତ୍ସାହିତ କରିଥିଲେ। ଏହା ପରେ ସେ ବ୍ୟାଙ୍କ ଚାକିରି ଛାଡ଼ି ପ୍ରତ୍ୟକ୍ଷ ରାଜନୀତିରେ ନିଜକୁ ସାମିଲ କରିଥିଲେ। ଭାଗ୍ୟଦେବୀ ସହାୟ ହେବାରୁ ସେ ୨୯ ବର୍ଷ ବୟସରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌କୁ ନିର୍ବାଚିତ ହୋଇଥିଲେ। ଏଥିସହିତ ନ୍ୟାଶନାଲ ଡାଏଟ୍ (ଜାପାନ ପାର୍ଲାମେଣ୍ଟ)ର ସର୍ବକନିଷ୍ଠ ସଦସ୍ୟ ହେବାର ଗୌରବ ମଧ୍ୟ ଅର୍ଜନ କରିଥିଲେ। ସେତେବେଳେ ସେ କୃଷି ନୀତିର ଜଣେ ବିଶେଷଜ୍ଞ ଭାବେ ପରିଚିତି ହାସଲ କରିଥିଲେ। ଫଳରେ ମିୟାଜୱା କ୍ୟାବିନେଟରେ ତାଙ୍କୁ କୃଷି ମନ୍ତ୍ରଣାଳୟର ପାର୍ଲାମେଣ୍ଟାରୀ ଭାଇସ୍ ମିନିଷ୍ଟର ପଦବୀ ମିଳିଥିଲା। ହେଲେ ଦଳର କେତେଜଣ ନେତାଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଇଶିବା ୧୯୯୩ରେ ଏଲ୍‌ଡିପି ଛାଡ଼ି ଜାପାନ ରିନିୱାଲ୍ ପାର୍ଟିରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଜାପାନ ରିନିୱାଲ୍ ପାର୍ଟି ଅନ୍ୟ ରାଜନୈତିକ ଦଳ ସହ ମିଶି ନ୍ୟୁ ଫ୍ରଣ୍ଟିଅର ପାର୍ଟି ଭାବେ ଉଭା ହେବା ପରେ ସେ ତାହାର ଏକ ଅଂଶ ପାଲଟିଥିଲେ। ସେଥିରେ ମଧ୍ୟ ଇଶିବା ବେଶି ଦିନ ରହି ପାରିଲେ ନାହିଁ। ୧୯୯୬ରେ ପୁନଶ୍ଚ ଏଲ୍‌ଡିପିକୁ ଫେରି ଆସିଥିଲେ। ଜୁଲାଇ ୨୦୦୦ରେ ସେ ମୋରି କ୍ୟାବିନେଟରେ କୃଷି ମନ୍ତ୍ରଣାଳୟର ପାର୍ଲାମେଣ୍ଟାରୀ ଭାଇସ୍ ମିନିଷ୍ଟର ହେଲେ। ଚାଇନା, ଉତ୍ତର କୋରିଆ ଭଳି ରାଷ୍ଟ୍ରର ଗତିବିଧି ଦେଖି ୨୦୦୨ରେ ସେ କୃଷି ଅପେକ୍ଷା ପ୍ରତିରକ୍ଷାକୁ ଅଧିକ ଧ୍ୟାନ ଦେଇ ତାହା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ଫଳରେ ୨୦୦୨ରେ ତାଙ୍କୁ ଡିଫେନ୍ସ ସଂସ୍ଥାର ମହାନିର୍ଦ୍ଦେଶକ କରାଯାଇଥିଲା। ସେହି କ୍ଷେତ୍ରରେ ତାଙ୍କ ଭୂମିକା ଉଲ୍ଲେଖନୀୟ ରହିବାରୁ ତାଙ୍କୁ ୨୦୦୭ରେ ଦେଶର ପ୍ରତିରକ୍ଷା ମନ୍ତ୍ରୀ କରାଯାଇଥିଲା। ଏହା ପରଠାରୁ ତାଙ୍କ ରାଜନୈତିକ ଗ୍ରାଫ୍ ଊର୍ଦ୍ଧ୍ୱଗାମୀ ହୋଇଥିଲା। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବା ବେଳେ ରୋକ୍‌ଠୋକ୍ କଥା କହୁଥିବାରୁ ସେ ଅନେକ ସମୟରେ ନ୍ୟାଶନାଲ ଡାଏଟ୍‌ରେ ଥିବା ସଦସ୍ୟଙ୍କ ବିରୋଧୀ ପାଲଟିଥିଲେ। ଅନେକେ ତାଙ୍କୁ ବିଫଳ ରାଜନେତା ଆଖ୍ୟା ମଧ୍ୟ ଦେଇଥିଲେ। ହେଲେ ସେ ସାମାଜିକ ପ୍ରସଙ୍ଗକୁ ମୁଖ୍ୟ ଡାକ କରିଦେବାରୁ ତାଙ୍କ ଲୋକପ୍ରିୟତା ସର୍ବୋଚ୍ଚ ଶିଖର ଛୁଇଁଥିବା ବେଳେ ସେ ଏବେ ଦେଶର ଚର୍ଚ୍ଚିତ ରାଜନେତା ପାଲଟି ଯାଇଛନ୍ତି।

ଇଶିବାଙ୍କ ବ୍ୟକ୍ତିଗତ ଜୀବନ କହିଲେ କେଇଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ସେ ୟୋଶିକୋଙ୍କୁ ଭେଟିଥିଲେ ଓ ୧୯୮୩ରେ ତାଙ୍କୁ ଜୀବନସାଥୀ କରିଥିଲେ। ଉଭୟଙ୍କ ଦୁଇ ଝିଅ ଅଛନ୍ତି। ଇଶିବା ଖ୍ରୀଷ୍ଟିଆନ। ହେଲେ ସେ ପୂର୍ବପୁରୁଷ ବିଶ୍ୱାସ କରୁଥିବା ବୌଦ୍ଧ ପୀଠ ପରିଦର୍ଶନ କରି ସେଠାରେ ପ୍ରାର୍ଥନା କରିଥାଆନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବାଉଁଶରେ ନିର୍ମିତ ବିଭିନ୍ନ ଉପକରଣ ଦେଖିଛନ୍ତି ଓ ବ୍ୟବହାର ମଧ୍ୟ କରୁଛନ୍ତି। କିନ୍ତୁ ବାଉଁଶରେ ସାଇକେଲ ତିଆରି ହେବା ଓ ରାସ୍ତାରେ ଚାଲିବା ନିଶ୍ଚିତ ଭାବେ ଏକ ଅଜବ ଘଟଣା। ବିହାର ସମସ୍ତିପୁର ବାସିନ୍ଦା ଅମରେଶ କୁଶୱା ଏଭଳି ସାଇକେଲ ନିର୍ମାଣ କରିଛନ୍ତି। ସେ ବିଭିନ୍ନ କମ୍ପାନୀ ଦ୍ୱାରା ବଜାରକୁ ଆସୁଥିବା ଲୁହାସାଇକେଲର ମଡେଲକୁ ଦେଖି ବାଉଁଶରେ ସେଭଳି ସାଇକେଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ନିଜସ୍ୱ ଉଦ୍ୟମ ଓ ଜ୍ଞାନକୌଶଳ ଉପଯୋଗ କରି ମାତ୍ର ୨୫ ଦିନରେ ବାଉଁଶରେ ସାଇକେଲ ନିର୍ମାଣ ଶେଷ କରିଛନ୍ତି। ଏହି ସାଇକେଲର ମୂଲ୍ୟ ୫୦୦ ଟଙ୍କା। ଏହାକୁ ସେ ୧୫ ଅଗଷ୍ଟରେ ଲଞ୍ଚ୍ କରିଥିଲେ। ଏହି ସାଇକେଲର ଟାୟାର ରବର ହୋଇଥିବାବେଳେ ଆଉ ସବୁ ପାର୍ଟସ୍ ବାଉଁଶରେ ନିର୍ମିତ। ନାମୀଦାମୀ କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ ସାଇକେଲ ମୂଲ୍ୟ ପାଖାପାଖି ୧୦,୦୦୦ ଟଙ୍କା ହୋଇଥିବାରୁ ଗରିବ ଲୋକେ ବାଉଁଶ ସାଇକେଲ ସହଜରେ କଣିପାରିବେ ବୋଲି କୁହନ୍ତି ଅମରେଶ। ଏବେ ଏହି ସାଇକେଲ ଦେଖିବାକୁ ବିହାରର ବିଭିନ୍ନ ଅଞ୍ଚଳରୁ ଲୋକମାନେ ତାଙ୍କ ଘରକୁ ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୭୫

- ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାରତୀୟ ରେଡ୍‌କ୍ରସକୁ ବନ୍ୟାବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।
- ହସ୍ତଶିଳ୍ପ ରପ୍ତାନି କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ୨୦ ଜଣ ହସ୍ତଶିଳ୍ପ ରପ୍ତାନିକାରୀ ଜାତୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## ଚିରନ୍ତନୀ

ତଥାପି ତୋର ଏ ଲଳିତ ମୂରତି ଆଜି
କଠିନ ବକ୍ଷେ ଉଠଇ ନିମେଷେ ବାଜି
ହତାଶ ପ୍ରୀତିର ହୁତାଶ ଜଳଇ ପୁଣି
ଚଞ୍ଚଳ କରି ମୋର ଅବୟବରାଜି।
(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କୁ ନିରାଶ କରିବା ଠିକ୍ ନୁହେଁ

ମହାଶୟ,

ସାମ୍ବାଦିକଙ୍କ ସମସ୍ତ ସମସ୍ୟାକୁ ପୂର୍ବ ସରକାର ଖୁବ୍‌ଶୀଘ୍ର ସମାଧାନ କରିବେ ବୋଲି କହିଥିଲେ ; ମାତ୍ର ତାହା କଲେନାହିଁ। ସରକାର ବଦଳିବା ପରେ ସାମ୍ବାଦିକମାନେ ଆଶା ରଖିଥିଲେ ଯେ, ଚଳିତ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ସେମାନଙ୍କ ସମସ୍ୟା ସମାଧାନ କରିବେ। ବିଶେଷକରି ସାମ୍ବାଦିକଙ୍କୁ ପେନ୍‌ସନ ଦେବା ପାଇଁ ସରକାର ଯୋଜନା ରଖିଥିବା ବେଳେ ଏହି ଯୋଜନା ଏବେ ଯୋଜନାରେ ରହିଗଲା। ବିଧାନସଭାରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଉଭୟ ଶାସକ ଓ ବିରୋଧୀମାନେ ନିଜର ପେନ୍‌ସନ ପାଇଁ ଏକାଠି ହୋଇଯାଉଛନ୍ତି। କିନ୍ତୁ ସାମ୍ବାଦିକଙ୍କୁ ପେନସନ ଦେବାରେ ସରକାର ପଛଘୁଞ୍ଚା ଦେଉଛନ୍ତି। ମଧ୍ୟ ଏଥିପ୍ରତି ନା ଶାସକ ନା ବିରୋଧୀ କେହି ଗୁରୁତ୍ୱ ଦେଉନାହାନ୍ତି। ଏବେ ସାମ୍ବାଦିକଙ୍କୁ ସୁଧ ରିହାତି ଦେବା ପାଇଁ ସରକାର ଅଧିନିୟମ ଆଳରେ ପଛଘୁଞ୍ଚା ଦେଉଛନ୍ତି। ସାମ୍ବାଦିକମାନଙ୍କୁ ଏଭଳି ନିରାଶ କରିବା ଠିକ୍ ନୁହେଁ।

– ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସନ୍ତୁଳିତ ଖାଦ୍ୟର ଭୂମିକା

ସୁସ୍ଥ ତଥା ନୀରୋଗ ରହିବା ଲାଗି ସନ୍ତୁଳିତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ସେତିକି ନୁହେଁ, ହୃତ୍ପିଣ୍ଡର କାର୍ଯ୍ୟଧାରା ସୁରୁଖୁରୁରେ ଚାଲିବା ପାଇଁ ଏହାର ମଧ୍ୟ ଆବଶ୍ୟକତା ରହିଛି। ବିଶେଷଭାବେ ସନ୍ତୁଳିତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଶକ୍ତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। 'ସନ୍ତୁଳିତ ଖାଦ୍ୟ ଓ ହାର୍ଟ' ଶୀର୍ଷକ ବିଷୟ ଉପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କରିଥିବା ସର୍ଭେରୁ ଏକଥା ଜଣାପଡ଼ିଛି। ଏଥିସହ ପ୍ରତିଦିନ ବ୍ୟାୟାମ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।



## ସୁସ୍ଥ ରଖେ ଉନ୍ନତ ଜୀବନଶୈଳୀ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ନିଜ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର। କାରଣ ନିଜକୁ ସୁସ୍ଥ ରଖିବା ପଛରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ଯଦି ଜଣେ ବ୍ୟକ୍ତି ଉନ୍ନତ ଜୀବନଶୈଳୀ ଅନୁସରଣ କରନ୍ତି, ତେବେ ତାଙ୍କର ହୃତ୍ପିଣ୍ଡ ଠିକ୍ ଭାବରେ କାର୍ଯ୍ୟ କରିବାର ସମ୍ଭାବନା ଅଧିକ। ତେଣୁ ଏଥିପାଇଁ ନିଜକୁ ଯେତେସମ୍ଭବ ନକାରାତ୍ମକ କଥାଠାରୁ ଦୂରେଇ ରଖନ୍ତୁ। ସବୁବେଳେ ଟେନ୍‌ସନ୍‌ରେ ରହିଲେ ତା'ର ପ୍ରଭାବ ହୃତ୍ପିଣ୍ଡ ଉପରେ ପଡ଼ିଥାଏ। ଏହାଠୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଭଲ। ଖୁସିର ମାହୋଲରେ ରହିବାକୁ ଚେଷ୍ଟା କରନ୍ତୁ। ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ କାର୍ଯ୍ୟ କରନ୍ତୁ। ନ ହେଲେ ଏ ନେଇ ଚିନ୍ତାଗ୍ରସ୍ତ ହେଲେ ତାହାର ପ୍ରଭାବ ହୃତ୍ପିଣ୍ଡର କାର୍ଯ୍ୟଧାରା ଉପରେ ପଡ଼ିବାର ଆଶଙ୍କା ରହିଛି।

# ସୁସ୍ଥ ହୃତ୍ପିଣ୍ଡ, ନୀରୋଗ ଶରୀର

**ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ 'ବିଶ୍ୱ ହୃତ୍ପିଣ୍ଡ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସ ଅବସରରେ ବାର୍ତ୍ତା ରହିଛି 'ଉପଯୁକ୍ତ କାର୍ଯ୍ୟବିଧାନ ପାଇଁ ହୃତ୍ପିଣ୍ଡକୁ ବ୍ୟବହାର କରନ୍ତୁ'।**

ମଣିଷ ଶରୀରରେ ହୃତ୍ପିଣ୍ଡ ମୁଖ୍ୟତଃ ଏକ ମାଂସପେଶୀୟ ଅଙ୍ଗ। ଏହାର ଆକାର ହାତର ମୁଠା ସହ ପ୍ରାୟ ସମାନ। ଓଜନ ୨୫୦–୩୫୦ ଗ୍ରାମ୍, ଲମ୍ବ ୧୨ ସେମି, ଚଉଡ଼ା ୮ ସେମି ଓ ମୋଟେଇ ପାଖାପାଖି ୬ ସେମି। ଏହା ଆମ୍ଭମାନଙ୍କର ଛାତି ଭିତର ବାମ ଓ ଦକ୍ଷିଣ ଫୁସ୍‌ଫୁସ୍ ମଧ୍ୟରେ ଅବସ୍ଥିତ ଏବଂ ବାମ ପାର୍ଶ୍ୱରେ ତୀର୍ଯ୍ୟକ ଭାବେ ସ୍ଥାପିତ। ହୃତ୍ପିଣ୍ଡ ମାଂସପେଶୀ ଶରୀରର ଅନ୍ୟ କୌଣସି ମାଂସପେଶୀ ଅପେକ୍ଷା ଅଧିକ କାର୍ଯ୍ୟ କରିଥାଆନ୍ତି, କାରଣ ଏହା ଗର୍ଭାବସ୍ଥାର ୫–୬ ସପ୍ତାହରୁ କାମ କରିବା ଆରମ୍ଭ କରିଥାଏ। କେବଳ ସେତିକି ନୁହେଁ, ମଣିଷ ଜୀବିତ ଥିବା ସମୟ ଯାଏ ନିରବଚ୍ଛିନ୍ନ ଭାବେ ରକ୍ତ ସଞ୍ଚାଳନ ପାଇଁ ସଙ୍କୋଚନ ଓ ପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇଥାଏ।

ଶରୀରର ସମସ୍ତ ଅଶୁଦ୍ଧ ତଥା ଦୂଷିତ ରକ୍ତ ଦକ୍ଷିଣ ଅଳିନ୍ଦକୁ ଆସି ସେଠାରୁ ଦକ୍ଷିଣ ନିଳୟ ଦେଇ ଫୁସ୍‌ଫୁସ୍‌କୁ ଯାଇଥାଏ। ଫୁସ୍‌ଫୁସ୍‌ରେ ଏହି ରକ୍ତ ଅମ୍ଳଜାନ ଗ୍ରହଣ କରି ଶୁଦ୍ଧ ରକ୍ତରେ ପରିଣତ ହୋଇଥାଏ। ତା'ପରେ ବିଶୁଦ୍ଧ ରକ୍ତ ପୁନଶ୍ଚ ବାମ ଅଳିନ୍ଦକୁ ଆସିଥାଏ ଓ ବାମ ନିଳୟ ଦେଇ ସମସ୍ତ ଶରୀରରେ ପ୍ରବାହିତ ହୋଇଥାଏ। ଆମ ହୃତ୍ପିଣ୍ଡ ଗୋଟିଏ ଦିନରେ ୬୦୦୦–୭୫୦୦ ଲିଟର ରକ୍ତ ପମ୍ପ କରିଥାଏ। ହୃତ୍ପିଣ୍ଡ ଆମେ ବ୍ୟବହାର କରୁଥିବା ଛୋଟ ପାଣି ପମ୍ପ ପରି। ପ୍ରତି ମିନିଟ୍‌ରେ ନିୟମିତ ଭାବେ ୭୨ ଥର ସ୍ପନ୍ଦନ କରୁଥିବା ହୃତ୍ପିଣ୍ଡ ଗୋଟିଏ ଦିନରେ ଏକ ଲକ୍ଷରୁ ଅଧିକ ଥର ଓ ବର୍ଷକୁ ୩୬୫ ଲକ୍ଷରୁ ଅଧିକ ଥର ସ୍ପନ୍ଦିତ ହୋଇଥାଏ। ହୃତ୍ପିଣ୍ଡର କାର୍ଯ୍ୟକାରିତା ବନ୍ଦ ହୋଇଗଲେ ବ୍ୟକ୍ତିଟି ମୃତ୍ୟୁମୁଖରେ ପଡ଼ିଥାଏ।

ଆମ ରାଜ୍ୟରେ, ଦେଶରେ ଏପରି କି ସାରା ପୃଥିବୀରେ ହୃଦ୍‌ରୋଗ ହେଉଛି ମୃତ୍ୟୁର ପ୍ରମୁଖ କାରଣ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଆମ ଦେଶରେ ପ୍ରତି ଏକ ଲକ୍ଷରେ ୨୮୨ ଜଣ ହୃଦ୍‌ରୋଗରେ ପ୍ରାଣ ହରାଇଥାଆନ୍ତି। ବିଶ୍ୱରେ ଏହି ସଂଖ୍ୟା ୨୩୩, ଯାହାକି ଆମ ଦେଶଠାରୁ କମ୍। ସେହିପରି ଆମ ଦେଶରେ ଯୁବତୀଯୁବକଙ୍କଠାରେ ଏହି ରୋଗ ଏବେ ପରିଦୃଷ୍ଟ ହେଉଛି, ଯାହାକି ଉଦ୍‌ବେଗର କାରଣ ପାଲଟିଛି। ଅନେକଙ୍କର ଧାରଣା ରହିଛି ଯେ, ହୃଦ୍‌ରୋଗ କେବଳ ବୟସାଧିକ ବ୍ୟକ୍ତିଙ୍କୁ ହୋଇଥାଏ, କିନ୍ତୁ ଏଭଳି ଭାବିବା ସମ୍ପୂର୍ଣ୍ଣ ଭୁଲ୍।

ହୃଦ୍‌ରୋଗ ବିଷୟରେ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୯ କୁ 'ବିଶ୍ୱ ହୃତ୍ପିଣ୍ଡ ଦିବସ' ଭାବେ ପାଳନ କରାଯାଇଥାଏ। ୨୦୦୦ମସିହାରୁ ପାଳିତ ହୋଇ ଆସୁଥିବା ହୃତ୍ପିଣ୍ଡ ଦିବସ ଲାଗି ଚଳିତ ବର୍ଷର ବାର୍ତ୍ତା ରହିଛି 'ଉପଯୁକ୍ତ କାର୍ଯ୍ୟବିଧାନ ପାଇଁ ହୃତ୍ପିଣ୍ଡକୁ ବ୍ୟବହାର କରନ୍ତୁ'। ହୃଦ୍‌ରୋଗର ଭୟାବହତା ଦର୍ଶାଉଛି ଯେ ଏହି ରୋଗରେ କାହାର ବି ମୃତ୍ୟୁ ହୋଇପାରେ। ଆମେ କେବଳ ରୋଗ ହେଲେ ସଚେତନ ହେଉ, ତା' ପୂର୍ବରୁ ନୁହେଁ।



କେତେଗୁଡ଼ିଏ ହୃଦ୍‌ରୋଗ ଜନ୍ମ ସମୟରୁ ଥାଏ। ଏହି ରୋଗଗୁଡ଼ିକ ସାଧାରଣତଃ ଅପରେଶନ ଦ୍ୱାରା ସଜାଡ଼ି ହୁଏ। ତେଣୁ ଜନ୍ମ ସମୟରେ ଡାକ୍ତର ଅନ୍ୟ ସବୁ ସହିତ ହାର୍ଟକୁ ମଧ୍ୟ ଦେଖିଥାନ୍ତି ଯେ, ଏହିସବୁ ରୋଗ ଅଛି କି ନାହିଁ। ଏହାସହିତ ଷ୍ଟ୍ରେପ୍ଟୋକୋକସ୍ ସଂକ୍ରମଣରେ ହାର୍ଟର କପାଟିକା ରୋଗ ହୋଇଥାଏ, ଯାହାକି ଆଣ୍ଟିବାୟୋଟିକର ଉପଯୁକ୍ତ ବ୍ୟବହାର ଦ୍ୱାରା ବହୁ ମାତ୍ରାରେ କମି ଯାଉଛି।

ହାର୍ଟର ସ୍ପନ୍ଦନ ୬୦ରୁ କମ୍ ହେଲେ ଏବଂ ନିରନ୍ତର ୧୦୦ରୁ ଅଧିକ ରହିଲେ ତାହାକୁ ସ୍ପନ୍ଦନଜନିତ ହୃଦ୍‌ରୋଗ କୁହାଯାଏ। ଏବେ ସମ୍ପୂର୍ଣ୍ଣ ନିରାପଦ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ମିଳିପାରୁଛି। ଏପରିକି କାର୍ଯ୍ୟହୀନ ହୃତ୍ପିଣ୍ଡକୁ ପେସମେକର ଲଗାଯାଉଛି ଏବଂ ହୃତ୍ପିଣ୍ଡ ପ୍ରତିରୋପଣ ମଧ୍ୟ ହେଉଛି।

ହାର୍ଟ ସଂକ୍ରମଣ ହେଲେ ଏହାର ବହିଃ ଆବରଣରେ ପାଣି ଜମେ, ମାଂସପେଶୀରେ ମାୟୋକାର୍ଡିଟିସ୍ ଓ ଅଭ୍ୟନ୍ତରରେ ଏଣ୍ଡୋକାର୍ଡିଟିସ୍ ହୁଏ। ଏହାର ମଧ୍ୟ ଯଥାର୍ଥ ଚିକିତ୍ସା ଉପଲବ୍ଧ। ସୁଖର କଥା ହୃଦ୍‌ଯନ୍ତ୍ରରେ କ୍ୟାନ୍‌ସର ଖୁବ୍ କମ୍ ଦେଖାଯାଏ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହାର୍ଟ ଆଟାକ୍ ଓ ବ୍ଲକେଜ୍। ହୃତ୍ପିଣ୍ଡର ମାଂସପେଶୀ ତଥା ଅନ୍ୟାନ୍ୟ ଆବରଣକୁ ରକ୍ତ ସଂଚାଳନ କରୁଥିବା ଧମନୀଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏରେ ରକ୍ତ ସଂଚାଳନ ଅବରୋଧ ହେଲେ ସେ ରକ୍ତ ଯୋଗାଉଥିବା ଅଞ୍ଚଳରେ ହୃତ୍ପିଣ୍ଡର ମାଂସପେଶୀ ରକ୍ତ ସଂଚାଳନ ଅଭାବରୁ କାର୍ଯ୍ୟ କରିପାରେ ନାହିଁ ଓ ନଷ୍ଟ ହୋଇଯାଏ। ଏହାକୁ 'ଆକ୍ୟୁଟ ମାୟୋ କାର୍ଡିଆଲ ଇସ୍କିମିଆ' କୁହାଯାଏ। ଏହା ଏକ ଗୁରୁତର ଅବସ୍ଥା ଓ ସଙ୍ଗେ ସଙ୍ଗେ ଚିକିତ୍ସା ନ ମିଳିଲେ ଅଘଟଣ ମଧ୍ୟ ହୋଇପାରେ। ଏହିପରି ହୃଦ୍‌ରୋଗର ମଧ୍ୟ କେତୋଟି ସମ୍ଭାବ୍ୟ କାରଣ ଥାଏ। ଏଥିମଧ୍ୟରେ ଉଚ୍ଚ ରକ୍ତଚାପ (୧୪୦/୯୦ରୁ ଅଧିକ), ଡାଇବେଟିସ୍ (୧୨୬/୧୮୦)ରୁ ଅଧିକ, ଅତ୍ୟଧିକ ଚର୍ବି ଓ ମୋଟାପଣ, ଫାଷ୍ଟଫୁଡ୍ ଓ ତୈଳାକ୍ତ ଖାଦ୍ୟ, ଅଳସୁଆପଣ, ଉଦ୍‌ବେଳନ ଓ ନିଶାଦ୍ରବ୍ୟ ସେବନ ଇତ୍ୟାଦି ପ୍ରମୁଖ।

ରକ୍ତଚାପ, ଡାଇବେଟିସ୍ ମାପିବା ପାଇଁ ନିଜେ ବ୍ୟବହାର କରିପାରିବା ଭଳି ଯନ୍ତ୍ର ଉପଲବ୍ଧ। ରକ୍ତଚାପ ଏବଂ ଡାଇବେଟିସ୍ ସମସ୍ୟା ଥିଲେ ଏହାକୁ ନିୟନ୍ତ୍ରଣରେ ରଖିବା ଜରୁରୀ। ତା' ସହ ଜଣେ ରକ୍ତଚାପ ଏବଂ ଡାଇବେଟିସ୍ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଇବା ଦରକାର। ଏହାସହ ନିୟମିତ ବ୍ୟାୟାମ, ଖାଦ୍ୟ ସନ୍ତୁଳନ ଏବଂ ଓଜନ ହ୍ରାସ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଥାଇରଏଡ୍ କ୍ଷେତ୍ରରେ ନିୟମିତ ପରୀକ୍ଷା ଓ ଔଷଧ ଖାଇବା ମଧ୍ୟ ଜରୁରୀ। ମାନସିକ ସନ୍ତୁଳନ ଓ ଚାପମୁକ୍ତ ଜୀବନଶୈଳୀ ମଧ୍ୟ ତନ୍ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ। ସବୁବେଳେ ଓଜନକୁ ସନ୍ତୁଳିତ ରଖିବା ସହ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖିବା ଦରକାର।

ହୃଦ୍‌ରୋଗ ଡାକ୍ତରୀ ବିଜ୍ଞାନରେ ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ଏ ବିଷୟରେ ଅଧିକରୁ ଅଧିକ ଗବେଷଣା କରାଯାଉଛି। ଇସିଜି, ଇକୋ, ଟ୍ରେଡମିଲ, ଆଞ୍ଜିଓଗ୍ରାଫି ଓ ଆହୁରି ଅନେକ ପରୀକ୍ଷା ଦ୍ୱାରା ହୃଦ୍‌ରୋଗରୁ ଅନେକାଂଶରେ ଆରୋଗ୍ୟ ମିଳିପାରୁଛି। କ୍ୟାଥେଟର, ବିନା ଅପରେଶନ, ରକ୍ତ ଜମାଟ ନ ହେବା ଔଷଧ, ହୃତ୍ପିଣ୍ଡର ସ୍ପନ୍ଦନ ଗତି ନିୟନ୍ତ୍ରଣ, ରକ୍ତ ସଂଚାଳନକୁ ଠିକ୍ ରଖିବା ଲାଗି ଅନେକ ଉପାୟ ବାହାରିଛି ଏବଂ ଏସବୁ ସଫଳ ରୂପେ ପ୍ରୟୋଗ କରାଯାଇପାରୁଛି। ତେବେ ହୃତ୍ପିଣ୍ଡ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା–ଏକଥା ଭୁଲିଯିବା ଉଚିତ ନୁହେଁ।

**–ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ,**
**ମୋ : ୯୪୩୭୬୪୨୪୯୯**

## ଜାଣି ରଖନ୍ତୁ...

ଦିନକୁ ଦିନ ହୃଦ୍‌ଜନିତ ସମସ୍ୟା ବଢୁଥିବା ପରିଲକ୍ଷିତ ହେଉଛି। ଯଦି ଜଣେ ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞଙ୍କ ଦ୍ୱାରା ଏନେଇ ଏକ ସର୍ଭେ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି, ସେମାନଙ୍କର ହାର୍ଟ ଅଧିକ ସକ୍ରିୟ ଭାବରେ କାମ କରୁଛି।









## ସଂକ୍ଷେପରେ

### ଶିଶୁ ଯତ୍ନ ଗୃହରେ ଯୁବତୀ ମୃତ

**ଚଣ୍ଡିଖୋଲ,୨୮।୯(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ବୁଢ଼ା କେନ୍ଦୁଆସ୍ଥିତ ନେଶନ (ଶିଶୁ ଯତ୍ନ ଗୃହ) ପରିସରରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଅନିତା କଲୁଲିଆ(୨୨)। ସେ ରୋଗଗ୍ରସ୍ତ ଥିଲେ। କିଛି ଦିନ ହେବ ଜ୍ୱରରେ ପୀଡ଼ିତ ହୋଇଥିଲେ। ଶନିବାର ସେ ହଠାତ୍ ଗୁରୁତର ହେବାରୁ ତାଙ୍କୁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଶିଶୁ ଯତ୍ନ ଗୃହ ପରିଚାଳକ ପ୍ରଦ୍ୟୁମ୍ନ କୁମାର ପାତ୍ର କହିଛନ୍ତି, ୪ ଦିନ ତଳେ ଯୁବତୀ ଏଠାକୁ ଆସିଥିଲେ। ଏକ କମ୍ପାନୀରେ ଚାକିରି ପାଇବା ପାଇଁ ଗତ ୧୬ ତାରିଖରେ ମନୋନୀତ ହୋଇଥିଲେ। ଚାକିରିରେ ଯୋଗଦେବା ପାଇଁ ନିଯୁକ୍ତି ପତ୍ର ମିଳିଥିଲେ ସେ ପଳାଇ ଯାଇଥାନ୍ତେ। ପିଲାଦିନରୁ ମଧ୍ୟ ସେ ଏଠାରେ ରହୁଥିଲେ। ୧୮ ବର୍ଷ ପରେ ପଳାଇ ଯାଇଥିଲେ। ବେଳେବେଳେ ଏଠାକୁ ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ନେଶନ ପରିବାରକୁ ଦୁଃଖ ଦେଇଛି ବୋଲି ପାତ୍ର ପ୍ରକାଶ କରିଛନ୍ତି।

### ଯୁବ ବ୍ୟବସାୟୀଙ୍କ ପରଲୋକ

**ବରୀ,୨୮।୯(ମହେନ୍ଦ୍ର ସ୍ୱାଇଁ):**



ବରୀ ବ୍ଲକ ଅନ୍ତର୍ଗତ ବାଲିଆ କଲେଜ ଛକର ଯୁବ ବ୍ୟବସାୟୀ ବିଜୟ କୁମାର ମହାନ୍ତି (୩୪)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ କଲେଜଛକରେ ଥିବା ଶତାଧିକ ବ୍ୟବସାୟ ପ୍ରତିଷ୍ଠାନ ଶନିବାର ବନ୍ଦ ରହିଛି। ମହାନ୍ତି ଧାରପୁର ପଞ୍ଚାୟତର ନାଥପୁର ପଟଣା ଗ୍ରାମସ୍ଥ ନିଜ ବାସଗୃହରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଥିଲା। ମହାନ୍ତି ଜଣେ ବ୍ୟବସାୟୀ ସହ କ୍ରୀଡ଼ା ସଂଗଠକ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ପଟଣା, ନାଥପୁର, କଲେଜ ଛକ, ବାଲିଆ, ଇଶାଣପୁର ଅଞ୍ଚଳ ପରିକ୍ରମା କରାଯାଇଥିଲା। ପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ବୃଦ୍ଧଙ୍କ ଆତ୍ମହତ୍ୟା

**କଳିଙ୍ଗନଗର,୨୮।୯(ଶୁଭାଶିଷ ରାଉତ):** ଯାଜପୁର ଜିଲା ଟମକା ଥାନା ଅଧୀନ ଗୋବର୍ଦ୍ଧନପୁର ପଞ୍ଚାୟତ ଜେମାଦେଇପୁର ଗ୍ରାମର ଜଣେ ବୃଦ୍ଧ ମାନସିକ ଚାପରେ ରହି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କେଶବ ପାତ୍ର (୬୮)। ତାଙ୍କ ପୁଅବୋହୂ ଓ ଝିଅ ବାହାରେ ରହି କାମଧନ୍ଦା କରୁଛନ୍ତି। ଏହାକୁନେଇ କେଶବ ବହୁଦିନ ଧରି ମାନସିକ ଚାପରେ ରହୁଥିଲେ। ଶୁକ୍ରବାର ରାତିରେ କେଶବ ନିଜ ଘର ବାରଣ୍ଡାରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। କେଶବଙ୍କ ଝିଅ କୁନି ଶନିବାର ପୂର୍ବାହ୍ନରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୧।୨୪ ରୁଜୁ ହୋଇଛି।

# କାମରେ ଆସୁନି ଆମ ବ୍ୟାଙ୍କ

- ଇ-କେୱାଇସି, ମୋବାଇଲ ନମ୍ବର ଲିଙ୍କ ପାଇଁ ଗ୍ରାହକ ହନ୍ତସନ୍ତ
- ବ୍ୟାଙ୍କ୍ ସମ୍ମୁଖରେ ଲାଗୁଛି ଲମ୍ବାଧାଡ଼ି

**ରସୁଲପୁର,୨୮।୯(ରଞ୍ଜିତ ରାଉତ):** ବ୍ୟାଙ୍କ ନ ଥିବା ପଞ୍ଚାୟତରେ 'ଆମ ବ୍ୟାଙ୍କ' ଖୋଲାଯାଇଛି। ଏହା ଜରିଆରେ ଉପଭୋକ୍ତାଙ୍କ ନିକଟରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ହେଲେ ଏହି ବ୍ୟାଙ୍କ୍ ଲୋକଙ୍କ କାମରେ ଆସୁନାହିଁ। ଆମ ବ୍ୟାଙ୍କ କେନ୍ଦ୍ରରୁ ଅତ୍ୟାବଶ୍ୟକ ସେବା ମିଳୁ ନ ଥିବାରୁ ରସୁଲପୁର ବ୍ଲକ ଅଞ୍ଚଳର ଉପଭୋକ୍ତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଓ ୟୁନିୟନ ବ୍ୟାଙ୍କ ଆଦିକୁ ଯାଇ ନାନା ହଇରାଣହରକତ ହେଉଛନ୍ତି। ବିଶେଷକରି ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀ ଇ-କେୱାଇସି ଓ ମୋବାଇଲ ନମ୍ବର ଲିଙ୍କ କରିବାକୁ ବ୍ୟାଙ୍କ ସମ୍ମୁଖରେ ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି। ଉପଭୋକ୍ତା ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ବ୍ୟାଙ୍କ ସମ୍ମୁଖରେ ଛିଡ଼ାହୋଇ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସେବା ଆମ ବ୍ୟାଙ୍କରେ ଉପଲବ୍ଧ କରିବା ପାଇଁ ସାଧାରଣରେ ଦାବି ହେଉଛି। ପଞ୍ଚାୟତସ୍ତରରେ ଥିବା ଆମ ବ୍ୟାଙ୍କରେ ଏହି ସୁବିଧା ଉପଲବ୍ଧ ହେଲେ ଉପଭୋକ୍ତା ଦୂରଦୂରାନ୍ତରେ ଥିବା ବ୍ୟାଙ୍କକୁ ଯାଇ ହଇରାଣହରକତ ହେବାରୁ ବର୍ତ୍ତିଯାଇପାରନ୍ତେ ବୋଲି କୁହାଯାଉଛି।



ବ୍ୟାଙ୍କ ଖୋଲିବା ପୂର୍ବରୁ ଉପଭୋକ୍ତାଙ୍କ ଲମ୍ବା ଧାଡ଼ି।

୨୦୨୩-୨୪ ଆର୍ଥିକ ବର୍ଷରେ ଆମ ବ୍ୟାଙ୍କ ଖୋଲାଯାଇଛି। ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା ଓ ବ୍ୟାଙ୍କ ଅଫ ଇଣ୍ଡିଆ ସହ ଚୁକ୍ତି କରି ପ୍ରତ୍ୟେକ ପଞ୍ଚାୟତରେ ଆମ ବ୍ୟାଙ୍କ ସିଏସ୍‌ପି-ପ୍ଲସ(କଷ୍ଟମର ସର୍ଭିସ ପଏଣ୍ଟ-ପ୍ଲସ) ଖୋଲାଯାଇଛି। ଏହି ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲିବା, ଆର୍ଥିକ କାରବାର/ରେମିଟାନ୍ସ ସୁବିଧା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନ୍‌ସନ ଯୋଜନାର ରିନ୍ୟୁଆଲ ଓ ପରିଚାଳନା, ଆଧାର ଜରିଆରେ ଦେୟ ପ୍ରଦାନ, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ସୁକନ୍ୟା ଯୋଜନା ଜମାଖାତା ଖୋଲିବା, ଚଳନ୍ତି ଓ ସ୍ଥାୟୀ ଜମାଖାତା ଖୋଲିବା, ବିଦ୍ୟୁତ୍, ଟେଲିଫୋନ, ଡିଟିଏଚ୍, ଗ୍ୟାସ ବିଲ୍ ଆଦି ପୈଠ କରିବା, ଚେକ୍ ବୁକ୍, ଲାଇଫ ସାର୍ଟିଫିକେଟ୍, ଡେବିଟ୍ କାର୍ଡ, ପାସ୍‌ବୁକ୍ ଅପଗ୍ରେଡେଟ୍ କରିବା, ଏସ୍‌ଏଚ୍‌ଜି ଓ ଜେଏଲଜି(ଜଏଣ୍ଟ, ଲାଇବେଲିଟ୍ ଗ୍ରୁପ୍), ଇ-କେୱାଇସି ପ୍ରପୋଜାଲ, ଆକାଉଣ୍ଟ ରିନ୍ୟୁଆଲ ଭଳି ସେବା ପ୍ରଦାନ କରିବା ପାଇଁ ସରକାରଙ୍କ ବ୍ୟାଙ୍କଗୁଡ଼ିକର ଚୁକ୍ତି ହୋଇଛି। ମାତ୍ର ଆମ ବ୍ୟାଙ୍କଗୁଡ଼ିକରେ ଏଭଳି ସୁବିଧା ମିଳୁ ନ ଥିବାରୁ ଉପଭୋକ୍ତା ବ୍ୟାଙ୍କ ସେବା ପାଇଁ ଆମ ବ୍ୟାଙ୍କ ଖୋଲିବା ପୂର୍ବର ସ୍ଥିତିକୁ ଫେରି ଯାଇଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟରତ ଆମ ବ୍ୟାଙ୍କ ସେବାକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଦିଆଯିବା ସହ ଉପଯୁକ୍ତ ସେବା ପ୍ରଦାନ କରାଗଲେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ପଞ୍ଚାୟତର ଜନପ୍ରତିନିଧି ମତବ୍ୟକ୍ତ କରିଛନ୍ତି।

ସେହିପରି ସରକାର ଆମ ବ୍ୟାଙ୍କ ସେବାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଲେ ପଞ୍ଚାୟତରେ ବ୍ୟାଙ୍କ ସେବାର ବାସ୍ତବ ଉଦ୍ଦେଶ୍ୟ ପୂରଣ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ କୁଆଖିଆ ଶାଖା ପରିଚାଳକ ଚିନ୍ମୟ ନାରାୟଣ ପ୍ରଧାନୀଙ୍କୁ ପଚାରିବାରୁ ସେ କହିଛନ୍ତି, ସିଏସ୍‌ପି-ପ୍ଲସ୍ ସରକାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ସେଥିରେ ମୂଳ ବ୍ୟାଙ୍କ ଶାଖାର ବିଶେଷ ଭୂମିକା ନାହିଁ। ଶାଖା ତରଫରୁ କେବଳ ବୈଷୟିକ ସହାୟତା ଯୋଗାଇ ଦିଆଯିବ। ବାକି ଆମ ବ୍ୟାଙ୍କରେ କି ସୁବିଧା ଉପଲବ୍ଧ ହେବ ସେ ଦିଗରେ ସରକାରୀସ୍ତରରେ ଗୁରୁତ୍ୱ ଦିଆଗଲେ ତାହା ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଆଜି ବଡ଼ଚଣା ଗସ୍ତ କରିବେ ମୁଖ୍ୟମନ୍ତ୍ରୀ

**ଚଣ୍ଡିଖୋଲ,୨୮।୯(ପ୍ରଦୀପ୍ତ କୁମାର ପୃଷ୍ଟି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ୍ କାର୍ଯ୍ୟକ୍ରମରେ ଯୋଗଦେବାକୁ ରବିବାର ଯାଜପୁର ଜିଲାର ବଡ଼ଚଣା ନିର୍ବାଚନମଣ୍ଡଳୀ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବଡ଼ଚଣା ବ୍ଲକ୍ ଅଧୀନ ସମିଆ ପଞ୍ଚାୟତର ଆଦିବାସୀ ଗ୍ରାମ ବୁଢ଼ା କେନ୍ଦୁଆଠାରେ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଚଣ୍ଡିଖୋଲ ଡାକବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ଅମର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ତାଙ୍କ ସୂଚନା ଅନୁସାରେ, ସକାଳ ୯ଟାରେ ବଡ଼ଚଣା ପ୍ରବେଶ ପଥ ନେଳିଆ ଛକଠାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଏହାପରେ ଛତିଆ-କଳକଳା ରାସ୍ତାର ସୋଲର, ବୈରୀ, ପାରିଆ ଓ ସମିଆ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ। ବୁଢ଼ା କେନ୍ଦୁଆଠାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ସଦସ୍ୟତା ଅଭିଯାନ କାର୍ଯକ୍ରମର ଶୁଭାରମ୍ଭ କରାଯିବ। ଏହାପରେ ଚାରାରୋପଣ କରାଯିବ। ଶେଷରେ ଜଣେ ଆଦିବାସୀଙ୍କ ଘରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ଭୋଜନ କରିବେ ବୋଲି ବିଧାୟକ କହିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପୂର୍ବରୁ ଏଭଳି ଗସ୍ତ ସମ୍ପର୍କରେ ସୂଚନା ନ ଥିଲା। ହଠାତ୍ ସୂଚନା ମିଳିଲା ପରେ ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଜିଲାର ମନ୍ତ୍ରୀ ଓ ବିଧାୟକମାନେ ଯୋଗଦେବେ ବୋଲି ସୂଚନା ମିଳିଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ରାସ୍ତା



**ବରୀ,୨୮।୯(ମହେନ୍ଦ୍ର ସ୍ୱାଇଁ):**

**ଯାତାୟାତ ବାଧାପ୍ରାପ୍ତ**

ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତର ୪ ନମ୍ବର ୱାର୍ଡ ରାସ୍ତାଟି ଲଗାଣ ବର୍ଷାରେ ଭାଙ୍ଗିପଡ଼ିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ଉପରେ ୩୦ରୁ୪୦ ପରିବାର ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ମାତ୍ର ରାସ୍ତା ଭାଙ୍ଗି ଯାଇଥିବାରୁ ବାଇକ୍ ଚଳାଚଳ ବି ସମ୍ଭବ ହେଉନାହିଁ। ଏହାକୁ ତୁରନ୍ତ ମରାମତି କରିବାକୁ ୱାର୍ଡର ଅଧିବାସୀମାନେ ଦାବି କରିଛନ୍ତି।

# ଘର ପଟ୍ଟା କରାଇଦେବା ନାଁରେ ଟଙ୍କା ଆଦାୟ


ଜମି ପଟ୍ଟା ପାଇଁ ଆବେଦନ କରିବାକୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭିଡ଼।

**କଳିଙ୍ଗନଗର,୨୮।୯(ଶୁଭାଶିଷ ରାଉତ):** ଘର ଡିଅ ନ ଥିବା ଲୋକଙ୍କୁ ରାଜ୍ୟ ସରକାର ବାସପଯୋଗୀ ଜାଗା ଯୋଗାଇ ଦେବା ପାଇଁ ସର୍ବେକ୍ଷଣ ଆରମ୍ଭ କରିଛନ୍ତି। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ଲୋକ ଶାଳୀଜଙ୍ଗା ଓ ଦାନଗଦି ବ୍ଲକର ବିଭିନ୍ନ ଆଦିବାସୀ ଗାଁରେ ପହଞ୍ଚି ପଟ୍ଟା କରାଇଦେବାକୁ ମିଛ ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରୁଛନ୍ତି। ସେମାନେ ଲୋକଙ୍କୁ କହୁଛନ୍ତି, ଆମକୁ ତହସିଲ ଅଫିସରୁ ପଠାଯାଇଛି। ଜଣେ ବ୍ୟକ୍ତି ତାଙ୍କ ନାମ ଶ୍ୟାମସୁନ୍ଦର ସାହୁ କହି ଗାଁଗାଁ ବୁଲି ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଛି। ଗାଁଗହଳିରେ ଏପରି ଚାଲିଛି। ଅନ୍ୟପକ୍ଷରେ ପଟ୍ଟା ଆବେଦନ ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ଓ ଠେଲା ପେଲା ଦେଖିବାକୁ ମିଳୁଛି। ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକମାନେ ପ୍ରତ୍ୟେକ ଗାଁ ଗସ୍ତ କରି ଘରଡିହ ଶୂନ୍ୟ ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରିବା କଥା। ହେଲେ ସେପରି ହେଉନାହିଁ। ଅଧିକାଂଶ ଗ୍ରାମାଞ୍ଚଳରେ ଲୋକେ ଏ ବିଷୟରେ କିଛି ଜାଣିନାହାନ୍ତି। କିପରି ଆବେଦନ ହେବ, ଶେଷ ତାରିଖ କେବେ। ଆବେଦନ ପାଇଁ କ'ଣ କାଗଜପତ୍ର ଲାଗିବ ସେ ବିଷୟରେ ତହସିଲ ପକ୍ଷରୁ କୌଣସି ନୋଟିସ କି ସଚେତନତା କାର୍ଯ୍ୟକ୍ରମ କରାଯାଇନାହିଁ। ଫଳରେ ଏହାର ସୁଯୋଗ ନେଇ ଦଲାଲ ସକ୍ରିୟ ହୋଇ ଫର୍ମ ପିଛା ୪୦ ଟଙ୍କାରେ ବିକ୍ରି କରୁଛନ୍ତି। ଫର୍ମ ପୂରଣ ପାଇଁ କେତେଜଣ ୧୦୦/୧୫୦ ଓ ଅପରାହ୍ନରେ ୨୦୦ ଟଙ୍କା ମଧ୍ୟ ଲୋକଙ୍କଠାରୁ ନେଉଛନ୍ତି। ସାଧାରଣ ଲୋକଙ୍କ ପାଇଁ ସରକାର ଯାହା ବି ଯୋଜନା କରୁଛନ୍ତି ଲୋକଙ୍କୁ ପଞ୍ଚାୟତସ୍ତରରେ ସଚେତନତା କରାଯାଉନାହିଁ। ଫଳରେ ଏଭଳି ଅସୁବିଧା ନଜରକୁ ଆସିଛି। ତେଣୁ ଏହି ଆବେଦନ ପ୍ରକ୍ରିୟାର ଶେଷ ତାରିଖକୁ ବର୍ଦ୍ଧିତ କରିବା ସବୁ ଲୋକଙ୍କୁ ସଚେତନତା କରାଇବାକୁ ଦାବି ହୋଇଛି। ଏଥିସହିତ ବେଆଇନ ଅର୍ଥ ଆଦାୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି।

### ଚୋରି ଅଭିଯୋଗରେ ୨ ଯୁବକ ଗିରଫ

**ଯାଜପୁରରୋଡ୍,୨୮।୯(ପବିତ୍ର ରଞ୍ଜନ ମହାନ୍ତି):** ବାଇକ୍ ଡିକି ଭାଙ୍ଗି ମନିପର୍ସ ଏବଂ ମୋବାଇଲ ଚୋରି ଅଭିଯୋଗରେ ୨ ଯୁବକଙ୍କୁ ଯାଜପୁରରୋଡ୍ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ୟାସନଗର ସହର ଝଟିଆ ସାହିର ବିଶ୍ୱଜିତ ଜେନା(୨୩) ଏବଂ ନଟପଦା ଗ୍ରାମର ଶ୍ୟାମସୁନ୍ଦର ଜେନା (୨୭)। ଗୁରୁବାର କୋରେଇ ଥାନା ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ଚୈତନ୍ୟ ଦାସ କୌଣସି କାମରେ ଯାଜପୁରରୋଡ୍ କୋର୍ଟକୁ ଆସିଥିଲେ। ସେ ତାଙ୍କ ବାଇକ୍‌କୁ କୋର୍ଟ ମୁଖ୍ୟ ଫାଟକ ନିକଟରେ ରଖି ଭିତରକୁ ଯାଇଥିଲେ। ବର୍ଷା ହେଉଥିବାରୁ ମୋବାଇଲ ଫୋନ ଓ ମନିପର୍ସ ବାଇକ ଡିକିରେ ରଖି ଦେଇଥିଲେ। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ବାଇକରେ ଆସି ଚୈତନ୍ୟଙ୍କ ବାଇକ ଡିକି ଭାଙ୍ଗି ମନିପର୍ସ ଓ ମୋବାଇଲ ଫୋନ୍ ଚୋରି କରି ପଳାଉଥିଲେ। ଚୈତନ୍ୟ ପାଟି କରିବାରୁ ସେଠାରେ ଉପସ୍ଥିତ ଥିବା କେତେଜଣ ଆଇନଜୀବୀ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବାସହ ସେମାନଙ୍କ ନିକଟରୁ ଚୈତନ୍ୟଙ୍କ ମନିପର୍ସ ଏବଂ ମୋବାଇଲ ଫୋନ ଜବତ କରିଥିଲା। ଏଥିସହିତ ଅଭିଯୁକ୍ତଙ୍କ ବାଇକ୍‌କୁ ପୋଲିସ ଜବତ କରି ଥାନାକୁ ଆଣିଥିଲା। ଏନେଇ ଥାନାରେ ନଂ.୫୭୦/୨୪ରେ ଏକ ମାମଲା ରୁଜୁ ହୋଇଛି।

### ସୁଜନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର

**ଯାଜପୁର ସଦର,୨୮।୯ (ସମର ବିଜୟ ଶରଣ):** ଯାଜପୁର ବ୍ଲକ ଅନ୍ତର୍ଗତ ସୁଜନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଆୟୁଷ୍ମାନ ଆରୋଗ୍ୟ ଶିବିର କାର୍ଯ୍ୟକ୍ରମ ଜରିଆରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତି ମାସ ଶେଷ ଗୁରୁବାରରେ ହେବାକୁ ଥିବା ଏହି ପ୍ରଥମ ଶିବିରକୁ ସୁଜନପୁର ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ୱେତା ସୁତାର ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ନାରାୟଣ ଜେନା, ନାଏବ ସରପଞ୍ଚ ମନରୋମା ଦାସ ପ୍ରମୁଖ ସ୍ଥାନୀୟ ପ୍ରତିନିଧି ଯୋଗଦେଇଥିଲେ। ଫାର୍ମାସିଷ୍ଟ ପୂର୍ଣ୍ଣଚନ୍ଦ୍ର ଦାଶ, ଡା. ସଞ୍ଜୟ କୁମାର ଦାଶ ରୋଗୀ ଚିକିତ୍ସାରେ ସହଯୋଗ କରିଥିଲେ। ଏଲଟି ଗାୟତ୍ରୀ ଦଳାଇ ରକ୍ତ ନମୁନା ସଂଗ୍ରହ କରି ରକ୍ତ ରିପୋର୍ଟ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଆଶା, ଏଏନ୍‌ଏମଙ୍କ ସହ କୁଳମଣି ମହାନ୍ତି ଓ ଶ୍ୟାମସୁନ୍ଦର ପ୍ରଧାନ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ନେଇଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ସିଂହପୁର,୨୮।୯ (ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବରୁଣେଇଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ମାଧବିଲତା ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟାଙ୍କ ପ୍ରତିନିଧି କାଜଲ ସାହୁ, ବିଭିନ୍ନ ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଶପଥପାଠ କରାଯାଉଛି।

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସ୍ୱାସ୍ଥ୍ୟ ଶିବିର

**ଧର୍ମଶାଳା/କାଏମା,୨୮।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ମହୋତ୍ସବ ପଡ଼ିଆରେ ଶନିବାର ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟରେ ମୋହନ ସରକାର ହେବା ପରେ ଜାରକା ଅଞ୍ଚଳରେ ଏଭଳି ଏକ ଶିବିର ଆୟୋଜନ ହୋଇପରିଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସାନ ଭାଇ ସ୍ୱର୍ଗତ ଅଂଶୁମାନ ସାହୁଙ୍କ ନାମରେ ଦୀର୍ଘ ବର୍ଷ ଧରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଆୟୋଜନ କରାଯିବା ସହ ଅସହାୟଙ୍କୁ ସହାୟତା ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭବେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଭାଜପା ଜିଲା ସଭାପତି ଗୌତମ ରାୟ, ବରୀ ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଜେନା, ବିଞ୍ଝାରପୁର ଭାଜପା ପ୍ରାର୍ଥୀ ବବିତା ମଲିକ, ରାଜ୍ୟ ଭାଜପା ସଦସ୍ୟ ପବିତ୍ର ଦାଶ, ଭାଜପା ମୁଖପାତ୍ର ମନୋଜ ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିର ଉପରେ ଆଲୋକପାତ କରିଥିଲେ।


ସ୍ୱାସ୍ଥ୍ୟ ଶିବିରରେ ମଞ୍ଚାସୀନ ଅତିଥି।

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୫୪ ପଞ୍ଚାୟତର ବହୁ ଜନସାଧାରଣ ଯୋଗଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣା ଔଷଧ ନେଇଥିଲେ। ଅସହାୟ ଓ ଗରିବ ଲୋକଙ୍କୁ ଟ୍ରଷ୍ଟ ପକ୍ଷରୁ ଗାଡ଼ିରେ ଅଣାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସୋଭନା ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଦେବରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସବ୍ୟସାଚୀ ସୁନ୍ଦର ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସ୍ୱର୍ଗତ ଅଂଶୁମାନଙ୍କ ମା' ମିନତି ସାହୁ ଓ ବଡ଼ପୁଅ ସୀତାଂଶୁ ଶେଖରହର ସାହୁଙ୍କୁ ମନ୍ତ୍ରୀ ମହାଲିଙ୍ଗ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଭାଜପା ନେତା ସର୍ବେଶ୍ୱର ବେହୁରା, ଶ୍ରୀକାନ୍ତ ସାହୁ, ରାଜେଶ ପାଲ, ଶରତ ଓଝା, ଆଲୋକ ଲେଙ୍କା, ଜିତେନ୍ଦ୍ର ରାଉତ, ମୁରଲି ପାଣ୍ଡବ, ଉପେନ୍ଦ୍ର କର, ନାରାୟଣ ମଲିକ, ଲୋକନାଥ ମହାନ୍ତି, ପ୍ରଦୀପ ବରାଳ, ଅଂଶୁମାନ ରଥ ଓ ଗୌତମ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**୨ ହଜାର ଲିଟର ଚୋରା ଡିଜେଲ ଜବତ, ୨ ଗିରଫ**

ମାର୍ଶାଘାଇ,(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ): ମାର୍ଶାଘାଇ ଥାନା ପକ୍ଷରୁ ଶନିବାର ସକାଳେ ଅଙ୍ଗୁଳାଇ ଛକଠାରେ ଏଏସ୍ଆଇ ରାମଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବାବେଳେ ଏକ ପିକ୍ଅପ୍ ଭ୍ୟାନକୁ ଅଟକାଇ ଥିଲେ। ସେଥିରୁ ଚାଲାଣ ହେଉଥିବା ୨ଶହ ଲିଟରିଆ ୧୦ଟି ପ୍ଲାଷ୍ଟିକ ଜାରକିନରେ ଚୋରା ଡିଜେଲ ଦେଖି ଗାଡ଼ିରେ ଥିବା ୨ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ଦ୍ୱୟ ହେଲେ ତଣ୍ଡିଆପାଳ ମେରାଇନ ଥାନା ବେଣାକନ୍ଦା ଗାଁର ନନ୍ଦନ କୁମାର ମଣ୍ଡଳ ଓ ସୁନୀତି ଗାଁର ଚିରଞ୍ଜିତ ମଣ୍ଡଳ। ଚୋରା ଡିଜେଲ ପରିବହନରେ ବ୍ୟବହୃତ ଭ୍ୟାନ ଜବତ କରାଯାଇଛି। ଥାନାରେ ନଂ. ୧୭୯/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କୁମ୍ଭୀର ପାଇଁ ନଦୀକୂଳ ଅସୁରକ୍ଷିତ

କେନ୍ଦ୍ରାପଡ଼ା,୨୮।୯ (ଜଗନ୍ନାଥ ଧଳ)

■ ଅକାଳରେ ଚାଲିଯାଉଛି ଜୀବନ
■ ନିମ୍ନାଞ୍ଚଳରେ ଏବେବି ଘେରି ରହିଛି ବର୍ଷା, ବନ୍ୟାଜଳ
■ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ପଦଂଶନ ଚିକିତ୍ସା ଦାବି


ପାଟଶାଳ ନଦୀ ଘାଟରେ କୁମ୍ଭୀର ଆକ୍ରମଣରୁ ଲୋକଙ୍କ ସୁରକ୍ଷା ପାଇଁ ଲାଗିଥିବା ତାରବାଡ଼।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଦେବେନ୍ଦ୍ର ନାରାୟଣପୁର ଗ୍ରାମର ରଞ୍ଜିତ ମଣ୍ଡଳଙ୍କ ପୋଖରୀରେ ମଙ୍ଗଳବାର ଏକ ବଡ଼ କୁମ୍ଭୀର ପଶିଯାଇଥିଲା। ବନ ବିଭାଗ ପକ୍ଷରୁ ଏହାକୁ ଉଦ୍ଧାର କରାଯାଇ ନିକଟସ୍ଥ ବାଉଁଶଗଡ଼ି ନଦୀରେ ଛଡ଼ାଯାଇଛି। ଏପରି ଘଟଣା ଗତ ସେପ୍ଟେମ୍ବର ୧୪ରେ ଏହି ବ୍ଲକର ଗିରିରାଜପୁର ଗାଁରେ ଦେଖିବାକୁ ମିଳିଥିଲା। ଗାଁର ଏକ ରାସ୍ତାରେ ୬ ଫୁଟ ଲମ୍ବର କୁମ୍ଭୀର ଏକ ସାଇକେଲ ଆରୋହୀଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। ଏହାବ୍ୟତୀତ ୩ ମାସ ମଧ୍ୟରେ ଜିଲାର ୫ ଜଣଙ୍କୁ କୁମ୍ଭୀର ଆକ୍ରମଣ କରିଥିବା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୨ ମାସ ମଧ୍ୟରେ ୭ ସ୍ଥାନରେ ଗୋବରୀ, ପାଇକା, ବ୍ରାହ୍ମଣୀ, କଣ୍ଡିଆ ଆଦି ନାଳ ଓ ନଦୀରେ କୁମ୍ଭୀର ଭାସୁଥିବା ସ୍ଥାନୀୟ ଅଞ୍ଚଳବାସୀ ଦେଖିଛନ୍ତି। ଏହି କାରଣରୁ ଜିଲାର ବିଭିନ୍ନ ନଦୀର କୂଳ ଅସୁରକ୍ଷିତ ହୋଇପଡ଼ିଛି। ଅପରପକ୍ଷରେ ବର୍ଷାଋତୁ ପାଇଁ ଉପାନ୍ତ ଅଞ୍ଚଳର ଜଳବନ୍ଦୀ ଘେରରେ ଥିବା ଗ୍ରାମଗୁଡ଼ିକରେ ବିଭିନ୍ନ ବିଷଧର ସାପ ଦେଖିବାକୁ ମିଳୁଛି। ବର୍ଷା ଓ ବନ୍ୟା ଜଳରେ ନଷ୍ଟ ହୋଇଥିବା କଚ୍ଚାଘରେ ଏମାନଙ୍କୁ ଦେଖିବାକୁ ମିଳୁଥିବା ବେଳେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଜିଲାର ଉପାନ୍ତ ଅଞ୍ଚଳରେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢ଼ିଥିବା ଦେଖାଯାଉଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ ବିଷରୁ ରକ୍ଷା ପାଇଁ ଇଞ୍ଜେକ୍ସନ ରଖିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ମହାକାଳପଡ଼ାର ହରେକୃଷ୍ଣ ପାତ୍ର କହିଛନ୍ତି, ଲଗାଣ ବର୍ଷା ଓ ବନ୍ୟାଜନିତ ପାଣି ଉପାନ୍ତ ଅଞ୍ଚଳବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ବ୍ୟାହତ କରିଛି। ପାନୀୟ ଜଳ, ଚାଷ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଏବେ ସରୀସୃପ ଆତଙ୍କ ଖେଳିଯାଇଛି। ଦୀର୍ଘଦିନ ଧରି ପାଣି ଜମି ରହିବା ଫଳରେ ନିକଟସ୍ଥ ଭିତରକନିକା ଅଞ୍ଚଳରୁ ସରୀସୃପ ଗ୍ରାମ ମଧ୍ୟକୁ ପଶିଆସୁଛନ୍ତି। ନଦୀ, ନାଳ ଓ ପୋଖରୀ ଏପରିକି ଚାଷଜମିରେ ଏବେ କୁମ୍ଭୀର ଦେଖାଯାଉଛନ୍ତି। କିଛିଦିନ ପୂର୍ବେ ଏହି ଅଞ୍ଚଳରେ ୧୨ ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ଅପରପକ୍ଷରେ ବର୍ଷା ଓ ବନ୍ୟା ପାଇଁ ବିଷଧର ସାପ ଗ୍ରାମ ମଧ୍ୟରେ ଦେଖାଯାଉଛନ୍ତି। ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର ବ୍ଲକ ଅଞ୍ଚଳରେ ସାପ ଅଧିକ ପରିମାଣରେ ଦେଖାଯାଉଛନ୍ତି। ସର୍ପାଘାତରେ କେତେଜଣଙ୍କର ଜୀବନ ମଧ୍ୟ ଯାଇଥିବା ସେ ସୂଚନା ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ରମେଶ ମଲ୍ଲିକ କହିଛନ୍ତି, ବିଭିନ୍ନ ନଦୀରେ ବନ୍ୟା, ବର୍ଷା ପାଇଁ କୁମ୍ଭୀର ଓ ସାପ ଦେଖାଦେଇଥିବାରୁ ଧୋୟାଞ୍ଚଳରେ ଆତଙ୍କ ଖେଳିଯାଇଛି। ୩ ମାସ ମଧ୍ୟରେ କୁମ୍ଭୀର ଟାଣି ନେଇଥିବାରୁ ୨ ଜଣଙ୍କର ଅମୂଲ୍ୟ ଜୀବନ ଅକାଳରେ ଯାଇଛି। ଏବେ ସିଂହଗାଁ ସମେତ ବଡ଼ ରାଉଳିଆ, ସାନ ରାଉଳିଆ ଆଦି ଗ୍ରାମର କଚ୍ଚାଘରେ ବିଷଧର ସର୍ପ ଦେଖାଯାଉଛନ୍ତି। ବିଶେଷକରି ସନ୍ତସନ୍ତିଆ ଘରଗୁଡ଼ିକରେ ଏଗୁଡ଼ିକ ଦେଖାଦେଉଥିବାରୁ ରାତିରେ ଯାତାୟାତ ବନ୍ଦ ସହ ପରିବାର ସଦସ୍ୟ ରାତି ଅନିଦ୍ରା ହେଉଛନ୍ତି। ଏ ସମ୍ପର୍କରେ ଏଡିଏମ୍ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ପ୍ରତ୍ୟେକ ସିଏଚ୍ସିକୁ ସାପ କାମୁଡ଼ା ଇଞ୍ଜେକ୍ସନ ଯୋଗାଇ ଦିଆଯାଇଛି। ସର୍ପ ଆଘାତ କ୍ଷେତ୍ରରେ କେତେକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ସାପ କାମୁଡ଼ିଥିବା ବ୍ୟକ୍ତିକୁ ଆଶ୍ୱାସନା ଦିଅନ୍ତୁ। କାମୁଡ଼ିଥିବା ସ୍ଥାନରେ ପିନ୍ଧିଥିବା ମୁଦି, ଘଣ୍ଟା, ବ୍ରତ, ପାଉଁଜି ଆଦି ଖୋଲିଦେବା ଆବଶ୍ୟକ। ତୁରନ୍ତ ଡାକ୍ତରଖାନା ନେବା ଜରୁରୀ। ସେହିପରି ଏହି ସମୟରେ ଆଦୌ ଡରିବା ବା ବିଚଳିତ ହେବା ଉଚିତ ନୁହେଁ। ରୋଗୀକୁ ଚଲାବୁଲା ବା କାମ କରିବାକୁ ନ ଦେଇ ଟେକି ଟେକି ନେବା ଦରକାର। କ୍ଷତ ସ୍ଥାନକୁ ଧୁଅନ୍ତୁ ନାହିଁ କିମ୍ବା ବରଫ, ଇଲେକ୍ଟ୍ରିକ ସକ୍ ଦିଅନ୍ତୁ ନାହିଁ। ଅଧିକାଂଶ ସମୟରେ ସାପବିଷ ଉପରକୁ ଚଢ଼ିଯିବା ଭୟରେ କ୍ଷତ ସ୍ଥାନକୁ ସୁତୁଲି, କତା ଦଉଡ଼ି, କଟା ରବର ଟ୍ୟୁବ୍, ବିଦ୍ୟୁତ୍ ତାର ବ୍ୟବହାର ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାର କୌଣସି ଆବଶ୍ୟକତା ନାହିଁ। ବ୍ଲେଡ୍ ଓ ଛୁରିରେ କ୍ଷତ ସ୍ଥାନକୁ କାଟନ୍ତୁ ନାହିଁ। ଏହି ସମୟରେ ଖାଦ୍ୟ ପଦାର୍ଥ କିମ୍ବା ନିଶାଦ୍ରବ୍ୟ ବ୍ୟବହାର ରୋଗୀର କ୍ଷତି ପହଞ୍ଚାଇପାରେ। ସବୁ ସାମୁଦ୍ରିକ ସାପ ବିଷଧର ବୋଲି ସେ କହିଛନ୍ତି। ସେହିପରି କୁମ୍ଭୀର ଆତଙ୍କ ସମ୍ପର୍କରେ ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ କୁମ୍ଭୀର ପ୍ରତି ସାବଧାନ ରହିବାକୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଛନ୍ତି।

## ନିଁଆ ପାଣି ଅଟକ ଅଭିଯୋଗରେ ଥାନାର ଦ୍ୱାରସ୍ଥ

ରାଜକନିକା,୨୮।୯(ସଞ୍ଜୟ କୁମାର ଦାଶ)


ମିର ଆୟୁବ ଅଭିଯୋଗପତ୍ର ଦେଖାଉଛନ୍ତି।

ରାଜକନିକା ଥାନା ଅନ୍ତର୍ଗତ ଆଖୁଲିପଡ଼ା ପଞ୍ଚାୟତ ମଲ୍ଲିକସାହାଡ଼ା ଗାଁ ଟୋଲା ମୌଜା ଆଡ଼ିଆସାହି ଗାଁରେ ଜଣକୁ ଏକଘରିଆ କରିବା ସହ ନିଁଆ ପାଣି ଅଟକ ରଖିବା ନେଇ ଶନିବାର ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ, ମିର ଆୟୁବଙ୍କ ଲିଖିତ ଅଭିଯୋଗକ୍ରମେ ଗାଁର ଅନ୍ୟମାନଙ୍କ ପରି ସରକାରୀ ଜମିକୁ ଅବରୋଧ କରି ଦୀର୍ଘଦିନ ହେବ ଘର କରି ସେ ରହି ଆସୁଛନ୍ତି। ଜମିର ଖଜଣା ମଧ୍ୟ ଦୀର୍ଘଦିନ ହେବ ସରକାରଙ୍କୁ ପୈଠ କରୁଛନ୍ତି। ଗାଁର ମୁଖିଆ ବା ସର୍ଦ୍ଦାର ଏହାକୁ ବିରୋଧ କରି ଗାଁର ଲୋକମାନଙ୍କୁ ମେଳି କରି ଏହି ଜମିରୁ ମୋତେ ଉଚ୍ଛେଦ କରିବାକୁ କହୁଛନ୍ତି। ଜମିରୁ ମୁଁ ଉଠି ନ ଯିବା ପର୍ଯ୍ୟନ୍ତ ଗାଁରୁ ନିଁଆ ପାଣି ଅଟକ କରିବା ସହ ଏକଘରିଆ କରିଛନ୍ତି। ଆହୁରି ମଧ୍ୟ ସେହି ଜମିରୁ ଉଠି ନ ଗଲେ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଶିକ୍ଷା ଦିଏ ମାନବିକତା, ଭାଇଚାରାର ପରିଚୟ


ବିଦ୍ୟାଳୟ ପରିସରରେ ଶିଶୁ ସୁରଭି କାର୍ଯ୍ୟକ୍ରମରେ ଅତିଥିମାନେ।

ମହାକାଳପଡ଼ା, ୨୮।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ**
■ ନୃତ୍ୟ ସଙ୍ଗୀତରେ ଝୁମିଲେ ଛାତ୍ରୀଛାତ୍ର

ଶିଶୁଙ୍କ ପ୍ରାକ୍ ପୃଷ୍ଠଭୂମିର ଶିକ୍ଷା ମାନବିକତା ମୂଲ୍ୟବୋଧ ଓ ଭାଇଚାରାର ମୂଳ ପରିଚୟ ଦିଏ। ଏହାକୁ ଆଧାର କରି ଶିଶୁଟିଏ ତା'ର ଭବିଷ୍ୟତ ଗଢ଼ି ତୋଳେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶାରୀରିକ, ମାନସିକ ଓ ବୌଦ୍ଧିକ ଶିକ୍ଷାର ପ୍ରସାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଅବସରରେ ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣି ପଞ୍ଚାୟତ ଅରୁଣ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି ଓ ସାଂସ୍କୃତିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଇଓ ବିଚିତ୍ରାନନ୍ଦ ସାମଲ, ମୁଖ୍ୟବକ୍ତା ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ମାନଙ୍କ ମଧ୍ୟରେ ଉଦୟନାଥ ବେହେରା, ଶୈଳେନ୍ଦ୍ର କୁମାର ସାମଲ, ଆଦିକନ୍ଦ ସାହୁ, କାର୍ତ୍ତିକ ସିଂ, ନିର୍ମଳ କୁମାର ପରିଡ଼ା, ଅଜୟ ରାଉତ, ମାନସୀ ବାଗ, ଅପନା ମହାରଣା, ଦିଲୀପ କୁମାର ବାରିକ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହାକୁ ଶିକ୍ଷକ ସୁନ୍ଦର ମୋହନ ସିଂ ଓ ସିଆର୍ସିସି ଅଶୋକ ମହାରାଜ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, ତର୍କ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ।

## ଗାନ୍ଧୀ ଜୟନ୍ତୀଠାରୁ ବିଜେଡିର ପଦଯାତ୍ରା

କେନ୍ଦ୍ରାପଡା, ୨୮।୯ (ଜଗନ୍ନାଥ ଧଳ)

ଆସନ୍ତା ଗାନ୍ଧୀ ଜୟନ୍ତୀଠାରୁ ଜନଜାଗରଣ ପାଇଁ କେନ୍ଦ୍ରାପଡ଼ା ଜିଲା ବିଜେଡି ପକ୍ଷରୁ ପଦଯାତ୍ରା ହେବ। ଏହି ପରିପ୍ରେକ୍ଷୀରେ ସହରର ଟାଉନ ହଲଠାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ନଗର ବିଜେଡି ସଭାପତି ଯଯାତୀ କେଶରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ବୈଠକରେ ଜିଲା ସଭାପତି ଧୀରେନ୍ କୁମାର ସାହୁ, ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଏ ସମ୍ପର୍କରେ ସୂଚନା ଦେବା ସହ ଦଳୀୟ ନେତା ଓ କର୍ମୀଙ୍କ ପରାମର୍ଶ ଗ୍ରହଣ କରିଥିଲେ। ଏଠାରେ ଦଳର ଜନସମ୍ପର୍କ ପଦଯାତ୍ରା ଓ ପ୍ରାଥମିକ ସଭ୍ୟ ସଂଗ୍ରହ ସମ୍ପର୍କରେ ଆଲୋଚନା ହୋଇଥିଲା। ଅକ୍ଟୋବର ୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୨ ତାରିଖରେ ସକାଳ ୮ଟାରେ ଗରାପୁର ଡାକବଙ୍ଗଳା ଛକସ୍ଥିତ ଗାନ୍ଧୀମୂର୍ତ୍ତିଠାରୁ ଜନ ସମ୍ପର୍କ ପଦଯାତ୍ରା ବାହାରି ତିନିମୁହାଣୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିସ୍ଥଳ ପର୍ଯ୍ୟନ୍ତ ଶୋଭାଯାତ୍ରା ଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରସ୍ତୁତି ବୈଠକରେ ଦଳର ବରିଷ୍ଠ ନେତା ରଞ୍ଜିତ କୁମାର ସାହୁ, ହିରଣ୍ୟ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସିଂହ, ସମ୍ବିତ ଶ୍ରୀଚନ୍ଦନ, ସେକ୍ ମତ୍ତୁ, ସେକ୍ ଇନାୟତ ପ୍ରମୁଖ ବହୁ କାର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବନିତାଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ସାତସପନ

ରାଜକନିକା,୨୮।୯(ସଞ୍ଜୟ କୁମାର ଦାଶ)

**ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ**



ଝାଟିମାଟି ଘର ସମ୍ମୁଖରେ ବନିତା।

କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା କରୁଛନ୍ତି। ହେଲେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହି ଯୋଜନା ପହଞ୍ଚି ପାରୁନାହିଁ। ପ୍ରଶାସନ ଆଢୁଆଳରେ ରହି ଯାଉଛନ୍ତି ଅନେକ ପରିବାର। ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ସେମାନଙ୍କ ପାଇଁ ନାହିଁ। କଚ୍ଚାଘର ଉପରେ ପଲିଥିନ ପକାଇ ଜୀବନ ବିତାଉଛନ୍ତି। ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ସତ୍ତ୍ୱେ କେହି ସେମାନଙ୍କ ଦୁଃଖ ଶୁଣୁନାହାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପାରିନୂଆପଡ଼ା-ହାବଳଗଣ୍ଡ ପଞ୍ଚାୟତ ହାବଳଗଣ୍ଡ ଗାଁର ବନିତା ସାହୁଙ୍କ କ୍ଷେତ୍ରରେ।

ବନିତାଙ୍କ ପରିବାର କହିଲେ, ସ୍ୱାମୀ କଳ୍ପତରୁ, ପୁଅ ଅଭିଷେକ, ଝିଅ ଆଦ୍ୟାଶା। ତାଙ୍କର ଘରଡିହ ଛଡ଼ା ଆଉ କିଛି ନାହିଁ। ସରକାରୀ ଯୋଜନା କହିଲେ କେବଳ ରାଶନ ସାମଗ୍ରୀ ପାଉଛନ୍ତି। ତାହା ପୁଣି ପରିବାରର ୪ଜଣ ଥିଲେ ବି ମିଳୁଛି ୩ ଜଣଙ୍କୁ ୧୫ କିଲୋ ଚାଉଳ। ମୁଣ୍ଡ ଗୁଞ୍ଜିବା ପାଇଁ ନୂଆଣିଆ ଭଙ୍ଗା ଦଦରା ଚାଳଘର। ପଇସାପତ୍ର ଅଭାବରୁ ଘର ଛପର ହୋଇ ନ ପାରିବାରୁ ପଲିଥିନ ପଡ଼ିଛି। ତାହା ପୁଣି ମାଟିରେ ମିଶିବାକୁ ବସିଲାଣି। ବର୍ଷାରେ କାନ୍ଥ ଭାଙ୍ଗି ପଡ଼ିଛି। ବିପଦପୂର୍ଣ୍ଣ ଭାବେ ସେହି ଘରେ ବାଧ୍ୟ ହୋଇ ପରିବାର ରହୁଛନ୍ତି। କିଛିଦିନ ପୂର୍ବେ ଶୋଇଥିବା ବେଳେ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଅଳ୍ପକେ ପରିବାର ଲୋକ ବର୍ତ୍ତି ଯାଇଥିଲେ। ଛପର ନ ହେବା ଯୋଗୁ ବର୍ଷା ହେଲେ ଘର ଭିତରେ ପାଣି ଲହଡ଼ି ମାରୁଛି। ବିଷଧର ସର୍ପ ସରୀସୃପ ଘର ଭିତରକୁ ଅବାଧରେ ବିଚରଣ କରିବା ଭୟ ବି ସୃଷ୍ଟି ହେଉଛି। କେବଳ ବର୍ଷାଦାଉରୁ ରକ୍ଷା ପାଇବା ପାଇଁ ପଲିଥିନ୍ ପକାଇ ପରିବାର ସହ ବନିତାଙ୍କ ପରିବାର ବଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯେମିତି ତାଙ୍କ ପାଇଁ ସାତସପନ ବୋଲି ସେ ଅଭିଯୋଗ କରିଛନ୍ତି। ଅନେକଥର ଘର ଖଣ୍ଡେ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ କାକୁତିମିନତି କରି ନିରାଶ ହୋଇଛନ୍ତି। ଥିଲାବାଲା ସବୁ ସରକାରୀ ଯୋଜନା ପାଇବେ, ଆମ ଗରିବ ଗୁରୁବାଙ୍କୁ ପଚାରେ କିଏ ବୋଲି ବନିତା କହି କାନ୍ଦି ପକାଇଥିଲେ। ପୂର୍ବ ସରକାରଙ୍କ ସମୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ମାଧ୍ୟମରେ ଘର ଖଣ୍ଡିଏ ପାଇଁ ବହୁବାର ଫର୍ମ ପକାଇଥିଲି। ହେଲେ କିଛି ଲାଭ ମିଳିଲା ନାହିଁ। ଲଘୁଚାପଜନିତ ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ଯିବାର ଆଶଙ୍କା ରହିଛି। ଏପରି ଆଶା ଆଶଙ୍କା ମଧ୍ୟରେ ଜୀବନ ଜିଉଥିବା ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଇବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କୁ ପଚାରିବାରେ ଆପଣଙ୍କଠାରୁ ଜାଣିବାକୁ ପାଇଲି। କ'ଣ ହେଇଛି ନାହିଁ ତଦନ୍ତ କରାଯିବ। ସେ ଆବାସ ପାଇବାକୁ ଯୋଗ୍ୟ ଥିଲେ ତୁରନ୍ତ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜରେ ଅଭିଭାବକ, ଅଧ୍ୟାପକଙ୍କ ବୈଠକ

ପଟ୍ଟାମୁଣ୍ଡାଇ,୨୮।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଅଭିଭାବକ-ଅଧ୍ୟାପକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ପ୍ରାଣୀ ବିଜ୍ଞାନ ପ୍ରକୋଷ୍ଠରେ ଆୟୋଜିତ ବୈଠକରେ ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସରୋଜିନୀ ମିଶ୍ର ବୈଠକର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରି ଉପସ୍ଥିତ ଅଭିଭାବକମାନଙ୍କୁ ସୁଚିନ୍ତିତ ମତାମତ ଦେବାକୁ ପରାମର୍ଶ ଦେଇଥିଲେ। ଅତିଥି ଅଧ୍ୟାପକ ସୁଶାନ୍ତ ରାଉତ ଓ ଡେମନଷ୍ଟ୍ରେଟର ଗଣେଶ୍ୱର ଦାସ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ କରିଥିଲେ। ଏହି ଅଧ୍ୟାପକ, ଅଭିଭାବକ ବୈଠକରେ ୨୫ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ। ଏଥିରେ ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ଗଣେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ।

## ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

ରାଜନଗର, ୨୮।୯(ଭାସ୍କର ରାଉତରାୟ)

ରାଜନଗର ମଣ୍ଡଳ ଶିକ୍ଷା ପକ୍ଷରୁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଉଦ୍‌ଘାଟନ କରିବା ସହ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ମଣ୍ଡଳ ସମ୍ବଳ ସଂଯୋଜିକା ଭକ୍ତିଲତା ବାରିକ, ସ୍ୱେଚ୍ଛାସେବୀ ସଙ୍ଗଠନ ସିନ୍ଧୁକା ଫାଉଣ୍ଡେଶନ ସଭାପତି ବିକ୍ରମ କେଶରୀ ବିଶ୍ୱାଳ, ସମ୍ପାଦକ ରଶ୍ମୀ ରଞ୍ଜନ ସେଠୀ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ ଏବଂ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାଧିକାରୀ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ମାର୍ଗଦର୍ଶନ କରିବା ସହ ଏହାର ସଫଳତା କାମନା କରିଥିଲେ। ରାଜନଗର ଶିକ୍ଷା ମଣ୍ଡଳରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରି ଏଫ୍ଏଲଏନକୁ ଶତ ପ୍ରତିଶତ ସଫଳ କରିବା ସହ ଜାତୀୟ ଶିକ୍ଷାନୀତି-୨୦୨୦କୁ ସଫଳ କରିବାକୁ ସାମୂହିକ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ ସଂଯୋଜକ ଚନ୍ଦ୍ରକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଯୋଗ ଦେଇଥିଲେ।

## ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ମାର୍ଶାଘାଇ,୨୮।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁଳସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ ବଳଦେବ ଜେନା, ସୁଶାନ୍ତ କୁମାର ବେଉରା, ଅନିତା ବେହେରା, ମାଧବ ନାୟକ, ପୂର୍ବତନ ଜିଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ନାଟ୍ୟ ନିର୍ଦ୍ଦେଶକ ଦିଲୀପ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ପଟ୍ଟନାୟକ ଓ କୁଳସାହି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିବେକାନନ୍ଦ ସ୍ୱାଇଁ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନର ଅଭିବୃଦ୍ଧି ଓ ସେମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ସୁଦୂରପ୍ରସାରୀ ହେବ ବୋଲି ମତପ୍ରକାଶ କରିଥିଲେ। ମୋଟ ୮୫ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କୁଇଜ ଓ ରୋଲ ପ୍ଲେରେ ଭାଗ ନେଇଥିଲେ। ସବ୍ ଜୁନିୟର, ଜୁନିୟର ଓ ସିନିୟର ଗ୍ରୁପ୍ କରାଯାଇ ପିଲାମାନଙ୍କ ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ନାରାୟଣ ମନ୍ତ୍ରୀ, ବିଜୟୀ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ଲେଙ୍କା, ପର୍ଶୁରାମ ନାୟକ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ଗୋଟିଏ ପଟେ ସ୍ୱଚ୍ଛତା, ଅନ୍ୟପଟେ କୁଢ଼ କୁଢ଼ ଆବର୍ଜନା

ପଟ୍ଟାମୁଣ୍ଡାଇ,୨୮।୯ (କଳ୍ପତରୁ ନାୟକ)



ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଲାଗି ଶୋଭାଯାତ୍ରା ଚାଲିଛି। ହେଲେ ଆବର୍ଜନା ଗଦା ହୋଇ ରହିଛି।

■ ସ୍ୱଚ୍ଛସାଥୀ, ଛାତ୍ରୀଛାତ୍ରଙ୍କୁ ବାଣ୍ଟିଲେ ପଲିଥିନରେ ଖାଦ୍ୟ
■ କାନ୍ଥବାଡ଼ରେ ଚିତ୍ର, ସ୍ଲୋଗାନରେ ସୀମିତ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପକ୍ଷରୁ ସହରରେ ସ୍ୱଚ୍ଛତା ହିଁ ସେବା-୨୦୨୪ ଅଭିଯାନ ଜାରିରହିଛି। ଚଳିତବର୍ଷ ଗାନ୍ଧୀ ଜୟନ୍ତୀ ପୂର୍ବରୁ ପୌର ପରିଷଦ ପକ୍ଷରୁ ୧୭ ତାରିଖଠାରୁ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଗଦା ହୋଇ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ତେବେ ପୌରାଞ୍ଚଳର ସ୍ୱଚ୍ଛତା ଅଭିଯାନ କାନ୍ଥରେ ଚିତ୍ର ଅଙ୍କା, ବ୍ୟାନର ଲଗା ଏବଂ ସ୍ଲୋଗାନରେ ସୀମିତ ହୋଇ ରହିଯାଇଛି। ସହରରେ ଅଳିଆ ଓ ଆବର୍ଜନା ପଡ଼ି ରହୁଥିବା ବେଳେ ଏହାକୁ ଉଠା ଯାଉ ନ ଥିବା ଦେଖିବାକୁ ମିଳିଛି। ଶୁକ୍ରବାର ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ସ୍ୱଚ୍ଛ ସାଥୀ ଓ ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ପଲିଥିନରେ ଖାଦ୍ୟପେୟ ବଣ୍ଟନ କରିବା ସମସ୍ତ ଆଇନକାନୁନ ଓ ନୀତିକୁ ପ୍ରଶାସନିକ ଅଧିକାରୀମାନେ ଫୁ କରି ଉଡ଼ାଇ ଦେଉଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସହରବାସୀ ଅନନ୍ତ ଦାଶ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଘୋଷଣା କରାଯିବା ସହ ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କୁ ସଚେତନ କରାଯିବା ସହିତ ଶପଥପାଠ, ପ୍ଲାଷ୍ଟିକ ବ୍ୟବହାରକୁ ନା କହିବା ଓ ସପ୍ତାହକୁ ୨ ଘଣ୍ଟା ସଫେଇ କରିବା ଆଦି ସଚେତନ କରାଯାଇଛି। ଚଳିତ ମାସ ୧୭ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାନର ଲଗାଯାଇ ସଚେତନତା କରାଯାଇଛି। ଏ ନେଇ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା ସଚେତନତା ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଏଥିରେ ସ୍କୁଲ, କଲେଜ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମାତ୍ର ପରିଷଦ ପକ୍ଷରୁ ସେମାନଙ୍କୁ ପଲିଥିନରେ ପ୍ଲାଷ୍ଟିକ୍ ପାଣି ବୋତଲ ସହ ଖାଦ୍ୟ ପ୍ୟାକେଟ ଦିଆଯାଇଥିଲା। ଯାହାକୁ ସେମାନେ ବ୍ୟାବହାର କରିବା ପରେ ଖୋଲା ସ୍ଥାନରେ ପକାଇ ଦେଇଥିଲେ। ପଟ୍ଟାମୁଣ୍ଡାଇ ସହର କିଭଳି ପ୍ଲାଷ୍ଟିକ, ପଲିଥିନ ମୁକ୍ତ ହୋଇ ସ୍ୱଚ୍ଛ ରହିବ ସେ ନେଇ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ଏ ନେଇ ବିଭିନ୍ନ ଜାଗା, ପାଚେରିରେ ଚିତ୍ର ଅଙ୍କାଯିବା ସହ ସ୍ଲୋଗାନରେ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସ୍ୱଚ୍ଛତା କର୍ଯ୍ୟକ୍ରମରେ ନିଜେ ପୌର ପ୍ରଶାସନ କିଭଳି ପଲିଥିନରେ ଶତାଧିକ ପିଲାଙ୍କୁ ଖାଦ୍ୟ, ପାଣି ବଣ୍ଟନ କଲେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାଜିକ କର୍ମୀ ଅମିତାଭ ସ୍ୱାଇଁ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ୱାର୍ଡରେ ଗଦା ଗଦା ଅଳିଆ ପଡ଼ି ରହିଛି। ଫଳରେ କାଉ, କୁକୁରଙ୍କ ସହ ଅଳିଆ, ପ୍ଲାଷ୍ଟିକ ଓ ଅନ୍ୟ ସାମଗ୍ରୀ ଗୋଟାଉଥିବା ଲୋକେ ବି ଆବର୍ଜନାକୁ ଘାଣ୍ଟିବାରେ ଲାଗୁଛନ୍ତି। ସହର ସାରା ଡଷ୍ଟବିନ୍ ଏବଂ ପୌରାଞ୍ଚଳର ପ୍ରମୁଖ ସ୍ଥାନରେ ଡଷ୍ଟବିନ୍ ୟାର୍ଡ ସ୍ଥାପନ କରାଯାଇଛି। ଏଥିସହ ସହରର ଡଷ୍ଟବିନ୍ ୟାର୍ଡଗୁଡ଼ିକରୁ ଅଳିଆ ଆବର୍ଜନା ଉଠାଇବାକୁ ଅଳିଆ ଉଠା ଗାଡ଼ି ମଧ୍ୟ ନିୟୋଜିତ କରାଯାଇଛି। ତଥାପି ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ପଟ୍ଟାମୁଣ୍ଡାଇ ସହର ଆବର୍ଜନା ମୁକ୍ତ ନ ହେବା ଚିନ୍ତାର ବିଷୟ ପାଲଟିଛି। ବହୁ ସଂଖ୍ୟକ ସ୍ୱଚ୍ଛସାଥୀଙ୍କୁ ନିୟୋଜିତ କରାଯାଇ ସହରକୁ ଅଳିଆ ମୁକ୍ତ କରିବାକୁ ସ୍ୱତନ୍ତ୍ର ଅଭିଯାନ ଚାଲିବା ଏକ ପ୍ରହସନରେ ପରିଣତ ହୋଇଛି। ବୁଦ୍ଧିଜୀବୀ ପ୍ରମୋଦ ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ଅବସ୍ଥା ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଏକ ପ୍ରହସନ। ସହର ସାରା କୁଢ଼ କୁଢ଼ ଆବର୍ଜନା। ସହରର ବିଭିନ୍ନ ଗଳିକନ୍ଦିରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଓ ପଲିଥିନ ଜମା ହୋଇ ରହିଥିବା ଦେଖିବାକୁ ମିଳୁଛି। ସହରର ସଂଖ୍ୟାଲଘୁ ବସ୍ତି, ତହସିଲ କାର୍ଯ୍ୟାଳୟ ସମ୍ମୁଖ ଡେଲି ମାର୍କେଟ, ପଟ୍ଟାମୁଣ୍ଡାଇ କୋର୍ଟ ପାର୍ଶ୍ୱ, ପଟ୍ଟାମୁଣ୍ଡାଇ ବାଇପାସ୍ଠାରୁ ପଟ୍ଟାମୁଣ୍ଡାଇ କେନାଲ ପୋଲ ପର୍ଯ୍ୟନ୍ତ ଯଙ୍କ ପଡ଼ିଆ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କୁଢ଼ କୁଢ଼ ଅଳିଆ ପଡ଼ି ରହିଛି। କେବଳ ସହର ମୁଖ୍ୟରାସ୍ତାରୁ ଅଳିଆ ହଟାଯାଇ ସହର ଆବର୍ଜନାମୁକ୍ତ ଦର୍ଶାଯାଉଛି। ସ୍ୱଚ୍ଛତାଭିତ୍ତିକ ଜନସଚେତନତା ପାଇଁ ପୋଷ୍ଟର, ବ୍ୟାନର, କାନ୍ଥଲେଖା ସହ ସ୍କୁଲ, କଲେଜରେ ସଚେତନତା ଆୟୋଜନ କରାଯାଉଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ଗିରିଙ୍କୁ ପଚାରିବାରେ ସହରର ସ୍ୱଚ୍ଛତା ଦିଗରେ ସର୍ବଦା ପଦକ୍ଷେପ ନିଆଯାଉଛି। ଯଦି ସହରରେ ସ୍ୱଚ୍ଛତା ଦିଗରେ ଅବହେଳା ହେଉଛି ସେ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଓଡ଼ଗାଁ ସେବା ସମବାୟ ସମିତିରେ ଅଚଳାବସ୍ଥା

## ସମ୍ପାଦକଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିବାକୁ ଚାଷୀଙ୍କ ଦାବି

ଓଡ଼ଗାଁ, ୨୮।୯(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲାରେ ସମବାୟ ବିଭାଗରେ ଦିନକୁଦିନ ନାନା ଅନିୟମିତତା ଦେଖା ଦେଇଥିବାବେଳେ କେତେଜଣ ନିର୍ବାଚିତ ପରିଚାଳନା କମିଟିଙ୍କ ପରିଚାଳନାଗତ ତ୍ରୁଟି ସମସ୍ତଙ୍କୁ ବ୍ୟଥିତ କରିଛି। ଫଳ ସ୍ୱରୂପ ଜିଲାରେ କେତେଜଣ ପରିଚାଳନା କମିଟିକୁ ସମବାୟ ବିଭାଗ ନିଲମ୍ବିତ କରିଥିବା ନଜୀର ରହିଛି। ଏପରିସ୍ଥଳେ ଜିଲା ଓଡ଼ଗାଁ ସେବା ସମବାୟ ସମିତି(ପାକ୍ସ)ରେ ସମାନ ସ୍ଥିତି ଉପୁଜିଛି। ଏହାର ସମାଧାନ ସହିତ ପାକ୍ସକୁ ସ୍ୱଚ୍ଛଳ ଭାବେ ପରିଚାଳନା କରିବାକୁ ଶତାଧିକ ଚାଷୀ ଶୁକ୍ରବାର ପୁରୀ ଏମ୍‌ପି, ଜିଲାପାଳ ଜିଲା ସମବାୟ ଅଧିକାରୀଙ୍କୁ ଭେଟି ଶତାଧିକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ ୬ବର୍ଷ ପୂର୍ବେ ଏହି ପାକ୍ସର ସ୍ଥାୟୀ ସମ୍ପାଦକ ରହିଥିବା ଦୀପକ କୁମାର ଚୌଧୁରୀଙ୍କୁ ଅକାରଣରେ ଆକ୍ରୋଶମୂଳକ ଭାବେ ତତ୍‌କାଳୀନ ଏବଂ ଏବିକାର କେତେଜଣ ପରିଚାଳନା କମିଟି ସଦସ୍ୟ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଏ ସମ୍ପର୍କରେ ଚୌଧୁରୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲା ପରେ ନିରାଶ ହେବାରୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଦୀର୍ଘ ୬ ବର୍ଷ କାଳ ସେ ବିନା ଦରମାରେ ନିଲମ୍ବିତ ହୋଇ ରହିଥିବାବେଳେ ଉଚ୍ଚ ନ୍ୟାୟାଳୟରେ ସମବାୟ ବିଭାଗ କିମ୍ବା ପରିଚାଳନା କମିଟି ଦୀପକଙ୍କ କାର୍ଯ୍ୟରେ ଅବହେଳା କିମ୍ବା କୌଣସି ଅନୈତିକତା ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିବାରେ ବିଫଳ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଉଭୟପକ୍ଷଙ୍କ ତଥ୍ୟକୁ ବିଚାର ପୂର୍ବକ ଦୀପକଙ୍କୁ ତାଙ୍କର ନିଜ ପଦବୀରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଫଳ ସ୍ୱରୂପ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ସମିତି ପରିଚାଳନା ପରିଷଦ ଦୀପକଙ୍କୁ ଅଗଷ୍ଟ ୨୩ ତାରିଖରେ କାର୍ଯ୍ୟରେ ଅବସ୍ଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭାରପ୍ରାପ୍ତ ସମ୍ପାଦକ ମନୋଜ କୁମାର ପ୍ରଧାନ କାର୍ଯ୍ୟକାରୀ କରିବା ସହ ଦୀପକଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅନୁମତି ପ୍ରଦାନ କରିଥିଲେ ସୁଦ୍ଧା ଏଯାବତ୍ କୌଣସି ଦାୟିତ୍ୱ ହସ୍ତାନ୍ତର ନ କରିବା ବିଡମ୍ବନା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏ ନେଇ ଭାରପ୍ରାପ୍ତ ସମ୍ପାଦକ ମନୋଜଙ୍କୁ ପଚାରିବାରେ ସେ କେବଳ ଦୀପକଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅନୁମତି ପାଇଥିବାବେଳେ ଦାୟିତ୍ୱ ହସ୍ତାନ୍ତର କରିବାକୁ ଏଯାବତ୍ ପରିଚାଳନା କମିଟି ସଭାପତି କିମ୍ବା ଜିଲା ସମବାୟ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପାଇ ନ ଥିବା କହିଛନ୍ତି। ଅନ୍ୟପକ୍ଷେ ଭାରପ୍ରାପ୍ତ ସମ୍ପାଦକ ପୂର୍ବରୁ ଏହି ସମିତି ସମେତ ଅନ୍ୟ ସମିତି ଦାୟିତ୍ୱରେ ଥିଲାବେଳେ ଅନୈତିକି କାର୍ଯ୍ୟ ପାଇଁ ନିଲମ୍ବିତ ହୋଇଥିବା ବେଳେ ସେ କିପରି ପୁନଃ ଅବସ୍ଥାପିତ ହୋଇଛନ୍ତି ସେ ନେଇ ଚାଷୀମାନେ ପ୍ରଶ୍ନବାଚୀ ଉଠାଇଛନ୍ତି।

ଏତିକିବେଳେ ସମିତିରେ ସମ୍ପାଦକଙ୍କ ଦାୟିତ୍ୱ ହସ୍ତାନ୍ତରକୁ ନେଇ ଛକାପଞ୍ଝା ଲାଗି ରହିଥିବା ବେଳେ ଚାଷୀମାନେ ସମିତିରେ ଅଚଳାବସ୍ଥା ଦୂର କରିବାକୁ ଚିନ୍ତା ପ୍ରକଟ କରିଛନ୍ତି। ସମିତିର ସ୍ଥାୟୀ ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ ପରିଚାଳନା କମିଟିର ଅନେକ ଗୁମର ପଦାରେ ପଡ଼ିଯିବା ଆଶାଙ୍କାରେ କେତେଜଣ ଚାଷୀଙ୍କୁ ହାତ ବାରିଷି କରି ଉଚ୍ଚ ନ୍ୟାୟାଳୟ ଆଦେଶାନୁସାରେ କାର୍ଯ୍ୟରେ ଯୋଗ ଦେଇଥିବା ସମ୍ପାଦକଙ୍କ ବିରୋଧରେ ପୂର୍ବରୁ ଜିଲାପାଳଙ୍କ ନିକଟରେ ମିଥ୍ୟା ଅଭିଯୋଗ କରିଥିବା ସେମାନେ ପ୍ରକାଶ କରିଛନ୍ତି। ଏପରିକି ଯୋଗ ଦେଇଥିବା ସମ୍ପାଦକଙ୍କୁ ଅଫିସରେ ପଶି ଗାଳିଗୁଲଜ କରିବାକୁ ମଧ ପଛାଇ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ସମସ୍ତ ଚାଷୀ ତୁରନ୍ତ ଜିଲାପାଳ ଏଥିରେ ହସ୍ତକ୍ଷେପ କରିବା ପୂର୍ବକ ଏକ ନିରପକ୍ଷେ ତଦନ୍ତ କରିବା ସହ ସମିତିରେ ଲାଗି ରହିଥିବା ଅଚଳାବସ୍ଥାକୁ ଦୂର କରିବାକୁ ଆଶା ପୋଷଣ କରିଛନ୍ତ। ଏ ନେଇ ନୟାଗଡ଼ ଡିଆରସିଏସ୍ ଅନନ୍ତ କୁମାର ନାୟକଙ୍କୁ ପଚାରିବାରେ ହାଇକୋର୍ଟଙ୍କର ନିର୍ଦ୍ଦେଶ ଅନୁସାରେ ନିଲମ୍ବିତ ଦୀପକ ଚୌଧୁରୀଙ୍କୁ ଓଡ଼ଗାଁ ସମବାୟ ସମିତିର ସମ୍ପାଦକ ଭାବେ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କାର୍ଯ୍ୟରେ ଯୋଗ ଦେବା ପରେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଉନି। କେତେଜଣ ଚାଷୀ ଦୀପକଙ୍କୁ ଦାୟିତ୍ୱ ଦେବା ପାଇଁ ଦାବି କରୁଥିବାବେଳେ ଅନ୍ୟମାନେ ଦାୟିତ୍ୱ ଦିଆ ନ ଯାଉ ବୋଲି କହୁଛନ୍ତି। ଦୀପକ କାର୍ଯ୍ୟରେ ଯୋଗଦେବା ପାଇଁ ଯିବା ଦିନଠାରୁ ବିବାଦ ଦେଖା ଦେଇଛି। ତେବେ ସମବାୟ ବିଭାଗ ପକ୍ଷରୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର



ସୁରଭି କାର୍ଯ୍ୟକ୍ରମରେ ଶିଶୁମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ବିଭିନ୍ନ ସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ନୂଆଗାଁ, ୨୮।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲରେ ଶନିବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଦ୍ୱାରା ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆସିପାରିବ ବୋଲି ଅତିଥିମାନେ କହିଛନ୍ତି। ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା କରି କୃତିତ୍ୱମାନଙ୍କୁ ପୁରସ୍କୃତ କରାଯାଉଛି। ଶୁକ୍ରବାର ସଂପଡ଼ା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ନୂଆଗାଁ କ୍ଲଷ୍ଟରର ସରକାରୀ ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଦୌଡ଼, ହସ୍ତାକ୍ଷର ଲିଖନ, ଗୀତ, ନାଚ ଭଳି ୩୦ଟି ପ୍ରତିଯୋଗିତା ହୋଇଥିଲା। କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ ପ୍ରଧାନ, ଅଧ୍ୟାପିକା ପଦ୍ମିନୀ ରାଉତ, ଅଧ୍ୟାପିକା ଅର୍ପିତା ପ୍ରିୟଦର୍ଶିନୀ ବିଚାରକ ଭାବେ କୃତୀ ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ। ଶିଶୁମାନଙ୍କ ଦ୍ୱାରା ପରିବେଶିତ ଲୋକନୃତ୍ୟ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିପାରିଥିଲା। ନୂଆଗାଁ ଏବିଇଓ କବିତା ମଞ୍ଜରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ନୂଆଗାଁ ସରପଞ୍ଚ ଅମିତା ପରିଡ଼ା, ନୂଆଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭୀମସେନ ଦାସ, ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ ପ୍ରଧାନ, ରବିନାରାୟଣ ଖଣ୍ଡୁଆଳ , ସିଆର୍‌ସିସି କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସୁଧୀର କୁମାର ପ୍ରଧାନ ଓ ରଶ୍ମିତା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁରୂପ ଭାବେ ବନ୍ତଲା ଶିବରାମ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଙ୍ଗାରପଲି ସରପଞ୍ଚ ଗାୟତ୍ରୀ ବେହେରା, ସୀମାଞ୍ଚଳ ସେନାପତି, ସିଆରସିସି ବୀରକିଶୋର ବଳବନ୍ତସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ହୋଟେଲ ଶିଳ୍ପ ପରିଦର୍ଶନ

ଖଣ୍ଡପଡ଼ା, ୨୮।୯
(ଅଜୟ କୁମାର ମହାରଣା)

ଛାତ୍ରୀଛାତ୍ରମାନଙ୍କ ହୋଟେଲ ଶିଳ୍ପ ପରିଦର୍ଶନ ଧନ୍ଦାମୂଳକ ଶିକ୍ଷାର ଏକ ଅଂଶ ବିଶେଷ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଧନ୍ଦାମୂଳକ ପାଠ୍ୟକ୍ରମରେ ଅଧ୍ୟୟନରତ ୯ମ ଓ ୧୦ ଶ୍ରେଣୀର ଛାତ୍ରୀଛାତ୍ରମାନେ ଶନିବାର ହୋଟେଲ, ରେଷ୍ଟୁରାଣ୍ଟ ଓ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି ସେ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ଧନ୍ଦାମୂଳକ ଶିକ୍ଷକ ଦିଗମ୍ବର ପ୍ରଧାନ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ଅନିଲ କୁମାର ପ୍ରଧାନଙ୍କ ସହିତ ନିକଟସ୍ଥ ଓମ ସାଇ ହୋଟେଲ ଓ ରେଷ୍ଟୁରାଣ୍ଟକୁ ପରିଦର୍ଶନରେ ଯାଇ ପର୍ଯ୍ୟଟକମାନଙ୍କ ଖାଦ୍ୟପେୟ, ଆତିଥ୍ୟତା ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ସେହିପରି ଖଳିସାହିସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଧନ୍ଦା ମୂଳକ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ମଧ ହୋଟେଲ ଶିଳ୍ପ ପରିଦର୍ଶନ କରିଥିବା ଜଣାପଡ଼ିଛି।

# କୃତ୍ରିମ ବୁଦ୍ଧିମତ୍ତା ଶୀର୍ଷକ ଖଣ୍ଡପଡ଼ା ବ୍ଲକସ୍ତରୀୟ ବିଜ୍ଞାନ ସେମିନାର




ସେମିନାରରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଖଣ୍ଡପଡ଼ା, ୨୮।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୧୧ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସେମିନାରକୁ ଖଣ୍ଡପଡ଼ା ବିଇଓ କୈଳାସ ଚନ୍ଦ୍ର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। 'କୃତ୍ରିମ ବୁଦ୍ଧିମତା' ଶିର୍ଷକ ବିଜ୍ଞାନ ସେମିନାରରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡପଡ଼ାର ଛାତ୍ର ଅଂଶୁମାନ୍ ଷଡ଼ଙ୍ଗୀଙ୍କ ପ୍ରକଳ୍ପ ପ୍ରଥମ ହୋଇଥିବାବେଳେ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତି ରଞ୍ଜନ ସାହୁ ଓ ଶ୍ରୀନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟ, ଖଳିସାହିର ଛାତ୍ରୀ ପ୍ରିୟଦର୍ଶିନୀ ରାଉତଙ୍କ ପ୍ରକଳ୍ପ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ବିଚାରକ ଭାବେ ଏବିଇଓ ନାରାୟଣ ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ଓ ଶିକ୍ଷକ ଶ୍ରୀନିବାସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ନିମନ୍ତେ ବିଜ୍ଞାନ ସେମିନାରର ଆୟୋଜନ କରାଯାଇଥିବା ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଜ୍ଞାନ ସେମିନାର ପରିଚାଳନାରେ ସହଯୋଗ କରିଥିଲେ।

# ଉଠା ଜଳସେଚନ ପ୍ରକଳ୍ପ ୮ବର୍ଷ ପରେ କାର୍ଯ୍ୟକ୍ଷମ

## କୃତଜ୍ଞତା ଜଣାଇଲେ ଚାଷୀ

ଓଡ଼ଗାଁ, ୨୮।୯ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଦଣ୍ଡୋର ଗାଁରେ ଏକ ଉଠା ଜଳ ସେଚନ ପ୍ରକଳ୍ପ ୨୦୧୬ରେ କାର୍ଯ୍ୟାକ୍ଷମ କରି ଅଳ୍ପଦିନରେ ଅଚଳ ହୋଇଯାଇଥିଲା। ଦୀର୍ଘ ୮ବର୍ଷ ପରେ ସଚଳ ହୋଇଛି। ସୂଚନା ଅନୁସାରେ, ଉଠା ଜଳସେଚନ ନିଗମ, ପାଣି ପଞ୍ଚାୟତ କମିଟି ଓ ବିଦ୍ୟୁତ୍ ବିଭାଗର ମିଳିତ ଚୁକ୍ତି ଅନୁସାରେ ଦଣ୍ଡୋର ଗାଁର କେତେଜଣ ଚାଷୀଙ୍କ ଜମିକୁ ପାଣି ଯୋଗାଇବାକୁ ଏକ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ହେଲେ ପରିଚାଳନାଗତ ତ୍ରୁଟି ହେଉ କି ତତ୍‌କାଳୀନ ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥାର ଅବହେଳା କାରଣରୁ ଏହି ପ୍ରକଳ୍ପ ନିମନ୍ତେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସହ କୌଣସି ମିଟର କିମ୍ବା ଗ୍ରାହକ ସଂଖ୍ୟା ଉପଲବ୍ଧ କରାଯାଇ ନ ଥିଲା। ଫଳତଃ କିଛିଦିନ ଚାଷୀମାନେ ବିନା ଦେୟରେ ଜମିକୁ ପାଣି ମଡାଇବାରେ ସଫଳ ହୋଇଥିଲେ ସୁଦ୍ଧା ପରେ ଏହାକୁ ସୁଧାରିବାକୁ କୌଣସି ପଦକ୍ଷେପ ନେଇ ନ ଥିଲେ। ଏପରିକି ପାଣି ପଞ୍ଚାୟତ ସଦସ୍ୟ ବ୍ୟତିରେକ ଅନେକ ଲୋକ ହୁକ ପକାଇ ବେଆଇନ ଭାବେ ବିଦ୍ୟୁତ୍ ବ୍ୟବହାର କରୁଥିବା ବିଭାଗୀୟ ନଜରକୁ ଆସିଥିଲା। କାଳକ୍ରମେ ବିଦ୍ୟୁତ୍ ଦେୟ ଆଦାୟ ହେଉ ନ ଥିବା କାରଣରୁ ଟାଟା ପାୱାର ଏଥିରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲା। ଫଳରେ ବିନା ଦେୟରେ ଉପକୃତ ହୋଇଥିବା ଅନେକ ଚାଷୀଙ୍କ ଦୀର୍ଘଦିନ ପରେ ଚଳିତବର୍ଷ ମରୁଡ଼ି ଦେଖା ଦେବା ପରେ ଚେତା ପଶିଥିଲା। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କୁ ଭେଟି ଅଚଳ ପ୍ରକଳ୍ପକୁ ସଚଳ କରିବାକୁ ଅନୁରୋଧ କରିଥିଲେ। ଏ ନେଇ ବିଧାୟକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଏହି କାରଣରୁ



ଏହାକୁ ଟାଟା ପାୱାର ଅଧିକାରୀ ତ୍ୱରାନ୍ୱିତ କରିବା ସହ ଓଏଲଆଇସିକୁ ବାଦ ଦେଇ ପାଣି ପଞ୍ଚାୟତକୁ ପକ୍ଷ ଭୁକ୍ତ କରି ଗ୍ରାହକ ନମ୍ବର ପଞ୍ଜିକୃତ କରିବା ସହ ନୂତନ ମିଟର ଲଗାଇ ବିଦ୍ୟୁତ୍ ସଂଯୋଗ ଦେଇ କାର୍ଯ୍ୟକ୍ଷମ କରିଥିବା ସହକାରୀ ଯନ୍ତ୍ରୀ ବିନୋଦ କୁମାର ମହାରଣା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଦଣ୍ଡୋର ଗ୍ରାମର ଚାଷୀ ଶାନ୍ତନୁ କୁମାର ବିଶୋୟୀ ଓ କ୍ଲବ ସଦସ୍ୟ ପ୍ରସନ୍ନ କୁମାର ପ୍ରଧାନ ଦୀର୍ଘ ୮ ବର୍ଷ ପରେ ଅଚଳ ପ୍ରକଳ୍ପ ସଚଳ ହୋଇଥିବାରୁ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଛନ୍ତି।

# ସୂଚନା, ପ୍ରଯୁକ୍ତି ବିଦ୍ୟାର ପ୍ରସାର ପାଇଁ ସେମିନାର

ଖଣ୍ଡପଡ଼ା, ୨୮।୯(ଅଜୟ କୁମାର ମହାରଣା)

ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରଚାର ପ୍ରସାର ତଥା ଏ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ ନିମନ୍ତେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ କମ୍ପ୍ୟୁଟର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ନଲେଜ କରପୋରେଶନ ଲିମିଟେଡ(ଓକେସିଏଲ) ପକ୍ଷରୁ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଓକେସିଏଲ୍ ନୟାଗଡ଼ ଜିଲା ସମ୍ପାଦକ ପ୍ରତାପ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ କମ୍ପ୍ୟୁଟର ପ୍ରୋଗ୍ରମ ଅଧିକାରୀ ଟୁଟୁ ସାହୁ, ଗିରିଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସୁଦୂର ପ୍ରସାରୀ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ କଣ୍ଟିଲୋ ଓକେସିଏଲ୍ କେନ୍ଦ୍ରର ପରିଚାଳକ ସୁଶାନ୍ତ କୁମାର ସାହୁ ସଂଯୋଜନା କରିଥିଲେ। ସେମିନାରରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସରଳା ବେହେରା, ଲିପିନା ସାହୁ, ସସ୍ମିତା ସାହୁ, ରିମା ପ୍ରଧାନ, ପ୍ରାଧ୍ୟାପକ ପ୍ରଭାତ କୁମାର ବେହେରା, ଅଧ୍ୟାପକ ରମେଶ କୁମାର ସାହୁ, ଡ. ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ଦକ୍ଷତା ହାସଲ କରିବା ଓ କମ୍ପ୍ୟୁଟର ଶିକ୍ଷାର ଉପଯୋଗିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଡ. ନିରୋଦ କୁମାର ମନ୍ତ୍ରୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ୨ବର୍ଷର କନ୍ୟାଙ୍କୁ ବଳାତ୍କାର ସନ୍ଦେହ

ନୟାଗଡ଼, ୨୮।୯(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଅଞ୍ଚଳର ଜଣେ ୨ବର୍ଷର କନ୍ୟାଙ୍କୁ ଶୁକ୍ରବାର ବଳାତ୍କାର କରାଯାଉଥିବା ସନ୍ଦେହ କରାଯାଉଛି। ଏ ନେଇ ଅଭିଯୋଗ ପରେ ନଂ. ୩୬୨/୨୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଶିଶୁକନ୍ୟାଙ୍କ ଅବସ୍ଥାରେ ଉନ୍ନତିନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମା'ଙ୍କ ଅଭିଯୋଗ ଅନୁସାରେ ଝିଅ ଘରେ ଶୋଇଥିବାବେଳେ ସେ ବାହାର ପାଖରୁ ତାଲା ପକାଇ ବଜାରକୁ ସଉଦା ପାଇଁ ଯାଇଥିଲେ। ବଜାରରୁ ଫେରି ଦେଖନ୍ତି ଝିଅ ଘରେ କାନ୍ଦୁଛି। ଗୁପ୍ତାଙ୍ଗରୁ ରକ୍ତ ବାହାରୁଛି। ବାହାର ପଟୁ ତାଲା ପଡ଼ିଥିବାବେଳେ ଝିଅ ଗୁପ୍ତାଙ୍ଗରୁ ରକ୍ତ ବାହାରିଲା କିପରି। ପୋଲିସ ଘଟଣାର ତଦନ୍ତ କରିବା ସହ ପୀଡ଼ିତାଙ୍କର ଡାକ୍ତରୀ ମାଇନା କରିଛି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

ଖଣ୍ଡପଡ଼ା, ୨୮।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପଠାଣି ସାମନ୍ତ ପୂଜ୍ୟପୂଜା ଓ ଖଣ୍ଡପଡ଼ା ଯୁବକ ସଂଘ ମିଳିତ ସହଯୋଗରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଟିନିକଲ ସାହିର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏବଂ ସ୍ୱାସ୍ଥକେନ୍ଦ୍ର କର୍ମଚାରୀମାନେ ଯୋଗଦେଇ ଡାକ୍ତରଖାନା ପରିସର ସଫା କରିଥିଲେ। ପରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ବାର୍ତ୍ତା ଉଦ୍ଦେଶ୍ୟରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ସ୍ୱଚ୍ଛ ହେବା, ସୁସ୍ଥ ରହିବା ଏବଂ ନିରୋଗ ରହିବା ବିଭିନ୍ନ ସ୍ଲୋଗାନମାନ ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର କୁମାର ବାରିକ, ସଭାପତି ଜୟରାମ ଦାସ, ଯୁବକ ସଂଘର ସଭାପତି ସୁଶାନ୍ତ କୁମାର ମହାରଣା ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଓ ଅନ୍ୟମାନେ।

# କଣ୍ଟିଲୋ ପଞ୍ଚାୟତ: ବିକାଶମୂଳକ କାର୍ଯ୍ୟକୁ ନା

## ୫ବର୍ଷିଆ ପୋଖରୀ ନିଲାମ ପାଇଁ ଜନ ପ୍ରତିନିଧିଙ୍କ ନିଷ୍ପତ୍ତି

ଖଣ୍ଡପଡ଼ା, ୨୮।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏକକ ରାଜସ୍ୱ ଗ୍ରାମ ଭାବେ କଣ୍ଟିଲୋ ପଞ୍ଚାୟତ ଜଣାଶୁଣା। ୨୫ଟି ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ମଞ୍ଜୁର କରାଯାଉଛି। ତାହା ବାସ୍ତବରେ ବିବାଦୀୟ ପରିସ୍ଥିତି ପାଇଁ ବ୍ୟତିକ୍ରମ ଦେଖା ଦେଉଥିବା ଜଣାପଡ଼ିଛି। ତେବେ କଣ୍ଟିଲୋ ପଞ୍ଚାୟତ ପରିସରରେ ଥିବା ଏକ ପୋଖରୀକୁ ବିଧି ବ୍ୟବସ୍ଥାକ୍ରମେ ଅମୃତ ସରୋବର ଯୋଜନାରେ ପ୍ରଶାସନିକ ସ୍ତରରେ କାର୍ଯ୍ୟକାରୀ କରାଯାଇଥିବା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି। ଏ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଏ ଦିଗରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନୀତିନିୟମ ପ୍ରକାରେ ଯେଉଁ ପଞ୍ଚାୟତ ଅଧୀନରେ ଏକ ଏକରରୁ ଅଧିକ ପୋଖରୀ ଥିବ ତାକୁ ଅମୃତ ସରୋବର ଯୋଜନାରେ ସାମିଲ କରାଯାଇ କାର୍ଯ୍ୟ କରାଯିବ। ଏ ପରିପ୍ରେକ୍ଷୀରେ କଣ୍ଟିଲୋ ପଞ୍ଚାୟତ ଅଧୀନରେ ଥିବା ପାଣ୍ଡୁସାହୁପାଟଣା, କୁଞ୍ଜବିହାରୀପୁରପାଟଣା ଗାଁ ମୁଣ୍ଡରେ ଥିବା ବଡ଼ପୋଖରୀଟି ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଉକ୍ତ ପୋଖରୀକୁ ଦୀର୍ଘବର୍ଷ ଧରି ନିଲାମ ସୂତ୍ରେ ନେଉଥିବା ଗ୍ରାମବାସୀ ବିଶେଷ କରି ପାଣ୍ଡୁସାହୁପଟଣା ଗ୍ରାମ କମିଟି ପକ୍ଷରୁ ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖଣ୍ଡପଡ଼ା ବିଡିଓଙ୍କୁ ସାକ୍ଷାତ କରିଥିଲେ। ପାଟଣା ବଡ଼ ପୋଖରୀଟିକୁ ଅମୃତ ସରୋବର ଯୋଜନାରେ ସାମିଲ କରିବାକୁ ସେ ନିବେଦନ କରିଥିଲେ। ଉକ୍ତ ପୋଖରୀକୁ ଅମୃତ ସରୋବର ଯୋଜନାରେ ସାମିଲ କରାଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ପ୍ରାୟ ୨୦ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ଯୋଜନାରେ ପୋଖରୀ କାର୍ଯ୍ୟ ପାଇଁ ଉକ୍ତ ପୋଖରୀକୁ ବର୍ଷିକିଆ ନିଲାମ ସୂତ୍ରରେ ଦେବାକୁ ପଞ୍ଚାୟତ ପକ୍ଷରୁ କାର୍ଯ୍ୟକ୍ରମ ଚାଲିଛି। ଏହାକୁ ବିରୋଧ କରି କେତେଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ କେତେଜଣ ଗ୍ରାମବାସୀ ଉକ୍ତ ପୋଖରୀକୁ ୫ ବର୍ଷ ପାଇଁ ନିଲାମ ଦେବାକୁ ଅଡ଼ି ବସିଥିଲେ। ଏହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ପୋଖରୀକୁ ୫ବର୍ଷିଆ ନିଲାମ ଦେବା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଅକ୍ଟୋବର ୧୧ରେ ପଞ୍ଚାୟତ ଘେରାଉ କରାଯିବ ବୋଲି ମହିଳା ଗୋଷ୍ଠୀର ସଦସ୍ୟା ଓ କେତେଜଣ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସମେତ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କିତ 'ପୋଖରୀ ନିଲାମକୁ ନେଇ ବିବାଦ' ଶିର୍ଷକ ଏକ ଖବର ୨୬ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ତେବେ ଅଭିଯୋଗପତ୍ରକୁ ନେଇ ଶୁକ୍ରବାର ପଞ୍ଚାୟତର ଏକ ସ୍ୱତନ୍ତ୍ର ବୈଠକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ ବଡ଼ସେଟ୍, ସରପଞ୍ଚ ଶ୍ରୀୟାରାଣୀ ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ ପ୍ରାୟ ସମସ୍ତ ୨୫ଟି ୱାର୍ଡର ୱାର୍ଡ ସଦସ୍ୟ ଉପସ୍ଥିତ ରହି ଅମୃତ ସରୋବର ଯୋଜନାରେ ପୋଖରୀର ଉନ୍ନତିକରଣ ଦରକାର ନାହିଁ, ପୋଖରୀକୁ ୫ବର୍ଷିଆ ନିଲାମ ଦିଆଗଲେ ପଞ୍ଚାୟତକୁ ଅଧିକ ନିଲାମ ଅର୍ଥ ଆସିଲେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ବୋଲି ୱାର୍ଡ ସଭ୍ୟମାନେ ଅଡ଼ି ବସିଥିଲେ। ପ୍ରତ୍ୟେକ ସଭ୍ୟ ପୋଖରୀ ନିଲାମ ସପକ୍ଷରେ ସେମାନଙ୍କର ମତ ରଖିଥିଲେ। ଫଳରେ ଅମୃତ ସରୋବର ଯୋଜନାକୁ କାର୍ଯ୍ୟକାରୀ କରା ନ ଯାଇ ପୋଖରୀକୁ ନିଲାମ ସୂତ୍ରେ ୫ ବର୍ଷ ପାଇଁ ଦିଆଯିବାର ନିଷ୍ପତ୍ତି ନିଆଯାଇଥିବା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବଡସେଟ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପ୍ରୋସିଡିଂ ଲେଖାଯାଇ ବିଡିଓଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଅମୃତ ସରୋବର ଯୋଜନାରେ ଏହା ସାମିଲ ଅଛି ନା ନାହିଁ ତାହା କହିହେବ ନାହିଁ ବୋଲି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବଡସେଟ ସୂଚନା ଦେଇଛନ୍ତି। ଏପରିସ୍ଥିତିରେ ପ୍ରତ୍ୟେକ ୱାର୍ଡ ସଭ୍ୟଙ୍କୁ ଜଣ ଜଣ କରି ପଚାରିବାରେ ସେମାନେ ପୋଖରୀକୁ ୫ ବର୍ଷ ପାଇଁ ନିଲାମ ଦିଆଯିବାକୁ ମତ ରଖିଛନ୍ତି। ଉକ୍ତ ପୋଖରୀକୁ ମହିଳା ଗୋଷ୍ଠୀଙ୍କୁ ନିଲାମ ସୂତ୍ରେ ଦିଆଯିବା ସହ ଏ ସମ୍ପର୍କରେ ଉପଜିଲାପାଳ କେତେ ପରିମାଣର ନିଲାମ ଡକାଯିବ ସେ ନେଇ ଜଣାଇବା ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ବୁଦ୍ଧିଜୀବୀ ମହଲରେ ଏ ନେଇ ଚର୍ଚ୍ଚା ଜୋର ଧରିଛି। ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟି ଦିଆ ନ ଯାଇ ପୋଖରୀର ଉନ୍ନତିକରଣ ପାଇଁ ଯୋଜନାରେ ଥିବା ୨୦ଲକ୍ଷ ଟଙ୍କା ବିନିଯୋଗ କରା ନ ଯାଇ ନିଲାମ ଅର୍ଥ ଦ୍ୱାରା ପଞ୍ଚାୟତର କି ଫାଇଦା ହେବ ବୋଲି ସାଧାରଣରେ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରମୋଦ


@ ସଂଗ୍ରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତାରେ ନଦୀର ଭ୍ରମ

## ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପରେ ଅବ୍ୟବସ୍ଥା

ଯାଜପୁର,୨୮।୯ (ହର୍ଷବର୍ଦ୍ଧନ ବେହେରା)

ସହରବାସୀ ଏବଂ ପର୍ଯ୍ୟଟକଙ୍କ ଅବସର ବିନୋଦନ ପାଇଁ ରାଜ୍ୟ ସରକାର ବ୍ୟାସ ସରୋବର ପ୍ରକଳ୍ପର ପରିକଳ୍ପନା କରିଛନ୍ତି। କିନ୍ତୁ ଏହି ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ ଏବଂ ଜଙ୍ଗଲ ସୃଷ୍ଟି ଲକ୍ଷ୍ୟ ପରାହତ ହୋଇଛି। ବ୍ୟାସସରୋବର ଛକଠାରୁ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥାକୁ ଦେଖିଲେ ନଦୀର ଭ୍ରମ ସୃଷ୍ଟି ହେଉଛି। ହେଲେ ବ୍ୟାସ ସରୋବରକୁ ରାସ୍ତା ନିର୍ମାଣ ପାଇଁ ଆଉ ଅର୍ଥ ନାହିଁ ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଉଛି। ବିଭାଗୀୟ ଅଟକଳ ଓ ଡିଜାଇନ ଅନୁସାରେ ଜିଲା ଖଣିଜ ନ୍ୟାସ ପ୍ରତିଷ୍ଠାନ(ଡିଏମଏଫ୍) ପାଣ୍ଠିରୁ ୬୯.୨୨ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବାବେଳେ ରାସ୍ତା ନିର୍ମାଣ ବାବଦ ଅର୍ଥ କୁଆଡ଼େ ଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏଥିରୁ ସମ୍ପୃକ୍ତ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଏକ ବଡ଼ଧରଣର ଅସାଧୁ କାରବାର ହୋଇଥିବା ସନ୍ଦେହ କରାଯାଉଛି।

ବ୍ୟାସ ସରୋବର ପ୍ରକଳ୍ପର ଡିଜାଇନ ଅନୁସାରେ ପଶ୍ଚିମ ପଟରେ ପାଚେରି ନିର୍ମାଣ ଶେଷ ହୋଇ ନ ଥିବାରୁ ଅଧିକାଂଶ ଅଞ୍ଚଳ ଖୋଲା ପଡ଼ିଛି। ଏହାବାଦ୍ ମନ୍ଦିରର ଆବଶ୍ୟକ ନିର୍ମାଣ, ମେଡିସିନ ଗାର୍ଡେନ, ସଂଯୋଗୀକରଣ ରାସ୍ତା, ଆବଶ୍ୟକ ଉଚ୍ଚ ପାଚେରି, ଇରିଗେଶନ ସିଷ୍ଟମ, କୌରବ ଓ ପାଣ୍ଡବଙ୍କ ମୂର୍ତ୍ତି, ଚକ୍ରବ୍ୟୂହ, ଭୀଷ୍ମଶରଶଯ୍ୟା, ବିଶ୍ୱରୂପ, କମ୍ପୋଷ୍ଟ ଏରିଆ ଇତ୍ୟାଦି ଉପଯୁକ୍ତ ଭାବେ ନିର୍ମାଣ ହୋଇନାହିଁ। ପ୍ରକଳ୍ପକୁ ଯେନତେନ ପ୍ରକାରେ ସମ୍ପୂର୍ଣ୍ଣ କରି ଦିଲ୍ଲୀର ଠିକାସଂସ୍ଥା ଏନ୍‌ବିସିସି(ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ) ଜରିଆରେ କାର୍ଯ୍ୟ କରୁଥିବା କ୍ରିଷ୍ଣା ବିଲ୍‌ଡର୍ସ ଫେରାର ହେବାକୁ ଯୋଜନା କରୁଥିବା ଅଭିଯୋଗ ହେଉଛି। ତେଣୁ ଡିସେମ୍ବର ସୁଦ୍ଧା ଏହି ଅଧାପନ୍ତରିଆ ପ୍ରକଳ୍ପକୁ ଉଦ୍‌ଘାଟନ କରାଯିବାକୁ ଯୋଜନା ହେଉଥିବା ସୂଚନା ମିଳିଛି। ପ୍ରାୟ ଦେଢ଼ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ସହରରେ ମନୋରଞ୍ଜନ ପାଇଁ କୌଣସି ସୌନ୍ଦର୍ଯ୍ୟସ୍ଥଳୀ, ପାର୍କ, ବୋଟିଂ କ୍ଲବ ଇତ୍ୟାଦି ନ ଥିବାରୁ ଏହି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ରୂପକୁ ସହରବାସୀ ଚାହିଁ ରହିଛନ୍ତି। ଏପରିକି ପ୍ରକଳ୍ପ ନିର୍ମାଣରେ କୌଣସି ପ୍ରକାର ବିରୋଧ କିମ୍ବା ବାଧକ ନ ସାଜିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଏହାର ସୁଯୋଗରେ ନିର୍ମାଣକାରୀ ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଠିକାସଂସ୍ଥାର ମନମାନି ବଢ଼ି ଚାଲିଛି। ପ୍ରଥମେ ପ୍ରଥମେ କେତେକ ଉନ୍ନତମାନର କାର୍ଯ୍ୟ କରିଥିବାବେଳେ ପରବର୍ତ୍ତୀ ସମୟରେ କେବଳ ଲାଭ ଜଗିବା ଭଳି କାର୍ଯ୍ୟ ହୋଇଥିବା ଦୃଷ୍ଟିଗୋଚର ହୋଇଛି। ପ୍ରକଳ୍ପର ବିଭିନ୍ନ ସ୍ଥାନରେ ଷ୍ଟେନ୍‌ଲେସ୍ ଷ୍ଟିଲ ପରିବର୍ତ୍ତେ ନିମ୍ନମାନର ପାଇପରେ ପ୍ରାଇମର ଲଗାଇ ଛାଡି ଦିଆଯାଇଛି। ଫଳରେ ପ୍ରକଳ୍ପ ନ ସରୁଣୁ ବିଭିନ୍ନ ଲୁହା ପାଇପରେ କଳଙ୍କି ଲାଗିଥିବା ଦେଖାଯାଇଛି। ବିଶେଷକରି ମୁଣ୍ଡମାଳ ବ୍ୟାସନଗର ଛକଠାରୁ ପ୍ରକଳ୍ପ ନିକଟସ୍ଥ ମହିମା ମଠ ପର୍ଯ୍ୟନ୍ତ ଏକ ଓସରିଆ ରାସ୍ତାର ଭିତ୍ତିଭୂମି ନିର୍ମାଣ ସରିଛି। ଏଥିରେ ମୋରମ, ପାଉଁଶ, ମେଟାଲ ଇତ୍ୟାଦି ବ୍ୟବହାର କରି ଛାଡ଼ି ଦିଆଯାଇଛି। ଫଳରେ ରାସ୍ତା ସାରା ମେଟାଲ ଉଠି ବିଭିନ୍ନ ସ୍ଥାନରେ ଦବିଯାଇଛି। ପ୍ରକଳ୍ପର ପୁରୁଣା ମୁଖ୍ୟ ଫାଟକ ନିକଟରେ ରାସ୍ତା ଉପରେ ଏକ ନଦୀ ପ୍ରବାହିତ ହେଉଥିବା ଭଳି ଦୃଷ୍ଟିଗୋଚର ହେଉଛି। ଏଠାରେ ପାଣି ଉପରେ ଚାଲି କି ଯିବା କଷ୍ଟକର ଲାଗୁଛି। ବହୁ କୋଟି ଟଙ୍କା ଖର୍ଚ୍ଚ କରି ଯଦି ପ୍ରକଳ୍ପକୁ ସହଜ ଗମନାଗମନ ହୋଇ ନ ପାରିବ ତେବେ ତାହା ପର୍ଯ୍ୟଟକଙ୍କ ପାଇଁ ବିଡ଼ମ୍ବନା ଛଡା ଅନ୍ୟ କିଛି ନୁହେଁ ବୋଲି ମତପ୍ରକାଶ ପାଇଛି। ଏହାବାଦ ମନ୍ଦିର ଏବଂ ଗୁପ୍ତଗଙ୍ଗା ପାର୍ଶ୍ୱ ଅଞ୍ଚଳରେ କେବଳ ଟାଇଲ୍ସ ଓ ରଙ୍ଗ ଲଗାଇବା ସହ ଚତୁଃପାର୍ଶ୍ୱରେ କିଛି ଗଛ ଲଗାଇ ଛାଡ଼ି ଦିଆଯାଇଛି। ଦୁଇ ବଖରା ବିଶିଷ୍ଟ ଗୋଟିଏ ଛୋଟ ଘର ନିର୍ମାଣ ହୋଇଛି। ଏହାସହ ଗୁପ୍ତଗଙ୍ଗାଠାରୁ ଗଣ୍ଡାନାଳ ପର୍ଯ୍ୟନ୍ତ କେତେକ ଗଛ ଲଗାଇବା ସହ ସୌନ୍ଦର୍ଯ୍ୟକରଣ ଓ ବୋଟିଂ ବ୍ୟବସ୍ଥା କାର୍ଯ୍ୟ ହୋଇଛି। ସରୋବରର ମୁଖ୍ୟ ଫାଟକଠାରୁ ଗୁପ୍ତଗଙ୍ଗା ପର୍ଯ୍ୟନ୍ତ କେବଳ ଟାଇଲ୍ସ ଲାଗିଥିବାବେଳେ ଉଭୟ ପାର୍ଶ୍ୱରେ ଥିବା ୧୧ଟି ଗମ୍ବୁଜର ନିର୍ମାଣ କିମ୍ବା ମରାମତି ହୋଇନାହିଁ। ଫଳରେ ସେହି ପୁରୁଣା ଭଙ୍ଗା ଗମ୍ବୁଜଗୁଡିକ ଭାଙ୍ଗି ପଡ଼ି ପର୍ଯ୍ୟଟକଙ୍କ ପାଇଁ ବିପଦସଙ୍କୁଳ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ କ୍ରିଷ୍ଣା ବିଲ୍‌ଡର ଠିକାସଂସ୍ଥାର ପରିଚାଳକ ଜୟବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ଏନ୍‌ଜିଟି ମାମଲା ଯୋଗୁ ରାସ୍ତା ଓ ବାକି ପାଚେରି ନିର୍ମାଣ ହୋଇପାରିନାହିଁ। ଗମ୍ବୁଜଗୁଡ଼ିକର ମରାମତି ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାବାଦ୍ ବର୍ଷାଦିନ ସରିଲେ ରଙ୍ଗ ଲଗାଇ ଉଦ୍‌ଘାଟନ କରିବାକୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି।


ବ୍ୟାସ ସରୋବର ରାସ୍ତା ।

## ନାଳରେ ପଡ଼ି ୨ ବର୍ଷର ଶିଶୁପୁତ୍ର ମୃତ

ସିଂହପୁର,୨୮।୯(ଅନଙ୍ଗ ଉଦୟ ବେଉରିଆ):

ଯାଜପୁର ଜିଲା ଅଲକୁଣ୍ଡ ଥାନା ଅଧୀନ ଅଣ୍ଡାଳୋ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଅସାବଧାନତା ଯୋଗୁ ନାଳରେ ପଡ଼ି ଜଣେ ୨ ବର୍ଷ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତକ ହେଲେ ଅଣ୍ଡାଳୋ ଗ୍ରାମର ସର୍ବେଶ୍ୱର ନାୟକଙ୍କ ପୁଅ ସୌରଭ। ସୌରଭ ଘରଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଭୋଳାବାଡ଼ିସ୍ଥିତ ନାଳକୁ କୌଣସି ପ୍ରକାରେ ଚାଲିଯାଇଥିଲେ। ସେଠାରେ ଖସିପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏହାପରେ ଉକ୍ତ ନାଳରେ ସୌରଭ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସର୍ବେଶ୍ୱର ଥାନାରେ ଅଭିଯୋଗ କରିବା ପରେ



ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୬/୨୪ ରୁଜୁ ହୋଇଛି।

ପୂର୍ବ ତଟ ରେଳପଥ

ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ୍ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା

ସଂ. C/SBP/STBA/NSG-6 Catg/Stn/01/24/01 ତା. 24.09.2024 ରିଖ

୦୩(ତିନି) ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ୦୧(ଏକ) ଗୋଟି NSG-6 ବର୍ଗର ଷ୍ଟେସନ୍ ଠାରେ ସମସ୍ତ ସିଫ୍ଟରେ ଦିନସାରା କାର୍ଯ୍ୟ କରିବାକୁ କମିଶନ ଭିତ୍ତିରେ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ ଅଣସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA)ଙ୍କ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ପ୍ରଦତ୍ତ ଫର୍ମାଟରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ସମ୍ବଲପୁର ମଣ୍ଡଳ ନିକଟକୁ ଆବେଦନ କରିପାରିବେ।

ଅଣ-ଉପନଗରୀୟ ଗ୍ରେଡ୍-୬ ବର୍ଗ ଷ୍ଟେସନ (NSG-6) : ରୁପ୍ରା ରୋଡ୍ (ପ୍ଲାଟଫର୍ମ-୬)

ପ୍ରଦାନଯୋଗ୍ୟ କମିଶନ: ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିବା ତଥା ସ୍ଲାବ୍-୩ରେ ସର୍ବନିମ୍ନ କମିଶନ (ଅର୍ଥାତ୍ ୪% କମିଶନ ସ୍ଲାବ୍) ଦାବି କରୁଥିବା ଆବେଦନକାରୀ(ମାନେ)ଙ୍କୁ STBA ରୂପେ ମନୋନୀତ କରାଯିବ। ପ୍ରଦାନଯୋଗ୍ୟ କମିଶନ ନିମ୍ନ ପ୍ରକାର ଅଟେ :
ସ୍ଲାବ୍-୧ : ୧-୨୦,୦୦୦ : ୨୫% (ସର୍ବନିମ୍ନ ଟ.୨,୫୦୦/-), ସ୍ଲାବ୍-୨ : ୨୦,୦୦୧-୧,୦୦,୦୦୦: ୧୫%, ସ୍ଲାବ୍-୩ : >୧,୦୦,୦୦୦ : ୪% କିମ୍ବା ସୂଚିତ ଦର ଯେଉଁଟା କମ୍ ହେବ।

ଦରଖାସ୍ତ ପୂରଣ ନିମନ୍ତେ ବିସ୍ତୃତ ବିବରଣୀ ଏବଂ ନିର୍ଦ୍ଧାରିତ ଫର୍ମାଟ ପୂର୍ବ ତଟ ରେଳପଥ ୱେବ୍‌ସାଇଟ୍ ଅର୍ଥାତ୍ http://eastcoastrail.indianrailways.gov.in ରୁ ତା.14.10.2024 ରିଖ 1800 ଘଟିକା ପର୍ଯ୍ୟନ୍ତ ପ୍ରାପ୍ତ କରାଯାଇ ପାରିବ କିମ୍ବା ତା.14.10.2024 ରିଖ 1000 ଘଟିକା ଠାରୁ 1800 ଘଟିକା ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଦିବସରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ମିଳିପାରିବ।

ବାକ୍ସରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଦାଖଲ/ଜମା କରାଯିବାର ଅନ୍ତିମ ତାରିଖ ହେଉଛି ତା.15.10.2024 ରିଖ 1100 ଘଟିକା ପର୍ଯ୍ୟନ୍ତ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର
PR-564/P/24-25

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 853/PIM(J)/KLD/2024 Date:28.09.2024
TENDER CALL NOTICE
Tenders are invited for procurement for Science Laboratory Equipments and Computer under Improvement of Science Laboratory Grants by Department of Higher Education. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT
VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA- 768017
No.13501/VIMSAR Dated 27.09.2024
TENDER CALL NOTICE
No.E-369:- Sealed tenders are invited in two bids system by the undersigned from the Registered Firms/ Authorized Dealers having GST holders for supply of Consumables & others to this Institution for use in the Bio Medical Waste Management Plant & different places of the Hospital so as to reach of Office of the Superintendent, VSS Institute of Medical Sciences & Research Burla on or before dt.28.10.2024 upto 5.00 P.M. through Regd. Post / Speed Post / Couriers only and this will be opened on dt.29.10.2024 at 11.00 A.M.
The detailed list of terms along with terms and conditions of this Tender Call Notice can be obtained from the Office of the Superintendent, VSS Institute of Medical Sciences & Research, Burla during office hours or can be downloaded from the website www.sambalpur.nic.in or from www.vimsar.ac.in from its date of publication.
Sd./- Superintendent
VSS Inst. of Med. Sc. & Research, Burla
OIPR-10187/11/0008/2425

# ସୁରକ୍ଷା ନୁହେଁ, ଠିକାଦାରଙ୍କ ସ୍ୱାର୍ଥକୁ ଗୁରୁତ୍ୱ

- ପୋଖରୀ ପାର୍ଶ୍ୱରେ ପାଚେରି ନିର୍ମାଣ ଦାବିକୁ ଅଣଦେଖା
- ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗୀୟ ନିର୍ଦ୍ଦେଶ

ଯାଜପୁର,୨୮।୯(ହର୍ଷବର୍ଦ୍ଧନ ବେହେରା)

ଛାତ୍ରୀଛାତ୍ର ଓ ଲୋକଙ୍କ ସୁରକ୍ଷା ନୁହେଁ, ଠିକାଦାରଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି ଯାଜପୁର ଜିଲା ଜାରକା ଗ୍ରାମ୍ୟ ନିର୍ମାଣ ବିଭାଜନ କର୍ତ୍ତୃପକ୍ଷ। ଏଭଳି ଅଭିଯୋଗ ଆଣିଛନ୍ତି ଜିଲାର ବଡ଼ଚଣା ବ୍ଲକ ବାଲିପଡିଆ ପଞ୍ଚାୟତ ଦେକୁରି(ଚାନ୍ଦପୁର) ଗ୍ରାମର ବାସିନ୍ଦା। ଗ୍ରାମରେ ଥିବା ତେଲେଙ୍ଗେଶ୍ୱର ଐତିହ୍ୟ ପୋଖରୀ ପାର୍ଶ୍ୱଦେଇ ଯାଇଥିବା ରାସ୍ତା ବିପଦସଙ୍କୁଳ ହୋଇଛି। ଉକ୍ତ ପୋଖରୀଟି ଗଭୀର ଓ ସେଥିରେ ପାଣି ଭର୍ତ୍ତି ହୋଇରହିଛି। ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଗ୍ରାମବାସୀ, ଛାତ୍ରୀଛାତ୍ର ପୋଖରୀ ମଧ୍ୟରେ ପଡ଼ିଯିବା ଭୟ ରହୁଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଜାରକା ଗ୍ରାମ୍ୟ ନିର୍ମାଣ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ, ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା କେବଳ ପତ୍ର ଆଦାନ ପ୍ରଦାନରେ ପଦକ୍ଷେପ ସୀମିତ ରହିଛି। ଏହିକ୍ରମରେ ଉକ୍ତ ଅଭିଯୋଗକୁ ନେଇ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପୁଣି ଥରେ ୨୧।୯।୨୦୨୪ରେ କେନ୍ଦ୍ରାପଡ଼ା-ଯାଜପୁର ଗ୍ରାମ୍ୟ ନିର୍ମାଣ ସର୍କଲର ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟରଙ୍କୁ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ ଲୋକଙ୍କୁ ବିପଦରୁ ସୁରକ୍ଷା ଦେବାକୁ ପୋଖରୀ ପାର୍ଶ୍ୱରେ ଏକ ସିମେଣ୍ଟ କଂକ୍ରିଟ ପାଚେରି ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାପରେ ୩।୮।୨୦୨୪ରେ ବଡ଼ଚଣା ବିଧାୟକ ଅମର ନାୟକଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସୁପାରିସ କରିଥିଲେ। କିନ୍ତୁ ଏହାର ୧ ମାସରୁ ଅଧିକ ସମୟ ହୋଇଥିଲେ ବି କୌଣସି ପଦକ୍ଷେପ ନିଆଗଲା ନାହିଁ। ଏହିକ୍ରମରେ ୫।୯।୨୦୨୪ରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଲୋକେ ଅବଗତ କରାଇଥିଲେ। ହେଲେ ରାସ୍ତା କାର୍ଯ୍ୟ ସରିଗଲାଣି, କିଛି କରି ହେବ ନାହିଁ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଅସହାୟତା ପ୍ରକାଶ କରିଥିଲେ। ଏହି ରାସ୍ତାରେ ଏକାଧିକ ସ୍ଥାନରେ ଅନାବଶ୍ୟକ ସିମେଣ୍ଟ କଂକ୍ରିଟ ପ୍ରାଚୀର ନିର୍ମାଣ ସହ ରାସ୍ତାର ନକ୍ସା ଓ ଆକଳନକୁ ବଦଳାଇ ନିମ୍ନମାନର କାର୍ଯ୍ୟ ହୋଇଛି। ଏଠାରେ ଠିକାଦାରଙ୍କୁ ଅନୁକମ୍ପା ଦେଖାଇ ଅଧୀକ୍ଷଣ ଯନ୍ତ୍ରୀ ଲୋକଙ୍କ ସମସ୍ୟା ପ୍ରତି ଆଖିବୁଜି ଦେଇଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଛନ୍ତି।


ଦେକୁରି ରାସ୍ତା ପାର୍ଶ୍ୱରେ ଥିବା ପୋଖରୀ ।

# ଋଣ ଟଙ୍କା ନ ଦେବାରୁ ଘରେ ପଶି ଆକ୍ରମଣ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ପାଣିକୋଇଲି,୨୮।୯(ବିକାଶ ମଲ୍ଲିକ):

ଯାଜପୁର ଥାନା ଅନ୍ତର୍ଗତ ଭାଗବତପୁର ଗ୍ରାମର ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ସତ୍ୟଭାମା ଓ ତାଙ୍କ ପରିବାରର ତିନିଜଣ ଏକ ଘରୋଇ ବ୍ୟାଙ୍କରୁ ଋଣ କରି ଶୁଝି ନ ପାରିବାରୁ ବ୍ୟାଙ୍କ କର୍ମଚାରୀମାନେ ତାଙ୍କ ପରିବାରକୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହାର ପ୍ରତିବାଦରେ ସେମାନେ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତି ସପ୍ତାହରେ ଋଣ କିସ୍ତି ଦେଉଥିଲେ। ଚଳିତ ସପ୍ତାହର ଦୁଇଜଣଙ୍କ କିସ୍ତି ଦେଇଥିବାବେଳେ ଜଣଙ୍କର କିସ୍ତି ବାକିଥିଲା। ଗତ ୨୪ ତାରିଖରେ ବ୍ୟାଙ୍କ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ତାଙ୍କ ଘରେ ପଶି କିସ୍ତି ଟଙ୍କା ମାଗିଥିଲେ। ସତ୍ୟଭାମା ଆସନ୍ତାକାଲି ବାକିଥିବା କିସ୍ତି ଦେବାକୁ କହିବାରୁ ସେମାନେ ଘରେ ପଶି ଜୁଲମ କରିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘରେ ଥିବା ଗ୍ରାଇଣ୍ଡର ଓ ଫ୍ୟାନକୁ ଫୋପାଡି ଦେଇଥିଲେ। ରବୀନ୍ଦ୍ର ପ୍ରତିବାଦ କରିବାରୁ ସେମାନେ ଘରେ ବସିଥିବା ଗରମ ଚାକୁ ତାଙ୍କ ଛାତିକୁ ଫୋପଡ଼ିଥିଲେ। ରବୀନ୍ଦ୍ର ଚିକିତ୍ସିତ ହେବା ପରେ ଯାଜପୁର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜଣେ କନଷ୍ଟେବଲ ଏହି ମାମଲାର ରଫାଦଫା କରିବାକୁ ବାଧ୍ୟ କରିଥିଲେ। ରଫାଦଫା ନ କଲେ ଗିରଫ ଧମକ ଦେଇଥିଲେ ସେମାନେ ଏସ୍‌ପିଙ୍କୁ ଜଣାଇଛନ୍ତି।


ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ପରିବାର ।

# ଲଗାଣ ବର୍ଷାରେ କାନ୍ଥ ପଡ଼ି ମହିଳା ଗୁରୁତର

ପାଣିକୋଇଲି,୨୮।୯(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତର ମଣିପୁର ଗ୍ରାମରେ ଘର କାନ୍ଥ ପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ବିଜୟ ନାୟକଙ୍କ ସ୍ତ୍ରୀ ବସନ୍ତ ମଞ୍ଜରୀ(୫୬)। ଲଘୁଚାପ ଯୋଗୁ ପାଣିକୋଇଲି ଅଞ୍ଚଳରେ ୩ ଦିନ ଧରି ବର୍ଷା ଜାରି ରହିଥିଲା। ଏହାର ପ୍ରଭାବରେ ବିଜୟଙ୍କ ମାଟି ଘର କାନ୍ଥ ବତୁରି ରହିଥିଲା। ଶୁକ୍ରବାର ବସନ୍ତ ମଞ୍ଜରୀ ଉକ୍ତ ଘରେ ରୋଷେଇ କରୁଥିବାବେଳେ ଘରର କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଥିଲା। ସେ କାନ୍ଥ ତଳେ ଚାପି ହୋଇ ରହିଥିଲେ। ଚିତ୍କାର ଶୁଣି ପରିବାରର ଅନ୍ୟମାନେ ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଏକ୍ସରେ କରିବାରୁ ତାଙ୍କ ପିଠି ପିଞ୍ଜରାର ଦୁଇଟି ହାଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଥିଲା। ବସନ୍ତ ମଞ୍ଜରୀଙ୍କ ସ୍ୱାମୀ ବିଜୟ ନାମ ମାତ୍ର ଚାଷୀ। ସ୍ତ୍ରୀଙ୍କ ଚିକିତ୍ସା କରିବାକୁ ତାଙ୍କ ପାଖରେ ଅର୍ଥ ନାହିଁ। ତେଣୁ ତାଙ୍କ ସ୍ତ୍ରୀଙ୍କୁ ସରକାର ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହିତ ବସନ୍ତଙ୍କୁ ଆବାସ ଯୋଜନାରେ ଘର ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

कार्यपालक अभियन्ता का कार्यालय,
ग्रामीण कार्य विभाग, कार्य प्रमण्डल, लातेहार
अल्पकालीन ई– निविदा आमंत्रण सूचना
ई–निविदा संख्या :– 06/2024-25/EE/RWD/LATEHAR दिनांक : 27.09.2024

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि |
|---|---|---|---|---|---|---|
| 1 | RWD/LATEHA R/25/2024-25 | बरवाडीह | वमंडीह सिंचाई विभाग पथ आरा मिल से ठाकुर टोला खरवार टोला होते हुए देवरी नदी पुल तक पथ निर्माण। | 240.099 | रू0 दो करोड़ चालीस लाख नौ हजार नौ सौ रूपये मात्र। | 12 माह |
| 2 | RWD/LATEHA R/26/2024-25 | लातेहार सदर | पंचायत बेंदी ग्राम चुरिया में रामरती उरॉव के घर से गोदना स्कूल तक पथ निर्माण। | 213.438 | रू0 दो करोड़ तेरह लाख तैंतालीस हजार आठ सौ रूपये मात्र। | 12 माह |
| 3 | RWD/LATEHA R/27/2024-25 | लातेहार सदर | ग्राम होटवाग में मुंषी यादव के घर से आर0ई0ओ0 पथ तक पथ निर्माण कार्य। | 107.123 | रू0 एक करोड़ सात लाख बारह हजार तीन सौ मात्र। | 09 माह |

1. वेबसाईट में निविदा प्रकाशन की तिथि : 05.10.2024
2. ई–निविदा प्राप्ति की अंतिम तिथि एवं समय : 12.10.2024 अपराह्न 5:00 बजे तक।
3. निविदा खोलने की तिथि एवं समय : 14.10.2024 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।
कार्यपालक अभियन्ता
ग्रामीण कार्य विभाग कार्य प्रमण्डल, लातेहार
PR 337440 REO(24-25)D

ବୟନିକା
୧୯୫୭ ମସିହା ଠାରୁ
ପବିତ୍ର ଦୁର୍ଗାପୂଜା ଏବଂ କୁମାର ପୂର୍ଣ୍ଣିମା ଉପଲକ୍ଷେ
Fresh New Stock at all Branches
ବିଶେଷ ସରକାରୀ ରିହାତି
୧୦% + ୨୦%
ତା.୨୯.୦୯.୨୪ ରୁ ୧୬.୧୦.୨୪ରିଖ ପର୍ଯ୍ୟନ୍ତ
(ସମସ୍ତ ଶାଖା ଏବଂ Online କ୍ରୟରେ ଉପଲବ୍ଧ)
Shop Online at : www.boyanika.com
DSPL-124 A
OIPR-31004/13/0043/2425
ହସ୍ତତନ୍ତ, ବସ୍ତ୍ର ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରମୋଦ



@ ସଂଗ୍ରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡମସାହି ୫-ଟି ହାଇସ୍କୁଲର ଚିତ୍ର

# ସ୍ମାର୍ଟ ସ୍କୁଲରେ ସ୍ମାର୍ଟ ଦୁର୍ନୀତି

- ବର୍ଷେ ପରେ ହାତ ମାରିଲେ ଖସି ପଡ଼ୁଛି ପଲସ୍ତରା
- କାନ୍ଥ, ଛାତ ଫାଟି ଆଁ କରି ରହିଛି
- ଚଟାଣର ଟାଇଲ ପରିତ୍ୟକ୍ତ
- ଜିଲାପାଳଙ୍କୁ ଫେରାଦ୍ ହେଲେ ଗ୍ରାମବାସୀ

ନୟାଗଡ଼/ରଣପୁର,୨୮।୯
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)



ହାତ ମାରିଲେ ବିଦ୍ୟାଳୟ କାନ୍ଥରୁ ପ୍ଲାଷ୍ଟର ଖସୁଛି।



ଶ୍ରେଣୀ ଗୃହ କାନ୍ଥ ଫାଟି ସିମେଣ୍ଟ ଖଣ୍ଡ ଗଳି ପଡ଼ିଛି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ନୟାଗଡ଼ ଜିଲା ରଣପୁର ବ୍ଲକ ଡମସାହି ୫-ଟି ହାଇସ୍କୁଲ ନିର୍ମାଣ କାର୍ଯ୍ୟରେ ହେରଫେର ହୋଇଥିବା ଅଭିଯୋଗ ଉଠିଛି। ବର୍ଷକ ପରେ ସ୍କୁଲର ଛାତ ଓ କାନ୍ଥ ଆଁ କରି ବିପଦ ସଙ୍କୁଳ ଭାବେ ରହିଛି। ହାତ ମାରିଲେ କାନ୍ଥରେ ପଲସ୍ତରା ହୋଇଥିବା ସିମେଣ୍ଟ ଖସି ପଡୁଛି। ପୁଣି ଚଟାଣ ଟାଇଲ ଭାଙ୍ଗି ରୁଜି ନଷ୍ଟ ହୋଇ ପରିତ୍ୟକ୍ତ ହୋଇ ଗଲାଣି। ମାତ୍ର ବର୍ଷକ ପରେ ସ୍କୁଲର ରୂପରେଖ ବଦଳିବା ଓ ବିପଦସଙ୍କୁଳ ହେବା ପରେ ସ୍ମାର୍ଟ ସ୍କୁଲରେ ସ୍ମାର୍ଟ ଦୁର୍ନୀତି ପଦାକୁ ଆସିଛି। ଯାହାକି ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ଉଠିଛି। ଏଭଳିସ୍ଥଳେ କେତେଜଣ ଗ୍ରାମବାସୀ ଜିଲାପାଳ, ବିଡିଓଙ୍କୁ ସ୍ମାରକପତ୍ର ଦେଇ ସ୍କୁଲରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ଦାବି କରିଛନ୍ତି।

ଡମସାହି ହାଇସ୍କୁଲ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଥିରେ ୪୬୫୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୨୦୨୧ ନଭେମ୍ବରରେ ୫-ଟିରେ ରୂପାନ୍ତରିତ ହୋଇଥିଲା। ପ୍ରାୟ ବର୍ଷେ ଭିତରେ ସ୍କୁଲର ରୂପାନ୍ତରିଣ କାର୍ଯ୍ୟ ଶେଷ ହୋଇଥିଲା। କାମ ଚାଲୁଥିବାବେଳେ ନିମ୍ନମାନର କାମ ନେଇ ପ୍ରତିବାଦ ଉଠିଥିଲା। ହେଲେ ଡିପାର୍ଟମେଣ୍ଟାଲ କାମ ଚାଲିଛି, ସବୁ କିଛି ଠିକ୍‌ଠାକ ହେଉଛି ବୋଲି ସଫେଇ ଦିଆଯାଇ ଅଭିଯୋଗକାରୀଙ୍କ ଅଭିଯୋଗକୁ ଚପାଇ ଦିଆଯାଇଛି। ସ୍କୁଲ ରୂପାନ୍ତରଣ ପରେ ସ୍ଥାନୀୟ ଲୋକ ଭାବି ଥିଲେ ଯାହା ହେଉ ସ୍କୁଲର ରୂପରେଖ ବଦଳିଗଲା। ତେବେ ରୂପାନ୍ତରଣର ବର୍ଷେ ପରେ ୫-ଟି ସ୍କୁଲର ପରିବେଶ ବିପଦସଙ୍କୁଳ ହୋଇ ପଡିଛି। ସ୍କୁଲ ଗୃହର କାନ୍ଥ ଓ ଛାତ ଫାଟି ଆଁ କରି ରହିଛି। ବର୍ଷା ହେଲେ ଘରେ ପାଣି ଗଳୁଛି। ସ୍କୁଲରେ ଛାତ୍ରୀଛାତ୍ର ବସିବାକୁ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଶ୍ରେଣୀ ଗୃହ ଅଭାବରୁ ପ୍ରଥମ ଓ ୨ୟ ଶ୍ରେଣୀ ଗୋଟିଏ ଶ୍ରେଣୀରେ ଚାଲିବା ପରି ଅନେକ ଶ୍ରେଣୀ ଏପରି କ୍ଲାସ କରାଯାଉଛି। ପୁଣି ବସିବାକୁ ଚୌକି ଓ ଟେବୁଲ ନାହିଁ। କିଛି ଶ୍ରେଣୀ ଗୃହ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ସ୍କୁଲ ପରିସରରେ ଅଭିଭାବକଙ୍କ ପାଇଁ କରାଯାଇଥିବା ସିମେଣ୍ଟ ଚୌକି ଭାଙ୍ଗି ଗଲାଣି। ଝରକା ପାଖରୁ ସିମେଣ୍ଟ ଖଣ୍ଡ ଓ ଟାଇଲ ଖସୁଛି। ସ୍ମାର୍ଟ ଟଏଲଟ ନ ଥିବାରୁ ଛାତ୍ରୀଛାତ୍ର ବାହାରେ ୧ ଓ ୨ ପାସ ଯାଉଛନ୍ତି। ଚଟାଣ ଟାଇଲ ନଷ୍ଟ ହୋଇ ଯାଇଥିବାରୁ ଛାତ୍ରୀଛାତ୍ର ବସିବାକୁ ଡରୁଛନ୍ତି। ବିପଦସଙ୍କୁଳ ଘରେ ସିମେଣ୍ଟ ଅତଡା, ଟାଇଲ ପଡ଼ି କେତେଜଣ ଛାତ୍ରୀଛାତ୍ର ଆହତ ହେଲେଣି। ଶ୍ରେଣୀ ଗୃହରେ ବସିବାକୁ ଛାତ୍ରୀଛାତ୍ର ଆଉ ନିରାପଦ ମନେ କରୁନାହାନ୍ତି। ଏ ନେଇ କେତେଜଣ ଗ୍ରାମବାସୀ କହିଛନ୍ତି, ଡିପାର୍ଟମେଣ୍ଟାଲ କାମ କରାଯାଇଥିଲେ ମଧ୍ୟ ଜନୈକ ଯନ୍ତ୍ରୀ ସ୍ଥାନୀୟ ଜଣେ ବିଜେଡି ନେତାଙ୍କୁ ସ୍କୁଲର କାମ କରିବାକୁ ସୁଯୋଗ ଦେଇଥିଲେ। ଏଣୁ କାମର ସ୍ୱଚ୍ଛତା ରହିଲାନି। ସମ୍ପୃକ୍ତ ଯନ୍ତ୍ରୀ ବଦଳି ହୋଇ ଖଣ୍ଡପଡ଼ା ବ୍ଲକକୁ ଚାଲି ଗଲେଣି। ଏପଟେ ସ୍କୁଲ ବିପଦ ସଙ୍କୁଳ ହୋଇ ସାରିଲାଣି। ରଣପୁର ବିଡିଓ ସଧୀର ନାୟକଙ୍କୁ ପଚାରିବାରେ ୨୦୨୧ ମସିହାରେ ଡମସାହି ହାଇସ୍କୁଲ ୫-ଟି ସ୍କୁଲରେ ରୂପାନ୍ତରିତ ହୋଇ କାମ ହୋଇଥିଲା। ସେ ସମୟରେ ମୁଁ ନ ଥିଲି। ଅଭିଯୋଗ ପାଇଛି। ଅଭିଯୋଗର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସହକାରୀ ଯନ୍ତ୍ରୀ ଶଶିରେଖା ଜେନାଙ୍କୁ ପଚାରିବାରେ ଡମସାହି ସ୍କୁଲ ପାଇଁ ୫ଟିରୁ ୪୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଏଥିରୁ ରଣପୁର ବିଡିଓଙ୍କୁ ୩୫ ଲକ୍ଷ ଟଙ୍କା ଦିଆଯାଇଥିବାବେଳେ ୧୦ ଲକ୍ଷ ଟଙ୍କା ସ୍କୁଲର ରକ୍ଷଣାବେକ୍ଷଣ ପାଇଁ ରଖାଯାଇଛି। ଏଣୁ ୫-ଟି ସ୍କୁଲ ପାଇଁ ରଣପୁର ବ୍ଲକରୁ ୩୫ ଲକ୍ଷ, ଏସିଏଫ୍‌ସି ଓ ସିଏଫ୍‌ସି ସହ ବ୍ଲକ ଫାଇଲରୁ ୭୦ ଲକ୍ଷ ଏପରି ମୋଟରେ ୧କୋଟି ୫ ଲକ୍ଷ ମଞ୍ଜୁର ହୋଇଥିଲା। ମଞ୍ଜୁର ଅର୍ଥରୁ ୯୭ ଲକ୍ଷ ବିଲ୍ ହୋଇ ସାରିଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମନୋଜ ବେହେରା କାମ କରିଥିଲେ। ୨୦୨୨ରେ କାମ ଶେଷ ହୋଇଥିଲା। ସେ ସମୟରେ ମୁଁ ଅଥବା ବର୍ତ୍ତମାନର କନିଷ୍ଠଯନ୍ତ୍ରୀ ରଣପୁର ବ୍ଲକରେ ନ ଥିଲୁ ବୋଲି ସେ କହିଛନ୍ତି।

ପୂର୍ବ ତଟ ରେଳପଥ

ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା

ସଂ. C/SBP/STBA/NSG-6 Catg/Stn/01/24/01 ତା. 24.09.2024 ରିଖ

୦୩(ତିନି) ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ୦୧(ଏକ) ଗୋଟି NSG-6 ବର୍ଗର ଷ୍ଟେସନ୍ ଠାରେ ସମସ୍ତ ସିଫ୍ଟରେ ଦିନସାରା କାର୍ଯ୍ୟ କରିବାକୁ କମିଶନ ଭିତ୍ତିରେ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ ଅଣସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA)ଙ୍କ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ପ୍ରଦତ୍ତ ଫର୍ମାଟରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ସମ୍ବଲପୁର ମଣ୍ଡଳ ନିକଟକୁ ଆବେଦନ କରିପାରିବେ।

ଅଣ-ଉପନଗରୀୟ ଗ୍ରେଡ୍-୬ ବର୍ଗ ଷ୍ଟେସନ (NSG-6) : ରୁପ୍ସା ରୋଡ୍ (ପ୍ଲାଟଫର୍ମ-୬)

ପ୍ରଦାନଯୋଗ୍ୟ କମିଶନ: ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିବା ତଥା ସ୍ଲାବ୍-୩ରେ ସର୍ବନିମ୍ନ କମିଶନ (ଅର୍ଥାତ୍ ୪% କମିଶନ ସ୍ଲାବ) ଦାବି କରୁଥିବା ଆବେଦନକାରୀ(ମାନେ)ଙ୍କୁ STBA ରୂପେ ମନୋନୀତ କରାଯିବ। ପ୍ରଦାନଯୋଗ୍ୟ କମିଶନ ନିମ୍ନ ପ୍ରକାର ଅଟେ :
ସ୍ଲାବ୍-୧ : ୧-୨୦,୦୦୦ : ୨୫% (ସର୍ବନିମ୍ନ ଟ.୨,୫୦୦/-), ସ୍ଲାବ୍-୨ : ୨୦,୦୦୧-୧,୦୦,୦୦୦ : ୧୫%, ସ୍ଲାବ୍-୩ : >୧,୦୦,୦୦୦ : ୪% କିମ୍ବା ସୂଚିତ ଦର ଯେଉଁଟା କମ୍ ହେବ।

ଦରଖାସ୍ତ ପୂରଣ ନିମନ୍ତେ ବିସ୍ତୃତ ବିବରଣୀ ଏବଂ ନିର୍ଦ୍ଧାରିତ ଫର୍ମାଟ ପୂର୍ବ ତଟ ରେଳପଥ ୱେବ୍‌ସାଇଟ୍ ଅର୍ଥାତ୍ http://eastcoastrail.indianrailways.gov.in ରୁ ତା.14.10.2024 ରିଖ 1800 ଘଟିକା ପର୍ଯ୍ୟନ୍ତ ପ୍ରାପ୍ତ କରାଯାଇ ପାରିବ କିମ୍ବା ତା.14.10.2024 ରିଖ 1000 ଘଟିକା ଠାରୁ 1800 ଘଟିକା ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଦିବସରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ମିଳିପାରିବ।

ବାକ୍ସରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଦାଖଲ/ଜମା କରାଯିବାର ଅନ୍ତିମ ତାରିଖ ହେଉଛି ତା.15.10.2024 ରିଖ 1100 ଘଟିକା ପର୍ଯ୍ୟନ୍ତ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
ସମ୍ବଲପୁର

PR-564/P/24-25

# ଗଛ କାଟିନେଲେ ମାଫିଆ

ଖଣ୍ଡପଡ଼ା,୨୮।୯ (ଅଜୟ କୁମାର ମହାରଣା)



ସଂରକ୍ଷିତ ଜଙ୍ଗଲରୁ ଶାଳଗଛକୁ ମାଫିଆମାନେ କାଟି ନେଇଛନ୍ତି।

ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ ଥିବା କୁମ୍ଭାରପଡ଼ା ବନ ବିଭଗ ବିଟ୍ ହାଉସରେ କର୍ମଚାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ କାଠ ମାଫିଆମାନେ ସକ୍ରିୟ ହୋଇ ଉଠିଥିବା ସାଧାରଣରେ ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ କାଠ କଟାଳୀଙ୍କଠାରୁ ଆରମ୍ଭ କରି ମାଫିଆମାନେ ଅବାଧରେ ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଗଜା ଶାଳ ଗଛଗୁଡ଼ିକ କାଟି ଲୁଟି ନେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜଙ୍ଗଲ ସୁରକ୍ଷା ପ୍ରତି ବନ ବିଭାଗ ସଦାସର୍ବଦା ସଚେତନତା ସୃଷ୍ଟି କରୁଥିବା ବେଳେ ଖଣ୍ଡପଡ଼ା ବନାଞ୍ଚଳ ଅଧୀନ କୁମ୍ଭାରପଡ଼ା ସିମୁଳିବାଙ୍କ ସଂରକ୍ଷିତ ଜଙ୍ଗଲରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଗତ ୨ଦିନ ତଳେ ମାଫିଆମାନେ ବନ କର୍ମଚାରୀମାନେ ବିଟ୍ ହାଉସରେ ନ ଥିବା ସୁଯୋଗରେ ସଂରକ୍ଷିତ ଜଙ୍ଗଲରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଳ ଗଛ କାଟି ନେଇ ଯାଇଥିବା ଜଣାପଡ଼ିଛି। କୁମ୍ଭାରପଡ଼ା

## ବନ ବିଭାଗ କର୍ମଚାରୀ ଅନୁପସ୍ଥିତ

ସିମୁଳିବାଙ୍କ ସଂରକ୍ଷିତ ଦୁଃଖୀପଲ୍ଲୀ ନାଳୀ ନିକଟରୁ ୨ଦିନ ତଳେ ଶାଳ କାଠ କାଟି ନେଇଥିବା ଅଭିଯୋଗ ହୋଇଛି। କାଠ ମାଫିଆ ଯୋଗୁ ସମୟାନୁକ୍ରମେ ଜଙ୍ଗଲ ସମ୍ପଦ କମିବାରେ ଲାଗିଛି। ଗୋଟିଏ ପଟେ ଜଙ୍ଗଲର ସୁରକ୍ଷା ପ୍ରତି ବନ ବିଭାଗ ସଦାସର୍ବଦା ସଚେତନ ଅଛନ୍ତି ବୋଲି ସରକାର କହୁଥିବାବେଳେ କୁମ୍ଭାରପଡ଼ା ବନ ବିଭଗ ବିଟ୍ କାର୍ଯ୍ୟାଳୟରେ କେହି କର୍ମଚାରୀ ନ ରହିବା ପରୋକ୍ଷରେ କାଠ କଟାଳି ଓ ଅସାମାଜିକ ବ୍ୟକ୍ତିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ଏଥିପ୍ରତି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ, ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଦୃଷ୍ଟି ଦେବାକୁ କୁମ୍ଭାରପଡ଼ା, ରୟତ ଢ଼ୋଲମରା ଓ ବଳଭଦ୍ରପ୍ରସାଦ ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି।

# ସମାଜ ଗଠନରେ ଯୁବଶକ୍ତିଙ୍କ ମାନସିକତାରେ ପରିବର୍ତ୍ତନ ଲୋଡ଼ା

ଖଣ୍ଡପଡ଼ା,୨୮।୯(ଅଜୟ କୁମାର ମହାରଣା)

## ସଂସ୍କୃତ ବିଭାଗ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ସୁସ୍ଥ ସମାଜ ଗଠନ ପାଇଁ ଯୁବ ଶକ୍ତିଙ୍କ ମାନସିକତାରେ ପରିବର୍ତ୍ତନ ଜରୁରୀ ହୋଇପଡ଼ିଛି। ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ର ସମାଜ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିପାରିଲେ ଦେଶ ତଥା ସମାଜର ଉନ୍ନତି ହୋଇପାରିବ ବୋଲି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଶନିବାର ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ପଥରଚକଡ଼ା ମା' ନାରାୟଣୀ ପୀଠରେ ଆୟୋଜିତ ପ୍ରଥମ ବର୍ଷର ନୂତନ ଛାତ୍ରୀଛାତ୍ର, ୨ୟ ଓ ୩ୟ ବର୍ଷର ପିଲାଙ୍କ ସମେତ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଜୟଶ୍ରୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ନବାଗତ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ବିଭାଗୀୟ ଅଧ୍ୟାପିକା ସରଳା ବେହେରା ଓ ଅଧ୍ୟାପକ ମାନସ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଙ୍ଗଳ କାମନା କରିବା ସହ ଶିକ୍ଷାର ମହତ୍ତ୍ୱ ଉପସ୍ଥାପନା କରି ଶିକ୍ଷା ମଣିଷ ଭିତରେ ଆତ୍ମ ବିଶ୍ୱାସ ସୃଷ୍ଟି କରେ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ଉପସ୍ଥିତ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 853/PIM(J)/KLD/2024 Date:28.09.2024
TENDER CALL NOTICE
Tenders are invited for procurement for Science Laboratory Equipments and Computer under Improvement of Science Laboratory Grants by Department of Higher Education. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

# ବର୍ଷାରେ ଭାଙ୍ଗି ପଡ଼ିଲା ପୋଖରୀ ପ୍ରାଚୀର: ରାସ୍ତା ପ୍ରତି ବିପଦ



ଖଣ୍ଡପଡ଼ା,୨୮।୯(ଅଜୟ କୁମାର ମହାରଣା)

ଲଗାଣ ବର୍ଷାରେ ଖଣ୍ଡପଡ଼ାସ୍ଥିତ ମୋଚିଆଣି ପୋଖରୀର ପ୍ରାଚୀର ଭାଙ୍ଗି ତଳେ ଖସିପଡ଼ି ପାର୍ଶ୍ୱବର୍ତ୍ତୀ ରାସ୍ତା ପ୍ରତି ବିପଦ ସୃଷ୍ଟି କରିଛି। ଉକ୍ତ ପୋଖରୀର ପ୍ରାଚୀର ମରାମତି ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ୱାର୍ଡବାସୀ ଦାବି କରିଛନ୍ତି। ଖଣ୍ଡପଡ଼ା ସହରର ମୁଖ୍ୟ ବଜାରଠାରୁ ନିକଟସ୍ଥ ମା' ଉମାଦେବୀ ଛକକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ପୋଖରୀଟି ରହିଛି। ଦୈନିକ ଉକ୍ତ ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଭାରିଯାନ ଚଳାଚଳ କରୁଥିବାରୁ ଉକ୍ତ ରାସ୍ତା ପାର୍ଶ୍ୱସ୍ଥ ପୋଖରୀ ପ୍ରାଚୀର ଭାଙ୍ଗି ପଡ଼ିଥିବା ଅଂଶର ମରାମତି ଦିଗରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଜ୍ଞାନମେଳାରେ ସୁଯୋଗ ମିଳିଲା

ନୟାଗଡ,୨୮।୯(ଲୋକନାଥ ମିଶ୍ର)

- ସୁରଭି କାର୍ଯ୍ୟକ୍ରମରେ ଅଣଦେଖା
- ବେସରକାରୀ ବିଦ୍ୟାଳୟକୁ ସାମିଲ ଦାବି

ବେସରକାରୀ ସ୍କୁଲର ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସୁରଭି କାର୍ଯ୍ୟକ୍ରମରେ ସାମିଲ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ବିଜ୍ଞାନମେଳାରେ ସୁଯୋଗ ମିଳୁ ନ ଥିଲା। ଏବେ ବିଜ୍ଞାନ ମେଳାରେ ସୁଯୋଗ ଦିଆଗଲା। ଗତବର୍ଷଠାରୁ ବିଜ୍ଞାନମେଳାରେ ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ସୁଯୋଗ ପାଇଛନ୍ତି। ବିଜ୍ଞାନମେଳା ପରି ସୁରଭିରେ ମଧ୍ୟ ବେସରକାରୀ ସ୍କୁଲକୁ ସାମିଲ କରିବାକୁ ଦାବି ଉଠିଛି। ତେବେ ବେସରକାରୀ ଛାତ୍ରୀଛାତ୍ରଙ୍କୁ ସୁରଭି କାର୍ଯ୍ୟକ୍ରମରେ କାହିଁକି ଅଣଦେଖା କରାଯାଉଛି ବୋଲି କୁହାଯାଉଛି। ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT
VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA- 768017
No.13501/VIMSAR Dated 27.09.2024
TENDER CALL NOTICE
No.E-369:- Sealed tenders are invited in two bids system by the undersigned from the Registered Firms/ Authorized Dealers having GST holders for supply of Consumables & others to this Institution for use in the Bio Medical Waste Management Plant & different places of the Hospital so as to reach of Office of the Superintendent, VSS Institute of Medical Sciences & Research Burla on or before dt.28.10.2024 upto 5.00 P.M. through Regd. Post / Speed Post / Couriers only and this will be opened on dt.29.10.2024 at 11.00 A.M.
The detailed list of terms along with terms and conditions of this Tender Call Notice can be obtained from the Office of the Superintendent, VSS Institute of Medical Sciences & Research, Burla during office hours or can be downloaded from the website www.sambalpur.nic.in or from www.vimsar.ac.in from its date of publication.
Sd./- Superintendent
VSS Inst. of Med. Sc. & Research, Burla
OIPR-10187/11/0008/2425

# ଗୋଡ଼ିପଡ଼ାରେ ଶହୀଦ ଭଗତ ସିଂହ ଜୟନ୍ତୀ



ନୟାଗଡ଼,୨୮।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଗୋଡିପଡ଼ା ଶହୀଦ ମଣ୍ଡପ ନିକଟରେ ଶହୀଦ ଭଗତ ସିଂହ ଜୟନ୍ତୀ ଶନିବାର ଅନୁଷ୍ଠିତ ହୋଇଯାଇଛି। କପିଳ ସାହୁଙ୍କ ସଭାପତିତ୍ୱରେ ପତାକା ଉତ୍ତୋଳନ ହେବା ସହ ଶହୀଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରମିକ ନେତା ପବିତ୍ର କୁମାର ଇନ୍ଦ୍ରଜିତ ଶହୀଦ ସିଂହଙ୍କ ସ୍ମୃତି ଚାରଣ କରିଥିଲେ। ୧୯୦୭ ସେପ୍ଟେମ୍ବର ୨୮ରେ ଜନ୍ମଗ୍ରହଣ କରିଥିବା ଭଗତ ସିଂହ ମାତ୍ର ୨୩ବର୍ଷରେ ବ୍ରିଟିଶ୍ ଶାସନ ବିରୋଧରେ ସଂଗ୍ରାମରେ ଝାସ ଦେଇ ଫାଶୀ ପାଇଥିଲେ। ଦେଶ ଆଜିର ଦିନରେ ଯେଉଁ କଠିନ ପରିସ୍ଥିତିରେ ଗତି କରୁଛି ତାକୁ ପରାହତ କରିବାକୁ ହଜାର ହଜାର ଭଗତ ସିଂହ ଜନ୍ମ ନେବାର ଆବଶ୍ୟକ ଅଛି। ଅନ୍ୟମାନଙ୍କ ମଧ୍ୟରେ କୁବେର ମହାରଣା, ଲକ୍ଷ୍ମୀଧର ପ୍ରଧାନ, ମାନସ ମହାପାତ୍ର, ସନ୍ତୋଷ କୁମାର ଷଡ଼ଙ୍ଗୀ ପ୍ରମୁଖ ଭଗତ ସିଂହଙ୍କ ଉପରେ ଭାଷଣ ଦେଇଥିଲେ।

कार्यपालक अभियन्ता का कार्यालय,
ग्रामीण कार्य विभाग, कार्य प्रमण्डल, लातेहार
अल्पकालीन ई– निविदा आमंत्रण सूचना
ई–निविदा संख्या :– 06/2024-25/EE/RWD/LATEHAR दिनांक : 27.09.2024

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि |
|---|---|---|---|---|---|---|
| 1 | RWD/LATEHAR/25/2024-25 | बरवाडीह | बभंडीह सिंचाई विभाग पथ आरा मिल से ठाकुर टोला खरवार टोला होते हुए देवरी नदी पुल तक पथ निर्माण। | 240.099 | रू0 दो करोड़ चालीस लाख नौ हजार नौ सौ रूपये मात्र। | 12 माह |
| 2 | RWD/LATEHAR/26/2024-25 | लातेहार सदर | पंचायत बेंदी ग्राम चुरिया में रामरती उरॉव के घर से गोदना स्कूल तक पथ निर्माण। | 213.438 | रू0 दो करोड़ तेरह लाख तैंतालीस हजार आठ सौ रूपये मात्र। | 12 माह |
| 3 | RWD/LATEHAR/27/2024-25 | लातेहार सदर | ग्राम होटवाग में मुंशी यादव के घर से आर0ई0ओ0 पथ तक पथ निर्माण कार्य। | 107.123 | रू0 एक करोड़ सात लाख बारह हजार तीन सौ मात्र। | 09 माह |

1. वेबसाईट में निविदा प्रकाशन की तिथि : 05.10.2024
2. ई–निविदा प्राप्ति की अंतिम तिथि एवं समय : 12.10.2024 अपराह्न 5:00 बजे तक।
3. निविदा खोलने की तिथि एवं समय : 14.10.2024 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।
कार्यपालक अभियन्ता
ग्रामीण कार्य विभाग कार्य प्रमण्डल, लातेहार
PR 337440 REO(24-25)D




**ପାକ୍ ହେଲିକପ୍ଟର ଦୁର୍ଘଟଣାରେ ୬ ମୃତ**

ପାକିସ୍ତାନର ଉତ୍ତର ୱାଜିରିସ୍ତାନରେ ଏକ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୮ ଆହତ ହୋଇଛନ୍ତି। ଏକ ତୈଳ କମ୍ପାନୀର କର୍ମଚାରୀମାନଙ୍କୁ ନେଇ ଯାଉଥିବା ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଜରୁରୀ ଅବତରଣ ଉଦ୍ୟମ ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ସଂକ୍ଷେପରେ

### କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳ କରିବା ସାମୟିକ ନିଷ୍ପତ୍ତି: ମୋଦି

ଜମ୍ମୁ,୨୮।୯

ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନିଷ୍ପତ୍ତି ସାମୟିକ ଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଭାଜପା ନେତୃତ୍ୱାଧୀନ ସରକାର ଖୁବ୍‌ଶୀଘ୍ର ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଜମ୍ମୁକୁ ନିର୍ବାଚନ ପ୍ରଚାରରେ ଯାଇଥିବା ପ୍ରଧାନମନ୍ତ୍ରୀ ବିରୋଧୀ କଂଗ୍ରେସ, ନ୍ୟାଶନାଲ କନ୍‌ଫରେନ୍ସ ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)କୁ ଜୋର୍‌ଦାର ସମାଲୋଚନା କରିଥିଲେ। ଏମାନେ କଶ୍ମୀରୀମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଥିଲେ। ଭାଜପା ଏଠାରେ ପକ୍ଷପାତର ଅନ୍ତ ଘଟାଇ ପୀଡ଼ିତଙ୍କ କ୍ଷତରେ ମଲମ ଲଗାଇଛି। ଅକ୍ଟୋବର ୧ରେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଶେଷ ପର୍ଯ୍ୟାୟ ଭୋଟ ହେବାକୁ ଥିବାବେଳେ ପ୍ରଚାର ଶେଷ ହେବାର ଦିନକ ପୂର୍ବରୁ ମୋଦି ଜମ୍ମୁର ଏମ୍.ଏ.ଏମ୍ ଷ୍ଟାଡିୟମରେ ବିଶାଳ ରାଲିକୁ ସମ୍ବୋଧନ କରିଥିଲେ।

### ବେଆଇନ ବାଣ କାରଖାନାରେ ବିସ୍ଫୋରଣ: ୩ ମୃତ

ଚଣ୍ଡିଗଡ଼,୨୮।୯

ହରିୟାଣାର ସୋନିପତ୍ ଜିଲାରେ ଏକ ବେଆଇନ ବାଣ କାରଖାନାରେ ଶନିବାର ବିସ୍ଫୋରଣ ଘଟି ୨ ମହିଳା ଓ ଜଣେ ପିଲାଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ରୋହତକ୍‌ର ପିଜିଆଇଏମ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ବେଳେ କାରଖାନାରେ ଶ୍ରମିକଙ୍କ ସମେତ ସେମାନଙ୍କର କେତେଜଣ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବାଣ ପାଇଁ ରଖାଯାଇଥିବା ବାରୁଦରେ ନିଆଁ ଲାଗିଯିବାରୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। କର୍ତ୍ତୃପକ୍ଷ ଘଟଣାର ଅନୁଧ୍ୟାନ କରୁଥିବାବେଳେ ତଦନ୍ତ ପାଇଁ ଫୋରେନ୍‌ସିକ ସାଇନ୍ସ ବିଶେଷଜ୍ଞମାନଙ୍କୁ ଡକାଯାଇଛି।

### ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ, ୫ ଯବାନ ଆହତ

ଶ୍ରୀନଗର,୨୮।୯

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲାରେ ଯବାନ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ୫ ଯବାନ ଆହତ ହୋଇଛନ୍ତି। ଆତଙ୍କବାଦୀ ଆତ୍ମଗୋପନ କରିଥିବା ସୂଚନା ପାଇ ଶନିବାର ସକାଳେ ସୁରକ୍ଷା ବଳ ଦେବସର ଅନ୍ତର୍ଗତ ଆଦିଗାମ ଗ୍ରାମକୁ ଚାରିପଟୁ ଘେରି ତଲାସି ଚଳାଇଥିବାବେଳେ ଗୁଳି ବିନିମୟ ହୋଇଥିଲା। ଏନ୍‌କାଉଣ୍ଟରରେ ସାମିଲ ଥିବା ୪ ସୁରକ୍ଷା କର୍ମୀ ଆହତ ହୋଇଥିବା ବେଳେ ଅତିରିକ୍ତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ (ଟ୍ରାଫିକ୍) ମହମ୍ମଦ ଅଲି ସାମାନ୍ୟ ଆହତ ହୋଇଥିଲେ। ପରେ ୨ ଆତଙ୍କବାଦୀ ନିହତ ହୋଇଥିଲେ।

# ନେପାଳ ବନ୍ୟାରେ ୬୬ ମୃତ

କାଠମାଣ୍ଡୁ, ୨୮।୯


ନେପାଳର କାଠମାଣ୍ଡୁରେ ବନ୍ୟା ଘେରରେ ଫସିରହିଥିବା ସ୍ଥାନୀୟ ଲୋକଙ୍କୁ ରେସ୍କ୍ୟୁ ଟିମ୍ ପକ୍ଷରୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

ଲଗାଣ ବର୍ଷା ଯୋଗୁ ନେପାଳରେ ଶୁକ୍ରବାରଠାରୁ ବନ୍ୟାସ୍ଥିତି ଗମ୍ଭୀର ରୂପ ଧାରଣ କରିବାରେ ଲାଗିଛି। ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବରେ ଦେଶରେ ଶନିବାର ସୁଦ୍ଧା ୬୬ ଜଣଙ୍କର ମୃତ୍ୟୁ ଘଟିଥିବା ନେପାଳ ଗୃହ ମନ୍ତ୍ରଣାଳୟର ଅଧିକାରୀ ଦିଲ କୁମାର ତମାଙ୍ଗ ସୂଚନା ଦେଇଛନ୍ତି। ତେବେ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ସେ ଆଶଙ୍କାବ୍ୟକ୍ତ କରିଛନ୍ତି। ସେହିପରି ଶନିବାର ସୁଦ୍ଧା ବନ୍ୟା ଏବଂ ଭୂସ୍ଖଳନରେ ଦେଶର ୬୯ ଜଣ ନିଖୋଜ ଥିବାବେଳେ ୬୦ ଜଣ ଆହତ ହୋଇଛନ୍ତି। କେବଳ କାଠମାଣ୍ଡୁ ଉପତ୍ୟକାରୁ ସର୍ବାଧିକ ୪୦ରୁ ଅଧିକ ମୃତ୍ୟୁ ଘଟିଥିବା ସେ କହିଛନ୍ତି। ବନ୍ୟାରେ କାଠମାଣ୍ଡୁ ସହରର ଟ୍ରାଫିକ୍ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସାଧାରଣ କାର୍ଯ୍ୟକଳାପକୁ ଅଟକାଇ ଦେଇଛି। ସେହିପରି ବନ୍ୟାରେ ଟ୍ରାନ୍ସମିଶନ୍ ଲାଇନ ବାଧାପ୍ରାପ୍ତ ହୋଇଥିବାରୁ ସମ୍ପୂର୍ଣ୍ଣ କାଠମାଣ୍ଡୁରେ ବିଦ୍ୟୁତ ସରବରାହ ବନ୍ଦ ରହିଛି। କେବଳ ଶୁକ୍ରବାର କାଠମାଣ୍ଡୁରେ ୩୨୨.୨ ମିମି ବର୍ଷା ରେକର୍ଡ ହୋଇଛି। ଫଳରେ ଦେଶରେ ଅଧିକାଂଶ ନଦୀ ଫୁଲି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟାରେ ନେପାଳର ୪୪ଟି ସ୍ଥାନରେ ମୁଖ୍ୟ ରାଜପଥ ଅବରୋଧ ହୋଇଥିବା ସହ ବିମାନ ଯାତ୍ରା ବାଧାପ୍ରାପ୍ତ ହୋଇଛି। ସେହିପରି ଶନିବାର ସୁଦ୍ଧା ଦେଶର ୨୨୬ଟି ଘର ଜଳମଗ୍ନ ହୋଇଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୩ ହଜାରରୁ ଅଧିକ ଉଦ୍ଧାରକାରୀ ଦଳ ନେପାଳ ସରକାରଙ୍କ ପକ୍ଷରୁ ନିୟୋଜିତ ହୋଇଛନ୍ତି। ଉଦ୍ଧାରକାରୀ ଦଳ ହେଲିକପ୍ଟର ଏବଂ ରବର ବୋଟ୍ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଶନିବାର ସୁଦ୍ଧା ବନ୍ୟାଘେରରେ ଫସି ରହିଥିବା ୧ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିବା ନେପାଳ ଗୃହ ମନ୍ତ୍ରଣାଳୟ ସୂଚନା ଦେଇଛି।

## ସୁରକ୍ଷିତ ସ୍ଥାନକୁ ଗଲେ ଇରାନ ସୁପ୍ରିମ ଲିଡର

ତେଲ୍ ଆଭିଭ୍,୨୮।୯


ଆୟାତୋଲ୍ଲା ଅଲ୍ଲି ଖାମେନେଇ

ବେରୁଟ୍‌ରେ ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ନେତା ହାସନ ନସ୍‌ରଲ୍ଲା ନିହତ ହେବା ପରେ ଇରାନର ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲ୍ଲି ଖାମେନେଇଙ୍କୁ ଦେଶ ଭିତରେ ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେଠାର ୨ ଜଣ ଆଞ୍ଚଳିକ ଅଧିକାରୀ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଏହା ସ୍ପଷ୍ଟ କରିଛନ୍ତି। ଖାମେନେଇ ରହୁଥିବା ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦିଆଯାଇଛି। ଇରାନ କ୍ରମାଗତ ଭାବେ ହେଜ୍‌ବୋଲ୍ଲା ଏବଂ ଅନ୍ୟ ସହଯୋଗୀ ସଂଗଠନଗୁଡ଼ିକ ସହ ଯୋଗାଯୋଗରେ ରହି ନସ୍‌ରଲ୍ଲାଙ୍କ ମୃତ୍ୟୁ ପରେ ସେମାନଙ୍କ ସଂଗଠନର ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ଚଳାଇଛି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସର ଆକ୍ରମଣରେ ନସ୍‌ରଲ୍ଲା ନିହତ ଘଟଣାକୁ ଖାମେନେଇ ଦୃଢ଼ ନିନ୍ଦା କରିଛନ୍ତି। ଏହା ଇସ୍ରାଏଲ୍‌ର ଅଦୂରଦର୍ଶୀ ଏବଂ ନିର୍ବୋଧ ନୀତି ବୋଲି ଇରାନ ସୁପ୍ରିମ୍ ଲିଡର କହିଛନ୍ତି। ଲେବାନନ୍‌ର ନିରସ୍ତ୍ର ଲୋକମାନଙ୍କୁ ଗଣହତ୍ୟା ଘଟଣା ଇହୁଦୀ ରାଷ୍ଟ୍ରର କ୍ରୂରତାକୁ ପୁଣିଥରେ ପଦାରେ ପକାଇଛି। ଗାଜା, ଲେବାନନ୍ କିମ୍ବା ଯେକୌଣସି ସ୍ଥାନରେ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଉକ୍ତ ସଂଗଠନଗୁଡ଼ିକର ଦୃଢ଼ ଭିତ୍ତିଭୂମିକୁ ଦୋହଲାଇପାରିବ ନାହିଁ ବୋଲି ଖାମେନେଇ କହିଛନ୍ତି।

## ଜାତିସଂଘରେ ପାକିସ୍ତାନ ଉପରେ ବର୍ଷିଲା ଭାରତ

ନୂଆଦିଲ୍ଲୀ,୨୮।୯


ଭାବିକା ମଙ୍ଗଳାନନ୍ଦନ

ଭାରତ ଏହାର ଉତ୍ତର ରଖିବା ଅଧିକାର ବଳରେ ଜାତିସଂଘ ସାଧାରଣ ସଭାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ବକ୍ତବ୍ୟକୁ ଦୃଢ଼ ନିନ୍ଦା କରିଛି। ଶେହବାଜ ଜାତିସଂଘରେ ପୁନର୍ବାର କଶ୍ମୀର ପ୍ରସଙ୍ଗ ଉଠାଇବା ସହ ଏହାକୁ ପାଲେଷ୍ଟାଇନ୍ ସହିତ ତୁଳନା କରିଥିଲେ। ପାକିସ୍ତାନର ଏଭଳି ଆଭିମୁଖ୍ୟ ଅବାସ୍ତବ ବୋଲି ଭାରତୀୟ କୂଟନିତିଜ୍ଞ ଭାବିକା ମଙ୍ଗଳାନନ୍ଦନ ଶନିବାର କହିବା ସହ ଶେହବାଜଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଭାବିକା କହିଥିଲେ, ପାକିସ୍ତାନ ଭାରତୀୟ ଅଞ୍ଚଳ ଉପରେ ଅଧିକାର ଜାହିର କରିବାକୁ ଚାହୁଁଛି। ଆତଙ୍କବାଦକୁ ବ୍ୟବହାର କରି ଜମ୍ମୁ-କଶ୍ମୀର ନିର୍ବାଚନକୁ ଭଣ୍ଡୁର କରିବାକୁ ଉଦ୍ୟମ କରୁଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଭାବିକା ଦୋହରାଇଛନ୍ତି। ପଡୋଶୀ ଦେଶ ବିରୋଧରେ ପାକିସ୍ତାନ ସୀମାପାର ଆତଙ୍କବାଦକୁ ଅସ୍ତ୍ର ଭାବେ ବ୍ୟବହାର କରିଆସୁଥିବା ସାରା ବିଶ୍ୱ ଜାଣେ। ଏହା ଆମ ପାର୍ଲାମେଣ୍ଟ, ଅର୍ଥନୈତିକ ରାଜଧାନୀ ମୁମ୍ବାଇ, ଧର୍ମୀୟ ସ୍ଥଳ ଓ ଜନଗହଳି ବଜାର ସ୍ଥଳକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। ପାକିସ୍ତାନର ସବୁଆଡ଼େ ହିଂସା ଲାଗି ରହିଥିବାବେଳେ ଜମ୍ମୁ-କଶ୍ମୀରକୁ ପାଲେଷ୍ଟାଇନ୍ ସ୍ଥିତି ସହ ତୁଳନା କରିବା ଅବାସ୍ତବ ବୋଲି ଭାରତୀୟ କୂଟନୀତିଜ୍ଞ କହିଛନ୍ତି। ଏଥିସହିତ ଜମ୍ମୁ-କଶ୍ମୀରରୁ ଉଚ୍ଛେଦ ହୋଇଥିବା ୩୭୦ ଧାରାକୁ ପୁନର୍ବାର ଲାଗୁ କରିବା ପାଇଁ ଶେହବାଜ ଜାତିସଂଘ ସାଧାରଣ ସଭାରେ ଦାବି ଉଠାଇଥିଲେ। ଏଥିସହିତ ଜାତିସଂଘ ସୁରକ୍ଷା ପରିଷଦର ପ୍ରସ୍ତାବ ଏବଂ କଶ୍ମୀରୀ ଜନସାଧାରଣଙ୍କ ଇଚ୍ଛା ଅନୁଯାୟୀ ଆଲୋଚନା କରାଯାଉ ବୋଲି ପାକ୍ ପ୍ରଧାନମନ୍ତ୍ରୀ କହିଥିଲେ।

# କୃଷକ କଲ୍ୟାଣ କମିଶନ ଗଠନ ହେବ

- ନିର୍ବାଚନୀ ଇସ୍ତାହାରରେ କଂଗ୍ରେସର ପ୍ରତିଶ୍ରୁତି
- ଶହୀଦଙ୍କ ପରିବାରକୁ ମିଳିବ ୨ କୋଟିର ସହାୟତା

ଚଣ୍ଡିଗଡ଼,୨୮।୯


କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡ଼ା, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଅନ୍ୟମାନେ ଶନିବାର ଚଣ୍ଡଗଡ଼ରେ କଂଗ୍ରେସର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

ଅକ୍ଟୋବର ୫ରେ ହରିୟାଣା ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଶନିବାର କଂଗ୍ରେସ ନିର୍ବାଚନୀ ଇସ୍ତାହାର ଜାରି କରିଛି। ଏଥିରେ କୃଷକମାନଙ୍କ କଲ୍ୟାଣ ପାଇଁ କମିଶନ ଗଠନ ସମେତ ଶହୀଦ ଯବାନଙ୍କ ପରିବାରକୁ ୨ କୋଟି ଟଙ୍କା ଆର୍ଥିକ ସହାୟତା, ନିଯୁକ୍ତି ସୃଷ୍ଟି ଲାଗି ଶ୍ରମକୈନ୍ଦ୍ରିକ ଶିଳ୍ପସଂସ୍ଥାର ପ୍ରସାର ଏବଂ ହରିୟାଣା ସଂଖ୍ୟାଲଘୁ କମିଶନ ଗଠନ ପ୍ରତିଶ୍ରୁତି ଦିଆଯାଇଛି। ଇସ୍ତାହାର ଉନ୍ମୋଚନ ଅବସରରେ ହରିୟାଣା ପିସିସି ସଭାପତି ଉଦୟୀ ଭାନ୍, ବିରୋଧୀ ଦଳ ନେତା ଭୂପିନ୍ଦର ସିଂ ହୁଡ଼ା, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ପ୍ରମୁଖ ଉପସ୍ଥିତ ଥିଲେ।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି, ଜାତିଗତ ସର୍ଭେ, ୫୦୦ ଟଙ୍କାରେ ଏଲ୍‌ପିଜି ଗ୍ୟାସ୍, ସମସ୍ତ ମହିଳାଙ୍କୁ ମାସିକ ୨,୦୦୦ ଟଙ୍କା, ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଏବଂ ବିଧବାଙ୍କ ପାଇଁ ୬,୦୦୦ ଟଙ୍କା ମାସିକ ଭତ୍ତା, ୨ ଲକ୍ଷ ସରକାରୀ ନିଯୁକ୍ତି, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଏବଂ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ବିନା ମୂଲ୍ୟରେ ଯୋଗାଇ ଦେବାକୁ କଂଗ୍ରେସ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା।

## ଆଣ୍ଟିବାୟୋଟିକ୍ ନେଇଥିବା ୧୬ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର

ଶ୍ରୀନଗର,୨୮।୯

ମଧ୍ୟପ୍ରଦେଶର ନିମୁଚ୍ ଜିଲା ହସ୍ପିଟାଲ ଶିଶୁରୋଗ ବିଭାଗରେ ଭର୍ତ୍ତି ହୋଇଥିବା ୧୬ ଜଣ ପିଲାଙ୍କୁ ଶୁକ୍ରବାର ରାତିରେ ଆଣ୍ଟିବାୟୋଟିକ୍ ସେଫ୍‌ଟ୍ରିଆକ୍ସନ ଇଞ୍ଜେକ୍ସନ ଦିଆଯାଇଥିଲା। ଏହା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଇଞ୍ଜେକ୍ସନ ନେବା ପରେ ପିଲାମାନେ ଶୀତରେ ଥରିବା, ଅଧିକ ଜ୍ୱର ଓ ବାନ୍ତି ହେବା ସହ ଦେହରେ ଫଳିଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ସେମାନଙ୍କ ମାଆବାପା ଘରୋଇ ନର୍ସିଂ ହୋମ୍‌କୁ ନେଇଯାଇଥିବାବେଳେ ଅନ୍ୟ ୩ ଜଣଙ୍କୁ ଜିଲା ହସ୍ପିଟାଲର ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି। ଇଞ୍ଜେକ୍ସନର ନମୁନା ପରୀକ୍ଷା ପାଇଁ ଲାବରେଟୋରି ପଠାଯାଇଛି। ଏକ ନୂଆ ବାକ୍ସ ଖୋଲାଯାଇ ସେଥିରୁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ ପିଲାମାନଙ୍କୁ ଦିଆଯାଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

## ଦିଲ୍ଲୀରେ ୪ ଝିଅଙ୍କୁ ହତ୍ୟା ପରେ ବାପାଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୮।୯

ଦକ୍ଷିଣପଶ୍ଚିମ ଦିଲ୍ଲୀର ବସନ୍ତକୁଞ୍ଜ ଅନ୍ତର୍ଗତ ରଙ୍ଗପୁରୀ ପହରିରେ ଜଣେ ବ୍ୟକ୍ତି ତାଙ୍କର ୪ ଝିଅଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ମୃତକମାନେ ହେଲେ ହୀରାଲାଲ୍ ଶର୍ମା(୪୬) ଓ ତାଙ୍କର ୪ ଝିଅ ନୀତୁ(୨୬), ନିକ୍କି(୨୪), ନୀରୁ(୨୩) ଏବଂ ନିଧି (୨୦)। ହୀରାଲାଲ୍ ଉକ୍ତ ଘରେ ଭଡ଼ାରେ ରହୁଥିଲେ। ଶୁକ୍ରବାର ସକାଳେ ଜଣେ ବ୍ୟକ୍ତି ପିସିଆର୍‌କୁ ଫୋନ୍ କରି ଉକ୍ତ ଘରର କବାଟ ଖୋଲୁ ନ ଥିବା ଜଣାଇଥିଲେ। ଫ୍ଲାଟ୍ ନମ୍ବର ସି-୪ରୁ ଦୁର୍ଗନ୍ଧ ବାହାରୁଥିବା ଘର ମାଲିକ ନୀତିନ ଚୌହାନ ପୋଲିସକୁ ଜଣାଇଥିଲେ। ଘର ଭିତରପଟୁ ବନ୍ଦ ଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଏହାକୁ ଖୋଲାଯିବା ପରେ ପ୍ରଥମ ରୁମ୍‌ରେ ହୀରାଲାଲ୍ ଏବଂ ଅନ୍ୟ ରୁମ୍‌ରେ ୪ ଝିଅଙ୍କ ମୃତଦେହ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ଖବର ନେବାରୁ ଜଣାପଡ଼ିଥିଲା ଯେ, ହୀରାଲାଲ୍‌ଙ୍କ ସ୍ତ୍ରୀ ବର୍ଷେ ତଳେ କ୍ୟାନ୍‌ସରରେ ପ୍ରାଣ ହରାଇଥିଲେ। ହୀରାଲାଲ୍ ୨୮ ବର୍ଷ ହେଲା ବସନ୍ତକୁଞ୍ଜ ଅଞ୍ଚଳରେ ଥିବା ଇଣ୍ଡିଆନ୍ ସ୍ପାଇନାଲ ଇଞ୍ଜୁରୀ ସେଣ୍ଟରରେ ଜଣେ କାର୍ପେଣ୍ଟର ଭାବେ କାର୍ଯ୍ୟ କରୁଥିଲେ ଓ ମାସିକ ୨୫ ହଜାର ଟଙ୍କା ବେତନ ପାଉଥିଲେ। ତେବେ ସେ ଜାନୁଆରୀଠାରୁ ଡ୍ୟୁଟି କରିବାକୁ ଯାଉ ନ ଥିଲେ। ତାଙ୍କର ଦୁଇ ଝିଅ ନୀରୁ ଏବଂ ନିଧି ଭିନ୍ନକ୍ଷମ। ହୀରାଲାଲ୍‌ଙ୍କ ଭାଇ ଓ ଭାଉଜଙ୍କ କହିବା ଅନୁଯାୟୀ, ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଆଉ ପରିବାର କଥା ବୁଝୁ ନ ଥିଲେ। କେବଳ ହସ୍ପିଟାଲରେ ଦୁଇ ଝିଅଙ୍କ ଚିକିତ୍ସା ପାଇଁ ବ୍ୟସ୍ତ ରହୁଥିଲେ। ଝିଅମାନେ ମଧ୍ୟ ଘରୁ କ୍ୱଚିତ ବାହାରକୁ ବାହାରୁଥିଲେ। ସେମାନଙ୍କୁ ବିଷ ଦିଆଯାଇ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଘରୁ ୩ ପ୍ୟାକେଟ୍ ସେଲ୍‌ଫୋସ୍ ବିଷ, ୫ଟି ଗ୍ଲାସ୍ ଓ ଚାମଚ ମିଳିଛି।

# ଆଜିଠୁ ୨ ମାସ ପାଇଁ ପୃଥିବୀକୁ ମିଳିବ ‘ମିନି ମୁନ୍’

ୱାଶିଂଟନ, ୨୮।୯



ରବିବାରଠାରୁ ପୃଥିବୀକୁ ଏକ ଅସ୍ଥାୟୀ କ୍ଷୁଦ୍ର ଚନ୍ଦ୍ର ବା ମିନି ମୁନ୍ ମିଳିବାକୁ ଯାଉଛି। ‘୨୦୨୪ ପିଟି ୫’ ନାମକ ଏକ ଛୋଟ ଆଷ୍ଟେରଏଡ୍ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଆକର୍ଷିତ ହୋଇଛି। ଯାହାଫଳରେ ଏହା ଏକ ଅସ୍ଥାୟୀ ଚନ୍ଦ୍ର ବା ମିନି ମୁନ୍ ଆକାରରେ ରବିବାରଠାରୁ ପୃଥିବୀ ଚାରିପଟେ ଘୂର୍ଣ୍ଣନ କରିବ। ନଭେମ୍ବର ୨୫ ପର୍ଯ୍ୟନ୍ତ ‘୨୦୨୪ ପିଟି ୫’ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରେ ଆସିବ, ଯାହାଫଳରେ ୨ ମାସ ପର୍ଯ୍ୟନ୍ତ ଏହି ବିରଳ ମିନି ମୁନ୍‌କୁ ପ୍ରଫେସନାଲ ଟେଲିସ୍କୋପ୍ ମାଧ୍ୟମରେ ଦେଖିହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଜେନିଫର ମିଲାର୍ଡ କହିଛନ୍ତି।

ତେବେ ଆକାଶରେ ଦେଖାଯାଉଥିବା ଚନ୍ଦ୍ର ପରି ଏହି ମିନି ମୁନ୍ ହେବ ନାହିଁ। ଆଷ୍ଟେରଏଡ ଆକାର ବିଶିଷ୍ଟ ଏହି ଦୁର୍ଲଭ ‘୨୦୨୪ ପିଟି ୫’ ମିନି ମୁନ୍ ଗତ ଅଗଷ୍ଟ ୭ରେ ଆବିଷ୍କୃତ ହୋଇଛି। ୧୦ ମିଟର(୩୩ ଫୁଟ୍) ବ୍ୟାସ ବିଶିଷ୍ଟ ଏହି ମିନି ମୁନ୍ ଆସନ୍ତା ନଭେମ୍ବର ୨୫ ପର୍ଯ୍ୟନ୍ତ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରେ ଆସିବ। ଉକ୍ତ ୨ ମାସର ଅବଧି ମଧ୍ୟରେ ଏହି ମିନି ମୁନ୍ ପୃଥିବୀ ଚାରିପଟେ ଘୂରି ବୁଲିବ। ତେବେ ଏହା ପୃଥିବୀର ସମ୍ପୂର୍ଣ୍ଣ ଅଂଶ ପରିକ୍ରମା କରିପାରିବ ନାହିଁ। ଆସନ୍ତା ନଭେମ୍ବର ୨୫ ପରେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରୁ ‘୨୦୨୪ ପିଟି ୫’ ମୁକ୍ତ ହେବ ଏବଂ ଏହା ସୂର୍ଯ୍ୟ ଚାରିପଟେ ଘୂରିବା ଆରମ୍ଭ କରିବ। ବୈଜ୍ଞାନିକଙ୍କ ଅନୁଯାୟୀ, ‘୨୦୨୪ ପିଟି ୫’ ନାମକ ଆଷ୍ଟେରଏଡ୍ ଅପେକ୍ଷାକୃତ କମ୍ ବେଗରେ ଗତି କରୁଥିବା ସହ ପୃଥିବୀର ନିକଟତର ହୋଇଛି। ତେଣୁ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସାମୟିକ ଭାବେ ଏହାର ପଥ ପରିବର୍ତ୍ତନ କରିବାକୁ ଅନୁମତି ଦେଇଛି। ଯାହାଫଳରେ ଏହା ରବିବାରଠାରୁ କ୍ଷୁଦ୍ର ଚନ୍ଦ୍ରରେ ପରିଣତ ହେବ। ତେବେ ଉକ୍ତ ମିନି ମୁନ୍ ଖାଲି ଆଖିରେ କିମ୍ବା ଛୋଟ ଦୂରବୀକ୍ଷଣ ଯନ୍ତ୍ରରେ ଦୃଶ୍ୟମାନ ହେବନାହିଁ। ପ୍ରଫେସନାଲ ଟେଲିସ୍କୋପ୍‌ରେ ଏହା ଦୃଶ୍ୟମାନ ହୋଇପାରିବ। ଅନ୍ୟପକ୍ଷରେ, ୨୦୫୫ରେ ପୁଣିଥରେ ‘୨୦୨୪ ପିଟି ୫’ ପୃଥିବୀର କକ୍ଷପଥକୁ ଫେରିବ ବୋଲି ବୈଜ୍ଞାନିକମାନେ ଅନୁମାନ କରିଛନ୍ତି। ଏହି ବିରଳ ଜ୍ୟୋତିର୍ବିଜ୍ଞାନ ଘଟଣା ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ପ୍ରଦର୍ଶିତ କରୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି।

## ଫୁର୍‌ସତ୍

# ସର୍ବଶ୍ରେଷ୍ଠ ସାମରିକ ଅପରେଶନ

**ସର୍ଜିକାଲ ଷ୍ଟ୍ରାଇକ୍ ଦିବସ**



୨୮ ସେପ୍ଟେମ୍ବର ୨୦୧୬। ଏହି ଦିନ ରାତିରେ ସମଗ୍ର ଦେଶ ଶୋଇଥିଲା, କିନ୍ତୁ ଚଳଚଞ୍ଚଳ ଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ। ପାକିସ୍ତାନ ସୀମାରେ ପ୍ରବେଶ କରି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରି ଭାରତୀୟ ସୈନ୍ୟମାନେ ସୁରକ୍ଷିତ ଫେରି ଆସିଥିଲେ। ଏହ ପରଠାରୁ ଏହି ଐତିହାସିକ ଦିନଟି ଭାରତରେ ସର୍ଜିକାଲ ଷ୍ଟ୍ରାଇକ ଡେ’ ଭାବରେ ଜଣାଶୁଣା।

ସେପ୍ଟେମ୍ବର ୧୮, ୨୦୧୬ରେ ପାକିସ୍ତାନର ଆତଙ୍କବାଦୀମାନେ ଜମ୍ମୁ କଶ୍ମୀରର ଉରି ସେକ୍ଟରରେ ଥିବା ଭାରତୀୟ ସେନା ଶିବିର ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୧୮ ସୈନିକ ଶହୀଦ ହୋଇଥିଲେ। ଏହା ସମଗ୍ର ଦେଶକୁ ଥରାଇ ଦେଇଥିଲା। ଆତଙ୍କବାଦୀଙ୍କୁ ଆଦୌ କ୍ଷମା ଦିଆଯିବ ନାହିଁ ଏବଂ ୧୮ ସୈନିକଙ୍କ ବଳିଦାନ ବୃଥା ହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ସେପ୍ଟେମ୍ବର ୨୮-୨୯ ମଧ୍ୟରାତ୍ରିରେ ଭାରତୀୟ ସେନାର ସ୍ୱତନ୍ତ୍ର ବାହିନୀ ଲାଇନ ଅଫ କଣ୍ଟ୍ରୋଲ (ଏଲ୍‌ଓସି) ଅତିକ୍ରମ କରି କଶ୍ମୀରକୁ ଅକ୍ତିଆର କରିଥିବା ପାକିସ୍ତାନରେ ଆତଙ୍କବାଦୀ ଲଞ୍ଚ ପ୍ୟାଡ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ତାହାକୁ ଧ୍ୱଂସ କରିଥିଲା। ଏହି ଆକ୍ରମଣରେ ଭାରତୀୟ ସେନା ପାକିସ୍ତାନୀ ଆତଙ୍କବାଦୀଙ୍କ ୬ଟି ଲଞ୍ଚପ୍ୟାଡ ଧ୍ୱଂସ କରିଥିଲେ ଏବଂ ଏହି କାର୍ଯ୍ୟରେ ପ୍ରାୟ ୪୫ ଆତଙ୍କବାଦୀ ନିହତ ହୋଇଥିଲେ।

ଏହି ଆକ୍ରମଣର ଦୁଇ ବର୍ଷ ପରେ, ୨୦୧୮ରେ ଭାରତ ସରକାର ଏହି ଦିନକୁ ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳନ କରିବା ଆରମ୍ଭ କରିଥିଲେ। ଏହି ସର୍ଜିକାଲ ଷ୍ଟ୍ରାଇକକୁ ସର୍ବଶ୍ରେଷ୍ଠ ସାମରିକ ଅପରେଶନ ଭାବରେ ମଧ୍ୟ ଗଣନା କରାଯାଇଥାଏ।

## ଲକ୍ଷ୍ୟ ସଚେତନତା

**ଆଜି ବିଶ୍ୱ ବଧିର ଦିବସ**

ପ୍ରତିବର୍ଷ ସେପ୍ଟେମ୍ବରର ଶେଷ ରବିବାରକୁ ‘ବିଶ୍ୱ ବଧିର ଦିବସ’ ଭାବେ ପାଳନ କରାଯାଉଛି। ୧୯୫୧ରେ ରୋମ୍‌ରେ ବିଶ୍ୱ ବଧିର କଂଗ୍ରେସ ଆୟୋଜିତ ହେବା ସହ ୱାର୍ଲ୍ଡ ଫେଡେରେସନ୍ ଅଫ୍ ଦି ଡେଫ୍ ସ୍ଥାପନା ହୋଇଥିଲା। ୧୯୫୮ରେ ଏହା ପ୍ରଥମ କରି ବିଶ୍ୱ ବଧିର ଦିବସ ପାଳନ କରିଥିଲା। ବଧିରମାନଙ୍କ ଅଧିକାର ସହ ସେମାନଙ୍କ ଜୀବନସ୍ତରକୁ ଉନ୍ନତ କରିବା ଏହି ସଂସ୍ଥାର ଲକ୍ଷ୍ୟ। ବଧିରଙ୍କୁ ଯେପରି ସମାଜ ଭିନ୍ନ ଦୃଷ୍ଟିରେ ନ ଦେଖି ଆପଣାର କରିବ ସେନେଇ ସଚେତନତା ସୃଷ୍ଟି କରାଯାଉଛି। ବଧିରମାନେ ନିଜର ମନର ଭାବକୁ ପ୍ରକାଶ କରି ପାରିବା ପାଇଁ ସାଙ୍କେତିକ ଭାଷା ବ୍ୟବହାର କରୁଛନ୍ତି, ଯାହା ସେମାନଙ୍କୁ ଅନ୍ୟମାନଙ୍କ ସହ ଯୋଡି ରଖିବାରେ ସହାୟକ ହେଉଛି।

## ଅକ୍ଟୋବର ୩ରେ ‘ସିଂଘମ୍ ଏଗେନ୍’ ଟ୍ରେଲର


ଅଜୟ ଦେବଗନ

**ମୁମ୍ବାଇ:** ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ‘ସିଂଘମ ଏଗେନ୍’ ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରଗୁଡିକ ମଧ୍ୟରୁ ଅନ୍ୟତମ। ‘ସିଂଘମ’ ଫିଲ୍ମର ଏହି ସିକ୍ୱେଲରେ ଅଭିନେତା ଅଜୟ ଦେବଗନଙ୍କୁ ତୃତୀୟ ଥର ପାଇଁ ଡିସିପି ବାଜିରାଓ ସିଂଘମ ଭାବରେ ଧମାଲ ମଚାଉଥିବାର ଦେଖିବାକୁ ମିଳିବ। ଚଳିତ ବର୍ଷର ଗ୍ରାଣ୍ଡ ଦିୱାଲି ଅବସରରେ ରିଲିଜ୍ ହେବାକୁ ଥିବା ଏହି ଆକ୍ସନ୍ ପ୍ୟାକ୍ ଫିଲ୍ମ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଏବେ ପ୍ରଶଂସକମାନେ ଉତ୍ସାହର ସହ ଏହାର ଟ୍ରେଲରକୁ ଅପେକ୍ଷା କରି ରହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ‘ସିଂଘମ ଏଗେନ୍’ର ଟ୍ରେଲର ଆସନ୍ତା ଅକ୍ଟୋବର ୩ରେ ରିଲିଜ୍ କରାଯିବ। ଏନେଇ ଫିଲ୍ମ ନିର୍ମାତା ସହମତି ଦେଖାଇଛନ୍ତି। ତେବେ ‘ସିଂଘମ ଏଗେନ୍’ର ଟ୍ରେଲର ରିଲିଜ୍ ହେବା ପରେ ଫିଲ୍ମକୁ ନେଇ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହ ଚରମ ସୀମାରେ ପହଞ୍ଚିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଏବଂ ଜ୍ୟୋତି ଦେଶପାଣ୍ଡେଙ୍କ ପ୍ରୋଯୋଜିତ ଏହି ଫିଲ୍ମରେ ଅଭିନେତା ଅଜୟ ଦେବଗନ୍, ରଣବୀର ସିଂ, ଅକ୍ଷୟ କୁମାର, ଟାଇଗର ଶ୍ରଫ୍, ଅର୍ଜୁନ କପୁର, ଜ୍ୟାକି ଶ୍ରଫ୍ ଏବଂ ଅଭିନେତ୍ରୀ ଦୀପିକା ପାଦୁକୋନ ଓ କରିନା କପୁର ଖାନ୍‌ଙ୍କୁ ଦେଖିବାକୁ ମିଳିବ। ବକ୍ସ ଅଫିସ୍‌ରେ ଏହି ବହୁ ଷ୍ଟାରର୍ ଫିଲ୍ମ କାର୍ତ୍ତିକ ଆର୍ଯ୍ୟନଙ୍କ ଅଭିନୀତ ‘ଭୁଲ ଭୁଲୈୟା ୩’ ସହ କ୍ଲାସ୍ କରିବ। ଉଭୟ ଚଳଚ୍ଚିତ୍ର ଆସନ୍ତା ନଭେମ୍ବର ୧ରେ ମୁକ୍ତିଲାଭ କରିବାକୁ ଯାଉଛି।

# ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଦ୍ଭାବନ ଗୁରୁତ୍ୱପୂର୍ଣ୍ଣ

## ଇନୋଭେଟ୍ ଓଡ଼ିଶା ୨.୦ ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୯




ଓଡ଼ିଶା ପ୍ରଦେଶରେ ଉଦ୍ଭାବନ ଓ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏଆଇସି-ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେସନ ଏବଂ କାରଖାନା ମେକରସ୍ପେସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ୨ଦିନିଆ ଇନୋଭେଟ୍ ଓଡ଼ିଶା୨.୦ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୨୦୨୪ ସେପ୍ଟେମ୍ବର ୨୮ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ଚନ୍ଦକାସ୍ଥିତ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିଠାରେ 'ଇନୋଭେଟ୍ ଓଡ଼ିଶା୨.୦' ଅନୁଷ୍ଠିତ ହେଉଛି।

ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ପାତ୍ର କହିଥିଲେ,ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ଉଦ୍ୟୋଗୀଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା,ଶିକ୍ଷାନୁଷ୍ଠାନ, ଶିଳ୍ପ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ନବସୃଜନଭିତ୍ତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ମଧ୍ୟ ସେ ଦୋହରାଇଥିଲେ। ଏଆଇସି ନାଳନ୍ଦା ଗସ୍ତ ସମୟରେ ସେ ଏଆର୍-ଭିଆର୍, ଡ୍ରୋନ୍ ଏବଂ ଆଇଓଟି ଭିତ୍ତିକ ଟେକ୍ନୋଲୋଜି ଉପରେ କାମ କରୁଥିବା ଛାତ୍ର, ଉଦ୍ଭାବକ ଏବଂ ଷ୍ଟାର୍ଟଅପ୍‌ମାନଙ୍କ ସହ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଏଆଇସି-ନାଳନ୍ଦାର ସିଇଓ ଦୁର୍ଗାପ୍ରସାଦ ଏବଂ କାରଖାନା ମେକରସ୍ପେସ୍‌ର ପ୍ରତିଷ୍ଠାତା ସିଦ୍ଧାର୍ଥ ଭଞ୍ଜର ପ୍ରମୁଖ ଉପସ୍ଥିତ ସହ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ଏହି ୨୪ଘଣ୍ଟିଆ ହ୍ୟାକାଥନର ଉଦ୍ଦେଶ୍ୟ ବୈଷୟିକ ଛାତ୍ରୀଛାତ୍ର ଏବଂ ପେସାଦାରମାନଙ୍କୁ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକର ସମାଧାନ ନିମନ୍ତେ ସହଯୋଗ, ଉଦ୍ଭାବନ ଏବଂ ସମାଧାନ ପାଇଁ ସଶକ୍ତ କରିବା। ଏପରିକି ବୈଷୟିକ ଦକ୍ଷତା ପ୍ରଦର୍ଶନ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପଦ୍ଧତି ସମ୍ପର୍କରେ ଅବଗତ କରାଇବା ପାଇଁ ଇନୋଭେଟ୍ ଓଡ଼ିଶା ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମରେ ସରକାରୀ ସଂସ୍ଥା, ଶିଳ୍ପନେତା ଏବଂ ଉଦ୍ୟୋଗୀମାନଙ୍କୁ ଏକାଠି କରାଯାଇ ସେମାନଙ୍କର ବୁଦ୍ଧି ଓ ଅଭିଜ୍ଞତା ବାଣ୍ଟିବା ସହ ହ୍ୟାକାଥନ ଅଂଶଗ୍ରହଣ କରିଥିବା ଯୁବ ଉଦ୍ଭାବକମାନଙ୍କୁ ମାର୍ଗଦର୍ଶନ କରାଯାଇଥିଲା। ଇନୋଭେଟ୍ ଓଡ଼ିଶା ହ୍ୟାକାଥନରେ ୨୦ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ଓଡ଼ିଶାର ୧୫ରୁ ଅଧିକ ବୈଷୟିକ ଅନୁଷ୍ଠାନରୁ ୧୨୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି। ଦ୍ୱିତୀୟ ସଂସ୍କରଣ ଜେନେରେଟିଭ ଏଆଇ,କ୍ଲାଇମେଟ୍ ଟେକ୍, ଡିଜିଟାଲ୍ ଟ୍ୱିନ୍ ଏବଂ ଇଣ୍ଡଷ୍ଟ୍ରି ଅଟୋମେସନ ଭଳି ଉଦୀୟମାନ କ୍ଷେତ୍ର ଉପରେ ଫୋକସ୍ କରାଯାଇଛି।

# ବେଦାନ୍ତ ଆଲୁମିନିୟମର ନୂଆ ମାଇଲଷ୍ଟୋନ

ଭୁବନେଶ୍ୱର,୨୮।୯ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମକୁ ନିକଟରେ ଆଉ ଏକ ସଫଳତା ଓ ମାନ୍ୟତା ମିଳିଛି। ଏପରିକି ଏହି ଉଲ୍ଲେଖନୀୟ ସଫଳତା ପାଇଁ କମ୍ପାନୀ ଏକ ନୂଆ ମାଇଲଷ୍ଟୋନ ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ପକ୍ଷରୁ ବେଦାନ୍ତ ଆଲୁମିନିୟମର ସମସ୍ତ ଉତ୍ପାଦ ଯଥା ସିଟ୍, ପ୍ଲେଟ୍ ଓ ଷ୍ଟ୍ରିପ୍ ଆଦି ବିଆଇଏସ୍ ପ୍ରମାଣପତ୍ର ଲାଭ କରିଛି। ଏପରିକି ଉପରୋକ୍ତ ଉତ୍ପାଦଗୁଡ଼ିକ ପାଇଁ ବେଦାନ୍ତ ଆଲୁମିନିୟମ ବିଆଇଏସ୍ ପ୍ରମାଣ ପାଇଥିବା ଭାରତର ପ୍ରଥମ ଓ ଏକମାତ୍ର କମ୍ପାନୀ ହୋଇଥିଲାବେଳେ ବେଦାନ୍ତର ଉଭୟ ବାଲ୍‌କୋ (ଛତିଶଗଡ଼) ଓ ଝାରସୁଗୁଡ଼ା (ଓଡ଼ିଶା) ୟୁନିଟ୍‌ରୁ ଉତ୍ପାଦିତ ପାଇଁ ଏହି ଉତ୍ପାଦଗୁଡ଼ିକ ପ୍ରଯୁଜ୍ୟ ରହିଛି।

୨୦୨୩ ଅଗଷ୍ଟ ୩୧ରେ ଭାରତୀୟ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଖଣି ମନ୍ତ୍ରଣାଳୟ ସହ ଆଲୁମିନିୟମର ଗୁଣବତ୍ତା ନିୟନ୍ତ୍ରଣ ଲାଗି ଏକ ନୂଆ ନିୟମ ପ୍ରଚଳନ କରିଥିଲେ। ବେଦାନ୍ତ ଆଲୁମିନିୟମର ବିଆଇଏସ୍ ପ୍ରମାଣପତ୍ର ଆଲୁମିନିୟମର ବ୍ୟାପକ ରେଞ୍ଜ ସହ ୧୨ମି.ମି. ଓ୍ୟାର ରଡ୍, ରୋଲ୍‌ଡ ସିଟ୍, ରୋଲ୍‌ଡ କଣ୍ଡକ୍ଟର ପ୍ଲେଟ୍, ରୋଲ୍‌ଡ ପ୍ଲେଟ୍, ଇସି ଇନ୍‌ଗଟ୍, ଆଲଏ ଇନ୍‌ଗଟ୍ ଓ ପ୍ରାଇମେରି ଇନ୍‌ଗଟ୍ ଉପରେ ରହିଛି। ବର୍ତ୍ତମାନ ଏହା ୧୭ଟି ଉତ୍ପାଦ ଉପରେ ବିଆଇଏସ୍ ପ୍ରମାଣପତ୍ରକୁ ଉଭୟ ଘରୋଇ ଓ ଆନ୍ତର୍ଜାତିକ ବଜାର ଲାଗି ହାସଲ କରିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି, ଭାରତର ଗୁଣବତ୍ତାଯୁକ୍ତ ଆଲୁମିନିୟମ ଉତ୍ପାଦନ ଓ ଏହାକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ଆଦେଶ ଠିକ୍ ଦିଗରେ ରହିଛି।

# ମାଲାବାରର ନୂତନ ଶୋ'ରୁମ୍ ଉଦ୍‌ଘାଟିତ



ଶନିବାର ସମ୍ବଲପୁର ସହର ବୁଢ଼ାରଜାସ୍ଥିତ ସହଯୋଗନଗର ଛକରେ ଅତିଥିମାନେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ନୂତନ ଶୋ'ରୁମ୍‌କୁ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୨୮।୯(ବି.ଶଙ୍କର)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର (ମାଲବାର)ର ନୂତନ ଶୋ'ରୁମ୍ ଶନିବାର ସମ୍ବଲପୁର ସହର ବୁଢ଼ାରଜାସ୍ଥିତ ସହଯୋଗନଗର ଛକଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏ ନେଇ ଚଳଚ୍ଚିତ୍ର ଅଭିନେତା ମିଶ୍ର କହିଥିଲେ ମାଲାବାର ବ୍ରାଣ୍ଡର ନାମ ଶୁଣିଲେ ଆପେ ଆପେ ବିଶ୍ୱାସ ଓ ଭରସା ମନକୁ ଆସିଯାଏ। ତେଣୁ ଏହି ବ୍ରାଣ୍ଡ ସହ ମୁଁ ଯୋଡି ହୋଇଥିବାରୁ ନିଜକୁ ଗର୍ବିତ ମନେ କରୁଛି । ସେହିପରି ବିଧାୟକ ମିଶ୍ର କହିଥିଲେ, ସମ୍ବଲପୁରରେ ମାଲାବାରର ନୂତନ ଶୋ'ରୁମ୍ ଶୁଭାରମ୍ଭ ହୋଇଥିବାରୁ ସହର ବାସୀ ସେମାନଙ୍କ ମନମୁତାବକ ଗହଣା କିଣିପାରିବେ।

ସେହିଭଳି ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ ଯେ ସଂସ୍କୃତିସମ୍ପନ୍ନ ସମ୍ବଲପୁର ସହରରେ ନୂତନ ଶୋ'ରୁମ୍ ଶୁଭାରମ୍ଭ କରି ଆମେ ଆନନ୍ଦିତ। ସର୍ବଦା ଗ୍ରାହକମାନଙ୍କୁ ଶ୍ରେଷ୍ଠ କାରୁକାର୍ଯ୍ୟ ଏବଂ ସେବାର ସର୍ବୋଚ୍ଚ ମାନ ବଜାୟ ରଖିବାକୁ ଗୁରୁତ୍ୱ ଦେବୁ। ସର୍ବୋତ୍ତମ, ଦାୟିତ୍ୱପୂର୍ଣ୍ଣ ଭାବେ ଅଳଙ୍କାର ପ୍ରଦାନ କରିବାକୁ ଯତ୍ନ ନେବୁ। ସମ୍ବଲପୁର ଶୋ'ରୁମ୍ ବିଶାଳ ଇଣ୍ଟେରିୟର ସହ ଆଡ଼ମ୍ବରପୂର୍ଣ୍ଣ ଶପିଂ ଅନୁଭୂତି ଏବଂ ବିବାହ ଅଳଙ୍କାର ସଂଗ୍ରହ ପାଇଁ ଏକ ଉତ୍ସର୍ଗୀକୃତ ବିବାହସ୍ଥଳୀ ଉପଲବ୍ଧ ହୋଇଛି। ଏହି ଶୋ'ରୁମ୍ ୨୫ରୁ ଅଧିକ ବିଶେଷ ବ୍ରାଣ୍ଡର ବିବାହ ପାଇଁ ଅଳଙ୍କାର, ବିଶେଷ ଅବସର ପାଇଁ ଅଳଙ୍କାର ଏବଂ ଦୈନିକ ପିନ୍ଧିବା ପାଇଁ ବିଭିନ୍ନ ପ୍ରକାରର ଅଳଙ୍କାର ରହିଛି । ଯାହା ମଧ୍ୟରେ ମାଇନ ଡାଇମଣ୍ଡ ଜୁଏଲେରି, ଏରା ଅନକଟ ଡାଇମଣ୍ଡ ଜୁଏଲେରି, ଡିଭାଇନ ହେରିଟେଜ ଜୁଏଲେରି, ଏଥନିକ୍ସ ହ୍ୟାଣ୍ଡକ୍ରାଫ୍ଟେଡ ଜୁଏଲେରି, ପ୍ରେସିଆ ଜେମଷ୍ଟୋନ ଜୁଏଲେରି, ବିରାଜ ପୋଲକି ଜୁଏଲେରି ରହିଛି । ପ୍ରତ୍ୟେକ ସଂଗ୍ରହ ବିଶେଷ ଓ ଅତ୍ୟଧିକ ଆକର୍ଷକ ଡିଜାଇନ ପ୍ରଦର୍ଶନ କରେ। ଏହା ଭିନ୍ନ ରୁଚି ଓ ପସନ୍ଦକୁ ପୂରଣ କରିଥାଏ ବୋଲି ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଅହମ୍ମଦ ସୂଚିତ କରିଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱର ଅନ୍ୟତମ ଅଗ୍ରଣୀ ଗହଣା ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ସମ୍ବଲପୁରରେ ଏହାର ପ୍ରଥମ ଏବଂ ଓଡ଼ିଶାରେ ଏହାର ଚତୁର୍ଥ ଶୋ'ରୁମ୍ ଖୋଲିଛି । ବୁଢ଼ାରଜା ସହଯୋଗ ନଗର ଛକସ୍ଥିତ ୮୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଏହି ନୂତନ ଶୋ'ରୁମ୍ ରହିଛି । ଏହି ନୂତନ ଶୋ'ରୁମ୍ ସାରା ଭାରତରେ ନିଜର ଉପସ୍ଥିତି ବଢ଼ାଇବା ପାଇଁ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ପ୍ରତିବଦ୍ଧତାର ଏକ ଅଂଶସ୍ୱରୂପ ସମ୍ବଲପୁର ଏବଂ ଏହାର ଆଖପାଖ ଅଞ୍ଚଳର ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ଗହଣା ଶପିଂ ଅନୁଭୂତି ପ୍ରଦାନ କରୁଛି।

# ଏକ୍ସ ସିରିଜର ଶୁଭାରମ୍ଭ

ଭୁବନେଶ୍ୱର,୨୮।୯

ମ୍ୟାକ୍‌ଡ୍ୱେଲ୍‌ସ ଆଣ୍ଡ କୋ.ର ନୂତନ ଉତ୍ପାଦ ତଥା ଏକ୍ସ ସିରିଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଦେଶର କୋଣ ଅନୁକୋଣରେ ପରିବ୍ୟାପ୍ତ ୭ଟି ଭିନ୍ନ ଭିନ୍ନ ଡିଷ୍ଟିଲେରିଜ୍ ସହ ଦେଶ ଓ ବିଦେଶରୁ କଞ୍ଚାମାଲ ଓ ସାମଗ୍ରୀ ହାସଲକରି ମ୍ୟାକ୍‌ଡ୍ୱେଲ୍‌ସ ଆଣ୍ଡ କୋ. ଏକ୍ସ ସିରିଜ୍, ଭୋଡ୍‌କା ଓ ଜିନ୍‌ଠାରୁ ଆରମ୍ଭକରି ଏକ ସତେଜ ନୂଆ ସିଟ୍ରୋନ ରମ୍ ଓ ଏକ ସ୍ୱାଦିଷ୍ଟ ଡାର୍କ ରମ୍ ପର୍ଯ୍ୟନ୍ତ ସୁନ୍ଦର ଲିକ୍ୱିଡ୍‌ର ଏକ ପୋର୍ଟଫୋଲିଓ ଉପଲବ୍ଧ କରାଇଛି। ଡିଆଜିଓ ଇଣ୍ଡିଆର ଉପାଧ୍ୟକ୍ଷ ଓ ପୋର୍ଟଫୋଲିଓ ମୁଖ୍ୟ ବରୁଣ କୁରିଚ କହିଛନ୍ତି, ମ୍ୟାକ୍‌ଡ୍ୱେଲ୍‌ସ ତା'ର ଚମତ୍କାର ସ୍ୱାଦ ଓ ଗୁଣବତ୍ତାର ଦୀର୍ଘସ୍ଥାୟୀ ବିରାସତ ସହିତ ସ୍ପିରିଟ୍ ଦୁନିଆରେ ନିରନ୍ତର ଭାବେ ଉତ୍କର୍ଷର ନୂଆ ମାନକ ସ୍ଥିର କରି ଆସୁଛି। ଏକ୍ସ ସିରିଜ ବାଏ ମ୍ୟାକ୍‌ଡ୍ୱେଲ୍‌ସ ଆଣ୍ଡ କୋ.ର ଶୁଭାରମ୍ଭ ସହିତ ଆମେ ଆମର ସଂରକ୍ଷିତ ଐତିହ୍ୟକୁ ଆଗକୁ ବଢ଼ାଇଛୁ,ବିଳାସପୂର୍ଣ୍ଣତା ଓ ଉତ୍କର୍ଷର ଏକ ନୂତନ ଯୁଗକୁ ଗ୍ରହଣ କରିଛୁ।

# ଅଣ ବାସମତି ଚାଉଳ ରପ୍ତାନି ଉପରୁ କଟକଣା ହଟିଲା

ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)

ଅଣ-ବାସମତି ଚାଉଳ ରପ୍ତାନି ଉପରେ କେନ୍ଦ୍ର ସରକାର ଲଗାଇଥିବା କଟକଣା ଶନିବାର ହଟାଇଦିଆଯାଇଛି। ତେବେ ଟନ ପିଛା ସର୍ବନିମ୍ନ ରପ୍ତାନି ମୂଲ୍ୟ (ଏମଇପି) ୪୯୦ ଡଲାର ଲାଗୁ କରାଯାଇଛି। ଘରୋଇ ଯୋଗାଣକୁ ବଢ଼ାଇବା ପାଇଁ ୨୦୨୩ଜୁଲାଇ ୨୦ରେ ଅଣ ବାସମତି ଚାଉଳ ରପ୍ତାନି ଉପରେ କଟକଣା ଲଗାଯାଇଥିଲା। ଅଣ-ବାସମତି ଧଳା ଚାଉଳ କ୍ଷେତ୍ରରେ ରପ୍ତାନି ନୀତିରେ ସଂଶୋଧନ କରାଯାଇଥିବା ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟ ଏକ ବିଜ୍ଞପ୍ତିରେ କହିଛି। ଏହାସହ ସରକାର ଉଷୁନା ଚାଉଳ ଉପରେ ରପ୍ତାନି ଶୁଳ୍କକୁ ୨୦% ରୁ ୧୦% କୁ ହ୍ରାସ କରିବାକୁ ଘୋଷଣା କରିଛନ୍ତି। ରପ୍ତାନି ଶୁଳ୍କ ହ୍ରାସ ଭାରତର ରପ୍ତାନି ମୂଲ୍ୟ ହ୍ରାସ କରିବା ସହ ପରିବହନ ପରିମାଣ ବୃଦ୍ଧି କରିବ ଏବଂ ଥାଇଲ୍ୟାଣ୍ଡ, ଭିଏତନାମ, ପାକିସ୍ଥାନ ଏବଂ ମିଆଁମାର ଭଳି ପ୍ରତିଦ୍ୱନ୍ଦୀ ଦେଶମାନଙ୍କୁ ମଧ୍ୟ ଏହାର ମୂଲ୍ୟ ହ୍ରାସ କରିବାକୁ ବାଧ୍ୟ କରିବ ବୋଲି ଆଶା କରାଯାଉଛି। ୨୦୨୩ ମସିହାରେ ଭାରତ ସାଧାରଣ ବୃଷ୍ଟିପାତ ହେତୁ ଫସଲ ନଷ୍ଟ ହେତୁ ଉଷୁନା ଚାଉଳ ଉପରେ ୨୦% ରପ୍ତାନି ଶୁଳ୍କ ଲାଗୁ କରିଥିଲା। ବ୍ରାଉନ ରାଇସ୍ ଏବଂ ଧାନ ଉପରେ ରପ୍ତାନି ଶୁଳ୍କକୁ ୧୦% କୁ ହ୍ରାସ କରିବାକୁ ସରକାର ନିକଟରେ ଘୋଷଣା କରିଛନ୍ତି ଏବଂ ଏହା ଖୁବଶୀଘ୍ର କାର୍ଯ୍ୟକାରୀ ହେବ।

GOVERNMENT OF ODISHA No.O-328:

**OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA**

e-mail:eerwsskld@gmail.com, eerwss_kld@nic.in, Phone No.06670-230784

**INVITATION OF BID THROUGH e-TENDERING**

Bid Identification No.26/SE/RWSS/2024-25/Bpt/Dated 26.09.2024

01.Name of the Work:- As per ANNEXURE-A

| Procurement Officer | Bid Identification No. | Availability of Tender Online for Bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 26/SE/RWSS/2024-25/ Bpt Dated 26.09.2024 | 07.10.2024 10.00 A.M. | 22.10.2024 05.30 PM | 23.10.2024 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The Original documents should be scanned and uploaded.

Sd./- Addl.Chief Engineer,
Kalahandi RWS&S Division, Bhawanipatna

OIPR-25005/11/0002/2425

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**

Nayapalli, Bhubaneswar - 751012

Re-advertisement Reference No. 3586 Dated: 26.09.2024

**TRAINING OF GOVERNMENT DOCTORS**

No. E-364: In continuation of classified advertisement vide Caption No. E-143 dated 31st August & 1st September 2024, it is informed that the last date for apply for **Training of Government Doctors for the Course of 1 year Training of Post Graduate Diploma in Public Health Management (PGDPHM)**, which was published in Times of India, Prameya & Dharitri and Sambad daily on 31st August & 1st September 2024, has been extended to 15.10.2024. Those doctors who have already applied need not apply again. All other terms and condition remain unchanged.

Sd./- Director
SIH&FW (Odisha), Bhubaneswar

OIPR-10003/11/0072/2425

**B.J.B. AUTONOMOUS COLLEGE, BHUBANESWAR**

No. 9800 Date: 26.09.2024

**NOTICE FOR INVITING TENDER TO KARUBAKI LADY'S HOSTEL**

No. CAD-1212: Tender in two bids i.e. Technical Bid and Financial Bid in sealed cover along with requisite documents are invited from interested and experienced registered firms/ agencies/organization/SHG/Individual proprietors having up-to-date all tax clearance to lease out the running and managing the Karubaki Lady's Hostel, BJB Autonomous College, Bhubaneswar Campus. For details and the downloading of bid documents please visit the college website: **www.bjbcollege.in**. The last date of receipt of the sealed bids in the Office of the undersigned is upto 5.00 P.M. on dated 07.10.2024 by Speed Post/Registered Post/Courier only. The authority reserves the right to accept or reject any or all the bids without assigning any reason thereof.

OIPR-11011/11/0011/2425 Sd./- Principal

# ଷ୍ଟାର ବକ୍ସର ନୂଆ କ୍ଲାସିକ୍ କଫି ରେଞ୍ଜର ଶୁଭାରମ୍ଭ

ଭୁବନେଶ୍ୱର,୨୮।୯

ଦେଶର ଅଗ୍ରଣୀ କଫି ବ୍ରାଣ୍ଡ ତଥା ଅନ୍ତରାଷ୍ଟ୍ରୀୟ ସଂସ୍ଥା 'ଷ୍ଟାରବକ୍ସ' ଭାରତରେ ୧୨ ବର୍ଷ ପୂର୍ତ୍ତି ଉତ୍ସବ ବା ବାର୍ଷିକ ଉତ୍ସବ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ଷ୍ଟାରବକ୍ସର ନୂଆ କ୍ଲାସିକ୍ କଫି ରେଞ୍ଜର ଶୁଭାରମ୍ଭ କରାଯାଇଛି, ଯାହା ଆଞ୍ଚଳିକ ସ୍ୱାଦ ଓ ସମୃଦ୍ଧ ସାଂସ୍କୃତିକ ବିବିଧତା ସହ ଗଭୀର ଭାବେ ଜଡ଼ିତ ଥିଲାବେଳେ ଏହି ସ୍ୱତନ୍ତ୍ର ମେନ୍ୟୁ (ଶୁଭାରମ୍ଭ) ଭାରତର ବିବିଧ ଐତିହ୍ୟକୁ ସମ୍ମାନ ଜଣାଉଛି। ଯେଉଁଥିରେ ଯତ୍ନଶୀଳ ଭାବେ ଚୟନ କରାଯାଇଥିବା ସାମଗ୍ରୀ ଅନ୍ତର୍ଭୁକ୍ତ ରହିଛି,ଯାହା ଭାରତୀୟ ସ୍ୱାଦଗୁଡ଼ିକର ମହତ୍ତ୍ୱକୁ ପ୍ରତିଫଳନ କରୁଛି। ଦେଶବ୍ୟାପୀ କଫି ପ୍ରେମୀଙ୍କ ପାଇଁ ବାସ୍ତବରେ ଏହା ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ପାଇଁ ଯତ୍ନର ସହ ପ୍ରସ୍ତୁତ ହୋଇଛି। ଏହି ସ୍ୱାଦିଷ୍ଟ କଫି ସ୍ଥାନୀୟ ସ୍ୱାଦଗୁଡ଼ିକୁ ଷ୍ଟାରବକ୍ସ କଫି ଅନୁଭୂତି ସହ ସମ୍ମିଶ୍ରଣ କରିଛି। ଏହି ମେନ୍ୟୁରେ ଗିଟ୍ ଏସ୍‌ପ୍ରେସୋ ଓ କ୍ଷୀରର ମିଶ୍ରଣ ଭାବେ କ୍ଲାସିକ ହଟ୍ କଫି ଏବଂ ବୋଲ୍ଡ ଏସ୍‌ପ୍ରେସୋ, ଗୁଡ଼ ଓ କ୍ଷୀରର ଏକ ସତେଜ ମିଶ୍ରଣ ଭାବେ କ୍ଲାସିକ ଆଇସ୍‌ଡ କଫି ଆଦି ସାମିଲ ରହିଛି। ଏ ସମ୍ପର୍କରେ ଟାଟା ଷ୍ଟାର୍‌ବକ୍ସର ସିଇଓ ସୁଶାନ୍ତ ଦାଶ୍ କହିଛନ୍ତି, ୧ ଦଶନ୍ଧିରୁ ଅଧିକ ସମୟ ଧରି ଆମେ ଭାରତରେ କାରବାର କରୁଛୁ। ଏପରିକି ଆମେ ଦେଶର ସମୃଦ୍ଧ ବିବିଧତା, ଜୀବନ୍ତ ସାଂସ୍କୃତିକ କାହାଣୀ ସହିତ ଆମ ଚାରିପଟେ ବିକଶିତ ହେଉଥିବା ଅନେକ ବିଚାରଧାରା ଦ୍ୱାରା ବ୍ରାଣ୍ଡ ଅନୁପ୍ରାଣିତ ହୋଇଛୁ। ସେହିଭଳି ଏହା ଆମକୁ ଏଭଳି ଏକ ପାନୀୟ ଶୃଙ୍ଖଳା ପ୍ରସ୍ତୁତ କରିବା ପାଇଁ ଅନୁପ୍ରାଣିତ କରିଥିଲା, ଯାହା ଭାରତର ବର୍ଦ୍ଧିତ ସାଂସ୍କୃତିକ ଆତ୍ମବିଶ୍ୱାସ ଓ ଗୌରବ ପ୍ରତି ଏକ ବାସ୍ତବ ପ୍ରମାଣ ।

# ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୮।୯

ଚଳିତ ବର୍ଷର ପାର୍ବଣରତୁ ପୂର୍ବରୁ ଆମାଜନ୍.ଇନ୍‌ର 'ଗେଟ୍ ଫେଷ୍ଟିଭାଲ୍ ରେଡି' ଷ୍ଟୋରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଷ୍ଟୋର ଜରିଆରେ ଗ୍ରାହକମାନେ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଉତ୍ସବ ଆରମ୍ଭ କରିବା ପାଇଁ ଆମାଜନ୍.ଇନ୍‌ର 'ଗେଟ୍ ଫେଷ୍ଟିଭ୍ ରେଡି' ଷ୍ଟୋରରେ ଅନୁସନ୍ଧାନ ଏବଂ କିଣାକିଣି କରନ୍ତୁ ତଥା ପାର୍ବଣ ସଫେଇ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୬୦% ରିହାତି ସାଙ୍ଗକୁ ୧୫୦ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍, ପ୍ରଥମ ଅର୍ଡରରେ ମାଗଣା ଡେଲିଭରି ଏବଂ ସବ୍‌ସ୍କ୍ରିପସନ, କୁପନ ଏବଂ ଅନ୍ୟାନ୍ୟ ଜିନିଷ ସହିତ ୧୦% ପର୍ଯ୍ୟନ୍ତ ଅତିରିକ୍ତ ରିହାତିର ଲାଭ ଉଠାନ୍ତୁ। ସେହିଭଳି ନିକଟରେ ଆରମ୍ଭ ହୋଇଥିବା ଏହି ଷ୍ଟୋରରେ ପିଡିଲାଇଟ୍, କ୍ୟାଡ୍‌ବରି, ହିମାଲୟା, ବି ବଡ଼ିୱାଇଜ୍ ଆଦି ପ୍ରିମିୟମ ବ୍ରାଣ୍ଡର ଏକ ବିସ୍ତୃତ ଚୟନ ଉପରେ ଗ୍ରାହକ ଏହି ଅଫରର ଲାଭ ଉଠାଇପାରିବେ।

**ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,**
**ଓଡ଼ିଶା ସରକାର**

**ବିଜ୍ଞାପନ**

No.RR-15:ଏତଦ୍ୱାରା ଉର୍ଦ୍ଦୁ ସାହିତ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଯେଉଁ ଛାତ୍ରଛାତ୍ରୀ ଉର୍ଦ୍ଦୁ (MIL) ରେ ୬୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି H.S.C., +2 ଓ +3, -2024 ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ +2 ଓ +3ରେ ଉର୍ଦ୍ଦୁ M.I.L. ରଖି ଓ ଉର୍ଦ୍ଦୁରେ M.A. ପଢିବାକୁ ନାମ ଲେଖାଇଥିବେ ସେମାନଙ୍କୁ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଛାତ୍ର ବୃତ୍ତି ୨୦୨୪-୨୫ ମସିହା ପାଇଁ ଦିଆଯିବ । ଛାତ୍ରଛାତ୍ରୀମାନେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମରେ ନିଜ ନିଜର କଲେଜର Principalଙ୍କ ଜରିଆରେ ଆବେଦନ କରିପାରିବେ । ଯେଉଁ ଛାତ୍ରଛାତ୍ରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ଏକାଡେମୀ ଦ୍ୱାରା ଥରେ ମାତ୍ର ବୃତ୍ତି ମିଳିବ । କେବଳ ପ୍ରଥମ ବର୍ଷ ପଢୁଥିବା ଛାତ୍ରଛାତ୍ରୀ ଆବେଦନ କରିପାରିବେ ।

**ଦରଖାସ୍ତ ଫର୍ମ**

**ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପ୍ରେରଣ ହୋଇଥିବ**

1. Student's Name, 2. Father's/Guardian's Name, 3. Mother's Name, 4. Date of Birth, 5. Name of the College/ University, 6. Aadhaar Card No., 7. Examination Passed, 8. Percentage in M.I.L. (Urdu), 9. Complete Postal Address with Pin Code, 10. Contact Phone No. The following self attested Xerox copies of documents to be enclosed. 1. Mark sheet of last Exam. passed, 2. College Identity Card, 3. Aadhaar Card, 4. First page of Bank Pass Book with A/c No. and IFSC Code, 5. Two Passport Size Photo, ଗୋଟିଏ ଦରଖାସ୍ତ ଫର୍ମରେ ଲଗାଇବେ ଓ ଅନ୍ୟଟି ନିଜ ଦସ୍ତଖତ ଥାଇ ସମସ୍ତ ପ୍ରମାଣପତ୍ରର ଜେରକ୍ସ କପି ସହ ତା.୩୦.୧୦.୨୦୨୪ ମଧ୍ୟରେ ଏକାଡେମୀର କାର୍ଯ୍ୟାଳୟରେ ପଠାଇ କରିବେ । ଡାକ ଯୋଗେ ପଠାଇ କରିବାର ଠିକଣା: Secretary, Odisha Urdu Academy, Sanskruti Bhawan, B.J.B. Nagar, Bhubaneswar- 751014ଙ୍କୁ ନିର୍ଦ୍ଧାରିତ ତାରିଖରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଫର୍ମର ନିମ୍ନରେ Principal ଙ୍କ ଦସ୍ତଖତ ସହିତ କଲେଜ Seal ଓ ଅନ୍ୟପକ୍ଷରେ ଆବେଦନକାରୀଙ୍କ (ଛାତ୍ର/ଛାତ୍ରୀଙ୍କ) ପୂର୍ଣ୍ଣ ଦସ୍ତଖତ ହୋଇଥିବ । ନିର୍ଦ୍ଧାରିତ ତାରିଖ ପରେ ବା ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

ସ୍ୱା./- ସଚିବ
ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର-୧୪

OIPR-03008/11/0001/2425

GOVERNMENT OF ODISHA No. A-335

**OFFICE OF THE EXECUTIVE ENGINEER KEONJHAR IRRIGATION DIVISION, KEONJHAR**

**NOTICE INVITATION OF TENDERS**

e-Procurement Notice No. 03 (NCB)/2024-25 on Dated: 25.09.2024
E-mail Id: eekjrirrdivn@gmail.com

| | | |
|---|---|---|
| 1 | Nature of the Work | : Building Works |
| 2 | No. of Works | : 3 (Two) Nos. |
| 3 | Value of Works | : Ranges from Rs.23.41 to 63.56 Lakhs |
| 4 | Tender Paper Cost | : Refer to Table - 1 |
| 5 | EMD/Bid Security | : Refer to Table - 1 |
| 6 | Period of Completion | : Refer to Table - 1 |
| 7 | Class of Contractors | : Refer to Table - 1 |
| 8 | Procurement Officer | : Executive Engineer, Keonjhar Irrigation Division, Keonjhar |
| 9 | Bid Identification No. | : KIDN-03/2024-25 to KIDN-05/2024-25 |
| 10 | Availability of Tender for Online Bidding | : From 11.30 A.M. Dt.28.09.2024 to 5.00 P.M. Dt.21.10.2024 |
| 11 | Date and Time for Tender Opening | : Dt.22.10.2024 @ 11.30 A.M. onwards in O/o. the Executive Engineer, Keonjhar Irrigation Division, Keonjhar |
| 12 | Date and Time for seeking clarification | : Dt.30.09.2024 @ 11.30 A.M. to Dt.07.10.2024 @ 5 P.M. in O/o. the Executive Engineer, Keonjhar Irrigation Division, Keonjhar |

The bidders have to participate in ONLINE bidding only. Further details can be seen from the e-procurement portal: **www.tendersodisha.gov.in**. Any addendum/corrigendum/cancellation of tenders can be seen from the above portal.

Sd./- Executive Engineer
OIPR-32476/11/0004/2425 Keonjhar Irrigation Division, Keonjhar

**OFFICE OF THE PANCHAYAT SAMITI, BIJEPUR**

AT/PO/PS:-Bijepur, Dist:-Bargarh(Odisha), PIN:-768032
E_Mail ID:- ori-bijepur@nic.in
No.1679/ Dt.24.09.24

**"e"-Procurement Notice**

**Bid Identification No.BDO/Bijepur/02/2024-25**

**No.i-204:**Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tendersodisha.gov.in.

1. Nature of Work : Civil Works
2. No. of Works : 1
3. Estimated Cost : as per NIT
4. Period of Completion : As per NIT
5. Date and Time of availability of the Documents in the Portal : From 27.09.2024, 11.00 A.M. to 06.10.2024, 5.00 PM
6. Last date/time for receipt of Bids in the Portal : Dt.06.10.2024 upto 5.00 PM
7. Bids received online shall be opened on : Dt.07.10.2024 at 11 AM
8. Name and address of the Officer Inviting Bid : Block Development Officer, Bijepur

Further, the details can be seen from the procurement portal www.tendersodisha.gov.in.

**Sd./- Block Development Officer, Bijepur**
OIPR-19129/11/0002/2425

**DIRECTORATE OF MINES & GEOLOGY STEEL AND MINES DEPARTMENT GOVT. OF ODISHA, BHUBANESWAR**

Heads of Department Building, Unit-V, Pin-751001
Tel.No.:0674-2391537, Fax No.:0674-2391684
E-mail-dirminesodisha@rediffmail.co

**TENDER NOTICE**

**No.MGXXXVIII(c)-07/2024, No.9435 Date:25.09.2024**

**No.G-17:**The Director of Mines & Geology, Odisha, Bhubaneswar invites Sealed Tenders (under two bid system) on behalf of the Governor of Odisha, from registered manpower service providers fulfilling the terms & condition for ***"Providing the service of six (06) drivers for a period of One year from the date of agreement on contract basis to drive the Govt. vehicles under the Directorate of Mines & Geology, Odisha, Bhubaneswar"*** with maximum monthly consolidated remuneration of Rs.13,900/- for each Driver excluding EPF, ESI and other taxes and charges as fixed vide General Administration & Public Grievance Department circular No.28090/GAD dated 07.03.2024.

**IMPORTANT DATES**

| | |
|---|---|
| Date of commencement of Sale of Tender Paper | 25.09.2024 |
| Last date of sale of Tender Paper | 15.10.2024 |
| Processing Fees | Rs.1180/- including 18% GST |
| Last date of submission of Bid (only through Regd.Post/Speed Post/ Courier) | 15.10.2024/ 5.00 PM |
| Date of Opening of the Technical Bids | 17.10.2024/11.30 AM |
| Date of Opening of the Financial Bids | 18.10.2024/11.30 AM |
| Place of Opening Bids | Conference Hall of Geology Building, Directorate of Mines & Geology (DoMG) |
| Address to receipt of Bid documents | Directorate of Mines & Geology, Bhubaneswar, Odisha |

The Tender Paper will be available on the website www.odishaminerals.gov.in which may be submitted within the stipulated date & time alongwith a Non-refundable fee of Rs.1180/- (Rs.1000/- +18% GST)- in shape of crossed Bank Draft, drawn in favour of "Director of Mines & Geology, Odisha, Bhubaneswar" at any Nationalized Bank, payable at Bhubaneswar.
Bidders are asked to visit the above website for any addition, alteration or change related to this tender.

Sd./- DIRECTOR OF MINES AND GEOLOGY (O)
OIPR-30028/11/0003/2425

See Career Appointment on every Wednesday & Saturday

## ୯ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୮।୯(ଅନୁରାଧା ମହାରଣା): ପ୍ରତ୍ୟାବର୍ତ୍ତନ କରୁଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ଦେଶର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ତେବେ ଶନିବାର ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ପାଗ ଶୁଖିଲା ରହିଥିବାବେଳେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। କଟକ-ଭୁବନେଶ୍ୱରରେ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇଥିଲା। ତେବେ ରବିବାର ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଆଦି ୯ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସ୍ରିଷ୍ଟି
ପରିବାରବର୍ଗ


ମନୋଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସଫଳ ହେଲା

### ଆଜିଠାରୁ କାର୍ଯ୍ୟରେ ଯୋଗଦେବେ, ସ୍ୱାଭାବିକ ହେବ ସ୍ୱାସ୍ଥ୍ୟ ସେବା

ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)

୪ ଦିନର କାର୍ଯ୍ୟବନ୍ଦ ଆନ୍ଦୋଳନ ପରେ ଶନିବାର ନର୍ସିଂ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଆଲୋଚନା ସଫଳ ହୋଇଛି। ସରକାର ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ସମସ୍ତ ଦାବି ନେଇ ଅବଗତ ଅଛନ୍ତି। ଏନେଇ ସରକାର ଏକ ଆନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଖୁବ୍‌ଶୀଘ୍ର ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ସଂଘ ସଭାନେତ୍ରୀ ଶୁଚିସ୍ମିତା ଦାଶ କହିଛନ୍ତି। ରବିବାରଠାରୁ ସମସ୍ତ ନର୍ସିଂ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ। ଯେଉଁମାନେ ଚାହିଁବେ ଶନିବାର ରାତିରୁ କାର୍ଯ୍ୟରେ ଯୋଗଦେଇ ପାରିବେ ବୋଲି ସଭାନେତ୍ରୀ ସୂଚନା ଦେଇଛନ୍ତି। ତେଣୁ ରବିବାରଠାରୁ ରାଜ୍ୟରେ ଚିକିତ୍ସା ବ୍ୟବସ୍ଥା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।

ଲୋକସେବା ଭବନଠାରେ ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଶାସନ ସଚିବ ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହି ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ସଂଘ ଭର୍ଚୁଆଲରେ ସମସ୍ତ ଜିଲାର ମୁଖ୍ୟଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିଲା। ଏନେଇ ସଂଘର ସମ୍ପାଦକ ଅଶ୍ୱିନୀ ଦାଶ କହିଛନ୍ତି, ଆଲୋଚନା ଫଳପ୍ରଦ ହୋଇଛି। ଆମର ମୁଖ୍ୟ ଦାବି ଥିଲା ସରକାରଙ୍କ ସହିତ ସିଧାସଳଖ ଆଲୋଚନା କରିବା, ଯାହାକି ପୂରଣ ହେଲା। ସରକାର ଆମର ସବୁ ଦାବି ନେଇ ଅବଗତ ଥିବା କହିବା ସହ ତାହାକୁ ପୂରଣ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ସହ ଯେପରି ରୋଗୀସେବାରେ ବ୍ୟାଘାତ ସୃଷ୍ଟି ନ ହେବ ସେଥିପାଇଁ ଆମେ କାର୍ଯ୍ୟରେ ଯୋଗଦେବାକୁ ନିଷ୍ପତ୍ତି ନେଲୁ ବୋଲି ସମ୍ପାଦକ ଦାଶ କହିଛନ୍ତି।

୧୦ ଦଫା ଦାବି ନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଗତ ବୁଧବାର ୨୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଥିଲା। ପ୍ରଥମ ଦୁଇଦିନ ଜରୁରିକାଳୀନ ସେବା ଜାରି ରହିଥିବାବେଳେ ଶୁକ୍ରବାରଠାରୁ ଏହି ସେବାକୁ ବନ୍ଦ କରିଦିଆଯାଇଥିଲା। ପ୍ରଥମେ ଆନ୍ଦୋଳନରେ



ମାତ୍ର ୧୦ ପ୍ରତିଶତ ନର୍ସିଂ କର୍ମଚାରୀ ସାମିଲ ହୋଇଥିବାବେଳେ ଶୁକ୍ରବାରଠାରୁ ସଂଘ ସହ ଯୋଡି ହୋଇଥିବା ପ୍ରାୟ ୧୬ହଜାର କର୍ମଚାରୀ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିଦେଇଥିଲେ। ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ରାଜ୍ୟରେ ସମସ୍ତ ସରକାରୀ ହସ୍ପିଟାଲ ଓ ମେଡିକାଲ କଲେଜଗୁଡିକରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏକପ୍ରକାର ଦୋହଲି ଯାଇଥିଲା। ରୋଗୀଙ୍କୁ ସାଲାଇନ୍ ଲଗାଇବାଠାରୁ ଆରମ୍ଭ କରି ଇଞ୍ଜେକ୍ସନ ଦେବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ହାତଗଣତି ଆଉଟ୍‌ସୋର୍ସିଂ ନର୍ସ ଏବଂ ନର୍ସିଂ ଛାତ୍ରୀଛାତ୍ରଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ରୋଗୀଙ୍କୁ ଗୋଟେ ୱାର୍ଡରୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରିବା ବେଳେ ରୋଗୀଙ୍କ ସମ୍ପର୍କୀୟ ସାଲାଇନ୍ ଧରି ଆଗେଆଗେ ଯିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥିତି ଏପରି ହୋଇଥିଲା ଯେ, ଜରୁରିକାଳୀନ ଚିକିତ୍ସା ସେବା ଆବଶ୍ୟକ କରୁଥିବା ରୋଗୀଙ୍କୁ ଏମ୍‌ସ ସମେତ ବିଭିନ୍ନ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା।

## ଡିପ୍‌ଥେରିଆରେ ଜଣେ ମୃତ, ୮ ଛାତ୍ର ଆକ୍ରାନ୍ତ

### କାଳିମେଳା ବ୍ଲକ୍

କାଳିମେଳା,୨୮।୯(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ଚିତ୍ରାଙ୍ଗପାଲି ତନ୍‌ଗୁଡା ଗ୍ରାମରେ ଗତ ୧୯ ତାରିଖରେ ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଶିବ ମାଡକାମୀ। ତାଙ୍କର କୋରାପୁଟ ମେଡିକାଲରେ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ସେହିପରି ଚିତ୍ରାଙ୍ଗପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ୮ ଛାତ୍ର ଶୁକ୍ରବାର ହଠାତ୍ ଅସୁସ୍ଥ ହୋଇପଡିବାରୁ ସେମାନଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଉଛି। ସେମାନେ ହେଲେ ଅର୍ଜୁନ କର୍ତ୍ତାମି, ସୁରେଶ ବାଞ୍ଜାମି, ଦେବା ମାଡକାମି, ରାଜେଶ ବେଟୀ, ଚନ୍ଦ୍ର ପୁନେମ,ରଞ୍ଜନ ମାଡକାମି, ନନ୍ଦୁ କର୍ତ୍ତାମି ଓ ପିଙ୍କୁ ମାଡକାମି ଅସୁସ୍ଥ ସମସ୍ତ ଛାତ୍ରଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସେଥିରୁ ୨ ଛାତ୍ର ଡିପ୍‌ଥେରିଆରେ ଆକ୍ରାନ୍ତ ଥିବା କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦ ସୂଚନା ଦେଇଛନ୍ତି। ଛାତ୍ରାବାସରେ ମେଡିକାଲ ଟ୍ରମ୍ ପହଞ୍ଚିଥିବା ବେଳେ ଏହା ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

# ନିଲମ୍ବିତ ପୋଲିସ ଅଧିକାରୀଙ୍କୁ ଧରି ଆଜି ଗୁଜରାଟ ଯିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୨୮।୯(ସୂର୍ଯ୍ୟକାନ୍ତ ବେହେରା)

### ଭରତପୁର ଥାନାରେ ନିର୍ଯାତନା ଘଟଣା: ସୋମବାର ମିଛଧରା ପରୀକ୍ଷା

ଭରତପୁର ଥାନାରେ ଆର୍ମି ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ତା'ର ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏହି ଘଟଣାରେ ନିଲମ୍ବିତ ଆଇଆଇସିଙ୍କ ସମେତ ୫ ଅଧିକାରୀଙ୍କ ମିଛଧରା ପରୀକ୍ଷା ସୋମବାର ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ହେବ। ସେମାନେ ହେଲେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସାଗରିକା ରଥ, ଏଏସ୍‌ଆଇ ସଲୀଳମୈତ୍ରୀ ସାହୁ ଏବଂ ଘଟଣା ଦିନ ଥାନାରେ ପ୍ରତ୍ୟକ୍ଷଦର୍ଶୀ ଭାବେ ଉପସ୍ଥିତ ଥିବା ଜଣେ କାର୍ଯ୍ୟରତ ଏସ୍‌ଆଇ। ଏଥିପାଇଁ କ୍ରାଇମବ୍ରାଞ୍ଚ ଟିମ୍ ସମସ୍ତଙ୍କୁ ଧରି ରବିବାର ଗୁଜରାଟ ଅଭିମୁଖେ ଯାତ୍ରା କରିବ। ରିପୋର୍ଟ ଆସିବା ପରେ ଘଟଣାରେ ପୋଲିସ କେତେ ସତ ଓ ମିଛ କହୁଛି ତାହାର ପ୍ରମାଣ ମିଳିବ। ସୂଚନାନୁସାରେ, ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ ଟେଷ୍ଟ, ନାର୍କୋ-ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଙ୍ଗ୍ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। ଆଇଆଇସି ସହମତି ପ୍ରକାଶ କରିବା ପରେ କୋର୍ଟ ପରୀକ୍ଷା ପାଇଁ କ୍ରାଇମବ୍ରାଞ୍ଚକୁ ଅନୁମତି ଦେଇଥିଲେ। ସେହିପରି ପରେ ଅନ୍ୟ ୪ ପୋଲିସ ଅଧିକାରୀଙ୍କ ପଲିଗ୍ରାଫ୍ ଟେଷ୍ଟ କରାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ ହୋଇଥିଲା। ତେବେ ଶୁକ୍ରବାର ପୋଲିସ ଅଧିକାରୀମାନେ କୋର୍ଟରେ ହାଜର ହୋଇ ଏନେଇ ସହମତି ପ୍ରକାଶ କରିଥିଲେ। ଏପରିକି ଏହି ଟେଷ୍ଟ କରିବାକୁ ସେମାନଙ୍କ କୌଣସି ସମସ୍ୟା ନାହିଁ ଏବଂ ଏଥିରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ଅଧିକାରୀମାନେ କହିଥିଲେ। ଫଳରେ କୋର୍ଟ ଏହାକୁ ଗ୍ରହଣ କରି ଏହି ମିଛଧରା ଟେଷ୍ଟ କରାଇବାକୁ ଅନୁମତି ଦେଇଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



ମନୋଜ କୁମାର ସାହୁ
ପିତା: ଧନେଶ୍ୱର ସାହୁ
ଗ୍ରାମ: କୁକୁଡ଼ାଘାଇ ପାଟଣା
ଶୁଭେଚ୍ଛା ସହ- ବାପା, ଦାଦା, କବିତା, ରଞ୍ଜିତା, ପାପୁନି, ଅମ୍ମୁ, ବବୁଲ୍, ପବି, ଆଲୋକ ।
ଧ-୧୪୯୭



Kalinga Institute of Health Sciences Bhubaneswar

**Exciting Opportunity Ahead!**

Program In Collaboration with Centurion University, Bhubaneswar:
- P.G Diploma in Hospital & Health Care Management (PGDHHM) - 1 year
- Master in Hospital Administration (MHA) - 2 years

We Are Filling Fast for Below Courses:
- Dialysis Technology
- EEG & EMG Technology
- X-ray & Imaging Technology
- Operation Theatre Technology
- Medical Laboratory Technology
- Trauma Care & Casuality Technology
- Certificate Course in Dietician

For Admission & Information
Kalinga Hospital Campus, Bhubaneswar-23
Call : 7064421182, E-mail: kihs@kalingahospital.com


# ଫେରାର ମାଓବାଦୀ ଗିରଫ

ମାଲକାନଗିରି,୨୮।୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମାରେ ଯବାନଙ୍କ ଦ୍ୱାରା ତଲାସି ବେଳେ ଜଣେ ଫେରାର ମାଓବାଦୀ ଗିରଫ ହୋଇଛନ୍ତି। ସେ ହେଲେ ମୁଚାକି ହୁଙ୍ଗା। ସୁକ୍‌ମା ପୋଲିସ, ସିଆର୍‌ପିଏଫ୍ ଏବଂ ୨୦୭ କୋବ୍ରା ବାହିନୀ ଭଣ୍ଡାରପଦର ନିକଟ ଜଙ୍ଗଲରେ ତଲାସି କରୁଥିଲେ। ଏହି ସମୟରେ ଯବାନଙ୍କୁ ଦେଖି କେତେଜଣ ବ୍ୟକ୍ତି ଲୁଚିପଳାଉଥିଲେ। ଯବାନମାନେ ସେମାନଙ୍କୁ ଧରିବା ପାଇଁ ଉଦ୍ୟମକରି ଜଣଙ୍କୁ କାବୁକରିଥିଲେ। ତାଙ୍କୁ ପଚରାଉଚରା ବେଳେ ତାଙ୍କ ନାଁ ମୁଚାକି ହୁଙ୍ଗା, ସେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ତଦନ୍ତ ବେଳେ ତାଙ୍କ ନାମରେ ପୂର୍ବରୁ ଭେଜି ଥାନାରେ ଅନେକ ମାମଲା ରହିଥିଲା। ପରବର୍ତ୍ତୀ ସମୟରେ ସେ ଫେରାର ହୋଇଯାଇଥିଲେ। ସେ ପାଲାମାଡଗୁ ନିବାସୀ ପୋଡିୟମ ଯୋଗା ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଯବାନମାନେ ଜାଣିବାକୁ ପାଇବା ପରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି।

## ମହିଳାଙ୍କୁ ସମ୍ମାନ ଦେବା...

ପ୍ରଥମ ପୃଷ୍ଠାରୁ...

ହାର ହେଉଛି ପ୍ରାୟ ୯.୭୩ ପ୍ରତିଶତ ; ଯାହା ଅତ୍ୟନ୍ତ ନୈରାଶ୍ୟଜନକ। ଏହାର କେବଳ ଦୁଇଟି ଅର୍ଥ। ପୋଲିସର ତଦନ୍ତ ଠିକ୍ ଭାବେ ହେଉନାହିଁ କିମ୍ବା ତ୍ୱରିତ୍ ଦଣ୍ଡ ବିଧାନ ପାଇଁ ଆନ୍ତରିକତା ନାହିଁ। ଆମ ସରକାର ଏହାକୁ କୌଣସି ପ୍ରକାରେ ବରଦାସ୍ତ କରିବେ ନାହିଁ। ରାଜ୍ୟରେ ମହିଳାଙ୍କ ବିରୋଧରେ ହୋଇଥିବା ଜିଲାୱାରି ହିଂସା, ଦଣ୍ଡ ବିଧାନ, ପେଣ୍ଡିଂ ଷ୍ଟାଟସ୍ ଓ ତାହାର କାରଣ ବିଷୟରେ ଏକ ସପ୍ତାହ ମଧ୍ୟରେ ତଥ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ପୋଲିସ ମହାନିର୍ଦ୍ଦେଶ(ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଠିକ୍‌ଭାବେ ଅନୁଧ୍ୟାନ କରିବା ପରେ ଆଇନ ବିଭାଗ ସହିତ ବିଚାରବିମର୍ଶରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

- ଥାନାକୁ ମିଳିବ ୯ ହଜାର ବାଇକ୍
- ଗଠନ ହେବ ୧୦ ନୂଆ ଓଡ୍ରାଫ ୟୁନିଟ
- ସପ୍ତାହେ ଭିତରେ ମହିଳା ହିଂସା ତଥ୍ୟଦେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ

ପୋଲିସ ଜନସାଧାରଣଙ୍କ ବନ୍ଧୁ ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟିହେବା ଆବଶ୍ୟକ। ରାଜ୍ୟର ବିଭିନ୍ନ ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କକୁ ଅଧିକ କ୍ରିୟାଶୀଳ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପୋଲିସ କେବଳ ନ୍ୟାୟପୂର୍ଣ୍ଣ ବ୍ୟବହାର କଲେ ଯଥେଷ୍ଟ ହେବ ନାହିଁ, ଏହାକୁ ସାଧାରଣ ଲୋକ ଅନୁଭବ ମଧ୍ୟ କରିବା ଉଚିତ। ମନେରଖିବା ଉଚିତ ଯେ ଥାନାକୁ କୌଣସି ଅପରାଧୀ ନ୍ୟାୟ ପାଇଁ ଯାଇ ନ ଥାନ୍ତି। ଅପରାଧୀଙ୍କ ଦ୍ୱାରା ପୀଡ଼ିତ ବ୍ୟକ୍ତି କିମ୍ବା କୌଣସି ଅସୁବିଧାରେ ପଡ଼ିଥିବା ବ୍ୟକ୍ତି ହିଁ ପୋଲିସକୁ ନ୍ୟାୟ ମାଗିବା ପାଇଁ ଯାଇଥାନ୍ତି। ସାଧାରଣ ଲୋକଙ୍କର ଭରସାକୁ ବଜାୟ ରଖି ଉପଯୁକ୍ତ ପଦକ୍ଷେପ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସାଇବର ଅପରାଧକୁ ରୋକିବା ପାଇଁ ପୋଲିସ ଟେକ୍ନୋଲୋଜିକୁ ବହୁଳ ବ୍ୟବହାର କରିବା ଉଚିତ। ସେହିପରି ବେଆଇନ ନିଶା କାରବାରକୁ ବନ୍ଦକରିବା କାମକୁ ମିଶନ ମୋଡ୍‌ରେ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତବର୍ଷ ଶ୍ରୀଜଗନ୍ନାଥ ମନ୍ଦିରର ସୁରକ୍ଷା ଓ ନିରାପତ୍ତା ପାଇଁ ପୁରୀଠାରେ ୧୦୮୩ ଗୋଟି ବିଭିନ୍ନ ବର୍ଗର ପଦବୀକୁ ନେଇ ଗୋଟିଏ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ ଗଠନ କରିବାର ପ୍ରକ୍ରିୟା ସରକାର ଆରମ୍ଭ କରିଛନ୍ତି। ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ। ଥାନାଗୁଡ଼ିକରେ କର୍ମଚାରୀମାନଙ୍କର ମନୋବଳ ବଢ଼ାଇବା ସହିତ ସେମାନଙ୍କ କାମ କରିବାର ସୁବିଧା ଉଦ୍ଦେଶ୍ୟରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ଯୋଗାଇଦେବା ପାଇଁ ଆମ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରାୟ ୯ ହଜାର ଦୁଇଚକିଆ ଯାନ ଥାନାଗୁଡ଼ିକୁ ଯୋଗାଇ ଦିଆଯିବ। ଯେଉଁମାନେ ଚଳାଇବେ ସେମାନଙ୍କ ନାମରେ ଯାନ କିଣାଯିବ। ସେ ଯେଉଁ ଥାନାକୁ ବଦଳି ହେବେ ସେହି ଗାଡ଼ିକୁ ସାଙ୍ଗରେ ନେଇଯିବେ। ଏଥିସହିତ ରାଜ୍ୟରେ ଜରୁରିକାଳୀନ ସେବା ଯୋଗାଉଥିବା ୧୦ଟି ଓଡ୍ରାଫ ୟୁନିଟ୍ କାର୍ଯ୍ୟକାରୀ ହେବ। ପ୍ରତି ଜିଲାରେ ଓଡ୍ରାଫ ଟିମ୍ ରହିବ। ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ପାଇଁ ଭୁବନେଶ୍ୱର ବରମୁଣ୍ଡା ବସ୍ ଟର୍ମିନାଲଠାରେ ଏକ ନୂତନ ଫାଣ୍ଡି ଏବଂ ରାଜ୍ୟର ୧୦ଟି ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲଠାରେ ୧୦ ଗୋଟି ନୂତନ ଫାଣ୍ଡି ପ୍ରତିଷ୍ଠା କରାଯିବ।

ବାଂଲାଦେଶରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବା ଯୋଗୁ ଅନେକ ବାଂଲାଦେଶୀ ଜଳପଥରେ ଓଡ଼ିଶାରେ ଅନୁପ୍ରବେଶ କରିବାର ଯଥେଷ୍ଟ ଆଶଙ୍କା ଥିଲା। ରାଜ୍ୟ କୋଷ୍ଟାଲ ସିକ୍ୟୁରିଟି, କୋଷ୍ଟଗାର୍ଡ ଏବଂ ନୌବାହିନୀର ସତର୍କତା ମୂଳକ ପଦକ୍ଷେପ ଯୋଗୁ ଏହି ଅନୁପ୍ରବେଶକୁ ରୋକାଯାଇପାରିଛି। ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରର ଆରକ୍ଷୀ ଅଧୀକ୍ଷକମାନେ ଆଗାମୀ ଦିନରେ ଏ ଦିଗରେ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଜିଲା ଆରକ୍ଷୀ ଅଧୀକ୍ଷକ ନିୟମିତ ଭାବେ ବିଭିନ୍ନ ଥାନାକୁ ଗସ୍ତ କରି ସେଠାକାର ଆନୁଷଙ୍ଗିକ ଭିତ୍ତିଭୂମି, କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିଜ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନିଜର ପରିବାର ସଦସ୍ୟ ଭାବରେ ବିବେଚନା କରିବା ସହିତ ସେମାନଙ୍କର କଲ୍ୟାଣ ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ପୋଲିସ ବିଭାଗରେ ବିଭିନ୍ନ ବର୍ଗରେ ଖାଲିଥିବା ୨୯୨୨ ପଦବୀ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋଟିଏ ଜିଲାରେ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ହେଉଛନ୍ତି ଶାସନ ପ୍ରଶାସନର ଦୁଇଟି ସ୍ତମ୍ଭ ; ଯାହା ଉପରେ ସମ୍ପୂର୍ଣ୍ଣ ଜିଲାର ପ୍ରଶାସନିକ ଭାର ରହିଛି। ଉଭୟ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଗୋଟିଏ ଟିମ୍ ଭାବେ କାମ କରିବା ଉଚିତ। ସରକାରଙ୍କ ପ୍ରଶାସନିକ ପ୍ରତିନିଧି ଭାବେ ଉଭୟଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ। ସରକାର ପୋଲିସ ସହିତ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି। ମାତ୍ର ଦୁର୍ନୀତି, ଅନିୟମିତତା ଓ କ୍ଷମତାର ଦୁରୁପଯୋଗକୁ ସରକାର କେବେହେଲେ ବରଦାସ୍ତ କରିବେ ନାହିଁ। ପୋଲିସ 'ସେବା ଓ ସୁରକ୍ଷା' ସ୍ଲୋଗାନକୁ କାୟ ମନୋବାକ୍ୟରେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଚଳିତବର୍ଷ ରାଜ୍ୟରେ ଏକକାଳୀନ ଲୋକ ସଭା ଓ ବିଧାନସଭା ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ରାଜ୍ୟର ମାଓବାଦୀପ୍ରବଣ ଅଞ୍ଚଳରେ ଦୀର୍ଘବର୍ଷ ପରେ ନିର୍ବାଚନ ଅଘଟଣ-ମୁକ୍ତ ଥିଲା। ଏହାସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ପୋଲିସର ସୁବନ୍ଦୋବସ୍ତ ଫଳରେ ଶାନ୍ତିଶୃଙ୍ଖଳାର ସହିତ ସମାହିତ ହୋଇଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ପୋଲିସ ବିଭାଗକୁ ଧନ୍ୟବାଦ ଦେଇଛନ୍ତି। ଅନେକ ତ୍ୟାଗ ଓ ବଳିଦାନ ମଧ୍ୟ ରାଜ୍ୟ ପୋଲିସକୁ ଦେବାକୁ ପଡ଼ିଛି। ସେଥିପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ଓଡ଼ିଶା ପୋଲିସର ସେହି ବୀର ଯବାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହି ଲଢ଼େଇ ସମାପ୍ତ ହୋଇନାହିଁ। ଯଦିଓ ମାଓବାଦୀଙ୍କ ବିସ୍ତାର ଏବଂ ପ୍ରଭାବ ହ୍ରାସ ପାଇଛି, ତଥାପି ଆଜି ବି ରାଜ୍ୟର କିଛି ଅଞ୍ଚଳରେ ପରିସ୍ଥିତି ଆହ୍ୱାନପୂର୍ଣ୍ଣ ରହିଛି। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଭାଗିତାରେ ମାଓବାଦକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଓଡ଼ିଶାରୁ ନିପାତ କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ। ଏଥିପାଇଁ ପୋଲିସ ବାହିନୀକୁ ସୁଦୃଢ଼ କରିବାକୁ ଆବଶ୍ୟକ ସରଞ୍ଜାମ, ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ, ଉପକରଣ, ଯାନବାହନ ଯଥାଶୀଘ୍ର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ମାଓବାଦୀଙ୍କୁ ମୁଖ୍ୟସ୍ରୋତକୁ ଫେରିଆସିବାକୁ ଆହ୍ୱାନ ଦେଇଛନ୍ତି।

ଏହି ସମ୍ମିଳନୀରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସାଧାରଣ ଜନତାଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବାକୁ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆମେମାନେ ଜନତାଙ୍କ ପାଇଁ ଏଠି ବସିଛୁ। ଲୋକଙ୍କୁ ଉତ୍ତମ ବ୍ୟବହାର କରିବା ଅତ୍ୟନ୍ତ ଜରୁରୀ। ସଂଯମତା ଓ ସହନଶୀଳତା ରକ୍ଷାକରି ସେମାନଙ୍କୁ ଶୁଣିବାର ଆବଶ୍ୟକତା ରହିଛି। ମହିଳାଙ୍କ କ୍ଷେତ୍ରରେ ଯଦି କୌଣସି ଅଧିକାରୀ ଦାୟିତ୍ୱ ନିର୍ବାହରେ ଅବହେଳା କରୁଥିବା ଜଣାପଡ଼େ, ତାହାକୁ କେବେ ବି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ପାର୍ବଣବେଳେ ଆଇନଶୃଙ୍ଖଳା ସ୍ଥିତି, ମାଓବାଦୀ ଦମନ ଏବଂ ସାଇବର କ୍ରାଇମ୍ ବିରୋଧରେ ପଦକ୍ଷେପ ନେବା ଜରୁରୀ ବୋଲି ସେ କହିଛନ୍ତି। ଏହାବ୍ୟତୀତ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାଙ୍କ ଅନୁପ୍ରବେଶ ରୋକିବା ଉପରେ ମଧ୍ୟ ସାହୁ ଗୁରୁତ୍ୱାରୋପ କରିଛନ୍ତି।


# Classified Everyday
0674-2580101, 2549949


MATRIMONIAL

BRIDE WANTED

Plot N6-44, Nayapally ସନ୍ତୋଷ- ବିବାହ ପାଇଁ ଚାକିରି କରିଥିବା ଝିଅ ଦରକାର। Ph. 7656942771. D-1440


REAL ESTATE

SALE

Require land in Bhubaneswar on sharing basis, minimum 4000sqft. above. Contact owner. 9827152441. D-1493

**କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121.** D-75994

**Contact for complete house construction (simplex/ Duplex/ Triplex), interior design (modular Kitchen/TV Unit/wardrobe/ Ceiling) and home furniture (King Bed/Sofa/Dining Table/Center Table) by the experts only. Mplanets- 7008550473.** D- 1468

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-1498

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-1497

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486




Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790


BUSINESS

Tata ACE Chandrasekharpur Patia ଏରିଆରେ Cylinder ବାଣ୍ଟିବା ପାଇଁ ଦରକାର। 9437015191. D-75824




You can find anything you have lost. Astrology with Divine I predict in a divine way if you have any problem then Contact- 9167370140. D-1499

AFFIDAVIT

By virtue an affidavit No.-726, dtd. 20.09.2024 before Executive Magistrate, Hindol, I Kabita Samal, W/o- Mahendra Kumar Samal, At/P.O.-Panchapada, P.S.-Rasol, Dist.- Dhenkanal hereby declared that at the time of preparation my Aadhaar Card No.- XXXX XXXX 1078 my name has mentioned as Kabita Behera. Hence Kabita Samal and Kabita Behera is same and one person. D-75460

By virtue of an affidavit sworn before Executive Magistrate, Bargarh on dated 26th September 2024, I, Vikash Anbu, Address- Ghulipali, W.No-18, Bargarh, P.O./P.S./Dist.-Bargarh, Odisha-768028 declare that I have changed my name from A Vikash to Vikash Anbu. Henceforth, I shall be known as Vikash Anbu for all purposes.
Vikash Anbu
D-1491

I, Pramod kumar Panchanan Barpanda, R/o- Gurunanak Complex, Panchgochhia Chowk, Baraipali, Dist.- Sambalpur- 768006, Odisha declare by the affidavit No.- 17394 dt. 05.07.2024 that in the Aadhaar Card and PAN Card my name has been written as Pramod Kumar Barpanda instead of Pramod kumar Panchanan Barpanda. That both the names belong to one and the same person. Henceforth I will continue with the name Pramod kumar Panchanan Barpanda for all future purposes. D-1494

## ମନେ ପଡ଼ନ୍ତି

ସ୍ମୃତି ଏକ ରୂପା ଜହ୍ନ
୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଗୋପିନାଥ ହୋତା
ଆବିର୍ଭାବ : ତା.୧୬.୦୩.୧୯୫୫
ତିରୋଧାନ : ତା.୧୩.୧୦.୨୦୨୦

ଚାହୁଁ ଚାହୁଁ ୪ବର୍ଷ ପୁରିଗଲା ଅକାଳରେ ଅଫେରା ରାଇଜକୁ ଚାଲିଗଲ । ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ସବୁଦିନ ପାଇଁ ମନେ ରହିଥିବ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

: ଶୋକସନ୍ତପ୍ତ :
ବନ୍ଧୁ , ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୪୯୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰କାଶୀନାଥ ପୂଜାପଣ୍ଡା
ରାମାୟଣୀ ନିବାସ, ଶ୍ରୀରାମ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୧୦।୧୧।୧୯୩୭
ତିରୋଧାନ: ୦୯।୧୦।୨୦୨୩

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଏବଂ ଆଗକୁ ଚାଲିବୁ। ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ବନ୍ଧୁ ଓ ପରିବାରବର୍ଗ ଏବଂ ପୂଜାପଣ୍ଡା ନିଯୋଗ
ଧ-୧୪୯୦

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସାଇବର ଅପରାଧ: ରାଜସ୍ଥାନରୁ ୨ ଗିରଫ

## ଟ୍ରେଡିଂ ଆଳରେ ଡାକ୍ତରଙ୍କଠାରୁ ୮୭ ଲକ୍ଷରୁ ଅଧିକ ଟଙ୍କା ଠକିନେଇଥିଲେ

ଭୁବନେଶ୍ୱର,୨୮।୯(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସାଇବର ଥାନା ପୋଲିସ ରାଜସ୍ଥାନରୁ ୨ଜଣ ସାଇବର ଅପରାଧୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ରାଜସ୍ଥାନ ଚୁରୁ ଜିଲା ରତନ ନଗର ଥାନା ଅଞ୍ଚଳର ନବୀନ କୁମାର ଜାହାଙ୍ଗୀର ଓ ମୁକେଶ କୁମାର ସିଲା। ନବୀନ ବିଏ ପାସ୍ କରିଥିବା ବେଳେ ମୁକେଶ ଯୁକ୍ତ ୨ରେ ପାଠ ପଢୁଛନ୍ତି। ଅଭିଯୁକ୍ତ ଦ୍ୱୟ ଭୁବନେଶ୍ୱର କପ୍ଟୋପଲିରେ ରହୁଥିବା ଜଣେ ଡାକ୍ତରଙ୍କଠାରୁ ଟ୍ରେଡିଂ ନାଁରେ ୮୭ ଲକ୍ଷରୁ ଅଧିକ ଟଙ୍କା ଠକିନେଇଥିଲେ ବୋଲି ସାଇବର ଥାନା ଦାୟିତ୍ୱରେ ଥିବା ଏସିପି ଅଞ୍ଜନା ଟୁଡୁ କହିଛନ୍ତି। ଏହାସହ ଦୁଇ ଅଭିଯୁକ୍ତଙ୍କଠାରୁ ଦୁଇଟି ମୋବାଇଲ ଫୋନ ଓ ନବୀଙ୍କ ଆକାଉଣ୍ଟରେ ଥିବା ୫ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି। ଏହିଭଳି ଅଭିଯୁକ୍ତ ଦ୍ୱୟ ବହୁ ଲୋକଙ୍କଠାରୁ ବହୁ କୋଟି ଟଙ୍କା ଠକିନେଇଥିବା ତଦନ୍ତବେଳେ ଜଣାପଡିଛି। ଟଙ୍କା ଠକେଇ କରିବା ପାଇଁ ଦୁଇ ଅଭିଯୁକ୍ତ ବହୁ ଆକାଉଣ୍ଟ ବ୍ୟବହାର କରୁଥିଲେ। ତେଣୁ ଯଦି କୌଣସି ହ୍ୱାଟ୍ସଆପ ଗ୍ରୁପ୍‌ରେ ଆଡ୍ ହେଉଛନ୍ତି, ସେଥିରେ ଆସୁଥିବା ଅଜଣା ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ନାହିଁ। ଅଧିକ ଲୋଭରେ ହ୍ୱାଟ୍ସଆପ୍ ଓ ଟେଲିଗ୍ରାମରେ ଆସୁଥିବା ଲିଙ୍କ୍‌ରେ କ୍ଲିକ କରି ଟଙ୍କା ବିନିଯୋଗ ନ କରିବା ପାଇଁ ଏସିପି ଟୁଡୁ ପରାମର୍ଶ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ଡାକ୍ତରଙ୍କ ମୋବାଇଲ ହ୍ୱାଟ୍ସଆପ୍‌କୁ ଏକ ଟ୍ରେଡିଂ ଆପ୍ଲିକେଶନର ଲିଙ୍କ୍ ଆସିଥିଲା। ଟଙ୍କା ବିନିଯୋଗ କଲେ ଅଧିକ ଅର୍ଥ ମିଳିବ ବୋଲି ଲୋଭନୀୟ ଅଫର ଦିଆଯାଇଥିଲା। ଏହା ପରେ ଡାକ୍ତର ଦିଆଯାଇଥିବା ନଂ.୧୨୧ରେ ଫୋନ କରିବାରୁ ବିଭିନ୍ନ ସମୟରେ ନବୀନ ଓ ମୁକେଶ ଫୋନ୍ ଉଠାଇଥିଲେ। ସେମାନେ ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ହାଏ ନେଟ୍‌ୱର୍ଥ ଇନ୍‌ଭେଷ୍ଟର ପ୍ରୋଗ୍ରାମରେ ଟଙ୍କା ବିନିଯୋଗ କରିବା ପାଇଁ କହିଥିଲେ। ସେମାନଙ୍କ କଥାକୁ ବିଶ୍ୱାସ କରି କୌଣସି ତର୍ଜମା ନ କରି ଡାକ୍ତର ଜଣକ ସେହି ନକଲି ଟ୍ରେଡିଂ ଆପ୍ଲିକେଶନରେ ୮୭ ଲକ୍ଷ ୮୩ ହଜାର ୬୩୦ ଟଙ୍କା ବିନିଯୋଗ କରିଥିଲେ। ଟଙ୍କା ବିନିଯୋଗ କରିବା ପରେ ୧୦ କୋଟି ୩୮ ଲକ୍ଷ ୯୬ ହଜାର ଟଙ୍କା ମିଳିବ ବୋଲି ସେଥିରେ ଦେଖିବାକୁ ମିଳିଥିଲା। ଅଳ୍ପ ସମୟରେ ଏତେ ଟଙ୍କା ହୋଇଥିବା ଦେଖି ଡାକ୍ତର ଜଣକ ଉକ୍ତ ଟଙ୍କା ଉଠାଇବାକୁ ଚାହିଁଥିଲେ। ହେଲେ ଚତୁର ନବୀନ ଓ ମୁକେଶ ଉକ୍ତ ଆପ୍ଲିକେଶନକୁ ବନ୍ଦ କରିଦେଇଥିଲେ। ଆଉ ୩୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିସହ ଡାକ୍ତରଙ୍କଠାରୁ ନେଇଥିବା ସବୁ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ଉଠାଇ ନେଇଥିଲେ। ତେବେ ଡାକ୍ତର ଜଣକ ଠକାମିର ଶିକାର ହୋଇଥିବା ଜାଣି ଅଗଷ୍ଟ ୧୭ରେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଇବର ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଟଙ୍କା ଯାଇଥିବା ଆକାଉଣ୍ଟ ରାଜସ୍ଥାନର ବୋଲି ଜାଣିବାକୁ ପାଇଥିଲା। ତା'ପରେ ସାଇବର ଥାନା ପୋଲିସର ୩ ଜଣିଆ ଟିମ୍ ରାଜସ୍ଥାନ ଯାଇ ସ୍ଥାନୀୟ ପୋଲିସ ସହାୟତାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ସେଠାକାର କୋର୍ଟରେ ହାଜର ପରେ ଉଭୟଙ୍କୁ ରିମାଣ୍ଡରେ ଓଡିଶା ଆଣିଥିଲା। ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା, ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ଗିରଫ ୨ ଅଭିଯୁକ୍ତ।

# ଯୁବକଙ୍କୁ ହତ୍ୟା

## ଖଟିଆ ତଳେ ଲୁଚାଯାଇଥିଲା ମୃତଦେହ

ବରଗଡ,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୮ ବାନ୍ଧୁଟିକ୍ରା ସୁନାରୀ ଗଳିରେ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ସୁଶାନ୍ତ ସାହୁ(୩୫)। ହତ୍ୟା ପରେ ଅଭିଯୁକ୍ତ ମୃତଦେହକୁ ନିଜ ଘର ଖଟିଆ ତଳେ ଲୁଚାଇ ଫେରାର ହୋଇଯାଇଛନ୍ତି। ପୋଲିସ ତାଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି। ତେବେ ଖବର ଲେଖାହେବା ସୁଦ୍ଧା (ରାତି ସାଢ଼େ ୮ଟା) ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ହତ୍ୟା ଅଭିଯୁକ୍ତଙ୍କ ମାନସିକ ବିକୃତି ଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଛି। ମୃତକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିବାରୁ ତାଙ୍କୁ ଟାଙ୍ଗିଆ କିମ୍ବା ଅନ୍ୟ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ସୁଶାନ୍ତ ଶନିବାର ଅପରାହ୍ନ ପ୍ରାୟ ୨ଟାରେ ମଧ୍ୟାହ୍ନ ଭୋଜନ ସାରି ଘରୁ ବାହାରିଥିଲେ। ତେବେ ସେ କୁଆଡ଼େ ଯାଉଛନ୍ତି ଭାବି ପରିବାର ଲୋକେ ତାଙ୍କ ପଛରେ ଯାଇଥିଲେ। ତେବେ ଘରକୁ ଫେରୁଛି ବୋଲି ସୁଶାନ୍ତ କହିଥିଲେ। କିନ୍ତୁ ସେ ଆଉ ଫେରି ନ ଥିଲେ। ଅନ୍ୟପଟେ ପଡ଼ାର ମର୍ଗଶୀର ସାହୁ(୪୪) ସୁଶାନ୍ତଙ୍କୁ ହତ୍ୟା କରିଥିବା ନେଇ ଅପରାହ୍ନ ୫ଟାରେ ସୂଚନା ପାଇଥିଲେ ବୋଲି ମୃତକଙ୍କ ସାନଭାଇ ପ୍ରଶାନ୍ତ କହିଛନ୍ତି। ଅଭିଯୁକ୍ତଙ୍କ ଘରୁ ଦାଣ୍ଡକୁ ରକ୍ତର ସୁଅ ଛୁଟିଥିଲା। ଅଭିଯୁକ୍ତଙ୍କ ଘରକୁ ଯାଇ ଦେଖିବା ପରେ ମର୍ଗଶୀର ମୃତଦେହକୁ ତାଙ୍କ ଖଟିଆ ତଳେ ଲୁଚାଇ ରଖିଥିଲେ ବୋଲି ପ୍ରଶାନ୍ତ କହିଛନ୍ତି।

# ଗଣବଳାତ୍କାର ମାମଲା: ୨ ଅଭିଯୁକ୍ତଙ୍କୁ ୨୫ବର୍ଷ ଜେଲ

ରେଢ଼ାଖୋଲ, ୨୮।୯
(ଅଚ୍ୟୁତାନନ୍ଦ ପୁରୋହିତ)

ଏକ ଗଣବଳାତ୍କାର ମାମଲାର ବିଚାର କରି ରେଢ଼ାଖୋଲ ଅତିରିକ୍ତ ଜିଲା ଦୌରାଜଜ୍ ଶନିବାର ୨ଅଭିଯୁକ୍ତଙ୍କୁ ୨୫ବର୍ଷ ଜେଲ ଓ ୧୦ହଜାର ଟଙ୍କା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି।

ପ୍ରକାଶିତ ରାୟରୁ ଜଣାପଡିଛି ଯେ, ୨୦୨୦ ଜୁଲାଇ ୧୩ରେ ସମ୍ବଲପୁର ଜିଲା ଚାରମାଳ ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ପୁଅ ସହ ଜଙ୍ଗଲକୁ ଛେଳି, ଗୋରୁ ଚରାଇବାକୁ ଯାଇଥିଲେ। ଛେଳିଗୁଡିକ ଜଙ୍ଗଲରେ ଏପଟ ସେପଟ ହୋଇ ଚାଲିଯିବାରୁ ପୁଅ ସେମାନଙ୍କୁ ଏକାଠି କରିବାକୁ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ଚାରମାଳ ଥାନା ବରହମପୁରା ଗ୍ରାମର ସେବିୟାନ ସଏ(୬୫) ଓ କୁଟୁନିଆବ ଗ୍ରାମର ଯଲେନ୍ ବାର୍ଲା ମହିଳାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ଏ ନେଇ ପୀଡ଼ିତା ଚାରମାଳ ଥାନାରେ ସେହିଦିନ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଆଇପିସି ଦଫା ୩୭୬ (ଘ), ୫୦୬, ୩୪ରେ ଏକ ମାମଲା (ନଂ.୧୦୮/୨୦)ରୁଜୁ କରି ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରେଢାଖୋଲ ଅତିରିକ୍ତ ଜିଲା ଦୌରାଜଜ୍ ପାର୍ଥସାରଥି ପଟ୍ଟନାଏକଙ୍କ ଅଦାଲତରେ ମାମଲାର ବିଚାର ହୋଇଥିଲା। ୨୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ଏଥିସହ ଅଦାଲତ ପୀଡିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ନାରାୟଣ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ଅପହରଣ, ବଳାତ୍କାର: ଦୋଷୀଙ୍କୁ ୨୦ ବର୍ଷ ଜେଲ

ବାଲେଶ୍ୱର, ୨୮।୯(ବାଞ୍ଛାନିଧି ଦେ)

ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ପ୍ରଭାତ ସେଠୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ ବର୍ଷ ଜେଲ ସହ ୮ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛ।

ସୂଚନା ଯେ, ଢ଼େଙ୍କାନାଳ ଅଞ୍ଚଳର ଯୁବକ ପ୍ରଭାତ ସେଠୀ ଊପଦା କେନାଲ ନିକଟରେ ହାଇଡ୍ରା ମେଶିନ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ଖଇରା ଥାନା ଅଞ୍ଚଳର ଜଣେ ନାବାଳିକା କମ୍ପ୍ୟୁଟର କ୍ଲାସ କରିବାକୁ ଯାଉଥିବା ବେଳେ ପ୍ରଭାତ ତାଙ୍କୁ ଅପହରଣ କରି ବଳାତ୍କାର କରିଥିବା ନେଇ ୨୦୨୩ ଜୁଲାଇ ୨୯ରେ ଖଇରା ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା (ନଂ. ୨୪୧/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ମାମଲାର ଶୁଣାଣି କରି ଜଜ୍ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ୧୨ଜଣ ସାକ୍ଷୀ ଏବଂ ୧୮ଟି ଦଲିଲ, ଦସ୍ତାବିଜକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ପ୍ରଫେସରଙ୍କ ବିରୋଧରେ ଡାକ୍ତରୀ ଛାତ୍ରଙ୍କ ମାନସିକ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର(ସୂର୍ଯ୍ୟକାନ୍ତ ବେହେରା)/
ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ), ୨୮।୯

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ମେଡିକାଲ କଲେଜର ଜଣେ ପ୍ରଫେସରଙ୍କ ବିରୋଧରେ ଜଣେ ଡାକ୍ତରୀ ଛାତ୍ର ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଆଣିଥିବା ଛାତ୍ର ଜଣକ ହେଲେ ବାରିପଦାର ଦେବୀବ୍ରତ ଆଚାର୍ଯ୍ୟ। ସେ ସାଇକିଆଟ୍ରିକ୍ ବିଭାଗର ପିଜି ୨ୟ ବର୍ଷର ଛାତ୍ର। ଏଥିସହ ଦେବୀବ୍ରତଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ ନିର୍ଦ୍ଦେଶକ, ଡିଜିପି ଏବଂ ଉକ୍ତ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲଙ୍କୁ ମେଲ୍ ଯୋଗେ ଘଟଣା ସଂକ୍ରାନ୍ତରେ ଜଣାଇଥିବା କହିଛନ୍ତି। ସାଇକିଆଟ୍ରିକ୍ ବିଭାଗର ପ୍ରଫେସର ଜୟପ୍ରକାଶ ରୁସେଲ ରାବଣଙ୍କ ନାମରେ ସେମାନେ ଏପରି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ ପ୍ରଫେସର ଜୟପ୍ରକାଶ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ଛାତ୍ରୀଛାତ୍ରଙ୍କ ଭଲ ପାଇଁ ଆମେ ତାଗିଦ କରିଥାଉ। ତାଙ୍କ ସହ ଓ ତାଙ୍କ ପରିବାର ସହ ଭଲ ସମ୍ପର୍କ ରହିଛି। ନିହାତି କିଛି ଭୁଲ୍ ବୁଝାମଣା ହୋଇଛି। ଆମେ ତା'ର ସମାଧାନ କରିବୁ। ଦେବୀବ୍ରତ ଆଚାର୍ଯ୍ୟ ଓ ତାଙ୍କ ପରିବାର ଲୋକଙ୍କ ଅଭିଯୋଗ ସଂକ୍ରାନ୍ତରେ ସମ୍ପୃକ୍ତ ଘରୋଇ ମେଡିକାଲ କଲେଜ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଦେବୀବ୍ରତଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ବିଭାଗୀୟ ପ୍ରଫେସର ଜୟପ୍ରକାଶ ନିଜ ବ୍ୟକ୍ତିଗତ କାର୍ଯ୍ୟ ଦେବୀବ୍ରତଙ୍କ ଦ୍ୱାରା କରାଇ ଆସୁଥିଲେ। ପ୍ରଫେସର ଗାଡି ଚଳାଇପାରୁ ନ ଥିବାରୁ କ୍ଲିନିକ ନେବା ଆଣିବା କରିବା ସହିତ ରାତିରେ ହୋଟେଲରୁ ଘର ପାଇଁ ଖାଦ୍ୟ ମଗାଇବା ଓ ଅନ୍ୟ ବ୍ୟକ୍ତିଗତ କାର୍ଯ୍ୟ କରିବାକୁ ବାଧ କରୁଥିଲେ। କିନ୍ତୁ ଦେବୀବ୍ରତଙ୍କର ୩ ମାସ ପରେ ଆଉ ଏକ ବିଭାଗକୁ ପରିବର୍ତ୍ତନ ହେବାରୁ ସେ ଆଉ ଦୁଇ ପ୍ରଫେସରଙ୍କ ସହ କାମ କରିଥିଲେ। ଫଳରେ ସେ ପ୍ରଫେସର ଜୟପ୍ରକାଶଙ୍କର କୌଣସି କଥା ଶୁଣି ନ ଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ପ୍ରଫେସର ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ପରୀକ୍ଷାରେ ଫେଲ କରାଇଦେବାର ଧମକ ଦେଇଥିଲେ। ଏହାକୁ ନେଇ ଦେବୀବ୍ରତ ଚିନ୍ତାରେ ଥିଲେ। ଏପରିକି ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ନିଷ୍ପତ୍ତି ନେବାକୁ ଯାଉଥିବା ସାଙ୍ଗମାନଙ୍କଠାରୁ ପରିବାର ଲୋକେ ଜାଣିବା ପରେ ତୁରନ୍ତ ପୁଅକୁ କଲେଜରୁ ନେଇ ଆସିଥିଲେ। ଏବେ ଦେବୀବ୍ରତଙ୍କ ମାନସିକ ଅବସ୍ଥା ବିଗିଡି ଯାଇଥିବାରୁ ତାଙ୍କୁ ସାଲାଇନ ଦିଆଯାଉଥିବା ତାଙ୍କ ମା ଡା.ଉମାରାଣୀ ଆଚାର୍ଯ୍ୟ କହିଛନ୍ତି।

# ଟ୍ରେନ୍‌ରୁ ୨୬.୭ କେଜି ଗଞ୍ଜେଇ ଜବତ


ଜବତ ଗଞ୍ଜେଇ ସହ ଅଭିଯୁକ୍ତ ଓ ବଲାଙ୍ଗୀର ଆର୍‌ପିଏଫ୍ ଟିମ୍।

ବଲାଙ୍ଗୀର,୨୮।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଇସ୍ପାତ ଏକ୍ସପ୍ରେସ୍ ଟ୍ରେନ୍‌ରୁ ବଲାଙ୍ଗୀର ରେଳଷ୍ଟେଶନଠାରେ ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) ୨୬ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିହାରର ଆନନ୍ଦ କୁମାର ( ୧୯) ଓ ପଶ୍ଚିମବଙ୍ଗର ମୀନାରୁଲ ଶେଖ୍ (୪୫)। ଏହି ଘଟଣାରେ ସମ୍ପୃକ୍ତ ବିହାରର ଜଣେ ଭିନ୍ନକ୍ଷମ ନାବାଳକ(୧୭)ଙ୍କୁ ଅଟକ ରଖାଯାଇଥିବା ସୂଚନା ଦିଆଯାଇଛି। ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜିରୁ ପଶ୍ଚିମବଙ୍ଗର ହାଓଡା ଅଭିମୁଖେ ଯାଉଥିବା ଇସ୍ପାତ ଟ୍ରେନ୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଥିଲା। ବଲାଙ୍ଗୀର ଆରପିଏଫ୍ ଇନ୍ସପେକ୍ଟର ରାଜ ସିଂ ମଲ୍ଲିକଙ୍କ ନେତୃତ୍ୱରେ ବଲାଙ୍ଗୀର ରେଳ ଷ୍ଟେଶନରେ ଉକ୍ତ ଟ୍ରେନ ଉପରେ ଚଢ଼ାଉ କରାଯାଇ ୨୬.୭ କେଜି ଗଞ୍ଜେଇ ଜବତ ହୋଇଥିଲା। ଆରପିଏଫ ଟିମ୍ ଟ୍ରେନ୍ ଭିତରୁ ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ଅଭିଯୁକ୍ତମାନେ ବଲାଙ୍ଗୀର ଜିଲାର ସଇଁତଳା ଷ୍ଟେଶନରୁ ଗଞ୍ଜେଇ ଆଣି ବିହାର ଓ ପଶ୍ଚିମବଙ୍ଗ ଚାଲାଣ କରୁଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଟ୍ରେନ୍‌ରେ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ର୍ୟାକେଟ୍ ସକ୍ରିୟ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷ ୩୪ ହଜାର ଟଙ୍କା ହେବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଘଟଣାରେ ଆରପିଏଫ ମାମଲା ରୁଜୁ କରିଛି। ଆରପିଏଫ୍ ଟିମ୍ ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତଙ୍କୁ ବଲାଙ୍ଗୀର ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିବା ସୂଚନା ଦିଆଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

ସମ୍ବଲପୁର, ୨୮।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ବଡ଼ଡୁଙ୍ଗୁରୀ ଗ୍ରାମରେ ୨୦୨୦ ନଭେମ୍ବର ୮ ରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟ ଅତିରିକ୍ତ ଜିଲାଜଜ୍ ଆର୍.ଏଲ୍. ପଣ୍ଡା ଅଭିଯୁକ୍ତ ଅଜୟ ଓରାମ(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୪ ଜଣଙ୍କ ସାକ୍ଷ୍ୟ ଓ ବିଭିନ୍ନ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଓରାମଙ୍କୁ ପୋକ୍‌ସୋ ଆଇନର ଦଫା ୬ ଏବଂ ଆଇପିସିର ଦଫା ୩୭୬(୨)(ଏନ୍)ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଦୋଷୀଙ୍କୁ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଇପିସି ଦଫା ୩୬୬ରେ ୩ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଧିକ ଏକମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ସେ ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଜରିମାନା ଅର୍ଥକୁ କ୍ଷତିପୂରଣ ସ୍ୱରୂପ ପୀଡ଼ିତାଙ୍କୁ ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ କରାଯାଇଛି। ତେବେ ଦୋଷୀ ଉଭୟ ଦଣ୍ଡକୁ ଏକ ସଙ୍ଗେ ଭୋଗିବେ।

ସୂଚନା ଅନୁସାରେ ଉକ୍ତ ଗ୍ରାମରେ ପରିବାର ସହିତ ରହୁଥିବା ୧୭ ବର୍ଷୀୟା ନାବାଳିକା ୨୦୨୦ ନଭେମ୍ବର ୮ ରାତି ପ୍ରାୟ ୧୦ଟାରେ ନିକଟସ୍ଥ ପଡ଼ିଆକୁ ଶୌଚ ପାଇଁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ନଭେମ୍ବର ୧୦ରେ ପୀଡ଼ିତାଙ୍କ ପିତା ଶାସନ ଥାନାରେ ଏ ନେଇ ଏତଲା ଦେଇଥିଲେ। ଶାସନ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନିଖୋଜର ୧୨ଦିନ ପରେ ପୋଲିସ ପୀଡ଼ିତାଙ୍କୁ ଅଭିଯୁକ୍ତ ଅଜୟ ଓରାମଙ୍କ ସହିତ ରେଙ୍ଗାଲି ବସ୍‌ଷ୍ଟାଣ୍ଡରେ ଠାବ କରି ଥାନାକୁ ଆଣିଥିଲା। ପଚରାଉଚରା ବେଳେ ନଭେମ୍ବର ୮ତାରିଖରେ ସେ ଶୌଚ ହୋଇ ଘରକୁ ଫେରିବା ସମୟରେ ରାସ୍ତାରୁ ତାଙ୍କୁ ଅଜୟ ଭୟଭୀତ କରି ଉଠାଇ ନେଇଥିଲେ। ପରେ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଏକାଧିକ ଥର ବଳାତ୍କାର କରିଥିଲେ ବୋଲି ପୀଡ଼ିତା ପୋଲିସକୁ କହିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ପୋଲିସ ଅଜୟଙ୍କୁ ଗିରଫ କରିଥିଲା। ଏହାକୁ ନେଇ ଶାସନ ଥାନାରେ ଆଇପିସି ଦଫା ୩୬୩, ୩୬୬, ୩୭୬(୨)(ଏନ୍), ପୋକ୍‌ସୋ ଆଇନ ଦଫା ୬ରେ ଏକ ମାମଲା (ନଂ.୨୦୨/୨୦) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟ ଅତିରିକ୍ତ ଜିଲା ଜଜ୍ ଶନିବାର ଏହି ରାୟ ଶୁଣାଇଛନ୍ତି। ଅଦାଲତରେ ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପିପି ବସନ୍ତ କୁମାର ମିଶ୍ର ପରିଚାଳନା କରୁଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓକିଲ ଭାଇ**
**ଯାହାର ଖାଇବ ତାହାର ଗାଇ ।**

ଓକିଲ ବିଚାରାଳୟରେ ମକଦ୍ଦମା ଲଢ଼େ। ପାରିଶ୍ରମିକ ସ୍ୱରୂପ ମହକିଲଠାରୁ ପଇସା ନିଏ। ଯାହାଠାରୁ ପଇସା ପାଏ ସେ ତା' ପକ୍ଷ ନେଇ ମକଦ୍ଦମା ଲଢ଼ିଥାଏ। ଏହାହିଁ ଓକିଲଙ୍କ ପେସା ବା ବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଷା ଯାକରେ ଖୁଦୁରୁକୁଣୀ**
**ଯାତ ଯାକରେ ତିରିବେଣୀ ।**

ମା' ମଙ୍ଗଳାଙ୍କ ନାମରେ କରାଯାଉଥିବା ଓଷାକୁ ଭାଲୁକୁଣୀ ବା ଖୁଦୁରୁକୁଣୀ ଓଷା କୁହାଯାଇଥାଏ। ଅବିବାହିତ ଭଉଣୀ ନିଜ ଭାଇର ଶୁଭମନାସିବା ନେଇ ଏହି ଓଷାକୁ ପାଞ୍ଚ ପାଳି ପର୍ଯ୍ୟନ୍ତ ଅତି ନିଷ୍ଠା ଓ ଭକ୍ତିର ସହ ପାଳନ କରିଥାନ୍ତି। ସେହିପରି ତ୍ରିବେଣୀରେ ବୁଡ଼ ପକାଇଲେ ବ୍ୟକ୍ତିର ସକଳ ପାପ ଧୋଇହୋଇ ଯାଉଥିବା ନେଇ ଲୋକ ବିଶ୍ୱାସ ରହିଆସିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଦ୍ୟୁତ୍ ଫାଶରେ ପଡ଼ି ଜଣେ ମୃତ

ବଇଣ୍ଡା,୨୮।୯ (ପରିକ୍ଷିତ ସାହୁ)

ବାର୍ହା ଶିକାର ପାଇଁ ଶିକାରୀମାନେ ବସାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଶୁକ୍ରବାର ରାତିରେ ଜଣଙ୍କର ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ଠାକୁରଗଡ଼ ଥାନା ମନ୍ଦରବାହାଳ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତକ ହେଲେ କୁରୁମଟାପ ଗ୍ରାମର ବ୍ରଜବନ୍ଧୁ ନାୟକ। ଏ ନେଇ ଶନିବାର ବ୍ରଜବନ୍ଧୁଙ୍କ ଭାଇ ବିରଞ୍ଚି ନାୟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ପଠାଇଦେଇଛି। ବାର୍ହା ଶିକାର ପାଇଁ ମନ୍ଦରବାହଳ ଓ କୁରୁମଟାପ ଅଞ୍ଚଳର ୪ ଶିକାରୀ ମନ୍ଦରବାହାଳ ଅଞ୍ଚଳରେ ବିଦ୍ୟୁତ୍ ଫାଶ ବସାଇଥିଲେ। ଉକ୍ତ ଅଞ୍ଚଳ ଦେଇ ବ୍ରଜବନ୍ଧୁ ଯାଉଥିବା ବେଳେ ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଶିକାରୀମାନେ ବ୍ରଜବନ୍ଧୁଙ୍କ ମରଶରୀରକୁ ଆଣି ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଆବର୍ଜନା ଗୃହରେ ଶୁଆଇ ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ଠାକୁରଗଡ଼ ଥାନା ଆଇଆଇସି ନଟବର ନନ୍ଦ କହିଛନ୍ତି, ବିଦ୍ୟୁତ୍ ଆଘାତରେ ବ୍ରଜବନ୍ଧୁଙ୍କ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଚଳାଇଛି।

# ରାଜନୈତିକ ଶତ୍ରୁତାରୁ ଗୁଳିମାଡ଼, ଯୁବକ ଗୁରୁତର

## ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କନ୍ଧମାଳ,୨୮।୯(ଆଦିତେଶ୍ୱର ମିଶ୍ର)

ରାଜନୈତିକ ଶତ୍ରୁତାକୁ ନେଇ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳରେ ଜଣେ ସରପଞ୍ଚଙ୍କ ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଆହତ ଯୁବକ ହେଲେ ରାଜେନ୍ଦ୍ର କର୍ଣ୍ଣ (୨୮)।

ମନମୁଣ୍ଡା ଥାନା କସୁରବନ୍ଧ ଗ୍ରାମର ରାଜେନ୍ଦ୍ର ଶୁକ୍ରବାର ରାତି ୯ଟା ସମୟରେ ଗ୍ରାମ ପୋଖରୀରୁ ଶୌଚ ସାରି ଘରକୁ ଫେରୁଥିଲେ । ଏହି ସମୟରେ କସୁରବନ୍ଧ ସରପଞ୍ଚ ସରୋଜ କର୍ଣ୍ଣ, ତାଙ୍କ ଭାଇ ଓ ବାପା ରାଜନୈତିକ ଶତ୍ରୁତାକୁ ନେଇ ରାଜେନ୍ଦ୍ରଙ୍କୁ ନିଜ ଘର ଆଗରେ ଅଟକାଇଥିଲେ । ସେମାନେ ରାଜେନ୍ଦ୍ରଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ । ପରେ ସରୋଜ ଉତ୍ତ୍ୟକ୍ତ ହୋଇ ଏକ ପିସ୍ତଲ ଦ୍ୱାରା ଗୁଳିକରିବାରୁ ରାଜେନ୍ଦ୍ରଙ୍କ ଉଭୟ ଗୋଡ଼ରେ ଗୁଳି ବାଜିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ସରପଞ୍ଚ ଓ ତାଙ୍କ ଭାଇ ଓ ବାପାଙ୍କ ଆକ୍ରମଣ ଯୋଗୁ ରାଜେନ୍ଦ୍ରଙ୍କ ମୁହଁ, ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଅଭିଯୋଗ ହୋଇଛି । ଗୁରୁତର ରାଜେନ୍ଦ୍ରଙ୍କୁ ପରିବାର ଲୋକେ ଉଦ୍ଧାରକରି ପ୍ରଥମେ ମନମୁଣ୍ଡା ମେଡିକାଲକୁ ନେଇଥିଲେ । ସେଠାରୁ ସୋନପୁର ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ବୁର୍ଲା


ଗୁରୁତର ରାଜେନ୍ଦ୍ର କର୍ଣ୍ଣ।

ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାତିରେ ରାଜେନ୍ଦ୍ରଙ୍କ ସମ୍ପର୍କୀୟ କାକା ମାନଭଞ୍ଜନ କର୍ଣ୍ଣ ଗୁଳିମାଡ଼ ସମ୍ପର୍କରେ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି । ଶନିବାର ମନମୁଣ୍ଡା ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ରକ୍ତ ନମୁନା ସଂଗ୍ରହ କରିବା ସହିତ ତଦନ୍ତ ଆରମ୍ଭ କରିଛି । ଅପରପକ୍ଷରେ ସରପଞ୍ଚଙ୍କ ସ୍ତ୍ରୀ ମଧ ରାଜେନ୍ଦ୍ର ଓ ଅନ୍ୟ ୫ ଜଣ ତାଙ୍କ ଘରକୁ ଆସି ଗାଳିଗୁଲଜ କରିଥିବା ନେଇ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି । ଗୁଳିକାଣ୍ଡ ଘଟଣାରେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇନାହିଁ । ଏନେଇ ମନମୁଣ୍ଡା ଥାନା ଅଧିକାରୀ ରାମକୁମାର ମୁର୍ମୁଙ୍କୁ ପଚାରିବାରେ ଉଭୟଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ମାମଲା ରୁଜୁ ହେବା ସହ ତଦନ୍ତ ଚାଲିଥିବା ନେଇ ପ୍ରକାଶ କରିଛନ୍ତି ।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

**ବିଭୂତି ଭୂଷଣ ପ୍ରଧାନ- ପରଜଙ୍ଗ(ଢେଙ୍କାନାଳ)**



ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ବିଭୂତି ଭୂଷଣ ପ୍ରଧାନ। ୨୦୨୪ ନିର୍ବାଚନରେ ସେ ବିଜେଡିର ବରିଷ୍ଠ ନେତା ତଥା ଜିଲା ବିଜେଡି ସଭାପତି ଡା. ନୃସିଂହ ଚରଣ ସାହୁଙ୍କୁ ୩୨,୧୬୨ ଭୋଟରେ ହରାଇ ପ୍ରଥମ ଥର ବିଧାୟକ ହୋଇଛନ୍ତି। ମୋଟ ୧ଲକ୍ଷ ୭୬ହଜାର ୬୬୯ ଖଣ୍ଡ ଭୋଟରୁ ବିଭୂତି ୧ଲକ୍ଷ ୫୯୫ ଖଣ୍ଡ ଭୋଟ ପାଇଥିବା ବେଳେ ଡା. ସାହୁଙ୍କୁ ୬୮ହଜାର ୪୩୩ ଖଣ୍ଡ ଭୋଟ ମିଳିଥିଲା।

ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀର କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ଗ୍ରାମରେ ୧୭.୭.୧୯୬୭ରେ ବିଭୂତିଙ୍କ ଜନ୍ମ। ବାପା ସ୍ୱର୍ଗତ ପଦ୍ମଚରଣ ପ୍ରଧାନ ଓ ମା' ସ୍ୱର୍ଗତ ସତ୍ୟଭାମା ପ୍ରଧାନଙ୍କର ଦୁଇ ଝିଅଙ୍କ ମଧ୍ୟରେ ବିଭୂତି ଏକମାତ୍ର ପୁତ୍ର। ବାପା ସ୍ୱର୍ଗତ ପଦ୍ମଚରଣ ଜଣେ ଚାଷୀ ଥିଲେ। ବିଭୂତି ଚାଷକୁ ଅଧିକ ଗୁରୁତ୍ୱ ଦିଅନ୍ତି । ତାଙ୍କର ମାଛଚାଷ ଓ ଏକ ବଗିଚା କରି ଆମ୍ବଚାଷ କରିଛନ୍ତି। ସେହିପରି ଟ୍ରକ୍‌ରେ ପରିବହନ ବ୍ୟବସାୟ ମଧ୍ୟ କରିଛନ୍ତି। ବିଭୂତିଙ୍କ ଶିକ୍ଷାଗତ ଯୋଗ୍ୟତା ବିଏ.ଏଲ୍‌ଏଲ୍‌ବି। ରାଜନୀତିରେ ତାଙ୍କର ଉତ୍ଥାନ ଦେଖିଲେ ସେ ତାଳଚେର କଲେଜରେ ପଢ଼ିବା ବେଳେ ୧୯୮୩ରୁ ୧୯୮୭ ପର୍ଯ୍ୟନ୍ତ ଏବିଭିପିରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ରେ ତାଙ୍କ ମାମୁ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନ, ତତ୍କାଳୀନ ଦେବଗଡ଼ ଲୋକସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଭାବେ ଲଢୁଥିବା ବେଳେ ସେତେବେଳେ ବିଭୁତି ଭାଜପାରେ କାର୍ଯ୍ୟ ଆରମ୍ଭ କରି ରାଜନୀତି ଆରମ୍ଭ କରିଥିଲେ। ତାଳଚେର କଲେଜରେ ବର୍ତ୍ତମାନର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଭାପତି ଥିବା ବେଳେ ବିଭୂତି ଛାତ୍ର ରାଜନୀତିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରେ ରହି କାର୍ଯ୍ୟ କରୁଥିଲେ। ୧୯୮୬ରେ ସେ ଏବିଭିପିର ତାଳଚେରର କୋଷାଧ୍ୟକ୍ଷ ଥିଲେ। ୧୯୯୨ ମସିହାରେ ସେ ପଙ୍ଗାତିରା ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଏହାପରେ ୧୯୯୫ରେ ସେ ପ୍ରଥମେ ପାଲଲହଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ହୋଇ ୮୫୦୦ ଖଣ୍ଡ ଭୋଟ ପାଇଥିଲେ। ୨୦୦୯ରେ ବିଧାନସଭା କ୍ଷେତ୍ର ବଦଳି ଥିଲା ଏବଂ ଢେଙ୍କାନାଳ ଜିଲାର ପରଜଙ୍ଗ ନୂତନ ବିଧାନସଭା କ୍ଷେତ୍ର ହୋଇଥିଲା। ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ସେ ଭାଜପା ପ୍ରାର୍ଥୀ ଭାବେ ପରଜଙ୍ଗ ବିଧାନସଭା ଆସନରୁ ଲଢ଼ି ପରାଜିତ ହୋଇଥିଲେ। ଏହାପରେ ୨୦୨୪ରେ ପରଜଙ୍ଗରୁ ଭାଜପା ପ୍ରାର୍ଥୀ ଭାବେ ବିଜୟୀ ହୋଇ ପ୍ରଥମଥର ବିଧାୟକ ହୋଇଛନ୍ତି। ଏହାବ୍ୟତୀତ ସେ ଦୁଇଥର ଢେଙ୍କାନାଳ ଜିଲା ଭାଜପା ସଭାପତି, ରାଜ୍ୟ କୃଷକ ମୋର୍ଚ୍ଚାର ଜିଲା ସମ୍ପାଦକ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରହିଥିଲେ। ସେହିପରି ବର୍ତ୍ତମାନ ବିଧାନସଭା ଷ୍ଟାଣ୍ଡିଂ କମିଟିର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ଓ ଭିନ୍ନକ୍ଷମ ସଶକ୍ତୀକରଣର ସେ ଅଧ୍ୟକ୍ଷ ରହିଛନ୍ତି।

**ବିଧାୟକ କୁହନ୍ତି: –**

୨୦୦୯ରୁ ୨୦୧୯ ମଧ୍ୟରେ ବହୁ କମ୍ ଭୋଟରେ ହାରିଛି। ତେଣୁ ନିର୍ବାଚନ ମୋ ପାଇଁ କିଛି ନୂଆ କଥା ନୁହେଁ। ରାଜନୀତିରେ ହାରଜିତ୍ ରହିବ। ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରହିଥିବା ବହୁ ସମସ୍ୟାର ସମାଧାନ କରିବା ମୂଳ ଲକ୍ଷ୍ୟ। ଜଣେ ଡାକ୍ତର ଏଠି ବିଧାୟକ ଥିଲେ। କିନ୍ତୁ ଏଠି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଯେତିକି ସ୍ୱାସ୍ଥ୍ୟକେନ୍ଦ୍ର ଅଛି, ସବୁଠି ଡାକ୍ତର ନିଯୁକ୍ତି ସାଙ୍ଗକୁ ବିଦ୍ୟାଳୟଗୁଡିକରେ ଶିକ୍ଷକ ପଦବୀ ପୂରଣ ପାଇଁ ଗୁରୁତ୍ୱ ଦିଆଯିବ। ଗମନାଗମନକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହି ନିର୍ବାଚନ ମଣ୍ଡଳୀର କଙ୍କଡ଼ାହାଡ଼ ବ୍ଲକ ଏକ ଆଦିବାସୀ ବହୁଳ ବ୍ଲକ ହୋଇଥିବାରୁ ଏହି ଅଞ୍ଚଳର ବିକାଶ ପ୍ରତି ଅଧିକ ଧ୍ୟାନ ଦିଆଯିବ। କୁଆଲୋ ଅଷ୍ଟଶମ୍ଭୁ, ସରାଙ୍ଗ ଅନନ୍ତ ଶୟନ, ଦଦରାଘାଟି ଓ ଦଣ୍ଡଧର ଜଳଭଣ୍ଡାର ଆଦିକୁ ନେଇ ଟୁରିଜିମ୍ କରିଡର କରିବା ପାଇଁ ଚିନ୍ତା ରହିଛି।

**ରିପୋର୍ଟ : ରତନ ନାୟାର, ଢେଙ୍କାନାଳ**




ଉତ୍ତରପ୍ରଦେଶର ମିରଟଠାରେ ଆମ୍ ଆଦ୍‌ମୀ ପାର୍ଟି ନେତା ସଞ୍ଜୟ ସିଂ ଓ ଅନ୍ୟମାନେ ଶନିବାର ଭାଜପା ସରକାର ବିରୋଧରେ ବିକ୍ଷୋଭ କରୁଛନ୍ତି।

# ବିରୋଧୀ ଦଳକୁ ଟାର୍ଗେଟକଲେ ଭାଜପା ଓଡ଼ିଶା ପ୍ରଭାରୀ

**କଟକ,୨୮।୯(ଶିଲ୍ପା ପ୍ରିୟଦର୍ଶିନୀ)**



ବିଜୟ ପାଲ୍ ସିଂ ତୋମାର

ରାଜ୍ୟ ସଭା ସଦସ୍ୟ ତଥା ଭାଜପା ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ବିରୋଧୀ ଦଳକୁ ଟାର୍ଗେଟ କରିଛନ୍ତି। ଶନିବାର କଟକସ୍ଥିତ ଫ୍ରେଣ୍ଡ୍‌ସ କଲୋନୀଠାରେ ଆୟୋଜିତ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଗତ ୨୪ବର୍ଷ ମଧ୍ୟରେ ପୂର୍ବ ସରକାର ଯାହା କରି ନ ଥିଲା ସେହି କାର୍ଯ୍ୟଗୁଡିକୁ ଭାଜପା ସରକାର ଗଠନ ହେବାର ୧୦୦ ଦିନରେ କରି ଦେଖାଇଛି। ବିରୋଧୀ ଦଳ କାର୍ଯ୍ୟ କେବଳ ବିରୋଧ କରିବା ଯାହା ସେମାନେ କରୁଛନ୍ତି। ଭାଜପା ସରକାର ସ୍ଥାୟୀ ରହିଛି। ବିଜେଡି ମୁଁଙ୍ଗେଲାଲର ସ୍ୱପ୍ନ ଦେଖୁଛି। ନିଜ ଦଳର ସ୍ଥାୟିତ୍ୱକୁ ବଜାୟ ରଖିବା ପାଇଁ ଏପରି ଆକ୍ଷେପ କରୁଛି ବିଜେଡି। ପୂର୍ବ ସରକାର ଶାସନରେ ଥିବାବେଳେ କେନ୍ଦ୍ର ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରିନାହାନ୍ତି। ଏପରି କି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବିକୁ ହଜାଇଥିଲେ। ପୂର୍ବ ସରକାରର ଶାସନ ସମୟରେ ବହୁ ମହିଳା ଅତ୍ୟାଚାରର ଶିକାର ହୋଇଛନ୍ତି। ଏପରି କି ମନ୍ତ୍ରୀମାନେ ମଧ୍ୟ ବହୁ ଅପରାଧରେ ସାମିଲ ଥିଲେ। ପୂର୍ବ ସରକାର ଏବେ ଭାଜପା ସରକାରକୁ ଯେଉଁଭଳି ଭାବେ ଆକ୍ଷେପ କରୁଛି ନିଜ ଶାସନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେଉଁ କାରଣରୁ ଅପରାଧରେ ଲିପ୍ତ ଥିବା ମନ୍ତ୍ରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ ସେନେଇ ଉତ୍ତର ରଖନ୍ତୁ। ବର୍ତ୍ତମାନର ଭାଜପା ସରକାର ସମୟରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଗଲା ଏବଂ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ସହ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଜପା ନିଜ ଶକ୍ତି ଦେଖାଇବ ବୋଲି ତୋମାର କହିଛନ୍ତି।

# ସଙ୍ଗଠନ ମଜଭୁତ କର, ଲୋକଙ୍କ ସେବା ଜାରି ରଖ

## ନୟାଗଡ଼ ବିଜେଡି ନେତାଙ୍କ ସହ ନବୀନଙ୍କ ଆଲୋଚନା

**ଭୁବନେଶ୍ୱର,୨୮।୯(ଅନୀଲ ଦାସ)**



ଶଙ୍ଖଭବନଠାରେ ଶନିବାର ନୟାଗଡ଼ ବିଜେଡି ନେତାଙ୍କ ସହ ଦଳର ସଭାପତି ନବୀନ ପଟ୍ଟନାୟକ।

ନୟାଗଡ଼ ଜିଲା ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀ ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗ ଦେଇ ଜିଲାର କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଙ୍ଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି ।

ବୈଠକରେ ଦଳର ସଭାପତି ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ବିଜେଡି ସରକାର ସମୟରେ ଓଡ଼ିଶାର ବହୁତ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଆପଣମାନେ ଆଗାମୀ ଦିନରେ ପରିଶ୍ରମ କରି ଲୋକଙ୍କ ନିକଟକୁ ଯାଇ ସେବା କରନ୍ତୁ। ନିଶ୍ଚିତ ଭାବେ ଓଡ଼ିଶାବାସୀ ପୁଣି ସେବା କରିବାର ସୁଯୋଗ ଆମକୁ ଦେବେ। ରାଜ୍ୟରେ ଭାଜପା ସରକାରର ଭ୍ରଷ୍ଟାଚାର ଓ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ମିଛ କହି ଲୋକଙ୍କ ଠାରୁ ଭୋଟ ନେଇଥିବା ଭାଜପା ଏବେ କେବଳ ଲୋକଙ୍କୁ ପ୍ରତାରଣା ଦେଇ ଚାଲିଛି। ଆପଣମାନେ ଏକତ୍ରିତ ହୋଇ ଏ ସରକାର ଓ ଦୁର୍ନୀତି ବିରୋଧରେ ଲଢ଼େଇ ଜାରି ରଖନ୍ତୁ । ମୁଁ ଆପଣମାନଙ୍କ ସହ ସର୍ବଦା ରହିଛି। ବର୍ଷା ପରେ ନୟାଗଡ଼ ଜିଲାକୁ ଯାଇ ଦଳୀୟ କର୍ମକର୍ତ୍ତାଙ୍କୁ ଭେଟିବି ବୋଲି ନବୀନ କହିଛନ୍ତି। ଏହି ସଭାରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ଦଶପଲ୍ଲା ବିଧାୟକ ରମେଶ ବେହେରା, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଭାପୁର ବ୍ଲକର ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଜିଲାର ନେତୃବର୍ଗ ଯୋଗଦେଇଥିଲେ।

# ଆଦିବାସୀଙ୍କ ବିକାଶ ପାଇଁ ଆହୁରି ସଂଗ୍ରାମ କରିବାକୁ ପଡ଼ିବ: ନବୀନ

**ଭୁବନେଶ୍ୱର,୨୮।୯(ଅନୀଲ ଦାସ)**

**ରାଜ୍ୟ ବିଜେଡି ଏସ୍‌ସି/ଏସ୍‌ଟି ସାଙ୍ଗଠନିକ ସମ୍ମିଳନୀ**

ଶଙ୍ଖ ଭବନରେ ଆୟୋଜିତ ରାଜ୍ୟ ବିଜେଡି ଅନୁସୂଚିତ ଜାତି ଓ ଜନଜାତି ସାଙ୍ଗଠନିକ ସମ୍ମିଳନୀରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ରାଜ୍ୟ ଆଦିବାସୀ ନେତୃମଣ୍ଡଳୀଙ୍କ ସହ ସଙ୍ଗଠନ ବିଷୟରେ ଆଲୋଚନା କରିଛନ୍ତି।

ଏହି ସଭାରେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରି ବିଭିନ୍ନ ନେତା କହିଥିଲେ ଯେ, ଆଦିବାସୀ ପରମ୍ପରାକୁ ରକ୍ଷାକରିବା ପାଇଁ ଆପଣ ବହୁତ କାମ କରିଛନ୍ତି । ୬ ଲକ୍ଷ ୫୦ ହଜାର ପିଲା ଆଜି ହଷ୍ଟେଲରେ ରହି ପାଠ ପଢୁଛନ୍ତି । ୨୩ଟି ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିଲେ; ଯଦ୍ୱାରା ଆଦିବାସୀମାନେ ସେମାନଙ୍କ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ବହୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବୀନ କହିଛନ୍ତି, ଆମର ଲମ୍ବା ସରକାର ସମୟରେ ଆଦିବାସୀମାନଙ୍କ ପାଇଁ ବହୁତ କାମ ହୋଇଛି । ହସ୍ପିଟାଲ, ସ୍କୁଲ, କଲେଜ, କୃଷକମାନଙ୍କ ପାଇଁ ବହୁତ କାମ କରାଯାଇଛି; ଯାହା କି ଆଦିବାସୀ ଭଉଣୀଭାଇମାନେ ବିଜେଡିକୁ ସବୁବେଳ ପାଇଁ ମନେରଖିବେ। ଆହୁରି ଅଧିକ କିଭଳି ଆଦିବାସୀ ଲୋକଙ୍କ ଉନ୍ନତି ହେବ ତାହା ମୋ ହୃଦୟରେ ରହିଛି। ଆପଣମାନେ ଏକାଠି ହୋଇ ରହି ବହୁତ ପରିଶ୍ରମ କଲେ ସବୁ ଠିକ୍ ହେବ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଥିଲେ, 'ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆପଣମାନେ ବିଜୁ ଜନତା ଦଳ ସଙ୍ଗଠନକୁ କିଭଳି ଅଧିକରୁ ଅଧିକ ମଜଭୁତ କରିବେ, ସେଥିପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରନ୍ତୁ। ସମସ୍ତ ପ୍ରକାର ସହଯୋଗ ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଯୋଗାଇ ଦିଆଯିବ। ଏହି ସଭାକୁ ବିଜୁ ଜନତା ଦଳ ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝୀ ସଞ୍ଚାଳନ କରିବା ସହ ଆଦିବାସୀଙ୍କ ପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଗ୍ରାଫିକ୍ସ ଜରିଆରେ ସୂଚନା ପ୍ରଦାନ କରିଥିଲେ। ଏହିସଭାରେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ବିଧାୟକ ଝିନ୍ନ ହିକ୍କା, ପୂର୍ବତନ ବିଧାୟକ ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବାସନ୍ତୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଆଦିବାସୀମାନେ କିଭଳି ଦଳ ସହ ଅଧିକରୁ ଅଧିକ ଯୋଡ଼ି ହେବେ ସେ ନେଇ ନିଜ ନିଜର ମତାମତ ପ୍ରକାଶ କରିଥିଲେ।

# ଜିଲା ଭାଜପା ସଭାପତିଙ୍କୁ କୋଣଠେସା ଚର୍ଚ୍ଚା

**ସମ୍ବଲପୁର, ୨୮।୯ (ଭବାନୀ ଶଙ୍କର ଭୋଇ)**

## ସମ୍ବଲପୁରରେ ଭାଜପା ସଦସ୍ୟତା ଅଭିଯାନ

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଶନିବାର ସମ୍ବଲପୁର ଗସ୍ତରେ ଆସି ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ। ସମ୍ବଲପୁର ହାଟପଡ଼ା, ଜେଲଛକ ଆଦି ସ୍ଥାନରେ ସ୍ଥାନୀୟ ଲୋକଙ୍କୁ ଅନଲାଇନ୍‌ରେ ଦଳର ପ୍ରାଥମିକ ସଦସ୍ୟଭାବେ ସାମିଲ କରିଥିଲେ। ଏହାପରେ ଦୁର୍ଗାପାଲିସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ସଦସ୍ୟତା ଅଭିଯାନର ବିଶେଷ କର୍ମଶାଳାରେ ପଣ୍ଡା ସାମିଲ ହୋଇଥିଲେ। ଜିଲା ସଦସ୍ୟତା ପ୍ରଭାରୀ ସୁଶୀଲ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା ଉପସ୍ଥିତ ଥିଲେ। ତେବେ ଭାଜପା ସଦସ୍ୟତା ଅଭିଯାନରେ ଜିଲା ସଭାପତି ଗିରୀଶ ପଟେଲ ଏବଂ ତାଙ୍କ ସମର୍ଥକ ଏଥିରେ ସାମିଲ ହୋଇ ନ ଥିଲେ। ଏ ସଂକ୍ରାନ୍ତରେ ଗିରୀଶଙ୍କ ଅନୁଗତ ତଥା ଜିଲା ମିଡିଆ ସଂଯୋଜକ ସୁନୀଲ ନନ୍ଦ ସଦସ୍ୟତା ଅଭିଯାନରେ ଜିଲା ସଭାପତିଙ୍କୁ ଡକାଯାଇ ନ ଥିବା ଫୋନଯୋଗେ ସୂଚନା ଦେଇଥିଲେ। ବିନା ସଭାପତିଙ୍କ ଉପସ୍ଥିତିରେ ଏଭଳି ସଦସ୍ୟତା ଅଭିଯାନ କରିବା ଦଳର ସମ୍ବିଧାନ ବିରୋଧୀ ବୋଲି କହିଥିଲେ। ତେବେ ଏ ସଂକ୍ରାନ୍ତରେ ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁଙ୍କୁ ପଚାରିବାରୁ ଜିଲା ସଭାପତି ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରିବାକୁ ଆସିଥିଲେ। ପୁଣି ସଦସ୍ୟତା ଅଭିଯାନ ପ୍ରଶିକ୍ଷଣ ଶିବିର ହେଉଥିବା ହୋଟେଲରେ ମଧ୍ୟ ପହଞ୍ଚିଥିଲେ। ତେବେ କାର୍ଯ୍ୟକ୍ରମ ପୂର୍ବରୁ ଉଠି ଚାଲିଯାଇ ଥିଲେ ବୋଲି ବାବୁ କହିଛନ୍ତି। ଏହି ଟଣାଓଟରା ଭିତରେ ସମ୍ବଲପୁର ଜିଲାରେ ଭାଜପାର ଗୋଷ୍ଠୀ କନ୍ଦଳ ପଦାରେ ପଡିଥିବା ଚର୍ଚ୍ଚା ହେଉଛି। ଜୟନାରାୟଣ ଗୋଷ୍ଠୀ କିଛି ଦିନ ହେବ ଜିଲା ସଭାପତିଙ୍କୁ କୋଣଠେସା କରୁଥିବା ବେଳେ ରାଜ୍ୟ ଏବଂ ରାଷ୍ଟ୍ରୀୟ ନେତା ମଧ୍ୟ ଏବେ ଅଣଦେଖା କରୁଥିବା ଦେଖିବାକୁ ମିଳିଛି। ତେବେ ଆଗକୁ ତାଙ୍କ ସମର୍ଥକ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଭାଜପା ପ୍ରତିଶ୍ରୁତି ଦେଇଥିଲା, ଏବେ କାମ କରୁଛି

**ଭୁବନେଶ୍ୱର,୨୮।୯(ଅନୀଲ ଦାସ)**



ଏକାମ୍ର ବିଧାୟକ ବାବୁ ସିଂ ଦଳୀୟ କର୍ମୀଙ୍କ ସହ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ଭାଜପା ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ଏବେ କାମରେ କରି ଦେଖାଉଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି। ଶନିବାର ଲିଙ୍ଗିପୁର, ଧଉଳୀ, ଟିକରପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଲୋକଙ୍କ ବିଭିନ୍ନ ସ୍ଥାନୀୟ ସମସ୍ୟା ନେଇ ସେ ଆଲୋଚନା କରିଛନ୍ତି। ଭାରତୀୟ ଜନତା ପାର୍ଟିର ସଦସ୍ୟ ସଂଗ୍ରହ ଅଭିଯାନରେ କାର୍ଯ୍ୟକର୍ତ୍ତାଙ୍କ ସହିତ ସଦସ୍ୟତା ଗ୍ରହଣ କରିଛନ୍ତି। ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ପରେ ବାବୁ ସିଂ ଖୁବ୍ ଶୀଘ୍ର ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଭୋଟର ଆମକୁ ଜନ ପ୍ରତିନିଧି ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଉଛୁ। ଏକାମ୍ରବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ତାଙ୍କର ପ୍ରାଥମିକ କର୍ତ୍ତବ୍ୟ। ଭାଜପା ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ। ଏହି ଦଳର ସଦସ୍ୟ ସଂଖ୍ୟା ଏବେ ୧୮ କୋଟିରୁ ଉର୍ଦ୍ଧ୍ୱ। ଭାଜପା ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସ କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଓ ଦେଶ ଦିନକୁ ଦିନ ଆଗକୁ ବଢିବାରେ ଲାଗିଛି। ସାରା ବିଶ୍ୱର ଅର୍ଥନୀତି ତଳକୁ ଖସୁଥିବାବେଳେ ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ବଢ଼ିଛି। ୨୦୪୭ ବିକଶିତ ଭାରତ ଓ ୨୦୩୬ ବିକଶିତ ଓଡ଼ିଶା ଗଠନ କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳରେ ସାମିଲ କରି ଦେଶକୁ ଆଗେଇ ନେବାକୁ ବିଜେପି ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ବାବୁ ସିଂ କହିଛନ୍ତି। ଏହି ଅବସରରେ ଭାଜପା ନେତା ଅରୁଣ ପୁରୋହିତ, ରବି ପାତ୍ର,ମନସ୍ମିତା ଖୁଣ୍ଟିଆ, ସୂର୍ଯ୍ୟକାନ୍ତ ସାହୁ, ତାପସ ଦଳାଇ , ଆଲୋକ ସାହୁ, କୃଷ୍ଣଚନ୍ଦ୍ର ନାୟକ ଅଜୟ ସ୍ୱାଇଁ, ଅଜୟ ସାମନ୍ତରାୟ, ଚିରଞ୍ଜିବ ଗୋଛାୟତ, ମାନସ ପଣ୍ଡା, ବିଭୂତି ପ୍ରଧାନ, ଶୁସିଲ ଛୁଆଲସିଂ ଙ୍କ ସହ ସମସ୍ତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## କାମଧେନୁ ଯୋଜନାକୁ ...

ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମୋଟ ୧୧, ୯୩୧ଟି ସୁଲଭ ମୂଲ୍ୟ ଦୋକାନ ରହିଛି। ସେଥିରୁ ୫୨୯୧ଟି ଘରୋଇ ଡିଲରଙ୍କ ଦ୍ୱାରା ପରିଚାଳିତ ହେଉଛି। ଆନୁଷ୍ଠାନିକ ଖାଉଟି ଡିଲର କେନ୍ଦ୍ର ଯଥା- ପଞ୍ଚାୟତ ଦ୍ୱାରା ୪୦୨୮ଟି , ମହିଳା ଏସ୍‌ଏଚ୍‌ଜିଙ୍କ ଦ୍ୱାରା ୨୧୬୧ଟି, ଏସ୍‌ଏଚ୍‌ଜିଙ୍କ ଦ୍ୱାରା ୧୬୧ଟି , ସେବା ସମବାୟ ସମିତି ଦ୍ୱାରା ୨୪୬ଟି ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ୪୨ଟି ସରକାରୀ ସୁଲଭ ମୂଲ୍ୟ ଦୋକାନ ପରିଚାଳିତ ହେଉଛି ।

ବିଭିନ୍ନ କୋର୍ଟ ଓ ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଆଡଭୋକେଟ୍ ଜେନେରାଲ(ଏଜି)ଙ୍କ ଫି'କୁ ସରକାର ବଢ଼ାଇଛନ୍ତି। ଏଜିଙ୍କ ଫି' ସଂଶୋଧନ ପ୍ରସ୍ତାବକୁ ପିଛିଲା ଭାବେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଶେଷଥର ପାଇଁ ୨୦୧୬ ଏପ୍ରିଲ ୨୧ରେ ଏଜିଙ୍କ ଫି' ସଂଶୋଧିତ ହୋଇଥିଲା । ସୁପ୍ରିମକୋର୍ଟ, ହାଇକୋର୍ଟ, ବିଭିନ୍ନ ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ମାମଲା ଲଢ଼ିବା ପାଇଁ ଏଜିଙ୍କ ଫି'କୁ ରାଜ୍ୟ ସରକାର ପ୍ରାୟ ୬ ଗୁଣ ବୃଦ୍ଧି କରିଛନ୍ତି। ଫି ସଂଶୋଧନ ପରେ ଏଜି ସରକାରଙ୍କ ଆଇନ ପରାମର୍ଶଦାତା ଭାବେ ମାସିକ ରିଟେନର ଫି' ବାବଦରେ ୫୦ହଜାର ଟଙ୍କା ପରିବର୍ତ୍ତେ ୩ ଲକ୍ଷ ଟଙ୍କା ପାଇବେ। ସେହିପରି ସୁପ୍ରିମକୋର୍ଟରେ କୌଣସି ମାମଲାରେ ହାଜର ହେବା ପାଇଁ ଥରକୁ ୨୦ ହଜାର ବଦଳରେ ୫୫ ହଜାର ଟଙ୍କା, ଆର୍ଟର୍ନି ଜେନେରାଲଙ୍କୁ ସହାୟତା ପାଇଁ ସୁପ୍ରିମକୋର୍ଟରେ ଉପସ୍ଥିତ ହେଲେ ଦୈନିକ ୧୦ ହଜାର ପରିବର୍ତ୍ତେ ୩୫ ହଜାର ଟଙ୍କା, କୌଣସି କାର୍ଯ୍ୟ ସମ୍ପାଦନ ପାଇଁ ସଦର ମହକୁମା ବାହାରକୁ ଗଲେ ଦୈନିକ ୮ ହଜାର ପରିବର୍ତ୍ତେ ୩୫ ହଜାର ଟଙ୍କା, କଟକରେ କୌଣସି କୋର୍ଟ, ଟ୍ରିବ୍ୟୁନାଲ ଓ ଆୟୋଗରେ ହାଜର ହେଲେ ଦୈନିକ ୬ ହଜାର ପରିବର୍ତ୍ତେ ୩୦ ହଜାର ଟଙ୍କାର ଫି' ସରକାର ଦେବେ। ସେହିପରି ଭାରତର ସମ୍ବିଧାନର ଅନୁଚ୍ଛେଦ ୨୨୬ ଓ ୨୨୭ ଅନୁସାରେ କାର୍ଯ୍ୟବିଧିରେ ହାଇକୋର୍ଟରେ ଉପସ୍ଥିତ ପାଇଁ ଦୈନିକ ୬ ହଜାର ଟଙ୍କା ପରିବର୍ତ୍ତେ ୩୦ ହଜାର ଟଙ୍କା ଫି' ମିଳିବ।

## ସୁନୀତାଙ୍କୁ ଫେରାଇ ...

କ୍ୟାପସୁଲ ଯୋଗେ ପୃଥିବୀ ଫେରି ଆସିବେ। ଏହା ସହ କ୍ରିଉ-୯ ମିଶନ ଶେଷ ହେବ ବୋଲି ନାସା ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ଜୁନ ୬ରେ ବୋଇଂ ଷ୍ଟାରଲାଇନର୍ କ୍ୟାପସୁଲ ଯୋଗେ ଉଭୟ ସୁନୀତା ଓ ବୁଚ୍ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ। ତେବେ ଷ୍ଟାର୍‌ଲାଇନର୍‌ରେ ହିଲିୟମ ଲିକ୍ ହେବା ଯୋଗୁ ଏଥିରେ ଉଭୟ ମହାକାଶଚାରୀଙ୍କୁ ପୃଥିବୀ ଫେରାଇ ଆଣିବାକୁ ନାସା ନିରାପଦ ମଣି ନ ଥିଲା। ତେଣୁ ଗତ ୬ରେ କୌଣସି କ୍ରିଉ ସଦସ୍ୟଙ୍କ ବିନା ଷ୍ଟାର୍‌ଲାଇନର୍ ପୃଥିବୀ ଫେରି ଆସିଥିଲା।

# ଯୁବାବସ୍ଥାରେ ହୃଦ୍‌ରୋଗ



(ସେପ୍ଟେମ୍ବର ୨୯ ତାରିଖ ବିଶ୍ୱ ହୃତ୍ପିଣ୍ଡ ଦିବସ ଉପଲକ୍ଷେ)



**ହୃତ୍ପିଣ୍ଡ ଏମିତି ଗୋଟିଏ ଅଙ୍ଗ, ଯାହା ଆଦୌ ବିଶ୍ରାମ ନ ନେଇ ସାରା ଜୀବନ ଚାଲିଥାଏ। କିନ୍ତୁ ବିଭିନ୍ନ କାରଣରୁ ଏହା ରୋଗାକ୍ରାନ୍ତ ହେଲେ ହୃଦ୍‌ରୋଗ ହୋଇଥାଏ। ସାଧାରଣତଃ ଏହା ବୟସ୍କମାନଙ୍କୁ ବେଶି ହୋଇଥାଏ, କିନ୍ତୁ ଆଜିକାଲି ଯୁବାବୟସରେ ମଧ କରୋନାରୀ ଡିଜିଜ୍‌ଜନିତ ହୃଦ୍‌ଘାତର ପରିମାଣ ବଢ଼ିଗଲାଣି। ବିଶ୍ୱ ହୃତ୍ପିଣ୍ଡ ଦିବସ ଅବସରରେ ନିଜେ ସଚେତନ ହୋଇ ନିଜ ହୃତ୍ପିଣ୍ଡକୁ ରକ୍ଷା କରିବା ତଥା ସମସ୍ତଙ୍କୁ ସଚେତନତାର ବାର୍ତ୍ତା ପହଞ୍ଚାଇବା ଏହି ଦିବସର ମୂଳ ଲକ୍ଷ୍ୟ...**

ଡା. ରମାରମଣ ଷଡ଼ଙ୍ଗୀ

ଗତ କିଛି ବର୍ଷ ଧରି ସାରା ପୃଥିବୀରେ ବିଶେଷକରି ଭାରତ ବର୍ଷରେ ତରୁଣ, ତରୁଣୀମାନଙ୍କର ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି। ଭାରତର ସମଗ୍ର ଜନସଂଖ୍ୟାର ପ୍ରାୟ ଏକ ପଞ୍ଚମାଂଶ ହେଉଛନ୍ତି ଏହି ବର୍ଗ। ଏମାନଙ୍କର ତାରୁଣ୍ୟ ଭାରତକୁ ଏକ ନୂତନ ସବୁଜ ରଙ୍ଗରେ ଆଚ୍ଛାଦନ କରିଦେଇଛି। ହେଲେ ଶିଳ୍ପାୟନ ଓ ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ପାଠ ଓ ବିଦ୍ୟାଳୟର ବୋଝ ତଥା ଚାକିରି ବିଶେଷ ଭାବରେ ଆଇ.ଟି. ସେକ୍ଟର ଓ ଅନ୍ୟ ଅନେକ କ୍ଷେତ୍ରରେ ମାନସିକ ଏବଂ ଶାରୀରିକ ଚାପ ଅଳ୍ପ ବୟସରେ ଯୁବବର୍ଗଙ୍କୁ ରୋଗାକ୍ରାନ୍ତ କରିଦେଉଛି। ତନ୍ମଧ୍ୟରୁ ହୃଦ୍‌ରୋଗ ଅନ୍ୟତମ। ଆମ ସମସ୍ତଙ୍କ ମନରେ ବଦ୍ଧମୂଳ ଧାରଣା ଅଛି ଯେ, କେବଳ ମଧ୍ୟବୟସ୍କ ଲୋକମାନଙ୍କୁ ହୃଦ୍‌ଘାତ ହୁଏ। କିନ୍ତୁ ଆଜିକାଲି ୨୦ ବର୍ଷ ବୟସ୍କ ମଧ ଏଥିରୁ ବାଦ୍ ପଡୁନାହାନ୍ତି।

**ଯୁବାବସ୍ଥାରେ ହୃଦ୍‌ଘାତର ରିସ୍କ ଫ୍ୟାକ୍ଟର:**

ଯୁବ ବୟସରେ ହୃଦ୍‌ଘାତର ପ୍ରମୁଖ ରିସ୍କ ଫ୍ୟାକ୍ଟରଗୁଡ଼ିକ ହେଉଛି–

**ଧୂମପାନ:** ଅଧିକ ଧୂମପାନ ଓ ମଦ୍ୟପାନ କରିବା ଦ୍ୱାରା ରକ୍ତରେ ଖରାପ କୋଲେଷ୍ଟରଲ୍ (ଏଲ୍‌ଡିଏଲ୍) ବଢ଼ିଯିବା ତଥା ଭଲ କୋଲେଷ୍ଟରଲ୍ ଏଚ୍‌ଡିଏଲ୍ କମିଯାଏ। ନିୟମିତ ଧୂମପାନ କଲେ, ଏହା ରକ୍ତରେ ଥିବା ଭଲ କୋଲେଷ୍ଟରଲ୍‌ର ମାତ୍ରା ୧୫% କମାଇ ଦେଇଥାଏ। କିଶୋର, କିଶୋରୀମାନଙ୍କର ଧମନୀ ବିଶେଷକରି କରୋନାରୀ ଧମନୀ ଅଣଓସାରିଆ ହୋଇଥାଏ, ଧୂମପାନ ଦ୍ୱାରା ଧମନୀରେ ସ୍ପାଜମ୍ ହୋଇ ସଡନ୍ ଡେଥ୍ ହୋଇଥାଏ।

**ଆଳସ୍ୟ ବା ଶାରୀରିକ ପରିଶ୍ରମ ନ କରିବା:** ଆଜିକାଲି ପିଲାମାନେ ପାଠପଢ଼ା ଛଡ଼ା ବେଶି ଟି.ଭି., ମୋବାଇଲ୍ ଆଦି ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍‌ରେ ଅଧିକ ସମୟ ବିତାଉଛନ୍ତି। ତା'ଛଡା ଆଉଟ୍‌ଡୋର୍ ଗେମ୍ ବଦଳରେ ଏବେ ଅଧିକାଂଶ ଇନ୍‌ଡୋର୍ ଗେମ୍ ଖେଳିବାକୁ ବେଶି ଚାହୁଁଥିବାରୁ ଶାରୀରିକ ପରିଶ୍ରମ ଆଦୌ ହେଉ ନାହିଁ ଏବଂ ଧମନୀରେ ଚର୍ବି ଜମୁଛି। ଫଳରେ ରକ୍ତରେ ଖରାପ କୋଲେଷ୍ଟରଲ୍‌ର ମାତ୍ରା ବଢ଼ାଇ ଭଲ କୋଲେଷ୍ଟରଲ୍ କମାଇ ଦେଇଥାଏ, ଯାହାକି ହୃଦ୍‌ରୋଗର ସବୁଠୁ ବଡ଼ କାରଣ।

**ଅସନ୍ତୁଳିତ ଖାଦ୍ୟାଭ୍ୟାସ:** ଆଜିକାଲି ସମୟର ଅଭାବ ତଥା କାମ ଓ ମାନସିକ ଚାପ ସହ ଅଧିକାଂଶ ଯୁବତୀ ଯୁବକଙ୍କ ଫାଷ୍ଟଫୁଡ୍ ବା ଜଙ୍କ୍‌ଫୁଡ୍ ଭଳି ଅସନ୍ତୁଳିତ ଖାଦ୍ୟାଭ୍ୟାସ ରକ୍ତଚାପ ଓ କୋଲେଷ୍ଟରଲ୍ ବଢ଼ାଇବାରେ ସାହାଯ୍ୟ କରୁଛି ଏବଂ ହୃଦ୍‌ରୋଗର କାରଣ ସାଜୁଛି।

**ଓବେସିଟି ବା ମେଦବହୁଳତା:** ବିଗତ କିଛି ଦଶନ୍ଧି ଧରି ଦେଖାଯାଇଛି ପ୍ରାୟ ୬-୧୧ ବର୍ଷ ପିଲାଙ୍କର ଓଜନ ୫୦ ପ୍ରତିଶତ ୧୨-୧୯ ବର୍ଷ ଭିତରେ ଦୁଇଗୁଣ ବଢ଼ିଯାଏ। ଓଜନ ବଢ଼ିବା ଯୋଗୁ ଶରୀରରେ ଚର୍ବିଅଂଶ ବଢ଼ିଯାଏ ଏବଂ ଉଚ୍ଚ ରକ୍ତଚାପ, ରକ୍ତରେ ଖରାପ କୋଲେଷ୍ଟରଲ୍ ବୃଦ୍ଧି ହେଉଛି। ରକ୍ତଚାପ ବୃଦ୍ଧି ଓ ମଧୁମେହ ରୋଗ ଏହି ଧମନୀଜନିତ ହୃଦ୍‌ରୋଗ ଉପୁଯାଇଥାଏ।

**ବଂଶଗତ:** ଉଚ୍ଚ ରକ୍ତଚାପ, ଆଳସ୍ୟ, ମଧୁମେହ ରୋଗ, ଅଳ୍ପ ବୟସରେ କରୋନାରୀ ଧମନୀଜନିତ ହୃଦ୍‌ଘାତ ଯୋଗୁ ମୃତ୍ୟୁ ହୋଇଥିବା ବଂଶଗତ ଇତିହାସ। ବଂଶଗତ ବା ପରିବାରର ଇତିହାସ ଥିଲେ ଶୈଶବରୁ ହିଁ ହୃତ୍ପିଣ୍ଡ ଧମନୀ (କରୋନାରୀ ଆର୍ଟେରି)ରେ ଚର୍ବି ଜମିବା ଆରମ୍ଭ ହୁଏ ଏବଂ ଯୁବାସମୟରେ ହୃଦ୍‌ଘାତ ହୋଇଥାଏ। କେତେକାଂଶରେ ମା' ମୋଟା ହୋଇଥିଲେ ଶିଶୁଠାରେ ଏହି ରୋଗ ମା' ଗର୍ଭରୁ ହିଁ ଆରମ୍ଭ ହୋଇଥାଏ। ବିଶେଷକରି ୯-୧୦ ବର୍ଷ ବେଳକୁ ସେମାନେ ବେଶି ମୋଟା ହୋଇଯାଆନ୍ତି। ସେମାନଙ୍କର ହୃତ୍ପିଣ୍ଡକୁ ରକ୍ତ ଯୋଗାଇବା ଧମନୀରେ ଚର୍ବିଅଂଶ ବସିଯାଏ। ଫଳରେ ହୃଦ୍‌ରୋଗ ଉପୁଜିଥାଏ।

ଶେଷରେ ସମସ୍ତେ ଜାଣିରଖିବା କଥା ଯେ, ହୃଦ୍‌ଘାତ ପାଇଁ କୌଣସି ବୟସ ସୀମା ନାହିଁ। ଅତି ଅଳ୍ପ ବୟସର ଯୁବତୀଯୁବକମାନେ ମଧ ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଅଳ୍ପ ବୟସରୁ ହିଁ ଏହିସବୁ ଦିଗ ପ୍ରତି ସଚେତନ ହେଲେ ଆମେ ସୁସ୍ଥ ରହିବା ସହ ଏକ ସୁସ୍ଥ ନୀରୋଗ ସମାଜ ଗଢ଼ିବାରେ ସହାୟକ ହୋଇପାରିବା।

– ଲିଙ୍କ୍ ରୋଡ୍, କଟକ-୧୨

## ପ୍ରତିଷେଧକ ବ୍ୟବସ୍ଥା

ଯୁବାବସ୍ଥାରେ ହୃଦ୍‌ଘାତକୁ ରୋକିବା ପାଇଁ କେତେକ ପଦକ୍ଷେପ ନେବା ଆବଶ୍ୟକ। ଯଥା:

- ଉଚ୍ଚ ରକ୍ତଚାପ, ମଧୁମେହ ରୋଗ, ମୋଟାପଣ ତଥା ରକ୍ତରେ କୋଲେଷ୍ଟରଲ୍ ବୃଦ୍ଧି ତଥା ଧୂମପାନକୁ ରୋକିବା ଜରୁରୀ। ଏହାଛଡ଼ା ଅତ୍ୟଧିକ ମାନସିକ ଚାପ ଓ ଶାରୀରିକ ଚାପକୁ ଏଡ଼ାଇବା ଉଚିତ।
- ତଟକା ପନିପରିବା ତଥା ଫଳମୂଳ ଖାଇ ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ଚର୍ବିଜାତୀୟ ତଥା ଛଣାଛଣି ଖାଦ୍ୟଠାରୁ ଦୂରେଇ ରହିବା ଭଲ।
- ଯୁବାବସ୍ଥାରେ ମେଦବହୁଳତା ଥିଲେ ଶାରୀରିକ ପରିଶ୍ରମ କରି ଓଜନ କମାଇବା ଆବଶ୍ୟକ। ସେଥିପାଇଁ ପ୍ରତିଦିନ ଯୋଗ, ବ୍ୟାୟାମ କରିବା ଆବଶ୍ୟକ।
- ଏହାଛଡ଼ା ଉଚ୍ଚ ରକ୍ତଚାପ ପାଇଁ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଖାଇ ତଥା ଖାଦ୍ୟ ନିୟନ୍ତ୍ରଣ କରି ଏହାକୁ କମାଇବା ଜରୁରୀ।
- ବଂଶଗତ ବା ପରିବାରର ଇତିହାସ ଥିଲେ ଶୈଶବରୁ ହୃତ୍ପିଣ୍ଡ ଧମନୀ (କରୋନାରୀ ଆର୍ଟେରି)ରେ ଚର୍ବି ଜମିବା ଆରମ୍ଭ ହୁଏ ଏବଂ ଯୁବାସମୟରେ ହୃଦ୍‌ଘାତ ଆଶଙ୍କା ବଢିଯାଏ। ତେଣୁ ଏପରି ଇତିହାସ ଥିଲେ ପିଲାବେଳୁ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ସହ ମଝିରେ ମଝିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଭଲ।





## ଏ ସପ୍ତାହର ପ୍ରଶ୍ନ

୧- ସ୍ୱଚ୍ଛତା ହିଁ ସେବା-୨୦୨୪ର ଥିମ୍ ................ ?
୨- ନିକଟରେ ଜାଫର୍ ହୁସେନ୍.......... ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି ?
୩- ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୪ ............ ଠାରେ ଆୟୋଜିତ ହୋଇଯାଇଛି ?
୪- ନିକଟରେ .......... ମିନିଷ୍ଟ୍ରି ପକ୍ଷରୁ ଇଣ୍ଟରନ୍ୟାଶନାଲ୍ ୱାଶ୍ କନ୍‌ଫରେନ୍ସ ୨୦୨୪ ଅନୁଷ୍ଠିତ ହୋଇଯାଇଛି ?
୫- ଇଣ୍ଟରନ୍ୟାଶନାଲ ଏମ୍ମୀ ଡାଇରେକ୍ଟୋରେଟ୍ ଆୱାର୍ଡ ପାଇଥିବା ପ୍ରଥମ ଭାରତୀୟ ମହିଳା .............. ?

## ଗତ ଥରର ଉତ୍ତର

୧ ତେଲେଙ୍ଗାନା
୨ ମଣ୍ଟରିଏଲ୍ ପ୍ରୋଟୋକଲ୍ : ଆଡ୍‌ଭାନ୍ସିଂ କ୍ଲାଇମେଟ୍ ଆକ୍ସନ
୩ ମାଇକୋଲୋଜି
୪ ତାମିଲ୍
୫ ଫାଲ୍‌ଗୁନୀ ଶାହ

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀରେ ସର୍ବାଧିକ ଦେଖାଯାଉଥିବା ପକ୍ଷୀ



୧- ଡୋମେଷ୍ଟିକ୍ ଚିକେନ୍ ............................. ୩୦ ବିଲିୟନ
୨- ରେଡ୍-ବିଲ୍ଡ କ୍ୱିଲିଆ ............................. ୧.୫ ବିଲିୟନ
୩- ମୌର୍ନିଂ ଡୋଭ୍ ............................. ୪୫୭ ମିଲିୟନ
୪- ଆମେରିକାନ୍ ରବିନ୍ ............................. ୩୧୦ ମିଲିୟନ
୫- କମନ୍ ଫିଜାଣ୍ଟ ............................. ୧୬୦-୨୨୦ ମିଲିୟନ
୬- ରେଡ୍-ୱିଙ୍ଗ୍‌ଡ ବ୍ଲାକ୍‌ବାର୍ଡ ............................. ୨୧୦ ମିଲିୟନ
୭- ଚିପିଂ ସ୍ପାରୋ ............................. ୨୦୦ ମିଲିୟନ
୮- କମନ୍ ଷ୍ଟାର୍ଲିଂ ............................. ୧୦୦- ୧୯୯ ମିଲିୟନ
୯- କମନ୍ ସ୍ୱିଫ୍ଟ ............................. ୯୫- ୧୬୪ ମିଲିୟନ
୧୦- ୟେଲୋ-ରମ୍ପ୍‌ଡ ୱାର୍‌ବ୍ଲର୍ ............................. ୧୩୦ ମିଲିୟନ

## ଜାଣନ୍ତୁ ଦୁନିଆ

# ଖାଦ୍ୟ, କିଛି କଥା

**ଶରୀର ପାଇଁ ଖାଦ୍ୟ ନିହାତି ଆବଶ୍ୟକ। ତେଣୁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇଥାଉ। ସେଥିମଧ୍ୟରୁ କେତେକ ଖାଦ୍ୟ ସମ୍ପର୍କରେ ଜାଣିବା କିଛି ଅଜବ ତଥ୍ୟ...**

- ୧୯୯୫ ମସିହା ଅକ୍ଟୋବର ମାସରେ ମହାକାଶରେ ଉତ୍ପାଦନ କରାଯାଇଥିବା ପ୍ରଥମ ପରିବା ହେଉଛି ଆଳୁ।
- ମହୁ ଏକମାତ୍ର ଏଭଳି ଖାଦ୍ୟ, ଯାହାକି ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରହିଲେ ବି ନଷ୍ଟ ହୋଇ ନ ଥାଏ। ମହୁ ପରି ଲୁଣ ମଧ ଖରାପ ହୋଇ ନ ଥାଏ।
- ପପ୍‌କର୍ଣ୍ଣକୁ ପୃଥିବୀ ସବୁଠୁ ପୁରାତନ ଖାଦ୍ୟମାନଙ୍କ ମଧ୍ୟରେ ଗଣାଯାଏ। କାରଣ ପ୍ରାୟ ୫୦୦୦ ବର୍ଷ ପୂର୍ବେ ମଧ ଏହା ଖିଆଯାଉଥିବାର ପ୍ରମାଣ ରହିଛି।
- ପୃଥିବୀରେ ସର୍ବାଧିକ ଖିଆ ଯାଉଥିବା ଫଳ ହେଉଛି କଦଳୀ।
- ଆମ ଦେଶରେ ପୃଥିବୀର ସର୍ବାଧିକ ମସଲା ଉତ୍ପାଦନ ଓ ରପ୍ତାନି କରାଯାଇଥାଏ। ସେହିପରି ଚାଇନାରେ ସବୁଠୁ ଅଧିକ ପାଳଙ୍ଗ ଉତ୍ପାଦନ ହୋଇଥାଏ।



- କେଚ୍‌ଅପ୍‌କୁ ୧୮୦୦ ମସିହା ବେଳକୁ ହଇଜା ରୋଗର ମେଡିସିନ୍ ଭାବେ ବ୍ୟବହାର କରାଯାଉଥିଲା।
- ଅନେକ ରିସର୍ଚ୍ଚ ରିପୋର୍ଟ ମୁତାବକ ସାଧାରଣତଃ ଫ୍ରୁଟ୍ ଫ୍ଲେଭର ସ୍ନାକ୍ସଗୁଡ଼ିକ ପ୍ରସ୍ତୁତ କରିବା ଲାଗି କାର୍‌ରେ ବ୍ୟବହାର ହେଉଥିବା ୱାକ୍ସ ହିଁ ମିଶାଯାଇଥାଏ। ଏହି କାର୍‌ନୌବା ୱାକ୍ସ କାର୍‌ନୌବା ପାମ୍ ଗଛ ପତ୍ରରୁ ପ୍ରସ୍ତୁତ କରାଯାଇଥାଏ, ଯାହାକି ଖାଇବାଯୋଗ୍ୟ। ଏହା ଖାଦ୍ୟ ବିଶେଷକରି ମିଠାରେ, ଜେଲି ବିଅର୍‌ରେ ଫ୍ଲେଭର ଆଡ୍ କରିବା ଲାଗି ଏବଂ କାର୍ ଓ ଅନ୍ୟ ଗାଡ଼ିରେ ଗ୍ଲସି ପଲିସ୍ ଦେବା ପାଇଁ ବ୍ୟବହାର କରାଯାଇଥାଏ।
- ଜାମ୍, ସସ୍ ଭଳି ଲାଲ୍ ରଙ୍ଗର ପ୍ରୋସେସ୍‌ଡ ଫୁଡ୍ ଖାଉଥିଲେ ଏହାର ଇନ୍‌ଗ୍ରେଡିଏନ୍ସ ଲିଷ୍ଟ ଦେଖିବାକୁ ଭୁଲନ୍ତୁ ନାହିଁ। କାରଣ ଯଦି ସେଥିରେ କ୍ରିମସନ୍ ଲେକ୍ କିମ୍ବା ନ୍ୟାଚୁରାଲ୍ ରେଡ୍ ଫୋର୍ ଲେଖାଥାଏ, ତେବେ ତାହା କୋଚିନିଲ୍ ନାମକ ଏକ ପୋକକୁ ଗୁଣ୍ଡ କରି ପ୍ରସ୍ତୁତ କରାଯାଇଛି, ଯାହାକୁ କାର୍‌ମାଇନ୍ ମଧ କୁହାଯାଏ।
- ସେଓ ପାଣିରେ ପଡ଼ିଲେ ଭାସିଥାଏ। ଏହାର କାରଣ ହେଉଛି- ଏଥିରେ ପ୍ରାୟ ୨୫% ଭାଗ ପବନ ରହିଥାଏ।



## ଯୁବ ପ୍ରତିଭା

# ପେସା ଡାକ୍ତରି, ହେଲେ ନିଶା ସଙ୍ଗୀତ ଓ ଅଭିନୟ

ପେସାରେ ସେ ଜଣେ ଡାକ୍ତରାଣୀ, ହେଲେ ନିଶା ହେଉଛି ସଙ୍ଗୀତ। ପିଲାଟି ଦିନରୁ ସମୟର ସଦୁପଯୋଗ, ଦୃଢ଼ ଇଚ୍ଛା ଏବଂ ନିଷ୍ଠା ତାଙ୍କୁ ଆଜି ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଖାଲି ସଙ୍ଗୀତ ନୁହେଁ, ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ଅଭିନେତ୍ରୀ ଭାବେ ମଧ ବେଶ୍ ଜଣାଶୁଣା। ତେବେ ଏହି ବହୁମୁଖୀ ପ୍ରତିଭା ଜଣଙ୍କ ହେଉଛନ୍ତି ସଂଧ୍ୟାରାଣୀ ଏବଂ ଅନିଲ ପାଣିଗ୍ରାହୀଙ୍କ ଝିଅ ଅନୁରାଧା।

ସଙ୍ଗୀତ, ନୃତ୍ୟ, ଅଭିନୟ ପ୍ରତି ପିଲାଟି ଦିନରୁ ତାଙ୍କର ଖୁବ୍ ଆଗ୍ରହ ଥିଲା। ମାତ୍ର ୯ ବର୍ଷ ବୟସରେ ସଙ୍ଗୀତ ସହ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଆରମ୍ଭରୁ ଭଲ ପାଠପଢ଼ା ସହ ସେ ଏସବୁକୁ ମଧ ସମାନ ସମୟ ଦେଇଆସିଛନ୍ତି। ନିକଟରେ ହାଇଦ୍ରାବାଦଠାରେ ହୋଇଥିବା ଇଣ୍ଡିଆନ ଆଇଡଲ୍ ସିଜନ-୩ (ତେଲଗୁ)ରେ ଜଣେ ଓଡ଼ିଆ ଝିଅ ହୋଇ ତେଲଗୁ ଶୋ'ରେ ଅଂଶଗ୍ରହଣ କରି ଟପ୍-୧୮ରେ ରହି ଚର୍ଚ୍ଚାକୁ ଆସିଥିଲେ। ଏହା ସହ ତେଲଗୁ ଚଳଚ୍ଚିତ୍ର 'ଶୁଭ ଲଗ୍ନମ୍'ରେ ମୁଖ୍ୟ ଭୂମିକାରେ ଅଭିନୟ କରି ତେଲଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଦ ଥାପି ପ୍ରଶଂସା ସାଉଁଟିଛନ୍ତି।

ପୂର୍ବରୁ ସଙ୍ଗୀତ କ୍ଷେତ୍ରରେ ତାଙ୍କୁ ୩ ଥର ରାଜ୍ୟପାଳ ପୁରସ୍କାର ମିଳିଛି। ଆଗକୁ ବିଭିନ୍ନ ଭାଷା, ସଂସ୍କୃତିକୁ ଜାଣିବା ସହ ଭିନ୍ନ ଭିନ୍ନ କ୍ଷେତ୍ରରେ କାମ କରିବାକୁ ଇଚ୍ଛା ରଖିଥିବା ସେ କହିଛନ୍ତି। ସଙ୍ଗୀତ କ୍ଷେତ୍ରରେ ପ୍ରଥମେ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା, ହେଲେ ନିଜ ଉଦ୍ୟମ ଓ ନିଷ୍ଠା ବଳରେ ପରେ ତାଙ୍କୁ ସଫଳତା ମିଳିଲା। ସେ ବର୍ତ୍ତମାନ ସୁଦ୍ଧା ଅନେକ ଜାତୀୟ ସ୍ତରୀୟ ରିଆଲିଟି ଶୋ'ରେ ଭାଗ ନେଇସାରିଛନ୍ତି। ଅଭିନୟ କ୍ଷେତ୍ରରେ ମଧ ସେ ଦର୍ଶକଙ୍କ ମନ ଜିଣି ପାରିଛନ୍ତି। ପ୍ରଥମେ 'ପ୍ରେମରେ ରଖିଛି ଶହେରୁ ଶହେ' ଫିଲ୍ମରୁ ଡେବ୍ୟୁ କରିବା ପରେ ସେ ଆଉ ପଛକୁ ଫେରିନାହାନ୍ତି। ଏହାପରେ ସେ ଦିଲ୍‌ରେ ଅଛି ତୋରି ନାଁ, ହିସିଲ, ଡିଅର ପୁରୁଷ, ପୋଲିସ ବାବୁ-୨ ଭଳି କେତେକ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରି ପ୍ରଶଂସିତ ହୋଇଛନ୍ତି।

ବିଭିନ୍ନ ଭାଷା, ସଂସ୍କୃତି, ବେଶଭୂଷା ବିଷୟରେ ଜାଣିବାକୁ ତାଙ୍କର ବେଶ୍ ଆଗ୍ରହ ରହିଛି। ମଣିଷ ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। କାରଣ ମନରେ ଇଚ୍ଛା ଶକ୍ତି ସହ ସମ୍ପୂର୍ଣ୍ଣ ଚେଷ୍ଟା କଲେ ଯେକୌଣସି କାର୍ଯ୍ୟରେ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରଖନ୍ତି ଅନୁରାଧା। ଭବିଷ୍ୟତରେ ସିଙ୍ଗିଙ୍ଗ୍ ଏବଂ ଆକ୍ଟିଂ ଜାରି ରଖିବା ସହିତ ସହିତ ଜଣେ ଦାନ୍ତ ଡାକ୍ତର ଭାବେ କେବଳ ବଡ ବଡ ସହରରେ ଥିବା ଡାକ୍ତରଖାନା ନୁହେଁ ବରଂ ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରୋଗୀ ସେବା କରିବା ମୋର ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି।



ଅନୁରାଧା

– ଭାଗ୍ୟଶ୍ରୀ ମିଶ୍ର

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୯ ସେପ୍ଟେମ୍ବର, ୨୦୨୪ Bhubaneswar, Sunday, 29 September, 2024


କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଆଇଏସ୍ଏଲ୍ ମ୍ୟାଚରେ ଜାମ୍‌ସେଦପୁରକୁ ହରାଇବାପରେ ଓଡ଼ିଶା ଏଫ୍‌ସିର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ଖୁସି ମନାଉଛନ୍ତି। (ଫଟୋ: ବିକାଶ ନାୟକ)

**ଇଣ୍ଡିଆନ ସୁପର ଲିଗ୍**

# ଓଡ଼ିଶା ଏଫ୍‌ସିର ପ୍ରଥମ ବିଜୟ

ଭୁବନେଶ୍ୱର, ୨୮।୯ (ସରୋଜ ଜେନା)

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ଚଳିତ ସିଜନର ପ୍ରଥମ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଦଳ ଜାମସେଦପୁର ଏଫ୍‌ସିକୁ ୨-୧ ଗୋଲରେ ପରାସ୍ତ କରିଛି। ଦଳ ପକ୍ଷରୁ ଡିଏଗୋ ମରିସିଓ ୨୦ ଓ ମୋର୍ଟାଡା ଫଲ୍ ୪୨ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି। ଅନ୍ୟପକ୍ଷରେ ୬୨ ତମ ମିନିଟରେ ମୋର୍ଟାଡା ଫଲ୍ ଏକ ଆତ୍ମଘାତୀ ଗୋଲ ସ୍କୋର କରିଛନ୍ତି। ଗତ ସିଜନର ସେମିଫାଇନାଲିଷ୍ଟ ଓଏଫ୍‌ସି ପ୍ରଥମ ଦୁଇ ମ୍ୟାଚ୍‌ରେ ଅପ୍ରତ୍ୟାଶିତ ପରାଜୟ ବରଣ କରିଥିବାବେଳେ ତୃତୀୟ ମ୍ୟାଚରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ପଏଣ୍ଟ ଖାତା ଖୋଲିଛି। ୮,୨୨୭ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହି ଘରୋଇ ଦଳକୁ ସମର୍ଥନ କରିଥିଲେ।

ମ୍ୟାଚ ଆରମ୍ଭରୁ ଓଡ଼ିଶା ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ୪-୩-୨-୧ କମ୍ବିନେଶନରେ ଦଳ ଓହ୍ଲାଇଥିବା ବେଳେ ଜାମସେଦପୁର ରକ୍ଷଣଭାଗ ଖେଳାଳିଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିବା ବେଳେ ୨୦ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ ଡିଏଗୋ ମରିସିଓ। ଜେରୀ ମାହ୍ୱିମିଙ୍ଗଥାଙ୍ଗା ଓ ଅହମଦ ଜାହୋହଙ୍କ ସହ ଚମତ୍କାର ତାଳମେଳ ଦେଖାଇ ଗୋଲ କରିବାର ସକ୍ଷମ ହୋଇଥିଲେ ମରିସିଓ। ଓଏଫ୍‌ସି ମ୍ୟାଚ୍‌ର ୬୭.୬ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିବା ବେଳେ ଦଳ ସମୁଦାୟ ୧୫ଟି କର୍ନର ହାସଲ କରିଥିଲା।

ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଓଡ଼ିଶା ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମୋର୍ଟାଡା ଫଲ୍। ଓଏଫ୍‌ସିକୁ କର୍ନର କିକ୍ ମିଳିଥିବା ବେଳେ ହ୍ୟୁଗୋ ବ୍ୟୁମସଙ୍କ କର୍ନର କିକ୍‌କୁ ଚମତ୍କାର ହେଡର୍ ଜରିଆରେ ସ୍କୋର କରିଥିଲେ ଫଲ୍। ପ୍ରଥମାର୍ଦ୍ଧ ସୁଦ୍ଧା ଓଏଫ୍‌ସି ୨-୦ରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ସାଇଡ୍ ବଦଳିବା ପରେ ଜାମସେଦପୁର ଆକ୍ରମଣ ଜୋରଦାର କରିଥିଲା। ଓଏଫ୍‌ସି ଡିଫେଣ୍ଡର ଓ ଅମରିନ୍ଦର ସିଂ ଏକାଧିକ ସେଭ୍ କରିଥିଲେ। ୬୨ତମ ମିନିଟରେ ଜାମସେଦପୁରକୁ ଏକ କର୍ନର ମିଳିଥିବା ବେଳେ ଏଥିରୁ ମୋର୍ଟାଡା ଫଲ୍ ଆତ୍ମଘାତୀ ଗୋଲ ଦେଇଥିଲେ। ପରେ ଉଭୟ ଦଳ ନିକଟରେ ଏକାଧିକ ସ୍କୋରିଂ ସୁଯୋଗ ଥିଲେ ମଧ ମ୍ୟାଚ୍ ୨-୧ରେ ରହିଥିଲା। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ୨ ମ୍ୟାଚରେ ଚେନ୍ନାଇନ୍ ଏଫ୍‌ସିଠାରୁ ୨-୩ ଓ ପଞ୍ଜାବ ଏଫ୍‌ସିଠାରୁ ୧-୨ ଗୋଲରେ ପରାଜିତ ହୋଇଥିଲା। କଳିଙ୍ଗ ଷ୍ଟାଡିୟମରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ୩ ତାରିଖରେ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଖେଳିବ।


କଳିଙ୍ଗ ଷ୍ଟାଡିୟମରେ ଉଲ୍ଲସିତ ଓଡ଼ିଶା ଏଫ୍‌ସି ପ୍ରଶଂସକ।

# ସୂର୍ଯ୍ୟସ-କ୍ୟାପିଟାଲ୍ସ ମ୍ୟାଚ ବର୍ଷା ବାଧା ଆଶଙ୍କା

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)

ସୁରଟର ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ରବିବାର କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଓ ଇଣ୍ଡିଆ କ୍ୟାପିଟାଲ୍ସ ମଧ୍ୟରେ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଚଳିତବର୍ଷ ଏହି ଲିଗ୍‌ରେ ପଦାର୍ପଣ କରିଥିବା ଓଡ଼ିଶାଭିତ୍ତିକ ଦଳର ଏହା ହେବ ତୃତୀୟ ମ୍ୟାଚ। ମାତ୍ର ସୁରଟରେ ବର୍ଷା ଲାଗି ରହିଥିବାରୁ ସୂର୍ଯ୍ୟସ-କ୍ୟାପିଟାଲ୍ସ ମ୍ୟାଚ ଧୋଇଯିବା ସମ୍ଭାବନା ରହିଛି। ପୂର୍ବରୁ ଗତ ୨୭ ତାରିଖରେ ସମାନ କାରଣରୁ ସୂର୍ଯ୍ୟସ-ମଣିପାଲ ଟାଇଗର୍ସ ମ୍ୟାଚ ବାତିଲ ହୋଇଥିଲା। ଫଳରେ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଥିଲା। କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଖେଳି ଗୋଟିଏ ବିଜୟ ଓ ଗୋଟିଏ ବାତିଲ ସହ ୩ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ କ୍ୟାପିଟାଲ୍ସ ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟରେ ରହିଛି। ତେଣୁ ଉଭୟ ଦଳ ପାଇଁ ଆସନ୍ତା ମ୍ୟାଚ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ ବର୍ଷା ନିର୍ଣ୍ଣାୟକ ଭୂମିକା ନେବ। ଶନିବାର ମଧ ସୁରଟରେ ବର୍ଷା ହୋଇଥିବା ସୂଚନା ମିଳିଛି। ଫଳରେ ପିଚ୍ ଓ ଆଉଟ୍ ଫିଲ୍ଡକୁ କଭର କରି ରଖାଯାଇଛି।

ପ୍ରକାଶଯୋଗ୍ୟ ଯେ, କୋଣାର୍କ ସୂର୍ଯ୍ୟସ ନିଜର ପ୍ରଥମ ତଥା ଉଦ୍‌ଘାଟନୀ ମ୍ୟାଚ ଯୋଧପୁରର ବର୍କତୁଲ୍ଲା ଖାଁ ଷ୍ଟାଡିୟମରେ ମଣିପାଲ ଟାଇଗର୍ସ ବିପକ୍ଷରେ ଖେଳିଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଶେଷ ଓଭରର ରୋମାଞ୍ଚ ସହ କୋଣାର୍କ ସୂର୍ଯ୍ୟସ ୨ ରନରେ ବିଜୟୀ ହୋଇଥିଲା। ଫଳରେ ଇରଫାନ ପଠାନଙ୍କ ନେତୃତ୍ୱାଧୀନ ଦଳ ବିଜୟ ସ୍ୱାଦ ସହ ଅଭିଯାନ ଆରମ୍ଭ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା କୋଣାର୍କ ସୂର୍ଯ୍ୟସ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିଥିବାବେଳେ ମଣିପାଲ ଟାଇଗର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୦୨ ରନ କରିବାକୁ ସକ୍ଷମ ହୋଇଥିଲା। ସଦର୍ନ ସୁପରଷ୍ଟାର୍ସ କ୍ରମାଗତ ୩ ମ୍ୟାଚ ଜିତି ୬ ପଏଣ୍ଟ ସହ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି।




# ସୂର୍ଯ୍ୟ ଭାରତୀୟ ଦଳର ନେତୃତ୍ୱ ନେବେ

**ବାଂଲାଦେଶ ବିପକ୍ଷ ଟି୨୦**

ନୂଆଦିଲ୍ଲୀ, ୨୮।୯ (ପି.ଟି.)

ବାଂଲାଦେଶ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପାଇଁ ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟ କୁମାର ଯାଦବ ଅଧିନାୟକ ମନୋନୀତ ହୋଇଥିବାବେଳେ ଫାଷ୍ଟ ବୋଲର ମୟଙ୍କ ଯାଦବ ପ୍ରଥମ ଥର ପାଇଁ ଦଳରେ ସାମିଲ ହୋଇଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ ଖେଳୁଥିବାବେଳେ ଆହତ କାରଣରୁ ମୟଙ୍କ ଗତ ଏପ୍ରିଲ ୩୦ରୁ କ୍ରିକେଟରୁ ଦୂରେଇ ରହିଥିଲେ। ସଞ୍ଜୁ ସାମସନ ଓ ଜୀତେଶ ଶର୍ମାଙ୍କୁ ଉଇକେଟ କିପର ଦାୟିତ୍ୱ ଅର୍ପଣ କରାଯାଇଛି। ସେହିପରି ପାଖାପାଖି ୩ ବର୍ଷ ବ୍ୟବଧାନରେ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଦଳକୁ ଫେରିଛନ୍ତି। ଭାରତ-ବାଂଲାଦେଶ ଟି୨୦ ସିରିଜର ପ୍ରଥମ ମ୍ୟାଚ ଅକ୍ଟୋବର ୬ରେ ଗ୍ୱାଲିୟରରେ ଆରମ୍ଭ ହେବ। ପରବର୍ତ୍ତୀ ୨ଟି ମ୍ୟାଚ ଯଥାକ୍ରମେ ୯ ଓ ୧୨ରେ ଦିଲ୍ଲୀ ଓ ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ଆଗକୁ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଆସୁଥିବାରୁ କାର୍ଯ୍ୟଭାର ହ୍ରାସ ପାଇଁ ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ, ଅକ୍ଷର ପଟେଲ ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ଏମାନେ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଭାରତୀୟ ଦଳର ସଦସ୍ୟ ଥିଲେ।

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ରିଙ୍କୁ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା, ରିୟାନ ପରାଗ, ନୀତୀଶ କୁମାର ରେଡ୍ଡୀ, ଶିବମ୍ ଦୁବେ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ, ଜୀତେଶ ଶର୍ମା, ଅର୍ଶଦୀପ ସିଂ, ହର୍ଷିତ ରାଣା, ମୟଙ୍କ ଯାଦବ।

# ରାଉରକେଲା, କୋରାପୁଟ ବିଜୟୀ

**ସାହାଣୀ କପ୍**

ସୁନ୍ଦରଗଡ଼, ୨୮।୯ (ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଶା ଫୁଟବଲ ଆସୋସିଏଶନ (ଫାଓ) ଓ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୩ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପର ଶନିବାର ଥିଲା ଚତୁର୍ଥ ଦିବସ। ସୁନ୍ଦରଗଡ଼ର ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ବେଣୁମାଧବ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ପ୍ରଥମ ମ୍ୟାଚ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ ସୁବର୍ଣ୍ଣପୁର ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ଦଳ ପକ୍ଷରୁ ବିଶାଳ ଏକ୍କା(୨୩ମିନିଟ ଓ ୫୬ ମିନିଟରେ)୨ଟି ଗୋଲ,ଜନ୍ମ ଖେସ (୬ମିନିଟ) ଓ ଅଶୋକ ଖଡିଆ (୬୮ମିନିଟ)ରେ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ରାଉରକେଲା ଦଳର ବିଶାଳ ଏକ୍କାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ୨ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ୨ୟ ମ୍ୟାଚ ଝାରସୁଗୁଡା ଓ କୋରାପୁଟ ଜିଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ୮-୨ଗୋଲରେ କୋରାପୁଟ ବିଜୟୀ ହୋଇଥିଲା। କୋରାପୁଟ ଦଳ ପକ୍ଷରୁ କାର୍ତ୍ତିକ ହନ୍ତାଳ ୨, ୨୮, ୬୧, ୮୦ ମିନିଟ୍‌ରେ ୪ଗୋଲ, ରାଜ ପରଜା ୪୦, ୪୬, ୬୬ମିନିଟ୍‌ରେ ୩ଗୋଲ, ସୁନୀଲ ଖିଲା ୪୫ମିନିଟ୍‌ରେ ଗୋଟିଏ ଗୋଲ କରିଥିଲେ। ଝାରସୁଗୁଡା ଦଳ ପକ୍ଷରୁ ଅଭିଷେକ ହାତୀପଟା ୧୬, ୫୦ମିନିଟ୍‌ରେ ୨ଗୋଲ କରିବାରେ ସକ୍ଷମ ହୋଇଥିଲେ। କୋରାପୁଟ ଦଳର କାର୍ତ୍ତିକ ହନ୍ତାଳଙ୍କୁ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଖେଳାଳି ଭାବେ ୨ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ରବିବାର ପ୍ରଥମ ମ୍ୟାଚ ନୟାଗଡ଼ ଓ ନବରଙ୍ଗପୁର ତଥା ୨ୟ ମ୍ୟାଚ ସୁନ୍ଦରଗଡ ଓ ଗଜପତି ଦଳ ମଧ୍ୟରେ ହେବ।

# ଢେଙ୍କାନାଳକୁ ହରାଇଲା ଦେବଗଡ଼

ବାରିପଦା, ୨୮।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡ଼ିଆରେ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଓ ଓଡ଼ିଶା ଫୁଟବଲ ଆସୋସିଏଶନର ସହଯୋଗରେ ଅନୁଷ୍ଠିତ ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟରେ ଏଠାରେ ଅନୁଷ୍ଠିତ ବାଲେଶ୍ୱର-ଯାଜପୁର ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି। ବାଲେଶ୍ୱର ଦଳର ଫଗୁରାମ ବେସ୍ରା, ଧନେଶ୍ୱର ସୋରେନ ଏବଂ ରୋହିତ ସିଂ ଏବଂ ଯାଜପୁର ଦଳର ଭାଦୁ ମୁର୍ମୁ ଓ ପବିତ୍ର ଦାସ ତିନୋଟି ଗୋଲ ସ୍କୋର କରିଥିଲେ। ଚନ୍ଦ୍ରଶେଖର ଟୁଡୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୋଗଦେଇ ଏମ୍‌ପିସି ଆଲୁମ୍ନି କମିଟିର ଉପସଭାପତି ପ୍ରୀତିଶ ବସା, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ମୋହନ ସିଂ, ଶାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ ଚନ୍ଦ୍ରମୋହନ ସିଂ ଓ ଶିକ୍ଷାବିତ ବିପ୍ଳବ ବୁଗୁଡେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଶ୍ରେଷ୍ଠ ଖେଳାଳି ଟୁଡୁଙ୍କୁ ମହେଶ ଦାସ ସ୍ମୃତି ସମ୍ମାନରେ ପୁରସ୍କୃତ କରିଥିଲେ। ୨ୟ ମ୍ୟାଚରେ ଦେବଗଡ଼ ୩-୧ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି। ଦେବଗଡ଼ର ବିଭୂତି କିଷାନ ଓ ପ୍ରୀତମ୍ ନାଗ ତିନୋଟି ଗୋଲ ଦେଇଥିବା ବେଳେ ଢେଙ୍କାନାଳ ଦଳର ମଧୁ ଜାନୀ ଏକ ମାତ୍ର ଗୋଲ କରିଥିଲେ। ବିଭୂତି କିଷାନ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।




# ପ୍ରୋଚେଷ୍ଟାରେ କ୍ଲାସିକାଲ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଦ୍ୱିତୀୟ ପ୍ରୋଡିଜି କ୍ଲାସିକାଲ୍ ଚେସ୍ ଟୁର୍ନାମେଣ୍ଟ ଶନିବାର ପ୍ରଫେଶନାଲ ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟା)ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବି.କେ. ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ଚେସ୍ ପ୍ରତିଭାଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପାଇଁ ପ୍ରୋ-ଚେସ୍-ଟା ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରୋ-ଚେସ୍-ଟାର ପ୍ରଶାସକ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସ୍ୱୟଂଶୁ ସତ୍ୟପ୍ରଜ୍ଞ କହିଛନ୍ତି ଯେ, ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ଥିବା କେତେକ ଖେଳାଳି ଚଳିତ ବର୍ଷ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଇଏମ୍ ରାକେଶ ଜେନା ଓ ସୌନ୍ଦର୍ଯ୍ୟ ପ୍ରଧାନ ସାମିଲ। ସେମାନଙ୍କ ସହ ଶ୍ରୀୟାଂଶ ଦାସ ଓ ପ୍ରୀୟାଂଶ ଦାସଙ୍କ ପରି ଯୁବ ପ୍ରତିଭାଙ୍କ ଅଂଶଗ୍ରହଣ ଫଳରେ କୌଶଳ, ଦକ୍ଷତା ଓ ଆବେଗର ସମ୍ମିଶ୍ରଣ ଦେଖିବାକୁ ମିଳୁଛି। ଆଗକୁ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆସୁଥିବାରୁ କ୍ଲାସିକାଲ ଚେସ୍ ଟୁର୍ନାମେଣ୍ଟ ପିଲାମାନଙ୍କ ପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିବାକୁ ବଡ଼ ପ୍ଲାଟଫର୍ମ ସାବ୍ୟସ୍ତ ହୋଇଛି।



ରାକେଶ ଜେନା ଓ ବି.କେ. ସ୍ୱାଇଁ ଗୋଟି ଚଳାଇ ପ୍ରୋଚେଷ୍ଟାରେ କ୍ଲାସିକାଲ ଚେସ୍ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# ପ୍ରଥମ ଦିନରେ ଓଡ଼ିଶାକୁ ୭ ସ୍ୱର୍ଣ୍ଣ

ସମ୍ବଲପୁର, ୨୮।୯ (ବି.ଶଙ୍କର)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏଶନ ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ (ଜୋନ-୪) ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମଧ୍ୟପ୍ରଦେଶ, ବିହାର, ଝାଡଖଣ୍ଡ, ଛତିଶଗଡ଼ ଓ ଓଡ଼ିଶା ରାଜ୍ୟର ୧୮ ବର୍ଷ ଓ ୧୫ ବର୍ଷରୁ କମ ବୟସର ମୋଟ ୮୪ଜଣ ସନ୍ତରଣବିତ୍ ଅଂଶଗ୍ରହଣ କରିଛନ୍ତି। ସମ୍ବଲପୁର ସହରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସମାରୋହ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସାଇ ହକି କୋଚ ରାକେଶ କୁମାର ସୁଖଦେବ, ଏସ୍ଏମ୍‌ସି କମିଶନର ବେଦଭୂଷଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସନ୍ତରଣବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସାଧାରଣ ସମ୍ପାଦକ ଗୋଲାପମଣୀ ମହନ୍ତ, ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏଶନ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଅତିଥି ଥିଲେ।

ପ୍ରତିଯୋଗିତାର ପ୍ରଥମ ଦିନରେ ମୋଟ ୧୦ଟି ଇଭେଣ୍ଟ ହୋଇଥିଲା। ଇଭେଣ୍ଟଗୁଡ଼ିକୁ ୩୦ଜଣ ବୈଷୟିକ ଅଧିକାରୀ ପରିଚାଳନା କରିଥିଲେ। ପ୍ରଥମ ଦିନରେ ଓଡ଼ିଶାର ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ପ୍ରଥମ ଦିନରେ ହୋଇଥିବା ୧୦ଟି ଇଭେଣ୍ଟରେ ୭ଟିରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା ସନ୍ତରଣବିତ୍‌ମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ସେହିପରି ଝାଡଖଣ୍ଡ ୨ଟି ଏବଂ ଛତିଶଗଡ଼କୁ ଗୋଟିଏ ସ୍ୱର୍ଣ୍ଣ ପଦକ ମିଳିଛି। ଦିବ୍ୟଙ୍କା ୧୮ ବର୍ଷରୁ କମ୍ ବର୍ଗରେ ୩ ସ୍ୱର୍ଣ୍ଣ ଜିତିଥିବାବେଳେ ୧୫ ବର୍ଷରୁ କମ୍ ବର୍ଗରେ ଧନଭି ଭୌମିକଙ୍କୁ ୨ ସ୍ୱର୍ଣ୍ଣ, ଚିନ୍ମୟୀ ବେହେରାଙ୍କୁ ୧ ସ୍ୱର୍ଣ୍ଣ ଓ ଅର୍ପିତା ସାମଲ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।



ପୁରସ୍କୃତ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

## ବର୍ଷା ଯୋଗୁ ଦ୍ୱିତୀୟ ଦିବସ ଖେଳ ବାତିଲ

**କାନପୁର ଟେଷ୍ଟ**

କାନପୁର, ୨୮।୯ (ପି.ଟି.)

ବର୍ଷା ଯୋଗୁ କାନପୁରଠାରେ ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ବାତିଲ ହୋଇଯାଇଛି। ଶନିବାର ସକାଳେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ପରେ ବର୍ଷା ବନ୍ଦ ହେବାପରେ ପୂର୍ବାହ୍ନ ୧୧ଟା ୧୫ରେ ଗ୍ରୀନପାର୍କ ଷ୍ଟାଡିୟମର ପଡ଼ିଆକୁ ଶୁଖାଇବା ପାଇଁ ଗ୍ରାଉଣ୍ଡ୍ସମ୍ୟାନମାନେ ତିନୋଟି ସୁପର ସପର ବ୍ୟବହାର କରିଥିଲେ। ମାତ୍ର ଖେଳ ପାଇଁ ଆଲୋକର ଅଭାବ ପରିଲକ୍ଷିତ ହୋଇଥିଲା। ପରିସ୍ଥିତିରେ ଉନ୍ନତି ନ ଘଟିବାରୁ ଶେଷରେ ଅପରାହ୍ନ ୨ଟା ୧୫ମିନିଟରେ ବିଧିବଦ୍ଧ ଦ୍ୱିତୀୟ ଦିବସ ଖେଳକୁ ବାତିଲ ଘୋଷଣା କରାଯାଇଥିଲା। ସହରରେ ରବିବାର ବର୍ଷାର ସମ୍ଭାବନା ରହିଛି। ସୋମବାର ଓ ମଙ୍ଗଳବାର କିନ୍ତୁ ପାଗ ଭଲ ରହିବ ବୋଲି ପୂର୍ବାନୁମାନ କରାଯାଉଛି। ଏଥିରୁ ଜଣାପଡୁଛି ମ୍ୟାଚ ସମ୍ଭବତଃ ଡ୍ର ଆଡ଼କୁ ମୁହାଁଉଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ